

ଓଡ଼ିଶାର ହସ୍ତତନ୍ତ କାଳଜୟୀ ସୌନ୍ଦର୍ଯ୍ୟ ଓ ପରମ୍ପରାର ନିଚ୍ଛକ ନିଦର୍ଶନ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ତୃପ୍ତିଙ୍କ ଧଡକ-୨ ଫ୍ଲପ୍ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୨୯ Vol. 22 No-129 8 AUGUST 2025 FRIDAY, BHUBANESWAR ଶୁକ୍ରବାର, ୮ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଖୁବ୍‌ଶୀଘ୍ର ପୂରଣ ହେବ ୨୩ ହଜାର ପଦବୀ

ଭୁବନେଶ୍ୱର,୭।୮(ଭାସ୍କର ନ୍ୟୁଜ): ଖୁବ୍‌ଶୀଘ୍ର ରାଜ୍ୟ ସରକାର ୧୦ଟି ବିଭାଗରେ ଖାଲି ପଡ଼ିଥିବା ଗ୍ରୁପ୍-ସି ଶ୍ରେଣୀର ୨୨ହଜାର ୮୯୬ଟି ପଦବୀକୁ ପୂରଣ କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟ ଶାସନସଚିବ ଏହି ନିଯୁକ୍ତି ପ୍ରକ୍ରିୟା ଆସନ୍ତା ୩୧ ତାରିଖ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୮ହଜାର ୩୯୮ଟି ପଦବୀ ପୂରଣ ହେବାକୁ ଥିବାବେଳେ ପଞ୍ଚାୟତି ବିଭାଗରେ ୪ହଜାର ୪୨ଟି ପଦବୀ, ସ୍ୱାସ୍ଥ୍ୟ ବିଭାଗରେ ୩ହଜାର ୬୭୭ଟି ପଦବୀ ପୂରଣ କରାଯିବ । ବର୍ତ୍ତମାନ ୧୦ଟି ବିଭାଗରେ ମୋଟ ୪୪ହଜାର ୯୦୯ଟି ପଦବୀ ଖାଲି ପଡ଼ିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୨ହଜାର ୮୯୬ଟି ପଦବୀ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।


### ହାଇୱା ଧକ୍କାରେ ବାପ-ଝିଅ ମୃତ

ପାରାଦୀପ/କୁଜଙ୍ଗ,୭।୮(ଭାସ୍କର ନ୍ୟୁଜ): ଦୁର୍ଘଟଣାରେ ବାପ-ଝିଅଙ୍କ ମୃତ୍ୟୁ ଘଟିବା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। କଟକ-ପାରାଦୀପ ରାଜ୍ୟ ରାଜପଥର କୋଠିଆ ସାହି ନିକଟରେ ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାପ-ଝିଅଙ୍କ ଉପରେ ଦ୍ରୁତଗାମୀ ଏକ ହାଇୱା ଚଢ଼ିଯିବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇଜଣ ହେଲେ ରାଜକିଶୋର ବିଶ୍ୱାଳ ଓ ତାଙ୍କ ନାବାଳିକା ଝିଅ ଲୋରି ବିଶ୍ୱାଳ (୯)। ଏହି ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ କଟକ-ପାରାଦୀପ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ମୃତକଙ୍କ ଘର ଷଣ୍ଢପୁର ବୋଲି ଜଣାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ସହ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା।

ସେନ୍‌ସେକ୍ସ: ୮୦,୬୨୩.୨୬
ସର୍ବାଧିକ: ୩୨.୮ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୭।୮।୨୦୨୫ ର ମତାମତ**

ମୋଦୀଙ୍କ ଚୀନ୍ ଗସ୍ତ ଉଭୟ ରାଷ୍ଟ୍ର ମଧ୍ୟରେ ଉତ୍ତମ ସଂପର୍କ ଯୋଡ଼ିବ କି ?




**ଆଜିର ପ୍ରସଙ୍ଗ**

ଟ୍ରମ୍ପଙ୍କ ଉପରେ ଟାରିଫ ବୃଦ୍ଧି ଏକ ବୁମେରାଂ ହେବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଟାରିଫ୍‌କୁ ନେଇ ମୋଦୀଙ୍କ କଡ଼ା ଜବାବ

# ମୁଣ୍ଡ ନୁଆଁଇବନି ଭାରତ




ନୂଆଦିଲ୍ଲୀ,୭।୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତର ଟାରିଫ ଧମକ ଦେବା ପରେ ମୁହଁ ଖୋଲିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଟ୍ରମ୍ପଙ୍କ ଧମକର କଡ଼ା ଜବାବ ଦେଇ ଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ଚାଷୀଙ୍କ ସ୍ୱାର୍ଥରେ କୌଣସି ସାଲିସ୍ କରିବ ନାହିଁ । ଆମପାଇଁ ମୋ କୃଷକଙ୍କ ସ୍ୱାର୍ଥ ସର୍ବୋଚ୍ଚ। ଏହାର ମୂଲ୍ୟ ମୋତେ ବ୍ୟକ୍ତିଗତ ଭାବେ ଦେବାକୁ ପଡ଼ିବ ଓ ମୁଁ ଏଥିପାଇଁ ପ୍ରସ୍ତୁତ ଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ନୂଆଦିଲ୍ଲୀରେ ଏମଏସ୍ ସ୍ୱାମୀନାଥନ ଶତବାର୍ଷିକୀ ଆନ୍ତର୍ଜାତିକ ସମ୍ମିଳନୀରେ

**କୃଷକଙ୍କ ସ୍ୱାର୍ଥ ସହିତ ହେବନି ସାଲିସ**

**ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ: ମୋଦୀ**

ଉଦ୍‌ବୋଧନ ଦେବା ସମୟରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଟ୍ରମ୍ପ ଗତ ସପ୍ତାହରେ ୨୫ ପ୍ରତିଶତ ଟାରିଫ ଘୋଷଣା ● ପୃଷ୍ଠା ୫ ଦେଖନ୍ତୁ

## ଭାରତ ଆସିବେ ପୁଟିନ୍



ନୂଆଦିଲ୍ଲୀ,୭।୮ : ଭାରତ ସହ ଆମେରିକାର ଟାରିଫ ଯୁଦ୍ଧ ଚାଲିଥିବାବେଳେ ହଠାତ୍ ଭାରତକୁ ପୁଟିନ ଆସିବା ନେଇ ସୂଚନା ଦେଇଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ। ମସ୍କୋରୁ ଫେରିବା ପରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଖୁବ୍‌ଶୀଘ୍ର ଭାରତ ଆସିବେ ବୋଲି ସେ କହିଛନ୍ତି। ତେବେ କେଉଁ ତାରିଖରେ ଆସିବେ ସେ ନେଇ କୌଣସି ସୂଚନା ଦିଆଯାଇ ନାହିଁ । ଭାରତ ଓ ରୁଷ ମଧ୍ୟରେ ଏକ ସ୍ୱତନ୍ତ୍ର ଓ ଦୀର୍ଘ ସମୟର ସଂପର୍କ ରହିଥିବା ଡୋଭାଲ କହିଛନ୍ତି। ଏହି ସମ୍ପର୍କକୁ ସମ୍ମାନ ଜଣାଇ ସେ ଏକ ଉଚ୍ଚସ୍ତରୀୟ ଆଲୋଚନା କରି ମସ୍କୋରୁ ଫେରିଥିବା ସୂଚନା ଦେଇଛନ୍ତି। ପୁଟିନ ଭାରତ ଆସୁଥିବାରୁ ଏହା ଭାରତ ପାଇଁ ଏକ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ତେବେ ମିଳିଥିବା ସୂଚନା ଅନୁଯାୟୀ ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ପୁଟିନ ଟ୍ରମ୍ପଙ୍କୁ ଭେଟିପାରନ୍ତି ବୋଲି ଆଶା କରାଯାଉଛି। ରୁଷ ରାଷ୍ଟ୍ରପତିଙ୍କ ବୈଦେଶିକ ବ୍ୟାପାର ପରାମର୍ଶଦାତା ୟୁରି ଉସାକୋଭ୍ କହିଛନ୍ତି ଯେ ଦୁଇ ରାଷ୍ଟ୍ର ଗୋଟିଏ ବୈଠକ ଆୟୋଜନ କରିବାକୁ ଚେଷ୍ଟା କରୁଛନ୍ତି। ବୈଠକର ସ୍ଥାନ ମିଳିତଭାବେ ସ୍ଥିର କରାଯାଇଛି ଓ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଆସନ୍ତା ସପ୍ତାହରେ ଦିନ ଧାର୍ଯ୍ୟ କରାଯାଇପାରେ ବୋଲି ସେ କହିଛନ୍ତି। ତେଣୁ ଏହି ବୈଠକରେ ପୁଟିନ ଟାରିଫ ପ୍ରସଙ୍ଗ ନେଇ ଟ୍ରମ୍ପଙ୍କ ସହ ଆଲୋଚନା କରିପାରନ୍ତି ବୋଲି ଆଶା କରାଯାଉଛି।

## ହସ୍ତତନ୍ତ ମେଳା 'ଏକତା' ଉଦ୍‌ଘାଟିତ

# ହସ୍ତତନ୍ତ ଓଡ଼ିଆ ଅସ୍ମିତାର ପ୍ରତୀକ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୭।୮(ଭାସ୍କର ନ୍ୟୁଜ): ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ ହେଉଛି ହସ୍ତତନ୍ତ। ହସ୍ତତନ୍ତ କ୍ଷେତ୍ର କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ, ଏହା ଜାତୀୟ ଗର୍ବ ଓ ଗାରିମାର ପ୍ରତୀକ। ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟରୁ ଆରମ୍ଭ କରି ବର୍ତ୍ତମାନର ବିଶ୍ୱ ଫ୍ୟାସନ ପ୍ଲାଟଫର୍ମ ପର୍ଯ୍ୟନ୍ତ ଆମର ବୟନ ସର୍ବଦା ଉତ୍କର୍ଷତା, ଆଧ୍ୟାତ୍ମିକତା ଓ ସଂସ୍କୃତିର ଜୟଗାନ କରି ଆସୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ଜନତା ମଇଦାନଠାରେ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ହସ୍ତତନ୍ତ ମେଳା 'ଏକତା'ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଥିଲେ ଯେ

**ମାଧୁରୀ ଦୀକ୍ଷିତ ବ୍ରାଣ୍ଡ ଆମ୍ବାସାଡର**

ହସ୍ତତନ୍ତ ଉନ୍ନୟନ ଯୋଜନା ମାଧ୍ୟମରେ ବୁଣାକାରମାନଙ୍କ ସାମାଜିକ-ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କୁ ଏକ ବର୍ଷ ପାଇଁ ଓଡିଶା ହ୍ୟାଣ୍ଡଲୁମର ବ୍ରାଣ୍ଡ ଆମ୍ବାସାଡର ଭାବେ ଅନୁବନ୍ଧିତ କରାଯାଇଛି ବୋଲି ଘୋଷଣା କରିଥିଲେ। ମାଧୁରୀ ଦୀକ୍ଷିତଙ୍କ ସକ୍ରିୟ ସହଯୋଗରେ ଓଡିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶ ବିଦେଶର ଫ୍ୟାସନ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏଥିସହ ଓଡ଼ିଶାର ୩୦ଟି ଜିଲ୍ଲାରେ ୧ ଲକ୍ଷ ୩୦ ହଜାରରୁ ଅଧିକ ● ପୃଷ୍ଠା ୫ ଦେଖନ୍ତୁ

## ଉଗ୍ରରୂପ ନେଲା କୋଟପଲା-ଓସ୍ତପୁର ଗ୍ରାମ ବିବାଦ

# ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୬୩ ଧାରା ଲାଗୁ



ବୋଲଗଡ, ୭।୮(ଭାସ୍କର ନ୍ୟୁଜ): ବାଘମାରୀ ଥାନା ଅନ୍ତର୍ଗତ କୋଟପଲା-ଓସ୍ତପୁର ବଜାରର ନାମ କରଣକୁ ନେଇ ଉଭୟ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରି ବଜାରରେ ଥିବା ଦୋକାନ ଗୁଡ଼ିକ ଭଙ୍ଗା ରୁଜା ହୋଇଛି ।ଦୀର୍ଘ ଦିନ ଧରି ଚାଲିଥିବା ବିବାଦ ସମାଧାନ କରିବା ପାଇଁ ବେଗୁନିଆ ତହସିଲଦାର ତାପସ ବିଶି, ଖୋର୍ଦ୍ଧା ଜିଲ୍ଲା ସଦର ଉପଖଣ୍ଡ

**● ଦେଢ଼ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ**

**● ୧୦ ରୁ ୧୫ ଦୋକାନ ଭଙ୍ଗାରୁଜା**

ଆରକ୍ଷୀ ଅଧିକାରୀ ନିହାର ରଞ୍ଜନ ପ୍ରଧାନ, ବାଘମାରୀ ଓ ବେଗୁନିଆ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଏବଂ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହ ଏକ ପ୍ଲାଟୁନ ପୁଲିସ ଫୋର୍ସ ସହ ନାମ ଫଳକ ଲଗାଇବା ପାଇଁ ପହଂଚି ଥିଲେ। ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହେବାରୁ ନାମ ଫଳକ ଲଗାଇବା କାର୍ଯ୍ୟକୁ ସ୍ଥଗିତ ରଖା ଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ପକ୍ଷରୁ ଚେଷ୍ଟା ଜାରି ହୋଇଥିଲା। ତେବେ ଗୁରୁବାର ଦିନ ମଧ୍ୟାହ୍ନରେ ଉଭୟ ଗ୍ରାମର ଲୋକମାନେ ● ପୃଷ୍ଠା ୫ ଦେଖନ୍ତୁ

## ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ପରଲୋକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ବରିଷ୍ଠ ରାଜନେତା, ବିଧାନସଭାର ପୂର୍ବତନ ଉପବାଚସ୍ପତି ତଥା ଖଣ୍ଡପଡ଼ାଗଡ଼ର ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କର ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ସେ ପୂର୍ବତନ ମନ୍ତ୍ରୀ ଭାବେ ରାଜ୍ୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ବିଭୂତି ଭୂଷଣ ଖଣ୍ଡପଡ଼ା ଆସନରୁ ତିନି ଥର ବିଧାୟକ ଭାବେ ● ପୃଷ୍ଠା ୫ ଦେଖନ୍ତୁ

## ନାରୀ ସୁରକ୍ଷା ପାଇଁ ୬ ଘଣ୍ଟିଆ ହରତାଳ

# ପୁରୀରେ ଚକ-ଅଖ ଜାମ

ପୁରୀ,୭।୮ (ଭାସ୍କର ନ୍ୟୁଜ) :ପୁରୀ ଜିଲ୍ଲାରେ ଡାକରା ଦିଆଯାଇଥିବା ୬ ଘଣ୍ଟିଆ ବନ୍ଦ ଡାକରାରେ ଚକ-ଅଖ ଜାମ୍ କରି ବଜେଡି ନିଜର ଦମ୍ ଦେଖାଇଛି। ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ବନ୍ଦ ମଧ୍ୟାହ୍ନ ୧୨ରେ ଶେଷ ହୋଇଛି। ବିଜେଡି କର୍ମୀମାନେ ବିଭିନ୍ନ ଛକରେ ପିକେଟିଂ କରିଥିଲେ। ବିଜୁ ଜନତା ଦଳ ସଭାପତି ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆଜି ପୁରୀ ଓ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରାଯାଇଛି। ଗତ ଜୁଲାଇ ୧୯ରେ ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳର ବାୟାବର ନୂଆଗୋପାଳପୁର ଗାଁର ଜଣେ ନାବାଳିକାଙ୍କୁ ଜାଳି ଦିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଭୁବନେଶ୍ୱର ଏମ୍ସ ଓ ପରେ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ଆପ୍ରାଣ




ଉଦ୍ୟମ ସତ୍ତ୍ୱେ ଚିକିତ୍ସାଧିନ ଅବସ୍ଥାରେ ଗତ ଅଗଷ୍ଟ ୨ରେ ଆଖି ବୁଜିଥିଲେ ପୀଡିତା। ତେବେ ଏହି ଘଟଣାରେ କାହାର ସମ୍ପୃକ୍ତି ନଥିବା ପୋଲିସ କହିଥିଲେ। ସେପଟେ ଏହି ଘଟଣାରେ ପୀଡିତାଙ୍କୁ ନ୍ୟାୟ ଦାବିରେ ଗୁରୁବାର ବିଜେଡ଼ି ବନ୍ଦ ପାଳନ କରିଥିଲା। ତେବେ କୌଣସି ଅପ୍ରୀତିକର ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ଜିଲ୍ଲାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଭିନ୍ନ ଛକରେ ପୋଲିସ କଡା ପ୍ରହରା ଦେଇଥିଲେ। ପୁରୀ ଜିଲ୍ଲା ବିଜେଡ଼ି ପକ୍ଷରୁ ଗୁରୁବାର ୬ ଘଣ୍ଟିଆ ପୁରୀ ବନ୍ଦ ପାଳନ କରାଯାଇଥିଲା। ସକାଳୁ ସକାଳୁ ବିଜେଡି ନେତା କର୍ମୀ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଥିଲେ। ଫଳରେ ଦୋକାନ ବଜାର ବନ୍ଦ ରହିଥିଲା। ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ଆଶିଂକ ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ଏହି ବନ୍ଦ ଡାକରା ପ୍ରଭାବ ଆଂଶିକ ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଧାରା ଶିରାବଣ ମାରା ପଡ଼ିଗଲା
ମାସ ଆସେ ସରି ସରି,
ଆଖି ଦୁରୁଶିଆ ନାହିଁ ଅଘଟଣ
ବର୍ଷୁନାହିଁ ବେଶି ବାରି ।
ଚାଷୀଭାଇ ମନ ମାରି,
ଅନଉଛି ଖାଲି ଫାଙ୍କା ଆକାଶକୁ
ତୁଟେ ବିଲବାଡ଼ି ଶିରୀ !!

## ଘାଟି ତଳକୁ ଖସିଲା ସିଆରପିଏଫ୍ ଗାଡ଼ି

# ୩ ଯବାନ ସହିଦ



ଶ୍ରୀନଗର, ୭।୮: ଜମ୍ମୁ-କାଶ୍ମୀରର ଉଧମପୁରରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଉଧମପୁର ଜିଲ୍ଲାର କାଣ୍ଡୱା-ବସନ୍ତଗଡ ଅଞ୍ଚଳରେ ଏକ ସିଆରପିଏଫ୍ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ତିନି ଜଣ ଯବାନ ସହିଦ ହୋଇଥିବା ବେଳେ ୧୫ ଜଣ ଯବାନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏନେଇ ଅତିରିକ୍ତ ଏସପି ସନ୍ଦୀପ ଭଟ୍ ସୂଚନା ଦେଇଛନ୍ତି। ଆହତ ଯବାନମାନଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରିଥିଲେ । ପରେ ସେନାବାହିନୀ ଓ ସିଆରପିଏଫଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା ଓ ଆହତଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଘଟଣା

# ତଦନ୍ତରୁ ହଟିଲେ ସାଇନି

କଟକ,୭।୮(ଭାସ୍କର ନ୍ୟୁଜ): ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୂତି ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର (ସିଏଡବ୍ଲୁ) ଆଇଜି ଏସ.ସାଇନିଙ୍କୁ ତଦନ୍ତରୁ ହଟାଇ ଦିଆଯାଇଛି। ଏ ନେଇ କ୍ରାଇମବ୍ରାଞ୍ଚ ଡିଜି ନିର୍ଦ୍ଦେଶ ଜାରି କରିଛନ୍ତି। ତଦନ୍ତର ଦାୟିତ୍ୱ ଏସ୍‌ପି କ୍ରାଇମବ୍ରାଞ୍ଚ ଥିବା ଅନିରୁଦ୍ଧ ରାଉତରାୟଙ୍କୁ ଦିଆଯାଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଇମାନ କଲ୍ୟାଣ ନାୟକ ଏହି ଘଟଣାର ସମସ୍ତ ଯାଞ୍ଚ ଏସ୍‌ପି ଶ୍ରୀ ରାଉତରାୟଙ୍କ ନିର୍ଦ୍ଦେଶ ଅନୁସାରେ କରିବେ। ସେହିପରି ବର୍ତ୍ତମାନ ସୁଦ୍ଧା ତଦନ୍ତର ଅଗ୍ରଗତି ଓ ସମସ୍ତ କେସ୍ ରେକର୍ଡ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ନିକଟରେ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହାପରେ ଆଇଜି ଶ୍ରୀମତୀ ସାଇନି ଛୁଟିରେ ଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଘଟଣାର ୨୩ ଦିନ ପରେ କ୍ରାଇମବ୍ରାଞ୍ଚ ଦୁଇଜଣଙ୍କୁ ଗିରଫ କରିଥିଲା। ଗିରଫ ଛାତ୍ର

**ଛୁଟିରେ ଗଲେ ଆଇଜି**

**କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ**

**ବିରୋଧୀଙ୍କ ସମାଲୋଚନା**

ଦୁଇଜଣ ଶୁଭ୍ର ସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗରେ ଗିରଫ ହୋଇଥିଲେ। କ୍ରାଇମବ୍ରାଞ୍ଚ ଆଇଜିଙ୍କୁ ତଦନ୍ତରୁ ଅନ୍ତର କରାଯିବା ପରେ ବିଜେଡି ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛି। ଦଳର ସାଧାରଣ ସଂପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ଶାସକଦଳର ସଂପୃକ୍ତି ଜଣାପଡ଼ିବା ଫଳରେ ଆଇଜିଙ୍କୁ ତଦନ୍ତରୁ ଅନ୍ତର କରାଗଲା। ତଦନ୍ତକୁ ବାଟମଣା କରିବା ପାଇଁ ଆଇଜିଙ୍କୁ ସରକାର ଛୁଟିରେ ପଠାଇ ଦେଇଥିବା ସେ ଅଭିଯୋଗ କରିଛନ୍ତି । ଜଣେ କନିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କେଉଁ ସ୍ୱାର୍ଥରେ କରାଯାଉଛି, ରାଜ୍ୟ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦେବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିଜେଡି ଲଢେଇ ଜାରି ରଖିବ ବୋଲି ଧମକ ଦେଇଛି।

## ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି




ନୂଆଦିଲ୍ଲୀ, ୭।୮: ନିର୍ବାଚନ ଆୟୋଗ ପକ୍ଷରୁ ଉପରାଷ୍ଟ୍ରପତି ନିର୍ବାଚନ ନେଇ ବିଜ୍ଞପ୍ତି ଜାରି ହୋଇଛି। ନାମାଙ୍କନ, ଯାଞ୍ଚ, ନାମାଙ୍କନ ପ୍ରତ୍ୟାହୃତ ଓ ମତଦାନ ତାରିଖ ପୂର୍ବରୁ ଘୋଷଣା କରାଯାଇଛି। ଯଦି ଜଣେରୁ ଅଧିକ ପ୍ରାର୍ଥୀ ଥିବେ, ତେବେ ମତଦାନ ୯ ସେପ୍ଟେମ୍ବରରେ ହେବ। ଅଧିସୂଚନା ଜାରି ସହିତ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହା ୨୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ। ଆୟୋଗ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, ୧୯୫୨ ର ଧାରା ୪ ର ଉପଧାରା (୧) ଓ (୪) ଅନୁସାରେ ଏହି ଅଧିସୂଚନା ଜାରି କରିଛନ୍ତି। ଏହି ଅଧିସୂଚନା ଆଜି ଭାରତର ● ପୃଷ୍ଠା ୫ ଦେଖନ୍ତୁ



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡ଼ାହାଡ଼ ବ୍ଲକର ତିଳେଇବେରେଣି ଗ୍ରାମଠାରେ ବାଲ୍ୟବିବାହ ନିରାକରଣ ଓ ଶିଶୁ ଅଧିକାର ଉଲଂଘନ ଉପରେ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ପରିଚାଳିତ ପ୍ରକଳ୍ପ ଆକ୍ସେସ ଟୁ ଜଷ୍ଟିସ ଫର ଚିଲଡ୍ରେନ୍ସ ଦ୍ୱାରା ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପ୍ରକଳ୍ପ ସହଯୋଗୀ ପୂର୍ଣ୍ଣିମା ସାହୁଙ୍କ ତତ୍ତ୍ୱାବଧାନରେ ବୈଠକରେ ପ୍ରାୟ ୫୦ ଜଣ ମହିଳା ତଥା କିଶୋରୀ ବାଳିକା ଯୋଗଦେଇଥିଲେ । ମୁଖ୍ୟ ବିଷୟବସ୍ତୁ ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ବିଷୟରେ ସଚେତନତା, ବାଲ୍ୟବିବାହ ଯୋଗୁଁ ଝିଅ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ଅଭାବ, ସାମାଜିକ କୁପରିଣାମ, ବାଲ୍ୟବିବାହ କ୍ଷେତ୍ରରେ ଆୟୋଜନକାରୀ, ଯୋଗଦେଇଥିବା ଅତିଥି ତଥା ବିଭିନ୍ନ ସହଯୋଗୀଙ୍କୁ ଦଣ୍ଡବିଧାନ ତଥା ନିରାକରଣ ଉପରେ ଆଲୋଚନା ହୋଇଥିଲା । ଏହାବ୍ୟତୀତ ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଉପରେ ଆଲୋକପାତ ହୋଇଥିଲା । ଏହି ଅବସରରେ କୌଣସି ଶିଶୁ ଅଧିକର ଉଲ୍ଲଙ୍ଘନ ଦେଖିଲେ ଚାଇଲ୍ଡ ହେଲ୍ପଲାଇନର ଦେୟମୁକ୍ତ ନମ୍ବର ୧୦୯୮ କୁ ଫୋନ୍ କରିଜଣାଇବାକୁ ପରାମର୍ଶ ଦିଆଯାଇଥିଲା । ଏହାବ୍ୟତୀତ କଙ୍କଡ଼ାହାଡ଼ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିବାହ ରେଜିଷ୍ଟର ଓ ପଳାୟନ ରେଜିଷ୍ଟର ବିଷୟରେ ସୂଚନା ଦେଇ ତାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ମେମ୍ବର ଓ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ ।

# ଛାତ୍ରଛାତ୍ରୀଙ୍କୁ ମିଳୁନି ପୋଷାକ ଓ ପରିଚୟପତ୍ର

## ପରିଚାଳନାଗତ ତ୍ରୁଟିଯୋଗୁ ପହଞ୍ଚିପାରୁନି ଯୋଜନାର ଲାଭ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ବିକାଶ ଘଟାଇବା ଲକ୍ଷ୍ୟରେ ସରକାର ନାନା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଶିକ୍ଷାଦାନ ନିମନ୍ତେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଉପରେ ଯେମିତି ଆର୍ଥିକ ବୋଝ ନ ରହିବ, ସେ ନେଇ ମାଗଣାରେ ବହିପତ୍ର ପୋଷାକ, ଜୋତା, ସାଇକେଲ ଓ ମଧ୍ୟାହ୍ନ ଭୋଜନ ଦେବାର ବ୍ୟବସ୍ଥା ରହିଛି । ମାତ୍ର ପରିଚାଳନାଗତ ତ୍ରୁଟିକୁ ନେଇ ଏ ସବୁ ଯୋଜନା ଛାତ୍ରଛାତ୍ରୀଙ୍କ ନିକଟରେ ସଠିକ ସମୟରେ ପହଞ୍ଚି ପାରୁନି । ଯାହାକି ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଥିବା କେତେକ ବିଦ୍ୟାଳୟରେ ଗତବର୍ଷଠାରୁ ଛାତ୍ରଛାତ୍ରୀଙ୍କୁ ପରିଚୟପତ୍ର ଓ ଟୋପି ମିଳିନଥିବା ଅଭିଯୋଗ ହେଉଛି । ଏ ଦିଗରେ ମଧ୍ୟ ଅଧିକାରୀମାନେ ତଦନ୍ତ ନକରି ହାତବାନ୍ଧି ବସିବା ସରକାରୀ ବିଧି ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତବର୍ଷଠାରୁ ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପରିଚୟ ପତ୍ର ମିଳିନଥିବା ଅଭିଯୋଗ ହେଉଥିବା ବେଳେ ଏହାକୁ କିଛି ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ନାମ ଗୋପନ ରଖି ସ୍ୱୀକାର କରିଛନ୍ତି । ଗୋଟିଏ ବିଦ୍ୟାଳୟ ନୁହେଁ, ଏଭଳି ଅନେକ ବିଦ୍ୟାଳୟରେ ପରିଚୟ ପତ୍ର ସହ ଟୋପି ମିଳିନଥିବା ଅନେକ ଶିକ୍ଷକ ପ୍ରକାଶ କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ୨ଟି ପର୍ଯ୍ୟାୟରେ ପୋଷାକ ପ୍ରଦାନ କରାଯାଉଛି । ଗୋଟିଏ ୟୁନିଫର୍ମ ହୋଇଥିବା ବେଳେ ଅନ୍ୟଟି ହାଉସ ଡ୍ରେସ । ୟୁନିଫର୍ମ ପାଇଁ ଏସଏଚଜିଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ହାଉସ ଡ୍ରେସକୁ ବିଦ୍ୟାଳୟ ପକ୍ଷରୁ କ୍ରୟ କରିବାର ନିୟମ ରହିଛି । ଏଭଳି ସ୍ଥିତିରେ ଚଳିତ ଶିକ୍ଷା ବର୍ଷ ଅର୍ଥାତ ୨୦୨୫-୨୬ପାଇଁ ଜୁଲାଇ ୧୫ତାରିଖ ସୁଦ୍ଧା ପୋଷାକ ବଣ୍ଟନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ପୋଷାକ ବଣ୍ଟନ ପାଇଁ ଯେଉଁ ମାର୍ଗଦର୍ଶିକା ଜାରି କରାଯାଇଛି ଏହାକୁ ଦଳିଚକଟି ଦିଆଯାଉଛି । ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ଏସଏଚଜିଙ୍କୁ ମୋହରା ସଜାଇ ବ୍ୟବସାୟୀଙ୍କ ସମେତ ବିଭାଗୀୟ ଅଧିକାରୀ ଫାଇଦା ଉଠାଉଛନ୍ତି । ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ବିଭାଗ ଅଧୀନରେ ଥିବା ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ପାଇଁ ନିର୍ଦ୍ଦେଶ ରହିଛି । ଜଣ ପିଛା ୫ଶହ ଟଙ୍କା ମୂଲ୍ୟରେ ୨ହଳ ବିଦ୍ୟାଳୟ ପୋଷାକ (ୟୁନିଫର୍ମ )ସମଗ୍ର ଶିକ୍ଷା, ପିଏମଶ୍ରୀ ଓ ଗଙ୍ଗାଧର ମେହେର ଶିକ୍ଷାମାନ ବୃଦ୍ଧି ଯୋଜନାରେ ବଣ୍ଟନ କରାଯିବା ନେଇ କୁହାଯାଇଛି । ଏହି ପୋଷାକ ବଣ୍ଟନ ସମୟରେ ରଙ୍ଗ ଏବଂ ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି । ଏଥିପାଇଁ ଉପଯୁକ୍ତ ମାନଦଣ୍ଡନିର୍ଦ୍ଧାରଣ କରାଯାଇଛି । ଯେଉଁ ଏସଏଚଜି ଗୁଡିକରେ ଟେଲରିଂ ୟୁନିଟ ତଥା ଗାର୍ମେଣ୍ଟ ମାନୁଫାକ୍ଚର ୟୁନିଟ ଥିବ ସେମାନଙ୍କୁ ଏ ସବୁ ପୋଷାକ ପ୍ରସ୍ତୁତି ଓ ବଣ୍ଟନ ପାଇଁ ଅଗ୍ରାଧିକାର ଦିଆଯିବ । ଯଦି କୌଣସି ୟୁନିଟ ପୋଷାକ ଯୋଗାଣ ନିମନ୍ତେ ରାଜି ନ ହୁଅନ୍ତି ସେହି କ୍ଷେତ୍ରରେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଏସ୍ଏମ୍ସି ପୋଷାକ କ୍ରୟ କରିବ ବୋଲି ନିର୍ଦ୍ଦେଶନାମା ରହିଛି । ହେଲେ ଏହି ନିର୍ଦ୍ଦେଶକୁ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଥିବା ବିଭିନ୍ନ ବିଦ୍ୟାଳୟରେ ବାଏଁ ବାଏଁ ଉଡାଇ ଦିଆଯାଉଥିବା ଅଭିଯୋଗ ହେଉଛି । ଚଳିତ ବର୍ଷ ପ୍ରାଥମିକ ବିଦ୍ୟାଳୟରେ ଜୁନ ୨୫ତାରିଖ ଠାରୁ ଜୁଲାଇ ୯ତାରିଖ ମଧ୍ୟରେ ଏସ୍ଏଚ୍ଜି ଟେଣ୍ଡର ପକାଇବା ପାଇଁ ଆହ୍ୱାନ କରାଯାଇଥିଲା । ଅସ୍ତରଙ୍ଗ ବ୍ଲକରେ ଏଥିପାଇଁ ୩ଟି ଏସ୍ଏଚ୍ଜି ଓ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ୧୦ଟି ଆବେଦନ କରିଥିବା ଜଣାପଡିଛି । ଏହା ସହ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଜୁଲାଇ ୩୦ରୁ ଅଗଷ୍ଟ ୫ପର୍ଯ୍ୟନ୍ତ ଟେଣ୍ଡର ପ୍ରକ୍ରିୟା ହୋଇଥିବା ବେଳେ ୩ଟି ଏସଏଚଜିଓ କ୍ଷୁଦ୍ର ଏବଂ ଉଦ୍ୟୋଗ ୨ଟି ପକାଇଛନ୍ତି । ଧର୍ମକୁ ଆଖି ଠାର ନ୍ୟାୟରେ ଅଧିକାରୀମାନଙ୍କୁ ହାତ କରି ଏସଏଚ୍ଜି ଚୟନ କରାଯାଉଥିବା ବେଳେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଗୁଣବତ୍ତା ଅନୁଯାୟୀ ପୋଷାକ ମିଳୁନଥିବା ଅଭିଯୋଗ ହେଉଛି । ଏପଟେ ପୋଷାକ କ୍ରୟ କରିବା ପାଇଁ ବିଦ୍ୟାଳୟ ଗୁଡିକୁ ଏଁ ସାର୍ଟ ପ୍ରିଣ୍ଟ ଆସିନଥିବା ଜଣା ପଡିଛି । ଏନେଇ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି ଛାତ୍ରଛାତ୍ରୀଙ୍କୁ ଯେତେ ଶୀଘ୍ର ସମ୍ଭବ ଗୁଣବତ୍ତା ଉପରେ ନଜର ରଖାଯାଇ ଭଲ ଡ୍ରେସ ପ୍ରଦାନ ଖୁବ ଶୀଘ୍ର କରାଯିବ ।

# ଭତ୍ତା ଅପେକ୍ଷାରେ ୩ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ

◆ ଜନସେବା କେନ୍ଦ୍ରରୁ ବ୍ଲକ୍ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ

ବଡ଼ଚଣା (ଭାସ୍କର ନ୍ୟୁଜ୍):ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ୪୩ ଗୋଟି ପଞ୍ଚାୟତ ର ଚଳିତ ବର୍ଷ ଜୁନ ସୁଦ୍ଧା ଭୋଟର ଦାତା ଙ୍କ ସଂଖ୍ୟା ଏକ ଲକ୍ଷ ସତର ନବେ ହଜାର ତିନି ଶହ ଅଠ୍ ଷଠି(୧୭୭୩୬୮) ଭୋଟର ତାଲିକା ନିୟମ ଅନୁସାରେ ଅଠର ବର୍ଷ ରୁ ଆରମ୍ଭ ଷାଠିଏ ବର୍ଷ ଏବଂ ବରିଷ୍ଠ ନାଗରିକ କୁ ମିଶାଇ ପୁରୁଷ ଭୋଟର୍ ଏକ ଲକ୍ଷ ଚାରି ଶହ ଛଅଷଠି (୧୦୦୪୬୬) ମହିଳା ଭୋଟର ଛୟାନବେ ହଜାର ନଅ ଶହ ଦୁଇ (୯୬୯୦୨) ଥିବା ବେଳେ ମାତ୍ର ବ୍ଲକ ରେ ତିରିଶି ହଜାର ଅଶି ଜଣ (୩୦,୦୮୦) କେନ୍ଦ୍ର ଓ ରାଜ୍ୟ ଭତ୍ତା ଦେଉଥିବା ବେଳେ ପାଞ୍ଚ ବର୍ଷ ରୁ ଉର୍ଦ୍ଧ୍ୱ ଅଠର ବର୍ଷ ରୁ କମ୍ ବିକଳାଙ୍ଗ କୁ ମିଶାଇ ଭତ୍ତା ପାଉଥିବା ରେ ସାମିଲ୍ ଅଛନ୍ତି । ପୂର୍ବ ସରକାର ସମୟରେ ହିତାଧିକାରୀଙ୍କୁ ଦୁଇଟି ଯୋଜନା ମାଧ୍ୟମରେ ଭତ୍ତା ଯୋଗାଇ ଦିଆଯାଇଥିଲା । ରାଜ୍ୟ ନିଜ ପାଣ୍ଠିରୁ ମହାପୁରୁଷ ମଧୁବାବୁ ପେନସନ ନାମ ଯୋଜନାରେ ଉଣେଇଶ ହଜାର ଦୁଇ ଶହ ବାଉନ୍ ଜଣ(୧୯୨୫୨) ବୃଦ୍ଧା ଭତ୍ତା ପୁରୁଷ, ମହିଳା ମିଶି ଦଶ ହଜାର ଦୁଇ ଶହ ଅଠ୍ ତିରିଶ ଜଣ (୧୦୨୩୮) ଏକ ହଜାର ଟଙ୍କା ପାଉଛନ୍ତି, ୮୦ ବର୍ଷ ବରିଷ୍ଠ ନାଗରିକ ବୁଢ଼ା ବୁଢ଼ୀ ସଂଖ୍ୟା ପନ୍ଦର ଶହ ଚଉଦ(୧୫୧୪) ତିନି ହଜାର ପାଞ୍ଚଶହ ଟଙ୍କା ଲେଖାଏଁ ପାଉଥିବା ବେଳେ ବିଧବାଙ୍କ ସଂଖ୍ୟା ଚାରି ହଜାର ସାତ ଶହ ଅଠା ଅଶି (୪୭୮୮) ଏକ ହଜାର ଟଙ୍କା ମିଳୁଛି ,ବିକଳାଙ୍ଗ ତିନି ଭାଗରେ ବିଭକ୍ତ ଭତ୍ତା ପ୍ରଦାନ କରାଯାଉ ପ୍ରଥମ ୮୦ ଭାଗ ବିକଳାଙ୍ଗ ହୋଇଥିବା ସଂଖ୍ୟା ଚାରି ଶହ ବତିଶି ଜଣ(୪୩୨) କୁ ୩୫୦୦ ଶହ ଟଙ୍କା,ପାଞ୍ଚ ବର୍ଷ ରୁ ଉର୍ଦ୍ଧ୍ୱ ଅଠର ବର୍ଷ ରୁ କମ୍ ବାଳକ ଓ ବାଳିକା ବିକଳାଙ୍ଗ ହୋଇଥିବା ୮୭ ଜଣ ହିତାଧିକାରୀଙ୍କୁ ୧୨୦୦ ଟଙ୍କା,ଅଠର ବର୍ଷ ରୁ ଉର୍ଦ୍ଧ୍ୱ ଅଶି ବର୍ଷ ରୁ କମ୍ ୪୦ ଭାଗରୁ ଅଧିକ ଅଶି ଭାଗ ରୁ କମ୍ ହୋଇଥିବା ବିକଳାଙ୍ଗ ମହିଳା ପୁରୁଷ ମାନଙ୍କୁ ଏକ ହଜାର ଟଙ୍କା ମିଳୁଛି । କେନ୍ଦ୍ର ଦେଉ ଥିବା ଇନ୍ଦିରାଗାନ୍ଧୀ ପେନସନ ଯୋଜନାରେ ସମୁଦାୟ ଦଶ ହଜାର ଆଠ ଶହ ଅଠେଇଶି ଜଣ(୧୦୮୨୮) ସାମିଲ୍ ହୋଇ ପାଇଥିବା ସେଥିରୁ ଅଶି ବର୍ଷ ରୁ କମ୍ ଷାଠିଏ ବର୍ଷ ରୁ ଉର୍ଦ୍ଧ ୭୭୦୮ଜଣ ବୁଢ଼ା ବୁଢ଼ୀ ଏକହଜାର ଟଙ୍କା ,୨୪୫୪ଜଣ ବିଧବାଙ୍କୁ ହଜାର ଟଙ୍କା ମିଳିଥିବା ବେଳେ ୮୦ ଭାଗ ବିକଳାଙ୍ଗ ହୋଇଥିବା ୬୬୬ ଜଣଙ୍କୁ ୩୫୦୦ ଟଙ୍କା ଭତ୍ତା ପାଉଛନ୍ତି । ଏବଂ ଆଜି ପର୍ଯ୍ୟନ୍ତ ଦରଖାସ୍ତ ଜନସେବା କେନ୍ଦ୍ର ରେ ଭତ୍ତା ଆବେଦନ କରି ୩୦୦୦ ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ ବିବେଚିତ ହୋଇ ଭତ୍ତା ପାଇବା ଅପେକ୍ଷା ରେ ଚାହିଁ ବସିଛନ୍ତି । ବର୍ତ୍ତମାନ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ନୂତନ ଭତ୍ତା କୋଟା ପ୍ରଦାନ କରିନାହାନ୍ତି । ଯାହା ପୂର୍ବ ସରକାର କରି ଥିବା କୋଟା ରେ ଭତ୍ତା ପ୍ରଦାନ କରାଯାଉଛି । ଏହି କୋଟା ଲୋକ ପାଉଥିବା ଭତ୍ତା ମୃତ୍ୟୁ ବରଣ କଲେ ଅନ୍ୟ ଯୋଗ୍ୟ ହୋଉଥିବା ହିତାଧାରୀ ସାମିଲ୍ କରାଯାଉଛି । ପାଇବା ଆଶା ରେ ବୁଢ଼ା ବୁଢ଼ୀ ଜନସେବା କେନ୍ଦ୍ର ଏବଂ ବ୍ଲକ୍ ଦୌଡି ଖର୍ଚ୍ଚାନ୍ତ ହେବା ଶହ ହତାଶ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳୁଛି । ତୁରନ୍ତ ଏହା ସମାଧାନ କରିବାକୁ ରାଜ୍ୟ ସରକାର ଯେଉଁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇ ସରକାର ଗଠନ ହୋଇଥିବା ତାହା ପାଳନ କରିବାକୁ ଜନସାଧାରଣ ଏବଂ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ହିତାଧିକାରୀ ଦାବି କରିଛନ୍ତି ।

# ବାର୍ଷିକ କ୍ରୀଡା ଖସଡା ଚୁଡାନ୍ତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡା ସଙ୍ଗଠନ ବୈଠକ ବୁଧବାର ଅନୁଷ୍ଠିତ ହୋଇ ବାର୍ଷିକ କ୍ରୀଡା ଖସଡା ଚୁଡାନ୍ତ କରାଯାଇଥିବା ଜଣାଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଙ୍ଗଠନ ଉପଦେଷ୍ଟା ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା, ବ୍ଲକ କ୍ରୀଡା ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ବରିଷ୍ଠ କ୍ରୀଡା ଶିକ୍ଷୟତ୍ରୀ ବିକଶି ସାହୁ ଯୋଗଦେଇ ବିଦାୟୀ ବର୍ଷର ଆୟବ୍ୟୟ ତନଖି କରାଯିବା ସହ ଚଳିତ ବର୍ଷ ପାଇଁ ସରକାରୀ କ୍ରୀଡା ଖସଡା ପ୍ରସ୍ତୁତ କରାଯାଇଥିଲା । ଭଣ୍ଡାରିପୋଖରୀ ବ୍ଲକକୁ ସରସଦା, ବନ୍ଧାଲୋ-ମଢିଆଳି, ବାରିକପୁର ଓ ମଣିନାଥପୁର ଆଦି ୪ଟି ସବ୍ ଜୋନ୍‌ରେ ବିଭକ୍ତ କରାଯାଇ ପ୍ରତ୍ୟେକ ଜୋନ୍‌ରୁ ଶ୍ରେଷ୍ଠ କ୍ରୀଡା ନୈପୁଣ୍ୟଧାରୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରାଯିବା ସହ ପ୍ରତ୍ୟେକ କ୍ରୀଡା ବିଭାଗରେ ବ୍ଲକସ୍ତରୀୟ ଦଳ ଗଠନ କରାଯିବ ବୋଲି ସ୍ଥିର କରାଯାଇଥିଲା । ଆଗାମୀ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଓ ଭଲିବଲ ଟୁର୍ଣ୍ଣାମେଣ୍ଟ ପାଇଁ ବ୍ଲକର କ୍ରୀଡାଦଳକୁ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ କ୍ରୀଡାଶିକ୍ଷକମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ଶିକ୍ଷକ ସୁଧାକର ମହାପାତ୍ର, ସ୍ମୃତିରଞ୍ଜନ ଦାସ, ପ୍ରମୋଦ କୁମାର ବେହେରା, ପ୍ରଶାନ୍ତ ଜେନା ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ କ୍ରୀଡା ଶିକ୍ଷକ ଦେବାଶିଷ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ସମୀକ୍ଷା ବୈଠକ



ଜଗତସିଂହପୁର(ଭାସ୍କର ନ୍ୟୁଜ୍): ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ବିଧାୟକ ତିର୍ତ୍ତୋଲ ଡ଼ଃ ରମାକାନ୍ତ ଭୋଇ କହିଲେ ଯେ, ଜିଲ୍ଲା ପ୍ରଶାସନ ତଥା ଜନ ପ୍ରତିନିଧିମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ସହ ବିଭାଗୀୟ ଅଧିକାରୀ ମାନଙ୍କ ଆନ୍ତରିକ ଉଦ୍ୟମ ରହିଲେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରିବ । ସରକାରଙ୍କ ପ୍ରଣୀତ ଲୋକ ହିତକାରୀ ଯୋଜନା ସଠିକ ଉପାୟରେ ସଠିକ୍ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବିଧାୟକ ଡ଼ଃ ଭୋଇ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଗତି ତଥା କାର୍ଯ୍ୟକାରୀତା ବିଷୟରେ ସମୀକ୍ଷା କରିଥିଲେ । ବୈଠକରେ ଉପସ୍ଥିତ ରହି ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ସମନ୍ୱୟ ଓ ସହଭାଗିତା ରହିଲେ ଉନ୍ନୟନ ସମ୍ଭବ ବୋଲି କହିଥିଲେ । ଆଗାମୀ ଦିନରେ ଆଉ କଣ କରାଗଲେ ସରକାରଙ୍କ ଯୋଜନା ଆହୁରି ସଠିକ୍ ଭାବେ ଲୋକମାନଙ୍କ ପାଖେ ପହଞ୍ଚି ପାରିବ ତାର ପୁଙ୍ଖାନୁପୁଙ୍ଖ ଆଲୋଚନା ଅଧିକାରୀ ମାନଙ୍କ ସହ କରାଗଲା । ଏହି ବୈଠକରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହ ନିଜ ନିଜ ବିଭାଗ ର କାର୍ଯ୍ୟକାରୀତା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । ବିଶେଷ କରି କୃଷି ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ମତ୍ସ୍ୟ ବିଭାଗ ଉପରେ ଗୁରୁତ୍ୱ ପ୍ରଦାନ କରି ବିଧାୟକ ଅଧିକାରୀମାନଙ୍କୁ ଯୋଜନାରେ ଲାଭବାନ ହୋଇଥିବା ହିତାଧିକାରୀ ମାନଙ୍କ ନାମ ଓ ଠିକଣା ପେଠ କରିବାକୁ କହିଥିଲେ । ବିଭାଗୀୟ ଅଧିକାରୀମାନଙ୍କ ସହ ସେ ନିଜେ ଉକ୍ତ ହିତାଧୀକାରୀ ମାନଙ୍କୁ ପରିଦର୍ଶନ କରିବେ ବୋଲି କହିଥିଲେ । ପ୍ରାଣୀ ଚିକିତ୍ସା ବିଭାଗର ପ୍ରମୁଖ ଯୋଜନା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ଉପାଦେୟତା ବିଷୟରେ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ମାର୍ଗଦର୍ଶନ କରିଥିଲେ । ସେହିପରି କଟକ ପାରାଦ୍ୱୀପ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ସମୟରେ ବୃକ୍ଷ ଛେଦନକୁ ଅତି ଆବଶ୍ୟକ ନହେଲେ କରିବାକୁ ବାରଣ କରିଥିଲେ । ସମସ୍ତ ବିଭାଗର ଉନ୍ନତିମୂଳକ କାର୍ଯ୍ୟକରୀ ଯୋଜନା ବିଷୟରେ ଶୁଣି ସାରିବା ପରେ ଏହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।ଏହି ବୈଠକରେ ଅଧ୍ୟକ୍ଷ , ବିରିଡ଼ି ପଞ୍ଚାୟତ ସମିତି, ମମତା ପାତ୍ର, ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ ର ମଣ୍ଡଳ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଲାଇନ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

# ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ଜଳେଶ୍ୱର ଗସ୍ତ



ଜଳେଶ୍ୱର (ଭାସ୍କର ନ୍ୟୁଜ୍):ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ସଂଯୁକ୍ତା ମହାନ୍ତି ଓ ମୁଖ୍ୟ ଯୋଗାଣ ଅଧିକାରୀ ନରସିଂହ ପଣ୍ଡା ଆଜି ଜଳେଶ୍ୱର ଗସ୍ତ କରି ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ଜିକେ ଭଟ୍ଟର ହସ୍‌ପିଟାଲ ମଧ୍ୟରେ ଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ରକୁ ଯାଇ ସ୍ଥିତି ପରଖିଥିଲେ । ଜାତୀୟ ତଥା ରାଜ୍ୟ ଖାଦ୍ୟ ସୁରକ୍ଷା ଅଭିଯାନରେ ତୃଣମୂଳ ସ୍ତରରେ କିପରି କାର୍ଯ୍ୟକାରୀ ହେଉଛି ଓ ଶିଶୁମାନେ ଏଥିରେ କେତେ ଉପକୃତ ହେଉଛନ୍ତି ସେ ସଂପର୍କରେ ଜନପ୍ରତିନିଧି ଓ ସ୍ଥାନୀୟ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ, ଶ୍ରୀ ସାମନ୍ତରାୟ, ଶ୍ରୀମତୀ ମହାନ୍ତି ଓ ଶ୍ରୀ ପଣ୍ଡାଙ୍କ ସହିତ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ସିଡିପିଓ ମିନତୀ ସିଂ, ଏବିଇଓ ସୁଶାନ୍ତ କୁମାର ଜେନା, ଡାକ୍ତର ଦିଲ୍ଲିପ କୁମାର ପାତ୍ର ପ୍ରମୁଖ ଜଳେଶ୍ୱର ବ୍ଲକରେ ଥିବା କୁବାଡିଆ ସେବାଶ୍ରମ, ଶାନ୍ତିଆ ଅଂଗନୱାଡି, ମହମ୍ମଦନଗରପାଟଣା ଅଂଗନୱାଡି, ପଶ୍ଚିମବାର୍ଡ ଅଙ୍ଗନୱାଡି କେନ୍ଦ୍ର, ସେଖସରାଇ ଅଙ୍ଗନୱାଡି କେନ୍ଦ୍ର, ଚଳନ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟ, ସେଖସରାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଘାବାଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ ଓ ଅଙ୍ଗନୱାଡି କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ । ଜିକେ ଭଟ୍ଟର ହସ୍‌ପିଟାଲରେ ଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ରକୁ ଯାଇ ସ୍ଥିତି ପରଖିଥିଲେ । ଡା. ଦିଲ୍ଲିପ ପାତ୍ର ଓ ଡାକ୍ତର ସଂଜୟ ପଣ୍ଡାଙ୍କ ସହିତ ବିପିଏମ୍ ସ୍ମିତା ପ୍ରମାଣିକ, ବ୍ଲକ ମଂଗଳ ଅଧିକାରୀ ସଜତ ନାୟକ, ସ୍ନେହାଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ସଂପର୍କରେ ସମୀକ୍ଷା କରିଥିଲେ । ଅପରାହ୍ନରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପରୋକ୍ତ ଅଧିକାରୀଙ୍କ ସହିତ ଜନପ୍ରତିନିଧିମାନେ ଉପସ୍ଥିତ ରହି ଯୋଜନା ଗୁଡିକ କିପରି ଶତପ୍ରତିଶତ କାର୍ଯ୍ୟକାରୀ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା ।

# ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

କାକଟପୁର(ଭାସ୍କର ନ୍ୟୁଜ୍): କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ନିକଟସ୍ଥ ଖୁଣ୍ଟିଆ କନଭେନ୍ସନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୭୯ ତମ ସ୍ୱାଧୀନତା ଦିବସ କିଭଳି ପାଳନ କରାଯିବ ସେଥିନିମନ୍ତେ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି । ଉପସ୍ଥିତ ସମସ୍ତ ବରିଷ୍ଠ ଓ କାର୍ଯ୍ୟରତ ସାମ୍ବାଦିକ ଏହି ବୈଠକରେ ଯୋଗଦେଇ ସ୍ୱାଧୀନତା ଦିବସ କିଭଳି ମହାଆଡମ୍ବରରେ ପାଳନ କରାଯିବ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଆଜିର ଏହି ବୈଠକରେ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ କୁମାର ରାଉତ, ସହସମ୍ପାଦକ ପ୍ରଭାତ ଦୀକ୍ଷିତ, କୋଷାଧ୍ୟକ୍ଷ ଭାଗବତ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତି, ପ୍ରଭାସ ପୃଷ୍ଟି, ପ୍ରଦୀପ୍ତ କୁମାର ଦୀକ୍ଷିତ, ସମସୁଲ ଆରିଫିନ, ମାନସ ଦୀକ୍ଷିତ, ଅକ୍ଷୟ ପ୍ରସାଦ ମହାନ୍ତି, ପ୍ରଶାନ୍ତ ଜେନା, ପ୍ରଦୀପ ପଣ୍ଡା, ବ୍ରଜକିଶୋର ସାହୁ, ଶୁଭଦର୍ଶନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୨୨ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ କୁଆମଚଣ୍ଡୀ ପୀଠରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା ।

# ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ଅଭିଯୋଗ

ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ହାତୀଲୁଚାଣୀ ଅଙ୍ଗନୱାଡି କେନ୍ଦ୍ରରୁ କେହି ଦୁର୍ବୃତ୍ତ ମଙ୍ଗଳବାର ରାତିରେ ତାଲା ଭାଙ୍ଗି ଟିଭି ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନା ମୁତାବକ ହାତୀଲୁଚାଣୀ ଅଙ୍ଗନୱାଡି କେନ୍ଦ୍ର ଦିନରେ ପଢାସାରି ସବୁଦିନ ପରି ତାଲାପକାଇ ଅଙ୍ଗନୱାଡି କର୍ମୀ ରଶ୍ମିତା ନାୟକ ଘରକୁ ଯାଇଥିଲେ । ବୁଧବାର ସକାଳୁ ଆସି କେନ୍ଦ୍ରରେ ପହଁଚିଲା ପରେ ତାଲା ଭାଙ୍ଗିଥିବା ଦେଖିଥଲେ ଏବଂ ଘର ଭିତରୁ କେହି ଦୁର୍ବୃତ୍ତ ଟିଭି ଚୋରି କରି ନେଇଯାଇଥିବା ଦେଖିବାକୁ ମିଳିଥିଲା । ସଙ୍ଗେ ସଂଗେ ରଶ୍ମିତା ସିଡିପିଓ ଙ୍କୁ ଅବଗତ କରାଇ ପରଜଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିବା ଜଣାପଡିଛି । ଏ ସମ୍ବନ୍ଧେ ପୋଲିସ ଅଭିଯୋଗକୁ ଆଧାର କରି ଅଧିକ ତଦନ୍ତ ଜାରି ରଖିଛି ।

# ଟାଟାଷ୍ଟିଲ୍ ଓ କଳିଙ୍ଗନଗର ପୋଲିସ ପକ୍ଷରୁ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଅଭିଯାନ




ବ୍ୟାସନଗର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅଞ୍ଚଳବାସୀ, ଡ୍ରାଇଭର, କର୍ମଚାରୀ ଏବଂ ଶ୍ରମିକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ, ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ)ର ସୁରକ୍ଷା ବିଭାଗ ଓ କଳିଙ୍ଗନଗର ପୋଲିସ ଉଦ୍ୟମରେ ତିନିଦିନିଆ ବର୍ଷାଋତୁ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଅଭିଯାନ ଡୁବୁରିସ୍ଥିତ ଟାଟା ଷ୍ଟିଲର ମେନ୍ ଗେଟ୍-୧ ରେ ବୁଧବାର ଦିନ ଆରମ୍ଭ ହୋଇଯାଇଛି । ଏହି ଅଭିଯାନକୁ କଳିଙ୍ଗନଗରର ଅତିରିକ୍ତ ପୋଲିସ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଓ ଇନ୍ସପେକ୍ଟର ଇନ୍-ଚାର୍ଜ, କଳିଙ୍ଗନଗର ପୋଲିସ ଥାନା, ପ୍ରକାଶ କୁମାର ସାହୁ, ଔପଚାରିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗର ଓ ଟାଟା ଷ୍ଟିଲ ମେରାମଣ୍ଡଳୀର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଅତ୍ୟଧିକ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା କଷ୍ଟକର ସଡ଼କ ପରିସ୍ଥିତି ଜନିତ ବିପଦକୁ ହ୍ରାସ କରିବା । ଏହି ଅଭିଯାନରେ ମନସୁନ ସମୟରେ ସଡ଼କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରାଯାଇଛି । ଏହି ଅବସରରେ ଚାଳକମାନଙ୍କୁ ସିଟ୍ ବେଲ୍ଟ ପିନ୍ଧିବାର ଗୁରୁତ୍ୱ ବିଷୟରେ ସଚେତନ କରାଯିବା ସହିତ, ବାଇକ ଚାଳକ ଏବଂ ପିଲିଅନ୍ ଆରୋହୀଙ୍କୁ ସର୍ବଦା ହେଲମେଟ୍ ପିନ୍ଧିବା ପାଇଁ ଉତ୍ସାହିତ କରାଯାଇଥିଲା । ଏଥିସହ ମନସୁନ ସମୟରେ ଗ୍ରହଣୀୟ ମୁଖ୍ୟ ସତର୍କତା ସମ୍ବନ୍ଧୀୟ ସୁରକ୍ଷା ପତ୍ରିକା ମଧ୍ୟ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଏକ ନୁକ୍କଡ଼ ନାଟକ (ପଥପ୍ରାନ୍ତ ନାଟକ) ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯାହା ବର୍ଷା ଋତୁରେ ଗାଡି ଚାଳନା ସମୟରେ ସୁରକ୍ଷା ନିୟମ ଅନୁସରଣ କରିବାର ଗୁରୁତ୍ୱ ଉପରେ ଦର୍ଶକଙ୍କୁ ଶିକ୍ଷା ଦେଇଥିଲା । ଏହି ନାଟକ ମାଧ୍ୟମରେ ହେଲମେଟ୍ ପିନ୍ଧିବାର ଆବଶ୍ୟକତା, ସୁରକ୍ଷିତ ଚାଳନା, ଗାଡିର ଭଲ ଅବସ୍ଥା ରଖିବା ଓ ଅନ୍ୟାନ୍ୟ ଗାଡି ସହିତ ଯଥୋଚିତ ଦୂରତା ବଜାୟ ରଖିବା ଭଳି ଦୃଶ୍ୟ ଦେଖାଯାଇଥ ।ଏ ଏହି ସଚେତନତା ଅଭିଯାନ ମାଧ୍ୟମରେ ବର୍ଷା ଋତୁ ସମୟରେ ସାପ କାମୁଡ଼ା, ଡେଙ୍ଗୁ, ମ୍ୟାଲେରିଆ ଓ ଜଳବାହିତ ରୋଗ ପାଇଁ ମଧ୍ୟ ଲୋକମାନଙ୍କୁ ସତର୍କ କରାଯାଉଛି । ଏହି ଅଭିଯାନ ମାଧ୍ୟମରେ ରୋଗ ପ୍ରତିରୋଧର ଉପାୟ ଓ ରୋଗ ଚିହ୍ନଟ ପାଇଁ ପ୍ରାରମ୍ଭିକ ଲକ୍ଷଣ ବିଷୟରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା ।ବର୍ଷା ଋତୁରେ ସଡ଼କ ସୁରକ୍ଷା ସଂସ୍କୃତି ଏବଂ ଜନସଚେତନତା ବିକାଶ ପାଇଁ ଜଳବାହିତ ଓ ଭେକ୍ଟର ଜନିତ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ମିଳିତ ପ୍ରୟାସ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ।

# ଫାଇଲେରିଆ ଓ ଲିମ୍ଫେଟିକ୍ ରୋଗ ସମ୍ବନ୍ଧରେ ସଚେତନତା




ଆସିକା (ଭାସ୍କର ନ୍ୟୁଜ୍): ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, କେନ୍ଦୁପଦର ଏବଂ ଜାତୀୟ ସେବା ଯୋଜନାର ସହଯୋଗରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଫାଇଲେରିଆ ଓ ଲିମ୍ଫେଟିକ୍ ରୋଗ ବିଷୟରେ ଗଣ ଔଷଧ ପ୍ରଶାସନ (MDA) ସଚେତନତା କାର୍ଯ୍ୟକ୍ରମ ସଫଳଭାବେ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଅଧିକାରୀ ସିଲୁ ସେଠୀ, ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଶ୍ରୀ ଶିବାନୀ ତ୍ରିପାଠୀ ଏବଂ ବିଭିନ୍ନ ମହଲରୁ ସ୍ୱାସ୍ଥ୍ୟ ସମାଜସେବୀମାନେ ଯୋଗଦାନ କରି ଏହି ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସୂଚନା ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ସଚେତନ ଏବଂ ସମୂହ ଔଷଧ ସେବନ କରାଇଥିଲେ । ଏହି ଜନସଚେତନତା ଅଭିଯାନରେ ମହାବିଦ୍ୟାଳୟରେ ଆସନ୍ତା ଅଗଷ୍ଟ ମାସ ତା ‘୧୧ ରିଖ ଠାରୁ ତା ’ ୧୯ ରିଖ ପର୍ଯ୍ୟନ୍ତ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ରୋଗ ନିରାକରଣ କ୍ଷେତ୍ରରେ ଔଷଧର ମହତ୍ତ୍ୱ, ଗୁରୁତ୍ୱ ବିଷୟରେ ଛାତ୍ରଛାତ୍ରୀ ମାନଙ୍କ ସହ ଏକ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଭିଷେକ ବେହେରା, ବିତୀୟ ଅଧିକାରୀ ରୁଦ୍ର ମାଧବ ମହାନ୍ତି ଏବଂ ସମସ୍ତ ଅଧାପକ ଓ ଅଧ୍ୟାପିକା ଯଥା- ଆଲୋକ ପ୍ରଧାନ , ଉପେନ୍ଦ୍ର ମାଝୀ , ଡ଼, ଜୀବନ କୃଷ୍ଣ ଦାସ, ଅଜିତ୍ କୁମାର ପଟ୍ଟନାୟକ, ଅଜିତ୍ କୁମାର ମହାପାତ୍ର , ବିକାଶ ଦିଗାଲ, ଅଜିତ୍ କୁମାର ମୁଖୀ, ଉଦିତ ନାରାୟଣ ଦାସ , ଅଧାପିକା ସ୍ୱପ୍ନାରାଣି ପଟ୍ଟନାୟକ, ସୁଶ୍ରୀ ସଂଗୀତା ପଟ୍ଟନାୟକ, ସୁଶ୍ରୀ ଅର୍ପିତା ପ୍ରିୟଦର୍ଶିନୀ,ଜସ୍ମିନି କୁମାରୀ ନାୟକ, ସୁଶ୍ରୀ କିରଣ ଡାକୁଆ , ସୁଶ୍ରୀ ସୁଜାତା ଟେଟେ, ସୁଶ୍ରୀ ରାଜେଶ୍ୱରୀ ରଥ, ସୁଶ୍ରୀ କେ.ସ୍ମିତା. ପାତ୍ର, ସୁଶ୍ରୀ ସୁଚିସ୍ମିତା ପଟ୍ଟନାୟକ , ସୁଶ୍ରୀ ଶୁଭଶ୍ରୀ ସାହୁ , ସୁଶ୍ରୀ ଯାଜ୍ଞସେନୀ ପ୍ରଧାନ । ବହୁ ସଂଖ୍ୟାରେ ଛାତ୍ର ଓ ଛାତ୍ରୀ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

# ସ୍ୱାଧୀନତା ଦିବସ ପାଇଁ ବ୍ଲକସ୍ତରୀୟ ପ୍ରତିଯୋଗିତା




ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପି ଏମ୍ ଶ୍ରୀ ନୋଡାଲ ବିଦ୍ୟାପୀଠ ପ୍ରାଙ୍ଗଣରେ ବୁଧବାର ଦିନ ବ୍ଲକ ଶିକ୍ଷାଧିକାରୀ ଆନୁକୁଲ୍ୟରେ ୭୯ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ବ୍ଲକ ସ୍ତରୀୟ ପ୍ରତିଯୋଗିତା ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ , ସଂଯୁକ୍ତା ସାମଲ , ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ନନ୍ଦ , ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ବିନାୟକ , ପରମାନନ୍ଦ ଦଳବେହେରା ପ୍ରମୁଖ ମଞ୍ଚାସୀନ ରହି ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଧୂପ ଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବେଳେ ଏମାନଙ୍କ ମଧ୍ୟରେ ତିନୋଟି ଗ୍ରୁପ ରେ ବିଭକ୍ତ କରାଯାଇଥିଲା । ଏଥିମଧ୍ୟରୁ ତୃତୀୟ , ଚତୁର୍ଥ ,ପଞ୍ଚମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ନେଇ ଜୁନିଅର ବିଭାଗ , ଷଷ୍ଠ ,ସପ୍ତମ, ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ସବଜୁନିଅର ବିଭାଗ ଓ ନବମ ,ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସିନିଅର ବିଭାଗ କରାଯାଇ ଏମାନଙ୍କ ମଧ୍ୟରେ ବକ୍ତୃତା ,ସଙ୍ଗୀତ ଚିତ୍ରକଳା ଓ ରଚନା ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ସୁବାସ ଚନ୍ଦ୍ର ବେହେରା , ଚିନ୍ମୟ ଆଚାର୍ଯ୍ୟ ,ମୁକେଶ କୁମାର ଜେନା , ନିବେଦିତା ପତି , ସୁଶାନ୍ତ କୁମାର ସେଠୀ ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରି ମୂଲ୍ୟାଙ୍କନ କରିଥିଲେ । ସମସ୍ତ ବିଭାଗର ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା କୃତି ପ୍ରତିଯୋଗୀ ମାନଙ୍କ ନାମ ଘୋଷଣା କରାଯାଇଛି । ଅନୁଷ୍ଠିତ ପ୍ରତିଯୋଗିତା ଜ୍ୟୋତ୍ସ୍ନାମୟୀ ଦାସ , ସୁବୋଧ ପଣ୍ଡା , ରଞ୍ଜନ ଖିଲାର ,ପ୍ରମୋଦ ସାହୁ ,ମଧୁସୂଦନ ସାହୁଙ୍କ ସମେତ ଅନ୍ୟ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ଶୃଙ୍ଖଳାର ସହ ବ୍ଲକ ସ୍ତରୀୟ ପ୍ରତିଯୋଗିତାକୁ ସହଯୋଗ କରିଥିଲେ ।



କଟକ(ଭାସ୍କର ନ୍ୟୁଜ): ଖ୍ରୀଷ୍ଟ କଲେଜରେ ଗୃହବିଜ୍ଞାନ ବିଭାଗ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ 'ଜାତୀୟ ହସ୍ତତନ୍ତ' ଦିବସ ପାଳନ କରାଯାଇଛି। କଲେଜ ଅଧ୍ୟକ୍ଷ ମଧୁମିତା ପାତ୍ର ସ୍ୱାଗତ ଭାଷଣରେ କହିଲେ ଯେ ଜାତୀୟ ଅର୍ଥନୀତି ଓ ସ୍ୱାଭିମାନକୁ ସୁଦୃଢ଼ କରିବା ପାଇଁ ଆମ ରାଜ୍ୟ ଓଡ଼ିଶା ହସ୍ତତନ୍ତର ବିଶେଷ ଭୂମିକା ରହିଛି। ଗୃହବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ବିନୀତା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଚନ୍ଦ୍ର ରାଉତ ଅତିଥି ଭାବରେ ଯୋଗଦାନ କରି ଓରମାସର ସହଯୋଗରେ ବିଭିନ୍ନ ହସ୍ତତନ୍ତ ଶିଳ୍ପ କିପରି କାର୍ଯ୍ୟ କରୁଛି ସେ ସଂପର୍କରେ ଆଲୋକପାତ କରିଥିଲେ। ଆଇକ୍ୟୁଏସିର ସଂଯୋଜକ ପ୍ରାଧ୍ୟାପକ ଶୋଭନ ପଣ୍ଡା ଆନ୍ତର୍ଜାତିକ ସ୍ତରରେ ହସ୍ତତନ୍ତର ଚାହିଦା ସଂପର୍କରେ ସୂଚନା ଦେଇଥିଲେ। ଓରମାସ ଦ୍ୱାରା ହସ୍ତତନ୍ତ ପ୍ରସ୍ତୁତ ବିଭିନ୍ନ ବସ୍ତ୍ରର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା ସମିତି କର୍ମକର୍ତ୍ତା, ଅଧ୍ୟାପକ ଅଧ୍ୟାପିକା ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଅଧ୍ୟାପିକା ରିଙ୍କୁ ମହାପାତ୍ର, ଡଃ ଶାଶ୍ୱତୀ ମିଶ୍ର, ଡଃ ରୂପାଲି ମହାନ୍ତି, ଆରତି ମମତାଜ ଓ ବିଶ୍ୱରୂପା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଗୃହବିଜ୍ଞାନ ବିଭାଗ ଅଧ୍ୟାପିକା ନର୍ମଦା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ନିର୍ମାଣରେ ବ୍ୟବହାର ହେବ ପ୍ଲାଷ୍ଟିକ୍ ବର୍ଜ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସହରାଞ୍ଚଳ ମାନଙ୍କରେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ଅଳିଆ ବ୍ୟବହାର ଉପରେ ବିଚାର ବିମର୍ଶ କରିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପାଢ଼ୀ ସହରାଞ୍ଚଳ ଭିତିଭୂମି ବିକାଶରେ ସ୍ଥାୟୀ ଏବଂ ପରିବେଶ-ଅନୁକୂଳ ଅଭ୍ୟାସ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଲୋକପାତ କରିଥିଲେ ଯେ ପ୍ଲାଷ୍ଟିକ୍ ଅଳିଆ, ବିଶେଷକରି ବୋତଲ ଏବଂ କ୍ୟାରୀ ବ୍ୟାଗ ଭଳି ଜିନିଷକୁ ବାହାରୁଥିବା ଅଳିଆରୁ ଖଣ୍ଡ ଖଣ୍ଡ କରି ଗରମ ବିଟୁମେନ୍ ଏବଂ ସମାହାର ସହିତ ମିଶ୍ରିତ କରି ରାସ୍ତା ନିର୍ମାଣ କରାଯାଇପାରିବ। ଏହି ପଦ୍ଧତି, ଯାହା ପୂର୍ବରୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ଦ୍ୱାରା ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଛି, କେବଳ ରାସ୍ତାର ସ୍ଥାୟୀତ୍ୱ ଏବଂ ଗୁଣବତ୍ତା ବୃଦ୍ଧି କରେ ନାହିଁ ବରଂ ପ୍ଲାଷ୍ଟିକ୍ ଅଳିଆ ପରିଚାଳନା ପାଇଁ ଏକ କାର୍ଯ୍ୟକାରୀ ସମାଧାନ ଭାବରେ ମଧ୍ୟ କାର୍ଯ୍ୟ କରେ। ପ୍ରଦୂଷଣମୁକ୍ତ ଏବଂ ସ୍ଥାୟୀ ପରିବେଶ ହାସଲ କରିବା ପାଇଁ



ପ୍ରତିବଦ୍ଧତାରେ, ଓଡ଼ିଶା ବର୍ତ୍ତମାନ ସମାନ ରଣନୀତି ଅନୁସନ୍ଧାନ କରୁଛି। ବୈଠକରେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ଅଳିଆ ବ୍ୟବହାର କରି ରାଜ୍ୟର କିଛି ସହରାଞ୍ଚଳରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରାଯାଇଛି। ଏହି ପଦକ୍ଷେପ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଯୋଗଦାନ ଦେବ ବୋଲି ମଧ୍ୟ ଆଲୋଚନା ହୋଇଥିଲା। ପାଇଲଟ ପ୍ରକଳ୍ପର ସଫଳତାକୁ ନେଇ ଆଗକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବାପାଇଁ ଲକ୍ଷ୍ୟ ରଖାଯାଇଛି। ଖାରବେଳ ଭବନ ଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ଡକ୍ଟର ଏନ. ଥିରୁମାଲା ନାୟକ, ଉପାଧ୍ୟକ୍ଷ, ବିଡିଏ ଜେ.ପି. ବର୍ମା, ପ୍ରକଳ୍ପ ନିର୍ଦ୍ଦେଶକ ଏନଏଚଏଆଇ, ଅବିନାଶ ବେହେରା, ପ୍ରବନ୍ଧକ ଟେକ୍ନିକାଲ ଆଉଟ ଏନଏଚଏଆଇ, ବିକାସ ବେହେରା ଇଆଇସି ପିଏଚ, ବିନୟ ଦାସ, ଅତିରିକ୍ତ ସଚିବ ରଜ୍ନିକର ସାହୁ, ଅତିରିକ୍ତ କମିଶନର, ବିଏମସି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କୁ ଗାର୍ଡ ଅଫ୍ ଅନର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତନ ଉପବାଚସ୍ପତି ତଥା ପୂର୍ବତନ ମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ବାଚସ୍ପତି ସୁରମା ପାଢ଼ୀ। ବିଧାନସଭାରେ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ପାର୍ଥିବ ଶରୀରକୁ ଦିଆଗଲା ଗାର୍ଡ ଅଫ ଅନର। ଏହାସହ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର, ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ବିଧାନସଭାର ଅଧିକାରୀ ମାନେ ପୂର୍ବତନ ଉପବାଚସ୍ପତି ସ୍ୱର୍ଗତ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି।

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା
## ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣାଯିବ

କଟକ(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଓଡ଼ିଶା ଟିଚରସ୍ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ। ରିମାଣ୍ଡରେ ଆସିବାକୁ ଥିବା ଅଭିଯୁକ୍ତଦ୍ୱୟ ହେଲେ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ରାଜ୍ୟ ପୂର୍ବତନ ବ୍ୟାଚର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର। ଆସନ୍ତା ୧୧ ଓ ୧୨ ତାରିଖ ଦୁଇ ଦିନ ରିମାଣ୍ଡରେ ଉଭୟଙ୍କୁ ଆଣିବା ନିମନ୍ତେ କଟକ ଜେଏମ୍ଏଫ୍ସି-୩ ଅଦାଲତ ଅନୁମତି ଦେଇଛନ୍ତି। ସୂଚନାନୁସାରେ, କ୍ରାଇମବ୍ରା ଅଧିକ ତଦନ୍ତ କରିବା ନିମନ୍ତେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ଆଣିବାକୁ କଟକ ଜେଏମ୍ଏଫ୍ସି ଅଦାଲତରେ ଆବେଦନ କରିଥିଲା।

### ଅନ୍‌ଲାଇନ୍‌ରେ ଖାଦ୍ୟ ମଗାଉଥିଲେ ସାବଧାନ !
## ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ କଲା ଡେଲିଭରି ବୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନ୍‌ଲାଇନ୍ ମାଧ୍ୟମରେ ଖାଦ୍ୟ ମଗାଉଥିଲେ ସାବଧାନ। କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ଏହିଭଳି ଏକ ଅଭାବନୀୟ ଘଟଣା ରାଜଧାନୀ ଭୁବନେଶ୍ୱରରେ ଘଟିଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଭରତପୁର ଥାନା ଅଧୀନ ଶାମପୁର ଅଞ୍ଚଳର ଜଣେ ମହିଳା ଅନ୍‌ଲାଇନ୍‌ରେ ଖାଦ୍ୟ ଅର୍ଡର କରିଥିଲେ। ଡେଲିଭରି ବୟ ଜଣକ ଠିକ୍ ସମୟରେ ମହିଳାଙ୍କୁ ଖାଦ୍ୟ ଯୋଗାଇପାରି ନଥିଲେ। ଖାଦ୍ୟ ବିଳମ୍ବରେ ଆସିବାରୁ ମହଳା ଜଣକ ବିରକ୍ତି ପ୍ରକାଶ କରିଥିଲେ। ଏନେଇ ପ୍ରଥମେ ମହିଳା ଏବଂ ଫୁଡ ଡେଲିଭରି ବୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଡେଲିଭରି ବୟ ଜଣକ ଉତ୍କ୍ଷିପ୍ତ ହୋଇ ମହିଳାଙ୍କୁ ଆକ୍ରମଣ କରିଥିବା ଜଣାପଡିଛି। ଆକ୍ରମଣରେ ମହିଳାଙ୍କ ମୁଣ୍ଡ, ବେକ ଏବଂ ହାତରେ ଆଘାତ ଲାଗିଛି। ଫଳରେ ମହିଳା ଜଣକ ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଅଭିଯୋଗକୁ ଭିତ୍ତି କରି ପୋଲିସ ଫୁଡ ଡେଲିଭରି ବୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ରାଜ୍ୟରେ ଜୈବ-ଅର୍ଥନୀତିର ବିକାଶ ନେଇ ବୁଝାମଣା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଜୈବ-ପ୍ରଯୁକ୍ତି ଓ ଜୈବ-ସମ୍ବଳକୁ ଆଧାର କରି ଜୈବ-ଅର୍ଥନୀତି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ ଜୈବ-ପ୍ରଯୁକ୍ତି ବିଦ୍ୟା ଏକ ଉଦୀୟମାନ କ୍ଷେତ୍ର ହୋଇଥିବାରୁ ଜୈବ-ଅର୍ଥନୀତି ରାଜ୍ୟର ବିକାଶ ଧାରାରେ ପ୍ରମୁକ ଯୋଗଦାନ କରିବାର ବ୍ୟାପକ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ଆଇଆଇଏମ୍, ସମ୍ବଲପୁର ମଧ୍ୟରେ ଏକ ବୁଝାମଣାପତ୍ର ଖାରବେଳ ଭବନରେ ସ୍ୱାକ୍ଷରିତ ହୋଇଛି । ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍‌ଙ୍କ ଉପସ୍ଥିତିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଏବଂ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ର ଅନୁଯାୟୀ ରାଜ୍ୟରେ ଜୈବ-ଅର୍ଥନୀତି ସମ୍ଭାବନା ଥିବା କ୍ଷେତ୍ରଗୁଡ଼ିକୁ ବିଚାରକୁ ନେଇ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଆଇଆଇଏମ୍, ସମ୍ବଲପୁର ପକ୍ଷରୁ ପ୍ରଦାନ କରାଯିବ। ଜୈବ-ଅର୍ଥନୀତି ରିପୋର୍ଟ ବିକଶିତ କରିବା, ଏ କ୍ଷେତ୍ରରେ ଥିବା ପ୍ରମୁଖ ଆହ୍ୱାନ ଓ ବିକାଶ ସୁଯୋଗର ମୂଲ୍ୟାୟନ କରି ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହି ରିପୋର୍ଟ ଭବିଷ୍ୟତର ଜୈବ ଉଦ୍ୟୋଗ, ବିଶେଷ କରି ଜୈବ-ଅର୍ଥନୀତି ଏବଂ ସାଧାରଣ ଭାବେ ଆର୍ଥିକ ଅଭିବୃଦ୍ଧି ଦିଗରେ ଏକ ମାନଦଣ୍ଡ ଭାବେ ଉଭାହେବ ବୋଲି ଉଭୟ ପକ୍ଷ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିତ୍ତ ପରାମର୍ଶଦାତା ବିଦ୍ୟୁତପ୍ରଭା ରାଉତ, ଉର୍ମିପ୍ରଭା ମହାରଣା, ଆଇଆଇଏମ୍, ସମ୍ବଲପୁରର ଅଧ୍ୟାପକ ଆର.କେ. ପାଢ଼ୀ ଏବଂ ସନ୍ଦୀପ ମୁଖୋପାଧ୍ୟାୟଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

### ରାଜ୍ୟରେ ବୃଦ୍ଧି ପାଉଛି ଗୋ' ହତ୍ୟା
## ଗୋହତ୍ୟା ନିରୋଧ ଆଇନ ୧୯୬୦ କଡାକଡି କର: ହାଇକୋର୍ଟ

କଟକ(ଭାସ୍କର ନ୍ୟୁଜ): ରାଜ୍ୟରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଗୋହତ୍ୟା ପ୍ରସଙ୍ଗ ସମ୍ପର୍କିତ ଆଗତ ମାମଲାକୁ ହାଇକୋର୍ଟ ଗୁରୁତର ସହ ଗ୍ରହଣ କରିଛନ୍ତି । ଗୋହତ୍ୟା ନିରୋଧ ଆଇନ ୧୯୬୦ କଡାକଡି ହେଉନଥିବା ଦର୍ଶାଇ ଏ ସମ୍ପର୍କିତ ଆଗତ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ତୁରନ୍ତ ଗୋହତ୍ୟା ବନ୍ଦ ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି । ଗୋ-ହତ୍ୟା ନେଇ ଗୌଜ୍ଞାନ ଅନୁଷ୍ଠାନ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟରେ ଓଡିଶା ପ୍ରିଭେନ୍‌ସନ୍ ଅଫ୍ କାଓ ସ୍ଲଟର ଆକ୍ଟ ୧୯୬୦ ଆଇନକୁ କଡାକଡି ପାଳନ କରିବାକୁ ଆଦେଶ ଦେଇଛନ୍ତି । ଆବେଦନକାରୀ ସଂଗଠନ ପକ୍ଷରୁ ଦର୍ଶାଯାଇଥିଲା ଯେ ରାଜ୍ୟରେ ବେଧଡକରେ ଚାଲିଛି ଗୋ ହତ୍ୟା । ରାଜ୍ୟରେ ଗୋ ହତ୍ୟା ରୋକିବାକୁ ଗୋହତ୍ୟା ନିରୋଧ ଆଇନ ୧୯୬୦ ପ୍ରଣୟନ କରାଯାଇଥିଲେ ମଧ୍ୟ ଏହାକୁ କଡାକଡି କରାଯାଉନଥିବାରୁ ଗୋ ହତ୍ୟା ବଢି ବଢି ଚାଲିଛି । ଏଣୁ ରାଜ୍ୟରେ ଉପରୋକ୍ତ ଆଇନକୁ ତୁରନ୍ତ କଡାଡକି ଭାବେ ପାଳନ କରିବାକୁ ଅଦାଲତ ଆଦେଶ ଦିଅନ୍ତୁ ବୋଲି ରୁଜୁ ମାମଲାରେ ପ୍ରାର୍ଥନା କରାଯାଇଥିଲା । ଆବେଦନକାରୀ ସଂଗଠନ ପକ୍ଷରୁ ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ ମୃଣାଳିନୀ ପାଢୀ ଓ ପୀୟୂଷ ପଣ୍ଡା ପରିଚାଳନା କରୁଥିଲେ ।

## ବ୍ଲାକ୍‌ମେଲ୍ ଅଭିଯୋଗରେ ଯୁବତୀଙ୍କ ଆତ୍ମହତ୍ୟା

କଟକ(ଭାସ୍କର ନ୍ୟୁଜ): ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନଦୀକୂଳ ସାହିରେ ଗୁରୁବାର ଜଣେ ଯୁବତୀ ଘରେ ଫ୍ୟାନରେ ରଶିଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ମେଡ଼ିକାଲ ପଠାଇଛି । ଏଥି ସହ ପୋଲିସ ଯୁବତୀଙ୍କ ମୋବାଇଲ ଫୋନ ଜବତ କରିଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଘଟଣା ପୂର୍ବରୁ ଏକ ଭିଡ଼ିଓ ଭାଇରାଲ ହେବାରୁ ଯୁବତୀ ବ୍ଲାକମେଲିଂର ଶିକାର ହୋଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ ପ୍ରକାଶ ପାଇଛି ।

## ବଲାଙ୍ଗୀ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବଲାଙ୍ଗୀ ନାବାଳିକା ପୋଡି ମୃତ୍ୟୁ ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ । ବଲାଙ୍ଗୀ ପୀଡିତାଙ୍କ ମୃତ୍ୟୁର କିଛି ସମୟ ପରେ ଡିଜି ପୋଲିସଙ୍କ ଆକାଉଣ୍ଟରୁ ଟ୍ୱିଟ କରାଯାଇଛି କେହି ସମ୍ପୃକ୍ତି ନାହାନ୍ତି । ପୋଲିସ ଗୋଟିଏ ପକ୍ଷ ଭାବେ କାମ କରିଛି । ପୁରୀ ଏସପି ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛୁ ବୋଲି କହୁଥିଲେ । ଏହାକୁ ଖୁଲାସା କରିବା ଆବଶ୍ୟକତା ଥିଲା । ପୋଲିସର ଟ୍ୱିଟ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର । ପୋଲିସ ବିଏନଏସ ଆଧାରରେ ନୁହେଁ ସରକାରଙ୍କ ଇଙ୍ଗିତରେ କାମ କରୁଛି । ପୋଲିସ ବଲାଙ୍ଗୀ ମାମଲାକୁ ଚାପିବାକୁ ଉଦ୍ୟମ କରୁଛି । ଗତକାଲି କେନ୍ଦ୍ରାପଡ଼ା ଘଟଣାରେ କେବଳ ଆଇଆଇସିଙ୍କୁ ବଦଳି କରାଯାଇଛି । ପୋଲିସର ଅବହେଳା ଜଣାପଡ଼ିଥିଲେ ସୁଦ୍ଧା କାହିଁକି ତାଙ୍କ ବିରୋଧରେ ବଡ଼ ଆକ୍ସନ ହୋଇ ନାହିଁ । ଆଇଆଇସିଙ୍କୁ ନିଲମ୍ବନ କରି ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯାଉ ବୋଲି କଂଗ୍ରେସ ଦାବି କରିଛି ।

### ପଟ୍ଟାମୁଣ୍ଡାଇରେ ଛାତ୍ରୀଙ୍କ ଆତ୍ମଦାହ ଘଟଣା
## କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗତକାଲି ପଟ୍ଟାମୁଣ୍ଡାଇ ସଦର ଥାନା ଅନ୍ତର୍ଗତ ଜଣେ +୩ କଲେଜ ଛାତ୍ରୀଙ୍କ ଆତ୍ମହୁତି ଘଟଣାରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ମାନେ ଅସୁରକ୍ଷିତ ହୋଇ ପଡିଥିବାର ସଦ୍ୟତମ ଉଦାହରଣ ବୋଲି ବିଜୁ ଜନତା ଦଳ କହିଛି। ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉଦବେଗଜନକ ହୋଇ ପଡିଛି ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବରିଷ୍ଠ ବିଜେଡି ନେତା ତଥା ବିଧାୟକ ପ୍ରତାପ ଦେବ କହିଥିଲେ, ପୀଡିତା ଛାତ୍ରୀ ଜଣକ ଜଣେ ଯୁବକ ଦ୍ୱାରା ଲଗାତାର ଭାବେ ବ୍ଲାକମେଲର ଶିକାର ହେଉଥିଲେ। ତାଙ୍କ ବାପାଙ୍କ କହିବା ଅନୁଯାୟୀ ସ୍ଥାନୀୟ ପୁଲିସ ତାଙ୍କ ଅଭିଯୋଗ ଗ୍ରହଣ କରି ନଥିଲା, ଯେଉଁଥି ପାଇଁ ସେ ବାଧହୋଇ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ। ପୋଲିସର ସ୍ଥାଣୁତା ପାଇଁ ଗୋଟିଏ ମୂଲ୍ୟବାନ ଜୀବନ ଚାଲିଗଲା। ପୀଡ଼ିତାଙ୍କ ବାପାଙ୍କ ମନ୍ତବ୍ୟ ଅନୁଯାୟୀ, ଗତ କାଲି ଏହି ଘଟଣା ଘଟିବା ପରେ, ସେ ସ୍ଥାନୀୟ ପୋଲିସ ଥାନାକୁ ସୂଚନା ଦେଇଥିଲେ। କିନ୍ତୁ, ସେ ସୂଚନା ଦେବାର ଚାରି ଘଣ୍ଟା ପରେ ପୋଲିସ ତାଙ୍କ ଘରେ ପହଞ୍ଚି ଥିଲା। ବିଧାୟକ ଧ୍ରୁବ ଚରଣ ସାହୁ କହିଥିଲେ, ଘଟଣାଟି ତାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଠିଆପଡା ଗ୍ରାମରେ ଘଟିଥିବାରୁ ସେ ଗତ କାଲି ଘଟଣାସ୍ଥଳକୁ ଯାଇଥିଲେ। ପୀଡିତାଙ୍କ ବାପାଙ୍କ ଅନୁଯାୟୀ, ପ୍ରାୟ ଛଅ ମାସ ତଳେ ସେ ଝିଅକୁ ବ୍ଲାକମେଲ କରୁଥିବା ଯୁବକ ବିଷୟରେ ଅଭିଯୋଗ କରିବା ପାଇଁ ସ୍ଥାନୀୟ ଥାନାକୁ ଯାଇଥିଲେ। ପୋଲିସ ଅଧିକାରୀ ତାଙ୍କୁ ଯୁବକ ଜଣଙ୍କର ନମ୍ବରକୁ ବ୍ଲକ କରିବା ସହିତ ସେ ପଠାଇଥିବା ନ୍ୟୁଡ଼ ଫଟୋକୁ ଡିଲିଟ କରିବାକୁ ଉପଦେଶ ଦେଇ ଥାନାରୁ ବିଦା କରି ଦେଇଥିଲେ। ପରବର୍ତ୍ତୀ ସମୟରେ, ସେହି ଯୁବକର ଦୌରାତ୍ମ୍ୟ ଆହୁରି ବୃଦ୍ଧି ପାଇଥିଲା, ଯାହା ଯୋଗୁ ଝିଅ ଏଭଳି ଚରମ ନିଷ୍ପତ୍ତି ନେଇଥିଲା। ଏଭଳି ସମ୍ବେଦନଶୀଳ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନନେବା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି। ତେଣୁ ଏହି ଘଟଣାର ତଦନ୍ତ ଭାର ରାଜ୍ୟ ସରକାର ତୁରନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ବୋଲି ଶ୍ରୀ ସାହୁ କହିଥିଲେ।

### ନାବାଳିକାଙ୍କୁ ଉଦ୍ଧାର ପାଇଁ ଟଙ୍କା ମାଗିବା ମାମଲା
## ଭଦ୍ରକ ଏସପିଙ୍କୁ ବ୍ୟକ୍ତିଗତ ହାଜର ପାଇଁ ନିର୍ଦ୍ଦେଶ

କଟକ(ଭାସ୍କର ନ୍ୟୁଜ): ଅପହୃତା ନାବାଳିକାଙ୍କୁ ଉଦ୍ଧାର ପାଇଁ ପୀଡ଼ିତାଙ୍କ ବାପାଙ୍କ ନିକଟରୁ ପୋଲିସ ଅଧିକାରୀ ଅର୍ଥ ମାଗିବା ଅଭିଯୋଗକୁ ହାଇକୋର୍ଟ ଗୁରୁତର ସହିତ ଗ୍ରହଣ କରିଛନ୍ତି । ହାଇକୋର୍ଟ ଏହି ମାମଲାରେ ଭଦ୍ରକ ଏସ୍‌ଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଆଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣିରେ ଭଦ୍ରକ ଏସ୍‌ପିଙ୍କ ସମେତ ଧାମନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଅପହୃତା ନାବାଳିକାଙ୍କ ବାପାଙ୍କ ପକ୍ଷରୁ ଦାୟାର ହେବିୟସ କର୍ପସ ପିଟିସନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଶୁଣାଣିବେଳେ ଅଦାଲତ ଦର୍ଶାଇଥିଲେ ଯଦି ଆବେଦନକାରୀଙ୍କ ଏପରି ଅଭିଯୋଗରେ ସତ୍ୟତା ଥାଏ ତେବେ ଏହା ପୋଲିସ ପ୍ରଶାସନ ଉପରେ କଳଙ୍କ ଲଗାଉଛି । ପ୍ରକାଶ ଯେ, ଜୁନ ୨୫ରେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ବେଳେ ଆବେଦନକାରୀଙ୍କ ତରଫରୁ ଏ ନେଇ ଧାମନଗର ଥାନାରେ ଏତଲା ଦିଆଯାଇଥିଲା । ନାବାଳିକାଙ୍କୁ ଉଦ୍ଧାର ପାଇଁ ପୋଲିସ ଗ୍ରହଣ କରୁଥିବା ପଦକ୍ଷେପ ସନ୍ତୋଷଜନକ ନହେବାରୁ ଆବେଦନକାରୀ ହାଇକୋର୍ଟରେ ହେବିୟସ କର୍ପସ ପିଟିସନ ଦାୟାର କରିଥିଲେ ।

## ମୋକିମ୍ ଫାଉଣ୍ଡେସନ ପକ୍ଷରୁ ସ୍ତନ୍ୟପାନ ସପ୍ତାହ ପାଳିତ




କଟକ(ଭାସ୍କର ନ୍ୟୁଜ): ମୋକିମ ଫାଉଣ୍ଡେସନ, କଟକ ପକ୍ଷରୁ ସ୍ତନ୍ୟପାନ ସପ୍ତାହ ଓଡ଼ିଆ ବଜାରସ୍ଥିତ ଉର୍ଦ୍ଦୁ ଗାର୍ଲସ ହାଇସ୍କୁଲରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ବାରବାଟୀ କଟକର ପୂର୍ବତନ ବିଧାୟକ ଇଂ ମହମଦ ମୋକିମଙ୍କ ତତ୍ୱାବଧାନରେ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ବିବି ମରୟମଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାକୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନୟୀମା ତାଜ୍ୱୀମଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବେଳେ ବାରବାଟୀ କଟକର ବିଧାୟିକା ଇଂ ସୋଫିଆ ଫିର୍ଦୋଷ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ତନ୍ୟପାନ ଉପକାରିତା ଉପରେ ଆଲୋଚନା କରିଥିଲେ। ଆଫରୋଜ ବେଗମ, ଅଙ୍ଗନାୱାଡି ସୁପର ଭାଇଜର ମଧୁଲିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ତନ୍ୟପାନ ନକରିବା ଦ୍ୱାରା ହେଉଥିବା ରୋଗଉପରେ ଆଲୋକପାତ କରାଇଥିଲେ । ଡାକ୍ତର ନୟୀମା ତାଜ୍ୱୀମ ସ୍ତନ୍ୟଜନିତ ରୋଗ ଓ ତାର ନିରାକରଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ନବଜାତ ଶିଶୁମାନଙ୍କୁ କେମିତି ସ୍ତନ୍ୟପାନ କରାଯିବ ତାହାର କୌଶଳ ଶତାଧିକ ନବ ମାତୃତ୍ୱ ଲାଭ କରିଥିବା ମା' ଓ ମହିଳାଙ୍କୁ ଶିଖାଇବା ସହ ସ୍ତନ୍ୟପାନ ଜନିତ ସ୍ୱଚ୍ଛତା ଉପରେ ସଚେତନତା କରିଇଥିଲେ। ଶିକ୍ଷୟତ୍ରୀ ଫରଜ୍ନାନା ଆବିଦ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷୟତ୍ରୀ ଜକିଆ ବାନୁ ସ୍ୱାଗତ ଅଭିଭାଷଣ ଦେଇଥିଲେ । ସତ୍ୟରଞ୍ଜନ କରଙ୍କ ସଂଯୋଜନାରେ ସଭା ପରିଚାଳନା ହୋଇଥିବା ବେଳେ ପ୍ରିୟଙ୍କା ପାଢ଼ୀ, ଶକିଲ ଖାନ, ରୌପ୍ୟ ରନ ମହାପାତ୍ରଙ୍କ ସହ ବହୁ ଅଙ୍ଗନବାଡି କର୍ମୀ ଓ ଆଶା ଦିଦିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଶିକ୍ଷୟତ୍ରୀ ପରବୀନ ବେଗମ୍ ଧନ୍ୟବାଦ ଦେଇଥିଲେ ।

## ୟୁନିଟ୍ ୪ ଆମିଷ ବଜାର ପରିଦର୍ଶନ କଲେ ମେୟର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୁରୁବାର ପୂର୍ବାହ୍ନରେ ମେୟର ସୁଲୋଚନା ଦାସ ଏବଂ ସ୍ଥାନୀୟ କର୍ପୋରେଟର ଅଲିଅଲି ମଲିକ ୟୁନିଟ୍ ୪ର ସ୍ଥାନୀୟ ଆମିଷ ବଜାର ପରିଦର୍ଶନ କରିଛନ୍ତି । ପରିମଳ ଏବଂ ଶୃଙ୍ଖଳିତ ବଜାର ଆଚରଣକୁ ଭିତ୍ତିକରି ମେୟରଙ୍କ ୟୁନିଟ୍ ୪ ଆମିଷ ବଜାର ପରିଦର୍ଶନରେ ସାଧାରଣ ଜବରଦଖଲ, ପରିଚ୍ଛନ୍ନତା ଅଭ୍ୟାସ, ବଜାର ନକ୍ସା ଓ ନାଗରିକଙ୍କ ସୁବିଧା ଇତ୍ୟାଦି କିପରି ସରଳ ହୋଇପାରିବ ତାହା ବୁଲି ଦେଖିଛନ୍ତି । ସମସ୍ତେ ଗୋଟିଏ ନିୟମ, ଗୋଟିଏ ଢଙ୍ଗରେ ଦୋକାନ କରିବା, ପିଣ୍ଡି ଇତ୍ୟାଦିର ପରିଚ୍ଛନ୍ନତା, ଅତ୍ୟଧିକ ସ୍ଥାନ ଅକ୍ତିଆର ନ କରିବା ଇତ୍ୟାଦିକୁ ଧ୍ୟାନ ଦିଆଯିବ ବୋଲି ସୂଚନା ଦେଇଛନ୍ତି ମେୟର । ବ୍ୟବସାୟିକ ପରିବେଶ ଭଲ ରହିଲେ ସହରର ସ୍ୱଚ୍ଛତା ମୂଲ୍ୟବୋଧ ଅଧିକ ଗୁଣାତ୍ମକ ହେବ ବୋଲି ସେ କହିଥିଲେ । ଡେପୁଟି କମିଶନର ରୁବୀ ବେହେରା ହାଟର ବିଭିନ୍ନ ଅଞ୍ଚଳ ବୁଲାଇ ଦେଖାଇଥିଲେ ଏବଂ ଚିହ୍ନଟ ସ୍ଥାନରେ କିପରି ଶୌଚାଳୟ ଇତ୍ୟାଦି ହୋଇପାରିବ ସେ ବାବଦରେ ଆଲୋଚନା କରିଥିଲେ ।

# ବିଏମ୍‌ସିର ସମସ୍ତ ୱାର୍ଡରେ ଡ୍ରାଏ ଡେ' ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଜାରି ରହିଛି 'ଡ୍ରାଏ ଡେ' ପାଳନ ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ । ବିଏମ୍‌ସି ପକ୍ଷରୁ ୩ଟି ଜୋନର ୬୭ୱାର୍ଡରେ 'ଡ୍ରାଏ ଡେ' ପାଳିତ ହୋଇଯାଇଛି । ବିଏମ୍‌ସି ସ୍ୱାସ୍ଥ୍ୟକର୍ମୀମାନେ ଲୋକମାନଙ୍କୁ ସଚେତନ କରାଇବା ସହ ଘରେ, ଛାତ ଉପରେ କିମ୍ବା ଆଖପାଖରେ ଜମି ରହୁଥିବା ପାଣି ନିଷ୍କାସନ କରିବା, ମଶା ବଂଶବୃଦ୍ଧି ଉତ୍ସଗୁଡିକୁ ଧ୍ୱଂସ କରିବା ଏବଂ ମଶାରୀ ଟାଣି ଶୋଇବାକୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ସ୍ଥାନରେ ମଶା ତେଲ ସିଚନ, ଘାସ କାଟିବା ଆଦି ଆଣ୍ଟି ଲାର୍ଭା କାର୍ଯ୍ୟ ମଧ୍ୟ କରାଯାଇଛି । ଘାସ କାଟିବା, ମଶା ତେଲ ସିଚନ କରିବା ଆଦି କାର୍ଯ୍ୟରେ ୧୫୦ ଜଣ କର୍ମଚାରୀଙ୍କ ସହ ୭୦ ଜଣ ଆଉଟ ସୋର୍ସିଂ କର୍ମୀଙ୍କୁ ସାମିଲ କରାଯାଇଛି । ୩୦ ଜଣ ଡେଙ୍ଗୁ ସ୍ୱେଚ୍ଛାସେବୀ ଘର ଘର ବୁଲି ଲୋକମାନଙ୍କୁ ସଚେତନ କରାଉଛନ୍ତି । ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମଧ ଡେଙ୍ଗୁ ସଚେତନତା ସୃଷ୍ଟି କରାଯାଉଛି । ଏହା ବ୍ୟତୀତ ୩୦ ଜଣ ଡେଙ୍ଗୁ ସ୍ୱେଚ୍ଛାସେବୀ ଘରକୁ ଘର ବୁଲି ଲୋକମାନଙ୍କୁ ଡେଙ୍ଗୁରୋଗର ସମ୍ବେଦନଶୀଳତା ଏବଂ ମଶା ବଂଶ ବୃଦ୍ଧି ସଂପର୍କରେ ସଚେତନ କରାଉଛନ୍ତି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ମୋଟ ୧୪ ହଜାର ୫୨୮ଟି ରକ୍ତ ନମୂନା ପରୀକ୍ଷା କରାଯାଇଛି । ସେଥିରୁ ୨୧୫ଟି ପଜେଟିଭ ଚିହ୍ନଟ ହୋଇଛି । ମୋଟ ୩୪ ହଜାର ୫୫୭ଟି ମଶା ଅଣ୍ଡା ଦେବା ସ୍ଥାନ ନଷ୍ଟ କରାଯାଇଛି । ସେହିପରି ୧ ଲକ୍ଷ, ୨୫ ହଜାର ୨୧୮ଟି ଆଣ୍ଟି ଲାର୍ଭାସ୍ଥାନକୁ ଧ୍ୱଂସ କରାଯାଇଛି । ବିଭିନ୍ନ ସ୍ଥାନରେ ପଡିଥିବା ୧୨୩ ଟ୍ରିପ୍ ଟାୟାର ସ୍ଥାନାନ୍ତର କରାଯାଇଛି । ୧ ଲକ୍ଷ ୫୩ ହାଜର ୧୩୦ ଜଣଙ୍କ ଘର ବୁଲି ସେମାନଙ୍କୁ ସଚେତନ କରାଯାଇଛି । ୧୫୪ ବିଦ୍ୟାଳୟ ଓ ମହାବିଦ୍ୟାଳର ଛାତ୍ରଛାତ୍ରୀଙ୍କୁ ଡେଙ୍ଗୁ ସଂପର୍କରେ ସଚେତନ କରାଯାଇଛି । ବିଏମ୍ ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯିବା ଫଳରେ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବହୁ କମ୍ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି । ଗତ ବର୍ଷ ଅଗଷ୍ଟ ୭ ତାରିଖ ସୁଦ୍ଧା ୩ ଶହରୁ ଅଧିକ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିଲେ। ମାତ୍ର ଚଳିତ ବର୍ଷ ୨୧୮ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

CKA Birla Group orient electric

## ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍

ସିଆଇଏନ୍: ଏଲ୍୩୧୧୦୦ଓଆର୍୨୦୧୬ପିଏଲ୍‌ସି୦୨୫୮୯୨
ପଞ୍ଜିକୃତ କାର୍ଯ୍ୟାଳୟ: ୟୁନିଟ୍-୮, ପ୍ଲଟ୍ ନଂ.୭, ଭୋଇନଗର, ଭୁବନେଶ୍ୱର-୭୫୧୦୧୨
କର୍ପୋରେଟ୍ ଅଫିସ: ୨୪୦, ଓଖଲା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଫେଜ୍-୩, ନୂଆଦିଲ୍ଲୀ-୧୧୦୦୨୦
ଟେଲିଫୋନ୍: ୦୧୧-୪୦୫୦୭୦୦୦
ଇମେଲ୍ : investor@orientelectric.com, ୱେବସାଇଟ୍ : www.orientelectric.com

**ସୂଚନା**

**ଭୌତିକ ସେୟାରର ସ୍ଥାନାନ୍ତର ଅନୁରୋଧ ପାଇଁ ପୁନଃନିର୍ମାଣ ପାଇଁ ସ୍ୱତନ୍ତ୍ର ୱିଣ୍ଡୋ**

ସେବି ସର୍କୁଲାର ନଂ.ସେବି/ଏଚ୍‌ଓ/ଏମ୍‌ଆଇଆର୍‌ଏସ୍‌ଡି/ଏମ୍‌ଆଇଆର୍‌ଏସ୍‌ଡି-ପିଓଡି/ସିଆଇଆର/ ୨୦୨୫/୯୭ ତାରିଖ. ୦୨ ଜୁଲାଇ, ୨୦୨୫ ଅନୁଯାୟୀ, ସମସ୍ତ ସେୟାର ହୋଲ୍ଡରମାନଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ଭୌତିକ ସେୟାରର ସ୍ଥାନାନ୍ତର ଅନୁରୋଧ ପୁନଃନିର୍ମାଣ କରିବା ପାଇଁ ୦୭ ଜୁଲାଇ, ୨୦୨୫ରୁ ୦୬ ଜାନୁଆରୀ, ୨୦୨୬ ପର୍ଯ୍ୟନ୍ତ ଛଅ ମାସ ପାଇଁ ଏକ ସ୍ୱତନ୍ତ୍ର ୱିଣ୍ଡୋ ଖୋଲାଯାଉଛି। ଉପରୋକ୍ତ ସ୍ୱତନ୍ତ୍ର ୱିଣ୍ଡୋ ଏପରି ସ୍ଥାନାନ୍ତର ଅନୁରୋଧ ମାମଲା ପାଇଁ ସ୍ୱତନ୍ତ୍ର ଭାବରେ ଖୋଲା ଅଛି ଯାହା ୦୧ ଏପ୍ରିଲ, ୨୦୧୯ର ଶେଷ ତାରିଖ ପୂର୍ବରୁ ଦାଖଲ କରାଯାଇଥିଲା ଏବଂ ଡକ୍ୟୁମେଣ୍ଟେସନ୍‌ରେ ଅଭାବ ଯୋଗୁଁ ପ୍ରତ୍ୟାଖ୍ୟାନ କରାଯାଇଥିଲା / ଫେରସ୍ତ କରାଯାଇଥିଲା / ଉପସ୍ଥିତ ନଥିଲା କିମ୍ବା ଅନ୍ୟ କୌଣସି କାରଣରୁ ପ୍ରକ୍ରିୟାକରଣ କରାଯାଇନଥିଲା। ସ୍ଥାନାନ୍ତର ପାଇଁ ପୁନଃନିର୍ମାଣ କରାଯାଇଥିବା ସେୟାରଗୁଡ଼ିକ ଏହି ୱିଣ୍ଡୋ ସମୟରେ କେବଳ ଡିମାଟେରିଆଲାଇଜ୍ଡ ଫର୍ମରେ ପ୍ରକ୍ରିୟାକରଣ କରାଯିବ। ଯୋଗ୍ୟ ସେୟାର ହୋଲ୍ଡରମାନେ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ ସେମାନଙ୍କର ସ୍ଥାନାନ୍ତର ଅନୁରୋଧ କମ୍ପାନୀର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ (ଆର୍‌ଟିଏ)ଙ୍କୁ ମେସର୍ସ କେଫିନ୍ ଟେକ୍ନୋଲୋଜିଜ୍ ଲିମିଟେଡ୍, ସେଲେନିୟମ୍ ବିଲ୍ଡିଂ, ଟାୱାର-ବି, ପ୍ଲଟ୍ ନମ୍ବର ୩୧ ଏବଂ ୩୨, ଫାଇନାନ୍ସିଆଲ୍ ଜିଲ୍ଲା, ନାନକରାମଗୁଡ଼ା, ସେରିଲିଙ୍ଗମପାଲି, ହାଇଦ୍ରାବାଦ, ରଙ୍ଗାରେଡ୍ଡି, ତେଲେଙ୍ଗାନା, ଭାରତ - ୫୦୦୦୩୨ (ଟେଲିଫୋନ୍ ନମ୍ବର: ୧୮୦୦-୩୦୯-୪୦୦୧)ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରିପାରିବେ। ସମସ୍ତ ସେୟାର ହୋଲ୍ଡରମାନଙ୍କୁ କମ୍ପାନୀ/ଆର୍‌ଟିଏ/ଡିପୋଜିଟୋରୀ ଅଂଶଗ୍ରହଣକାରୀଙ୍କ ସହିତ ସେମାନଙ୍କର ଇ-ମେଲ୍ ଆଇଡି (ଗୁଡ଼ିକ) ଅପଡେଟ୍ କରିବାକୁ ଅନୁରୋଧ କରାଯାଇଛି।

ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ ପାଇଁ
ସ୍ୱା/-
ଦୀକ୍ଷା ସିଂ
କମ୍ପାନୀ ସେକ୍ରେଟାରୀ
(ଆଇସିଏସ୍‌ଆଇ ମେମ୍ବରସିପ୍ ନଂ. ଏ୪୪୯୯୯

ନୂଆଦିଲ୍ଲୀ
ତାରିଖ : ଅଗଷ୍ଟ ୦୭.୨୦୨୫

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



# ଦେଶର ଉତ୍ତରରେ ଜଳପ୍ରଳୟ

## ଭବିଷ୍ୟତ ପାଇଁ ସତର୍କତା ଲୋଡ଼ା

ଭାରତର ଅନେକ ରାଜ୍ୟରେ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବାହରେ ସାମୟିକ ବିରତି ଘଟିଥିବା ବେଳେ ଉତ୍ତରରେ ହିମାଳୟ ପାର୍ବତ୍ୟାଞ୍ଚଳ ରାଜ୍ୟଗୁଡ଼ିକରେ ବାଦଲଫଟା ବର୍ଷା ମହାପ୍ରଳୟ ରଚିଥିବାର ଲୋମ ଟାଙ୍କୁରା ଖବର ହସ୍ତଗତ ହୋଇଛି। ବିଶେଷ କରି ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ଭୟଙ୍କର ବର୍ଷା ଓ ବନ୍ୟା ଯୋଗୁଁ ନାହିଁ ନଥିବା କ୍ଷତି ଘଟିବା ସଙ୍ଗେ ସଙ୍ଗେ ଅନେକ ଜୀବନହାନୀ ଘଟିଛି। ଏହି ଦୁଇ ରାଜ୍ୟରେ ଦେଶର ଅନେକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଓ ଆଧାତ୍ମିକ ପୀଠ ଅବସ୍ଥିତ ଥିବାରୁ ବିଭିନ୍ନ ରାଜ୍ୟରୁ ବହୁ ପର୍ଯ୍ୟଟକ ଏବଂ ଧର୍ମାଳୁ ବ୍ୟକ୍ତି ଭ୍ରମଣ ଉଦ୍ଦେଶ୍ୟରେ ଆସିଥାନ୍ତି। ମାତ୍ର ଅଚାନକ ବାଦଲଫଟା ବର୍ଷା ଯୋଗୁଁ ସେମାନଙ୍କ ଦୁର୍ଦ୍ଦଶା ଚରମ ସୀମାରେ ପହଞ୍ଚିବା ସହିତ ଅନେକ ପର୍ଯ୍ୟଟକ ନିଖୋଜ ହୋଇଛନ୍ତି। ପ୍ରଖର ଜଳସ୍ରୋତରେ ସେମାନେ ନିଖୋଜ ଥିବାର କୁହାଯାଉଥିଲେ ହେଁ ବଞ୍ଚିବାର ସମ୍ଭାବନା ଯେ କ୍ଷୀଣ, ଏଥିରେ ସନ୍ଦେହ ନାହିଁ। ବାଦଲଫଟା ବର୍ଷାର ସବୁଠାରୁ ଉଗ୍ରରୂପ ଦେଖିବାକୁ ମିଳିଛି ଉତ୍ତରାଖଣ୍ଡ ରାଜ୍ୟର ଉତ୍ତରକାଶୀ ଜିଲ୍ଲାରେ, ଯେଉଁଠି ଭୂସ୍ଖଳନରେ ଏବେ ବି ଶତାଧିକ ଲୋକ ନିଖୋଜ ଅଛନ୍ତି। ଏଯାବତ୍ ୫ଟି ମୃତଦେହ ଉଦ୍ଧାର କରାଯାଇଛି। ଧ୍ୱଂସାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ଠାବ କରିବା ପାଇଁ ଭାରତୀୟ ସେନା, ପୋଲିସ, ଆଇଟିବିପି ଯବାନ୍ ବ୍ୟାପକ ଅଭିଯାନ ଚଳାଇ ରଖିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ସେ ସବୁ ଅଞ୍ଚଳରେ ବର୍ଷା ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ବର୍ଷା ଓ ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ଧରାଲି ଗ୍ରାମର ସ୍ଥିତି ଆକାଶ ମାର୍ଗରୁ ଅନୁଧ୍ୟାନ କରିବା ସହ ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ଏହିସବୁ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଦୁଇଥର ବାଦଲଫଟା ବର୍ଷା ହୋଇ ଅଚାନକ ବନ୍ୟା ମାଡ଼ି ଆସିଥିଲା ଓ ଆଖି ପିଛୁଳାକେ ସବୁକିଛି ଭାସିଗଲା। ଏଠାରେ ପ୍ରାୟ ୨୦ରୁ ୨୪ଟି ହୋଟେଲ ଓ ଅତିଥି ଭବନ ମୁହୂର୍ତ୍ତକ ମଧ୍ୟରେ ଭାସି ଯାଇଥିଲା। ଉତ୍ତରକାଶୀର ହର୍ସିଲରେ ଅଚାନକ ବନ୍ୟାରେ ୧୧ଜଣ ସେନାବାହିନୀ ଯବାନ୍ ନିଖୋଜ ହୋଇଥିବା ବେଳେ ସେମାନଙ୍କୁ ଠାବ କରିବାକୁ ଉଦ୍ୟମ ଜାରି ରହିଛି। ସନ୍ଧାନୀ କୁକୁରଙ୍କୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି। କେରଳରୁ ଯାଇଥିବା ୨୮ଜଣ ପର୍ଯ୍ୟଟକ ମଧ୍ୟ ଏଯାଏଁ ନିଖୋଜ ଥିବାରୁ ସେମାନଙ୍କୁ ଖୋଜିବା କାର୍ଯ୍ୟ ଚାଲୁ ରହିଛି। ମଙ୍ଗଳବାର ସକାଳେ ସେମାନେ ଉତ୍ତରକାଶୀରୁ ବାହାରି ଗଙ୍ଗୋତ୍ରୀ ଅଭିମୁଖେ ଯାଉଥିବା ବେଳେ ବାଟରେ ହଠାତ୍ ବାଦଲଫଟା ବର୍ଷା ଆରମ୍ଭ ହୋଇଗଲା। ଫଳରେ ଭୂସ୍ଖଳନ ଯୋଗୁଁ ରାସ୍ତାରେ ସେମାନେ କେଉଁଠାରେ ଅଟକିଗଲେ ବା କ'ଣ କ୍ଷତି ଘଟିଲା ତାହା ଜାଣିବା କଷ୍ଟକର ହୋଇପଡିଛି। ଅନ୍ୟପକ୍ଷରେ ହିମାଚଳ ପ୍ରଦେଶରେ ମଧ୍ୟ ବାଦଲଫଟା ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନ ଖଣ୍ଡପ୍ରଳୟ ଘଟାଇଛି। ଦୁଇଟି ଅସ୍ଥାୟୀ ସେତୁ ଭାସିଯାଇଥିବାରୁ କୈଳାସ ଟ୍ରେକ୍ ମାର୍ଗରେ ଫସି ରହିଥିବା ୪୦୦ରୁ ଅଧିକ ତୀର୍ଥଯାତ୍ରୀଙ୍କୁ କୌଣସି ମତେ ଉଦ୍ଧାର କରାଯାଇଛି। ଉତ୍ତରାଖଣ୍ଡରେ ମଙ୍ଗଳବାର ହୋଇଥିବା ଜଳପ୍ରଳୟର କାରଣ ବାଦଲଫଟା ବର୍ଷା ବୋଲି କୁହାଯାଉଥିଲେ ହେଁ ଅନ୍ୟ କେତେକ ପାଣିପାଗ ବିଶେଷଜ୍ଞ ଏଥିନେଇ ଭିନ୍ନମତ ପୋଷଣ କରିଛନ୍ତି। ହିମସ୍ଖଳନ ବା ହିମ ହ୍ରଦ ଫାଟିବା କାରଣରୁ ଏହା ହୋଇପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। କାରଣ ସେଦିନ ସେହିସବୁ ଅଞ୍ଚଳରେ ବର୍ଷା ପରିମାଣ ମାତ୍ର ୨୭ ମିଲିମିଟର ଥିବା ସ୍ଥଳେ ଏଭଳି ଭୟଙ୍କର ସ୍ଥିତି କିଭଳି ସୃଷ୍ଟି ହେଲା, ତାହା ହିଁ ସନ୍ଦେହ ଉଦ୍ରେକ କରୁଛି। ତେବେ ଭବିଷ୍ୟତରେ ବାରମ୍ବାର ଏଭଳି ଅଘଟଣ ଯେ ନହେବ, କେହି ତାହାର ଗ୍ୟାରେଣ୍ଟି ଦେଇପାରିବେ ନାହିଁ। ସେହି ଦୃଷ୍ଟିରୁ ସରକାର ଓ ଭୂବିଜ୍ଞାନୀ ଏବେଠାରୁ ସୁଚିନ୍ତିତ ରଣନୀତି ଆପଣେଇବା ବିଜ୍ଞତାର କାର୍ଯ୍ୟ ହେବ।

# ନାରୀ : ଏ ନବମାନବ ସମାଜର ତରବାରୀ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩

ବାସ୍ତବରେ ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ଅଧିକ ବୁଦ୍ଧିମତୀ, ସାହସୀ, ସଚ୍ଚୋଟ, ଧୈର୍ଯ୍ୟଶୀଳା, ଶକ୍ତିଶାଳିନୀ, ସୁକୁଶଳା ଏବଂ ସ୍ୱାଭିମାନିନୀ। ବରଂ ନାରୀକୁଳକୁ ଦୁର୍ବଳ କରି ରଖିବା ଦ୍ୱାରା ଭାରତବର୍ଷର ପୁରୁଷ ଆଜି ଖୋଦ୍ ଶକ୍ତିହରା। ନାରୀଜୀବନ ଏବେ ମଧ୍ୟ ପୁରୁଷର ପଣ୍ୟଶାଳାରେ ପଣବନ୍ଦିନୀ। ନାରୀଜାଗୃତିର ଦିନ ଏବେ ମଧ୍ୟ ଅପହଞ୍ଚ। ବହୁକାଳରୁ ଆଜି ପର୍ଯ୍ୟନ୍ତ ନାରୀଜାତିକୁ ପୁରୁଷପ୍ରଧାନ ସମାଜ ପଦଦଳିତ କରିରଖିଛନ୍ତି। ଆଦିମ କାଳରେ ନାରୀପ୍ରଧାନ ସମାଜ ଥିଲା। ସମୟକ୍ରମେ ସବୁ ବଦଳିଗଲା।

ବିଦେଶୀ ଶତ୍ରୁଙ୍କୁ ଆମେ ଚିହ୍ନିପାରିବା-ଦେଖିପାରିବା। କିନ୍ତୁ ଦେଶୀ ଶତ୍ରୁ ଅଦେଖା-ପଣପଣ। ତାଙ୍କ ବିରୋଧରେ ଏ ପର୍ଯ୍ୟନ୍ତ ଯୁଦ୍ଧଘୋଷଣା ହେଉନି। ଯେତେଦିନ ପର୍ଯ୍ୟନ୍ତ ଦେଶୀ ଶତ୍ରୁମାନେ ଗାଁ ଗଣ୍ଡା, ସହର ବଜାର, ଖଣିଖାଦାନ, ପାହାଡ଼, ଜଙ୍ଗଲ ରାଜଧାନୀରେ ଖୁଲମ୍‌ଖୁଲା ବୁଲୁଥିବେ- ସେ ପର୍ଯ୍ୟନ୍ତ ଦେଶ ଅସୁରକ୍ଷିତ। ମୋର ଏଠାରେ କହିରଖିବା ଦରକାର ଯେ ଏ କ୍ଷେତ୍ରରେ ଦେଶର ନାରୀ ହିଁ ଏହି ଦେଶୀ ଶତ୍ରୁମାନଙ୍କ ମୁଖା ଖସାଇ ଦେବାରେ ସବୁଠୁ ବଡ଼ ପଦକ୍ଷେପ ନେଇପାରିବେ। କିପରି ? ହଁ, ଗୃହିଣୀମାନେ ଯଦି ସ୍ୱାମୀ ଦୁର୍ନୀତିଗ୍ରସ୍ତ ବୋଲି ଜାଣିପାରନ୍ତି, ତା'ହେଲେ ତାଙ୍କ ପାପଧନରେ ନିଜକୁ ରାଣୀ ରୂପରେ ସଜାଇବାର ସୌଖୀନ୍ ମୋହ ଛାଡ଼ି, ସେମାନଙ୍କୁ ଗୃହର ତ୍ରିସୀମା ବାହାରେ ତର୍ଜନୀ ସଂକେତ ଦ୍ୱାରା ରାସ୍ତା ଦେଖାଇ ଦିଅନ୍ତୁ। ଭଉଣୀମାନେ ଅସଦାଚାରୀ ଭାଇମାନଙ୍କୁ ମାମୁଘରକୁ ପଠାଇବାର ମିଳିତ ବନ୍ଦୋବସ୍ତ କରନ୍ତୁ। ଝିଅମାନେ ଉପୁରିପଇସାରେ ଜୋଇଁପୁଅ କିଣିବାକୁ ଯୋଜନା କରୁଥିବା ବାପାମାନଙ୍କୁ ନିଜ ନିଜର ବାହାଘର ବେଦୀସଜା ପାଇଁ ବାରଣ କରନ୍ତୁ। ମାଆମାନେ କୁଳାଙ୍ଗାର ପୁଅମାନଙ୍କୁ ମୁହଁ ନଦେଖାଇବାର କଠୋର ଆଦେଶ ଶୁଣାଇ ଦିଅନ୍ତୁ। ଦେଖିବା କେମିତି ନବମାନବ ସମାଜର ନିଅଁଖୋଲା ନହେବ ?

ସମାଜରେ ନାରୀମାନଙ୍କୁ ଯେଭଳି ସମ୍ମାନ ଦେବା କଥା - ତାହା ଦିଆଯାଉନି। ବରଂ ନାରୀମାନଙ୍କ ଶରୀର-ସୌନ୍ଦର୍ଯ୍ୟକୁ ନେଇ ଫୁଙ୍ଗୁଳା ଫେସନ୍ ଶୋ ଠାରୁ ଆରମ୍ଭ କରି ବିସ୍ତୃତତର ବିଜ୍ଞାପନୀ ବଜାରରେ ହଜାରେ ବେପାର କରାଯାଉଛି। ଯୌବନକୁ ନେଇ ଖେଳ ଖେଳାଯାଉଛି। ଶିଶୁକନ୍ୟା ଠାରୁ ଆରମ୍ଭ କରି ବର୍ଷୀୟସୀ ନାରୀ, ଏପରିକି ବୃଦ୍ଧା ପର୍ଯ୍ୟନ୍ତ ପାଶବିକ ଅତ୍ୟାଚାରର ଜଘନ୍ୟ ଶିକାର ହୋଇଥିବାର ଖବର ବାଣ୍ଟୁଛି ଗଣମାଧ୍ୟମ। ଘୃଣ୍ୟବିକୃତି ପାଇଛି ପୂର୍ଣ୍ଣସ୍ୱୀକୃତି। ନାରୀ ପ୍ରତି ଅଶାଳୀନତା, ଅବିବେକିତା, ଅସହିଷ୍ଣୁତାର ସ୍ତୂପୀକୃତ ଔଦ୍ଧତ୍ୟ ବର୍ତ୍ତମାନ ହିମାଳୟ ପର୍ବତଶୃଙ୍ଗ ଏଭରେଷ୍ଟ ଉଚ୍ଚତାକୁ ସୁଦ୍ଧା ଟପି ସାରିଲାଣି। ସ୍କୁଲକଲେଜ, ସହରବଜାର, ଅଫିସଦପ୍ତର ସବୁଠି ନାରୀମାନଙ୍କ ପ୍ରତି ଅବମାନନା, ଅସଦାଚାରଣ ସୀମାଲଙ୍ଘନ କରିବାରେ ଲାଗିଛି। କିଛି କ୍ଷେତ୍ରରେ ଅବଶ୍ୟ ନାରୀସମାଜ ମୁକାବିଲା କରୁଛି - ମାତ୍ର ତାହାର ନମୁନା ନଗଣ୍ୟ। ଗଣଦୁଷ୍କର୍ମ ଦିନକୁ ଦିନ ବଢିଚାଲିଛି। ଦିନେକାଳେ ଦେଖା ଦେଇନଥିବା ଆମର ନେତାମାନେ, ଦଳମାନେ, ସଂଗଠନମାନେ, ବଡ଼ପଣ୍ଡାମାନେ ନାରୀଙ୍କ ପ୍ରତି କେଉଁଠି କ'ଣ ଅଘଟଣ ଘଟିଗଲେ - ରାସ୍ତାଜାମ୍ କରିଦିଅନ୍ତି। ଟି.ଭି, ଖବରକାଗଜରେ ଆପଣାର ବଚନ ବଖାଣି ବଦନ ଦେଖାନ୍ତି। କିନ୍ତୁ ନାରୀମୁକ୍ତିର ଅସଲ ଆନ୍ଦୋଳନ ଲୁଚିଯାଇଛି। ସବୁ ନାରୀ ମୁକ୍ତ ବୋଲି ଯେଉଁଦିନ ଜାଣିପାରିବେ, ସେଦିନ ନାରୀଶକ୍ତି ହିଁ ସାରା ପୃଥିବୀରେ ରାଜୁତି କରିବ। ଯୁଗଯୁଗ ଧରି ନାରୀ ଆପଣାକୁ ଆମ ସାମାଜିକ ପ୍ରଥାର ପିଞ୍ଜରାରେ 'ବନ୍ଦିନୀ' ଭାବେ ଗ୍ରହଣ କରିନେଇ ଗୋଟିଏ ବାଧ୍ୟତାମୂଳକ ଜୀବନ ବିତାଇ ଚାଲିଥିବାରୁ ସେମାନଙ୍କୁ ପୁରୁଷଜାତି ଦୁର୍ବଳ ବୋଲି ଧରିନେଇ ଅଧିକାର ଜାହିର୍ କରିଚାଲିଛି। ମନ୍ଦିରରେ ଦେବଦାସୀ ଆଉ ଗୃହାଙ୍ଗନରେ ସେବାଦାସୀ ହେବାଟା କ'ଣ ଭାରତୀୟ ନାରୀର ଧର୍ମାନୁମୋଦିତ ମୁକ୍ତିମାର୍ଗ ?

ନାରୀ ମୁକ୍ତ ହେଉ। ପୁରୁଷମାନଙ୍କ ସହ ସମାନ ଅଧିକାର କେବଳ କଥାରେ ନୁହେଁ - କାମରେ, ଅଭ୍ୟାସରେ, ଚିନ୍ତାରେ ପ୍ରକଟିତ ହେଉ। ପ୍ରେମସ୍ନିଗ୍ଧ ନାରୀତ୍ୱର ହୃଦୟଭରା ଭାଷା କେବେହେଲେ ଅରଣ୍ୟରୋଦନ ନହେଉ - କାମବିକୃତ ପୁରୁଷଶାସିତ ସମାଜବ୍ୟବସ୍ଥାର ଚକ୍ରବ୍ୟୂହରେ। ଉଠ ନିଦ୍ରିତା, ଜାଗ ଜଡ଼ପାଷାଣୀ ! ଅସ୍ତଚନ୍ଦ୍ରର ଅନ୍ଧକାରରେ ଅନ୍ୱେଷଣ କର ନିଜ ଅନବଦ୍ୟ ଭୋରର ଭାରତବର୍ଷ... ଆଖି ଖୋଲ ଅହଲ୍ୟା, ତୁମ ଶିଳାଶରୀରରେ ଏବେ ସଞ୍ଚରିତ ହେବାକୁ ଯାଉଛି ଆଲୋକକାମୀ ଆତ୍ମାର ସ୍ପନ୍ଦନମୟ ସ୍ପର୍ଶ। ରକ୍ଷା କର ମା' ଭଉଣୀମାନେ, ଏ ଦେଶକୁ ! ନାରୀ ! ଆଜି ବି ପୁରୁଷର ପ୍ରଶାସନିକ ପ୍ରହେଳିକାରେ ସେ ପ୍ରବାସିନୀ। ରୂପ-ତୃଷ୍ଣା-ବେଦନାର ମୂର୍ତ୍ତିମତୀ ପ୍ରକୃତି ସେ - ଦ୍ୱିତୀୟ ପ୍ରକୃତି - ନିରୁଦ୍ଧ ନାରୀତ୍ୱର ଐକାନ୍ତିକୀ ଆକୃତିରେ।

କାଳ ପରେ କାଳ, ଯୁଗ ପରେ ଯୁଗ, ସଭ୍ୟତା ପରେ ସଭ୍ୟତାର ଶୋଭାଯାତ୍ରା ଅପସରିଯାଇଛି ବହୁବିଧ ଘଟଣାର ଘୂର୍ଣ୍ଣିବଳୟରେ। ମାତ୍ର ଅକୁହା ରହିଯାଇଛି ଅନେକ କଥା... ନିଭୃତ ନାରୀତ୍ୱର ଅଜସ୍ର ବ୍ୟଥା ! ପଶୁପୁରୁଷର ପଦାନତା, ନିଗୃହୀତା ନାରୀ ନିଜ ନିର୍ଯ୍ୟାତନାର କରୁଣ କାହାଣୀ ବୟାନ କରିପାରିବ କାହା ସାମ୍ନାରେ ? ଯେଉଁ ସମାଜ ସାମ୍ନାରେ ନାରୀକୁ ନିଜ ସତ୍ୟପାଠ କରିବାକୁ ପଡ଼ିବ, ସେ ସମାଜର ଅଧିକର୍ତ୍ତା ତ ପୁରୁଷ ! ପୁରୁଷର ସମାଜରେ ସେ କେବଳ ଦାସୀ, କେତେବେଳେ କ୍ରୀତଦାସୀ ତ କେତେବେଳେ ବିତ୍ତଦାସୀ... ଘରକୁ ମନ୍ଦିର କଲାବେଳକୁ ଶେଷରେ ଜାଣେ ଯେ ସେ ମନ୍ଦିର ହେଉଛି ଗୁଡ଼ାଏ ନିର୍ଜୀବ ପଥରର ନିର୍ଘାତ ନିଶାଣ... ସଂସାରକୁ ସାର ମଣିଲାବେଳକୁ ଠିକ୍ ଏରୁଣ୍ଡିବନ୍ଧ ଟପିସାରି ଅନୁଭବ କରିନିଏ ଯେ ସେ ସଂସାର ହେଉଛି ମେଞ୍ଚାଏ ମିଛମାୟାର ମାମୁଲି ମିଶାଣ !


ସାଂପ୍ରତିକ ପୂତିଗନ୍ଧମୟ ଶୋଷଣମୂଳକ ପୁଞ୍ଜିବାଦୀ ସମାଜବ୍ୟବସ୍ଥାର ନିର୍ଦ୍ଦେଶରେ ନାରୀମାନେ ଯେଉଁ ଜୀବନଶୈଳୀକୁ ଆପଣାଇ ନେଇଛନ୍ତି, ସେ ଜୀବନଶୈଳୀ କ'ଣ ପ୍ରକୃତରେ ସେମାନଙ୍କ ପକ୍ଷରେ ଆତ୍ମତୃପ୍ତିକର ମର୍ଯ୍ୟାଦାଜନକ ଆଭିମୁଖ୍ୟର ପରିଚାୟକ ହୋଇପାରେ କେବେ ?

ପୁରୁଷପ୍ରଧାନ ସମାଜବ୍ୟବସ୍ଥା ଏକ ବିଜ୍ଞାପନଧର୍ମୀ ପୋଷାକୀ ପୁଞ୍ଜିବାଦର ପଣ୍ୟଶାଳା। ଏ ପଣ୍ୟଶାଳା ଏଯାବତ ନାରୀକୁ ନଗ୍ନ ଓ ନଗଣ୍ୟ କରି ବିସ୍ତାର କରିଆସିଛି ନିଜ ବିଷାକ୍ତ ବିପଣିର ବୀଭତ୍ସ ବଜାର। ଏ ପୋଷାକୀ ପୁଞ୍ଜିବାଦର ବିଭିନ୍ନ ବିକୃତି ପ୍ରକାଶ ପାଉଛି ସମକାଳୀନ ଧର୍ମଧର୍ମାନ୍ତରରେ, ରାଜନୀତିକ ରୂପାନ୍ତରରେ - ସମାଜ-ସଂସ୍କୃତି-କଳା-ସାହିତ୍ୟ-ସାମ୍ବାଦିକତାର ଶ୍ରୀହୀନ କ୍ଷେତ୍ରରେ - ଏପରିକି ଆଜିକାର ପାରିବାରିକ ପରଦା ଅନ୍ତରାଳରେ ବି। ପୁଞ୍ଜିବାଦ ଦ୍ୱାରା ନିୟନ୍ତ୍ରିତ ବିତ୍ତୀୟ ବଜାରୀକରଣ ବର୍ତ୍ତମାନର ବସ୍ତୁବାଦୀ ସମାଜ ବ୍ୟବସ୍ଥାକୁ ଯେଉଁ ଅମାନୁଷିକ ଅର୍ଥନୀତିର ସୂତ୍ରରେ ପ୍ରସ୍ତୁତ କରିବାରେ ସକ୍ରିୟ, ଅଦୂର ଭବିଷ୍ୟତରେ ତାହାର ଦୁଷ୍ପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ - କି ନାରୀ କି ପୁରୁଷ।

ଏଇଭଳି ଯେତେବେଳେ ପରିସ୍ଥିତି, ସେତେବେଳେ ଆଧୁନିକ ଜୀବନ ଏକ ବଜାରସର୍ବସ୍ୱ ବିଜ୍ଞାପନ ଛଡ଼ା ଆଉ କ'ଣ ହୋଇପାରେ ? ଜୀବନ ତେଣୁ ଜୀବିକାର ଜତୁଗୃହରେ ଜର୍ଜରିତ - ଜ୍ୱଳନ ଓ ସ୍ଖଳନ ମଧ୍ୟରେ ନିଃଶେଷପ୍ରାୟ। ଏଇ ପରିପ୍ରେକ୍ଷୀରେ ନାରୀ ଆଜି ନିଜ ଅଜ୍ଞାତସାରରେ ଏ ପୁରୁଷଶାସିତ ବ୍ୟବସ୍ଥାରେ ସୌଖୀନ୍ ସାମଗ୍ରୀ ପାଲଟିସାରିଛି କାହିଁ କେଉଁଦିନୁ। ତାର ନିୟତି ନିୟନ୍ତ୍ରିତ, ନିର୍ବାଣ ନଷ୍ଟ।

ଯେଉଁ ଭାଇଭଉଣୀମାନେ ଆଜି ବି ନିର୍ଯାତିତ/ନିର୍ଯାତିତା, ସେମାନଙ୍କୁ ମୁଁ ସଜେଇଦେବି ବୀର ପୁରୁଷ/ବୀରାରମଣୀ। ଆଉ ଯେତେ ଅପାଂକ୍ତେୟ ଆବାଳବୃଦ୍ଧବନିତା କେଉଁଠି ନା କେଉଁଠି ଅଛନ୍ତି, ସେମାନେ ସୈନିକସୈନିକା ହୋଇପାରିବେ। ମନେରଖିବାକୁ ପଡିବ ଯେ - ନାରୀ ହିଁ ହେଉଛି ନବମାନବ ସମାଜର ଶାଣିତ ତରବାରୀ।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ପରମ୍ପରାରେ ଗୋମୟ ଲେପନ



ନାରାୟଣ ଚନ୍ଦ୍ର ବିଶ୍ୱାଳ
'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ
ମୋ : ୯୪୩୮୨୭୬୭୬୦

ଆମ ନିତିଦିନିଆ ଜୀବନରେ ଅନେକଙ୍କ ଘରେ ବିଶେଷକରି ଗ୍ରାମାଞ୍ଚଳରେ ମାଟିଘରରେ ଗୋମୟ ବା ଗୋବର ଲେପନ କରାଯାଇଥାଏ। ଗୋବର ଲିପା ପରେ ଅତ୍ୟନ୍ତ ଚିତ୍ତାକର୍ଷକ ଚିତା ପ୍ରାୟତଃ ଘରର ସୌନ୍ଦର୍ଯ୍ୟକୁ କେବଳ ବଢ଼ାଇନଥାଏ। ଅନେକ ହୁଏତ ଜାଣିନଥିବେ ଯେ ଏହା ପଛରେ ଏକ ସ୍ୱାସ୍ଥ୍ୟଗତ ଦିଗ ମଧ୍ୟ ରହିଛି। କିଛିଦିନ ତଳେ ନୂଆଦିଲ୍ଲୀରେ ବାଲେଶ୍ୱର ସାଂସଦଙ୍କ ବାସଭବନ ମାଟି ଘର ତିଆରି ଓ ଏହା ଚମତ୍କାର ଗୋମୟ ଲେପନ ହୋଇ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଭାରତୀୟ ସନାତନ ସଂସ୍କୃତିରେ ଗୋମୟ ବା ଗୋବର ପୂଜା କାର୍ଯ୍ୟରେ ମଧ୍ୟ ଲାଗିଥାଏ। ଗୋବର ପ୍ରାୟତଃ ଶସ୍ୟ କ୍ଷେତ୍ରରେ କେବଳ ଆଗକାଳେ ନୁହେଁ ବର୍ତ୍ତମାନ ମଧ୍ୟ ବ୍ୟବହାର ହେଉଛି। ଶସ୍ୟ ଉତ୍ପନ୍ନ ସହ ଏହାର ସୁକ୍ଷମତାକୁ ମଧ୍ୟ ଗୋମୟ ଭରି ଦେଇଥାଏ।

ଏହି ଗୋମୟ ଲେପନ ସମ୍ବନ୍ଧରେ ଆଲେଖ୍ୟ ପ୍ରସ୍ତୁତ ବେଳେ ମନେପଡୁଛି ଭୟଙ୍କର ଭୋପାଳ ଗ୍ୟାସ ଟ୍ରାଜେଡ଼ି କଥା। ଅନେକ ହୁଏତ ଜାଣିନଥିବେ ଭୟଙ୍କର ବିଷାକ୍ତ ଗ୍ୟାସରୁ ସୁରକ୍ଷା ଦେଇଥିଲା ମାଟିଘର। ୧୯୮୪ ଡିସେମ୍ବର ୨ ତାରିଖରେ ଘଟିଥିବା ଭୋପାଳ ଗ୍ୟାସ ଦୁର୍ଘଟଣା ସମୟରେ ଗୋଟାଏ ବିଚିତ୍ର ଘଟଣା ଘଟିଥିଲା। କୀଟନାଶକ ଔଷଧ କାରଖାନାରୁ ମାରାତ୍ମକ ମିଥାଇଲ ଆଇସୋସିୟାନେଟ ଗ୍ୟାସ ଲିକ୍ ହୋଇ ଚାରିଆଡ଼େ ବ୍ୟାପିଗଲା। ବିଷାକ୍ତ ବାଷ୍ପ ବଉଦରୁ ତ୍ରାହି ପାଇବାକୁ ଲୋକେ ଆଶ୍ରୟ ଖୋଜିବାକୁ ଧାଇଁଲେ। କିନ୍ତୁ ପଟେଲ ପରିବାରର କିଛି କ୍ଷତି ହୋଇନଥିଲା। ଗୋମୟରେ ଲିପାପୋଛା ହୋଇଥିବା ଘରେ ପଟେଲ ପରିବାର ସୁରକ୍ଷିତ ଥିଲେ। ବିଷାକ୍ତ ଗ୍ୟାସ୍‌ର କୁପ୍ରଭାବରେ ୨୦୦୦୦ରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ ଅନେକଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥିଲା। କିନ୍ତୁ ପଟେଲଘର ଲୋକମାନଙ୍କ ଠାରେ ଅସୁସ୍ଥତାର ଲେଶମାତ୍ର ଚିହ୍ନ ନଥିଲା। କେବଳ ପଟେଲଙ୍କ ଘର ଲୋକ ନୁହନ୍ତି, ସେ ଅଞ୍ଚଳରେ ଗୋମୟ ଲିପା ମାଟିଘରେ ବାସବାସ କରୁଥିବା ଲୋକେ ମଧ୍ୟ ଏହି ବିଷାକ୍ତ ବାଷ୍ପ ଦ୍ୱାରା ପ୍ରଭାବିତ ହୋଇ ନଥିଲେ।

ଆଦିକାଳରୁ ମାଟିଘର ସବୁ ଗୋମୟରେ ଲିପାପୋଛା ହୋଇ ଆସୁଅଛି। ଘରେ କୌଣସି ଅଙ୍ଗଅଭିଷେକ, କାମକାର୍ଯ୍ୟ କି ପୂଜାପର୍ବାଣୀରେ ତ ଗୋମୟ ଲେପନ ହୁଏ। ତା'ଛଡ଼ା ଲକ୍ଷ୍ମୀଙ୍କର ବାର କୁହାଯାଉଥିବା ଗୁରୁବାର ଦିନ ଘର ନ ହେଲେ ବି ଦୁଆର ନିଶ୍ଚୟ ଗୋମୟ ଜଳରେ ଲିପାପୋଛା କରାଯାଏ।

ତିନୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ ଗୋମୟ। ସମ୍ପ୍ରତି ଗୋମୟରେ ଘର ଲିପିବା ପ୍ରଥା ଅନ୍ଧବିଶ୍ୱାସ ବୋଲି ଅଧିକାଂଶ ମନେକଲେ ବି ଏଥିରେ କେତେକ ବୈଜ୍ଞାନିକ ସଦ୍‌ଗୁଣ ରହିଛି। କିନ୍ତୁ ସାଧାରଣ ଲୋକେ ତା'ର ମାହାତ୍ମ୍ୟ ବିଷୟରେ ବିଶେଷ ଭାବେ ଜାଣନ୍ତି ନାହିଁ। ବାସ୍ତବରେ ମାଟିଘର ପାଇଁ ଗୋମୟ ତିନୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକରେ। ପ୍ରଥମତଃ ଏଥିରେ ଅଠାଭାଗ ଥିବାରୁ ମାଟିକାନ୍ଥ ଫଟାଇ ଦିଏନାହିଁ। ଦ୍ୱିତୀୟତଃ ଏହା ତାପ କୁପରିବାହୀ ହୋଇଥିବାରୁ ଗ୍ରୀଷ୍ମକାଳରେ ଘର ଅପେକ୍ଷାକୃତ ଶୀତଳ ରହେ ଏବଂ ଶୀତଦିନେ ଉଷୁମ ରହେ। ତୃତୀୟତଃ ଏଥିରେ ବ୍ୟାକ୍ଟେରିଆ ବା ଅଣୁଜୀବ ବିନାଶକାରୀ ଉପାଦାନ ଥିବାରୁ ଘର ଜୀବାଣୁମୁକ୍ତ ରହେ। ଏସବୁ କାରଣରୁ ମଫସଲ ଅଞ୍ଚଳର ଝାଟିମାଟି ଓ ମାଟି ଘରର କାନ୍ଥ, ଚଟାଣ, ପିଣ୍ଡା ଓ ଦ୍ୱାର ଆଦି ଗୋମୟରେ ଲିପି ଚିକ୍କଣ କରାଯାଏ। କଂକ୍ରିଟ ଯେମିତି ବାହ୍ୟ ଉତ୍ତାପ ବିଶୋଷଣ କରେ, ଗୋମୟ ତାହା କରେ ନାହିଁ। ବରଂ ଏହା ପ୍ରାକୃତିକ ଉତ୍ତାପ ନିରୋଧକ ଭାବେ କାର୍ଯ୍ୟକରି ଗ୍ରୀଷ୍ମକାଳରେ ଘର ଭିତର ଶୀତଳ ଓ ଶୀତଦିନେ ଉଷୁମ ରଖେ। ଆଜିକାଲି ସହରମାନଙ୍କରେ ମଧ୍ୟ ଗୋମୟ ଓ ପ୍ରାକୃତିକ ଉପାଦାନ ପ୍ରସ୍ତୁତ ସହିତ ନିମପତ୍ର ଓ କାଦୁଅ ଦିଆଯାଇ ସିମେଣ୍ଟ ପଲସ୍ତରା ପରି ଗୃହ ତିଆରି କରାଯାଉଛି। ଗୋମୟ କେବଳ ଘର ଭିତରର ଅଙ୍ଗାରକ ନିର୍ଗମନ ହ୍ରାସ କରିନଥାଏ ବରଂ ଏହା ବାସ୍ତୁବିତ୍‌ଙ୍କ କହିବାନୁଯାୟୀ ମଧ୍ୟ ଘର ପାଇଁ ଶୁଭ ରହିଥାଏ। ପ୍ରାକୃତିକ ଉତ୍ତାପ ନିୟନ୍ତ୍ରକ ହେବା ସହ ଚରମ ଜଳବାୟୁ ଅଞ୍ଚଳରେ ଆରାମ ପାଇଁ ଏହା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ। ତେଣୁ ଗୋମୟ ଲେପନ କେବଳ ପରମ୍ପରା ନୁହେଁ ଏହା ପଛରେ ମଧ୍ୟ ବିଜ୍ଞାନ ସମ୍ମତ କାରଣ ରହିଛି।

# ସ୍ତନ୍ୟପାନ : ଏକ ସୁସ୍ଥ ରାଷ୍ଟ୍ର ଗଠନର ସରଳ ସମାଧାନ



ଡା. ରାମପ୍ରସାଦ ରାୟ
କ୍ୟାମ୍ପ ଆସିଷ୍ଟାଣ୍ଟ
ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର
କଟକ, ମୋ: ୮୨୬୦୪୦୮୮୩୬

ବିଶ୍ୱରେ ଉପଯୁକ୍ତ ପୋଷଣର ଅଭାବ ହେତୁ ୫ବର୍ଷରୁ କମ୍ ବୟସର ଶିଶୁମାନଙ୍କର ମୃତୁହାର ହେଉଛି ୪୫%। ଏକ ତୃତୀୟାଂଶ ଶିଶୁ କୁପୋଷଣ ଜନିତ ରୋଗର ଶିକାର ହେଉଛନ୍ତି। ଏ କ୍ଷେତ୍ରରେ ଭାରତର ସ୍ଥିତି ଅଧିକ ଜଟିଳ, ଯେଉଁଠାରେ ୫ବର୍ଷ ବୟସରୁ କମ୍ ୪୦% ଶିଶୁ କୁପୋଷଣର ଶିକାର ହେଉଛନ୍ତି। ଏଥିପାଇଁ ଏକମାତ୍ର ସରଳ ସମାଧାନର ପନ୍ଥା ହେଉଛି ଶିଶୁମାନଙ୍କୁ ଉପଯୁକ୍ତ ସମୟରୁ ସ୍ତନ୍ୟପାନର ଆରମ୍ଭ କରାଇବା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ୫ ବର୍ଷରୁ କମ୍ ପ୍ରାୟ ୮ ଲକ୍ଷ ଶିଶୁମାନଙ୍କୁ କେବଳ ଜନ୍ମରୁ ପ୍ରଥମ ୬ ମାସ ପର୍ଯ୍ୟନ୍ତ ମା' ସ୍ତନ୍ୟପାନ କରାଇ ଏବଂ ଏଥି ସାଙ୍ଗକୁ ୨୪ମାସ ହେବା ପର୍ଯ୍ୟନ୍ତ ଉପଯୁକ୍ତ ପରିପୂରକ ଖାଦ୍ୟ ପ୍ରଦାନ କରି କୁପୋଷଣଜନିତ ସମସ୍ୟାକୁ ଦୂର କରାଯାଇପାରିବ। ଶିଶୁର ପ୍ରାରମ୍ଭିକ ଦୁଇବର୍ଷ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମୟରେ ତା'ପାଇଁ ପର୍ଯ୍ୟାପ୍ତ ପରିମାଣର ପୋଷକତତ୍ତ୍ୱ ଆବଶ୍ୟକ ହୋଇଥାଏ। ଏହି ଉପଯୁକ୍ତ ପୋଷକତତ୍ତ୍ୱ ଦ୍ୱାରା ଶିଶୁଠାରେ ଦେଖା ଦେବାକୁ ଥିବା କ୍ରମାଗତ ରୋଗକୁ ଦୂର କରାଯାଇପାରେ ଓ ଶିଶୁର ସାମଗ୍ରୀକ ବିକାଶ ହୋଇପାରେ।

କୁହାଯାଏ ଯେ ମା'କ୍ଷୀର ପିଲାମାନଙ୍କ ପାଇଁ ଅମୃତ ସଦୃଶ। ସ୍ତନ୍ୟପାନ ଶିଶୁ ପାଇଁ ପ୍ରଥମ ଟିକା ଭାବେ କାର୍ଯ୍ୟ କରିଥାଏ। ମା' କ୍ଷୀର ଶିଶୁମାନଙ୍କ ପାଇଁ ଏକ ଆଦର୍ଶ ଖାଦ୍ୟ, କାରଣ ଏହା ଜୀବନର ପ୍ରଥମ ଛଅ ମାସରେ ଶିଶୁର ବୃଦ୍ଧି ଓ ବିକାଶ ପାଇଁ ସମସ୍ତ ଆବଶ୍ୟକ ପୁଷ୍ଟିକର ପଦାର୍ଥ ଯୋଗାଇଥାଏ। ଏଥିରେ ଆଣ୍ଟିବଡ଼ି ଥାଏ ଯାହା ପାଚନ କ୍ରିୟାକୁ ବୃଦ୍ଧି କରିଥାଏ, ଅନେକ ମାରାତ୍ମକ ରୋଗରୁ ରକ୍ଷା କରେ। ଏହା ବ୍ୟତୀତ ସ୍ତନ୍ୟପାନ ସଂକ୍ରମଣ, ଶ୍ୱାସକ୍ରିୟା ରୋଗ ଓ ଆଲର୍ଜି ପରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ମଧ୍ୟ ହ୍ରାସ କରିପାରିଥାଏ। ଏହି କାରଣରୁ ପ୍ରତିବର୍ଷ ଅଗଷ୍ଟ ପ୍ରଥମ ସପ୍ତାହରେ ବିଶ୍ୱ ସ୍ତନ୍ୟପାନ ପାଳନ କରାଯାଏ, ଯାହାଦ୍ୱାରା ଲୋକଙ୍କୁ ସ୍ତନ୍ୟପାନର ଗୁରୁତ୍ୱ ବିଷୟରେ ସଚେତନ କରାଯାଇପାରିବ। ଏହି ବିଶେଷ ସପ୍ତାହର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ କୁପୋଷଣରୁ ରକ୍ଷା କରିବା ଏବଂ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶକୁ ପ୍ରୋତ୍ସାହିତ କରିବା। ପରନ୍ତୁ ଆଜି ସାରା ବିଶ୍ୱରେ କେବଳ ୪୮ ପ୍ରତିଶତ ଶିଶୁ ଛଅ ମାସ ବୟସ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ତନ୍ୟପାନ କରିପାରୁଛନ୍ତି। ଗତ ବାର ବର୍ଷ ମଧ୍ୟରେ ଏହି ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଲକ୍ଷ ଲକ୍ଷ ପିଲାଙ୍କ ଜୀବନ ରକ୍ଷା କରିଛି। ତଥାପି ୨୦୨୫ ସୁଦ୍ଧା ୫୦ ପ୍ରତିଶତ ପିଲାଙ୍କୁ ସମ୍ପୂର୍ଣ୍ଣ ସ୍ତନ୍ୟପାନ ଯୋଗାଇବାର ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ପ୍ରୟାସ ଆବଶ୍ୟକ। ୟୁନିସେଫ ତଥ୍ୟ ଅନୁଯାୟୀ ସ୍ତନ୍ୟପାନ ହାରରେ ଉନ୍ନତି ଆଣି ପ୍ରତିବର୍ଷ ପ୍ରାୟ ୮.୨ ଲକ୍ଷ ପିଲାଙ୍କ ଜୀବନ ରକ୍ଷା କରାଯାଇପାରିବ। ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ସ୍ତନ୍ୟପାନ ହେଉଛି ପିଲାମାନଙ୍କ ପାଇଁ ପୁଷ୍ଟିସାରର ସବୁଠାରୁ ନିରାପଦ ଓ ସୁଲଭ ଉତ୍ସ। ଏଥର ବିଶ୍ୱ ସ୍ତନ୍ୟପାନ ସପ୍ତାହର ମୂଳ ଲକ୍ଷ୍ୟ ହେଉଛି ସ୍ତନ୍ୟପାନକୁ ପ୍ରାଥମିକତା ଦେବା। ଏହାର ଉଦ୍ଦେଶ୍ୟ ହେଉଛି ମା' ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା। ଏହି ବିଷୟବସ୍ତୁ ମା'ମାନଙ୍କୁ ସ୍ତନ୍ୟପାନ କରାଇବାକୁ ଉତ୍ସାହିତ କରିବା ସହିତ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରେ। ଡବ୍ଲୁଏଚଓ ଏବଂ ୟୁନିସେଫ ଅନୁଯାୟୀ ପିଲାମାନଙ୍କୁ ସୁସ୍ଥ ରଖିବା ପାଇଁ ସ୍ତନ୍ୟପାନ ହେଉଛି ସର୍ବୋତ୍ତମ ଉପାୟ। ଏଥିରେ ଥିବା ପୁଷ୍ଟିକର ତତ୍ତ୍ୱ ପିଲାମାନଙ୍କୁ ଡାଇରିଆ ଓ ନିମୋନିଆ ଭଳି ରୋଗରୁ ରକ୍ଷା କରେ। ଏଥିସହିତ ମା'ମାନଙ୍କ ଠାରେ ସ୍ତନ କର୍କଟ, ଡିମ୍ବାଶୟ କର୍କଟ ଓ ମଧୁମେହର ଆଶଙ୍କା ମଧ୍ୟ ହ୍ରାସ କରେ।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁକଲ୍ୟାଣ ବିଭାଗ କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ମଧ୍ୟ ପ୍ରସୂତୀମାନଙ୍କୁ ଗର୍ଭବତୀ ସମୟରୁ ସନ୍ତାନ ଜନ୍ମ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ସମସ୍ତ ପ୍ରକାର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକୀୟ ଔଷଧ ଓ ପୋଷଣଯୁକ୍ତ ଖାଦ୍ୟପେୟ ପ୍ରଦାନ କରାଯାଉଛି। ମା'କ୍ଷୀର ହେଉଛି ପିଲାଟି ପାଇଁ ସର୍ବଶ୍ରେଷ୍ଠ ମହୌଷଧୀ ଓ ଅମୃତ ଏଥିରୁ ପିଲାଟିକୁ ବଞ୍ଚିତ କରନ୍ତୁ ନାହିଁ। ସୁସ୍ଥ ମାଆ ଓ ନବଜାତ ଶିଶୁଟିର ସମସ୍ତ ସ୍ୱାସ୍ଥ୍ୟ ପରାମର୍ଶ ସରକାରଙ୍କ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହେଉ ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡସ୍ତରୀୟ ଡାକ୍ତରଖାନା ବା ଜିଲ୍ଲାସ୍ତରୀୟ, ସିଟି ହସ୍ପିଟାଲ, ଶିଶୁଭବନ ଓ ରାଜ୍ୟର ବଡ଼ମେଡ଼ିକାଲ ମାନଙ୍କରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

# ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ



ପୁଷ୍ପମିତ୍ର ମହାପାତ୍ର
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୨୨୫୬୮୯

ଚରାଚର ବ୍ରହ୍ମାଣ୍ଡ ସର୍ବେସର୍ବା ହେତୁ ନାରାୟଣଙ୍କୁ ଜଗନ୍ନାଥ ସମ୍ବୋଧନ କରାଯାଏ। ଜଗନ୍ନାଥ ବାହ୍ୟ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ଅନୁଭବ ସାଧ୍ୟ ନୁହଁନ୍ତି, ତାଙ୍କର ଉତ୍ପତ୍ତି ନାହିଁ କି ବିନାଶ ନାହିଁ। ତାଙ୍କ ପ୍ରଣୀତ ନୀତି ନିୟମ ଅନୁଯାୟୀ ପ୍ରକୃତି ଆତଯାତ ହୁଏ। ସେ ସର୍ବ ଶକ୍ତିମାନ, ସର୍ବବିଦ୍ୟମାନ, ସର୍ବଜ୍ଞ ଓ ସମସ୍ତ ଜୀବର ଭାଗ୍ୟ ନିୟନ୍ତା। ସେ ଅସମ୍ଭବକୁ ସମ୍ଭବ ତଥା ସମ୍ଭବକୁ ଅସମ୍ଭବ କରିପାରନ୍ତି। ତାଙ୍କ ଇଚ୍ଛାରେ ସାରା ବିଶ୍ୱ ପରିଚାଳିତ ହୁଏ।

ଏଣୁ ଶ୍ରୀଜଗନ୍ନାଥଙ୍କ ପୂଜାରେ ବହୁ ସମନ୍ୱୟ ଓ ବହୁ ବିରୋଧାଭାସ ରହିଛି। ସ୍ୱୟଂ ଶ୍ରୀକ୍ଷେତ୍ର ପୁଣି ବିଚ୍ଛୁରିତ ହୋଇଛି ସାରା ସଂସାରରେ। ଉଭୟ ଶୁଖିଲି ଓ ସଙ୍ଖୁଡ଼ି ଭୋଗର ପ୍ରଚଳନ ଏଠାରେ ରହିଛି। ଏପରିକି ସଙ୍ଖୁଡ଼ି ମାହାର୍ଦ୍ଦକୁ ଶୁଖେଇ 'ନିର୍ମାଲ୍ୟ' କରାଯାଏ। ଏଠି ନିର୍ମାଲ୍ୟ ଅଛି, ଆଉ ଅଛି 'କୈବଲ୍ୟ' ଯୋଡ଼ିଯାକର ସହାବସ୍ଥାନ ଏହି କ୍ଷେତ୍ରକୁ କେବଳ ଜୈନ-ବୌଦ୍ଧ ସମୀକରଣର କଥାର ଅନ୍ତର୍ଭୁକ୍ତ କରିଛି ତାହା ନୁହେଁ, ସେଥି ସହିତ ଯୋଡ଼ିଛି ଆହୁରି ଅନେକ ଭାବାବେଗ, ଆଧାତ୍ମିକ ଆବେଗକୁ। ମନ୍ଦିରର ଗର୍ଭଗୃହର ରତ୍ନସିଂହାସନ ଠାକୁରର ଯେଉଁ ବିଭୂତି ବୈଭବ ଆଉ ଐଶ୍ୱର୍ଯ୍ୟ ଦେଖିଥିବେ ସେ କେବେ କଳ୍ପନା କରିପାରିବ କି ଅଣସର ଆରମ୍ଭରୁ ଦେବତା ଲୌକିକ ଆଚରଣ, ଜ୍ୱର-ପାଚନ ଟଣାଘୋଷଣା, ଭିଡ଼ାଓଟରା ପହଣ୍ଡିର ଭିଡ଼ ଭିତରର ଜଗାକାଳିଆକୁ; କିନ୍ତୁ ଏଠି ଉଭୟ ଅଛି। ଏଠି କିଏ ହୁଏତ ସିଂହଦ୍ୱାରରେ ପଚାରିପାରେ ତୁମେ କିଏ, କ'ଣ ତୁମର ଜାତି ବୋଲି; କିନ୍ତୁ ବଡ଼ଦାଣ୍ଡରେ କାହାର ସାହାସ ଅଛି ଯେ ଅଟକାଇବ ଭକ୍ତକୁ। ଏଠି ଉଭୟ ଅଛି। ସିଂହାସନ ଉପରେ ସେ ଯେତିକି ରାଜକୀୟ, ଲୋକଭିଡ଼ ଭିତରେ ସେ ସେତିକି ଲୋକପ୍ରିୟ। ଯୋଉଠି ରାଜା ନିଜେ ସେବକ ଛେରାପହଁରାରେ, ସେଠି ସେବକ ରାଜାସ୍ତରକୁ ଉଠିଯିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସିଂହଦ୍ୱାରରେ ନାନା ଆକଟ ଥିଲାବେଳେ ଶାରଧାବାଲିରେ ସେ ସବୁ କିଛି ନାହିଁ।

ଏ ବିରାଟ ବ୍ରହ୍ମାଣ୍ଡରେ ମଣିଷ ଏକ କ୍ଷୁଦ୍ର ଅଂଶ ଅଟେ। ମଣିଷ ବ୍ୟତୀତ ଅନ୍ୟ କୌଣସି ଜୀବ ଠାରେ ବିଶ୍ୱକର୍ତ୍ତାଙ୍କୁ ଅନୁଭବ କରିବାର କ୍ଷମତା ନଥାଏ। ଯେଉଁ ବ୍ୟକ୍ତି ଭଗବାନଙ୍କ ଅସ୍ତିତ୍ୱ ପ୍ରତି ସନ୍ଦିହାନ ଓଐଶ୍ୱରୀୟ ପ୍ରଭାବରୁ ଭ୍ରୂକ୍ଷେପ କରିନଥାଏ ସେ ହୁଏତ ମଣିଷ ରୂପଧାରୀ ଗୋଟିଏ ନିର୍ବୋଧ ପଶୁ। ଧନ, ମାନ, ଜ୍ଞାନର ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ଯଦି ମଣିଷ ଠାରେ ଭଗବତ୍ ଚେତନା ଉଦ୍ରେକ ନହୁଏ ତେବେ ବିବେକର ବିକାଶ ନ ହୋଇ ତା' ଜୀବନ କ୍ରମଶଃ ଅଶାନ୍ତ ପରିବେଷ୍ଟନୀ ମଧ୍ୟକୁ ଠେଲି ହୋଇଯାଏ। ଏ ଜଗତ ସତ୍ୟ ଜଗତକର୍ତ୍ତା ମଧ୍ୟ ସତ୍ୟ। ଜଗତକର୍ତ୍ତାଙ୍କ ଇଚ୍ଛା ବିନା ମଣିଷର କୌଣସି ବି ପ୍ରଚେଷ୍ଟା ଫଳପ୍ରସୂତ ହୋଇପାରେ ନାହିଁ। ଧନବଳ, ଜନବଳ, ମନୋବଳ, ବାହୁବଳ ସବୁକିଛି ସୁଦୃଢ଼ ଥାଇ ମଧ୍ୟ କୌଣସି ଏକ କ୍ଷୁଦ୍ର ଅଘଟଣ ମୁହୂର୍ତ୍ତକ ମଧ୍ୟରେ ସବୁକୁ ଯେ ଓଲଟପାଲଟ କରିଦେଇପାରେ ଏହା ଅନସ୍ୱୀକାର୍ଯ୍ୟ। ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ ଏ ମାୟା ସଂସାରରେ ପ୍ରତ୍ୟେକ ବ୍ୟକ୍ତି ନିରାଶ୍ରୟ। ସମସ୍ତଙ୍କର ଏକମାତ୍ର ଆଶ୍ରାଦାତା ହେଉଛନ୍ତି ପରମପୁରୁଷ, ବିଶ୍ୱ ଚିନ୍ତାମଣି ମହାପ୍ରଭୁ ଜଗନ୍ନାଥ।

ଶ୍ରୀଜଗନ୍ନାଥଙ୍କୁ ଶ୍ରେଷ୍ଠ ଦେବତା ଭାବେ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ତାଙ୍କୁ ଜଣେ ସାଧାରଣ ମଣିଷ ଭାବରେ ଚିତ୍ରଣ କରାଯିବା ଜଗନ୍ନାଥ ତତ୍ତ୍ୱର ଏକ ବିଶେଷତ୍ୱ। ଦେବତା ହିସାବରେ ସେ ଯେଭଳି ସମଗ୍ର ଜଗତର ନାଥ, ଶ୍ରେଷ୍ଠ ମଣିଷ ଭାବରେ ମଧ୍ୟ ସେ ପୁରୁଷ ତଥା ପୁରୁଷୋତ୍ତମ। ମଣିଷ ହିସାବରେ ତାଙ୍କ ଠାରେ ଅଭିଭାବକତ୍ୱ, ସ୍ୱାମୀତ୍ୱ, ତଥା ନାଥତ୍ୱ ଯେତିକି ଆରୋପ କରାଯାଏ, ସେତିକି ବରଂ ତଦପେକ୍ଷା ବେଶୀ ମାତ୍ରାରେ, ତାଙ୍କୁ ସଖା, ଭ୍ରାତା ବା ବନ୍ଧୁଭାବରେ ଗ୍ରହଣ କରାଯାଏ। ଅନ୍ୟାନ୍ୟ ଦେବ ମନ୍ଦିରକୁ ଯିବା ପାଇଁ ଯେଭଳି ବିଭିନ୍ନ ବିଧି-ନିଷେଧ ଓ ବାରଣ ରହିଅଛି, ଏଠାରେ ସେଭଳି ବିଶେଷ କିଛି ନାହିଁ। ଯାହା କିଛି ରହିଛି, ତାହା କେବଳ ପବିତ୍ରତା, ଶୁଦ୍ଧତାର ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ। ଜଗନ୍ନାଥ ମନ୍ଦିରକୁ ଦର୍ଶକ ଯେତେବେଳେ ଯେ କୌଣସି ଅବସ୍ଥାରେ ଯିବାରେ ବାଧା ନାହିଁ। କାରଣ ସେ ବନ୍ଧୁ ଅଟନ୍ତି। ବନ୍ଧୁ ସହ ସାକ୍ଷାତ ପାଇଁ ସ୍ଥାନ କାଳର କି ବାରଣ ରହିପାରେ। ସେଥିପାଇଁ 'ଅପବିତ୍ରୋ ପବିତ୍ରୋ ବା ସର୍ବାବସ୍ଥାଂଗତୋଽପି' ନିୟମ ପ୍ରଚଳିତ ଅଛି।

ଭଗବାନଙ୍କର ଅନେକ ନାମ ମଧ୍ୟରୁ ଶ୍ରଦ୍ଧାପୂର୍ବକ ବିଶ୍ୱାସର ସହ ଯେ କୌଣସି ନାମ ସ୍ମରଣ ବା କୀର୍ତ୍ତନ କରିପାରିଲେ ତାହା ଯଥେଷ୍ଟ ହୋଇଥାଏ। କେତେକଙ୍କ ମତରେ ତାରକ ବ୍ରହ୍ମ ନାମ ବା ତାରକ ବ୍ରହ୍ମ ମନ୍ତ୍ର କଳିଯୁଗରେ ସହଜ ସାଧନଯୋଗ୍ୟ ନାମ ଅଟେ। ଏହାକୁ ମହାମନ୍ତ୍ର ମଧ୍ୟ କୁହାଯାଏ। ଯଥା - 'ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ'।

ସେ ଅନ୍ତର୍ଯ୍ୟାମୀ। ତାଙ୍କୁ ମୁହଁ ଖୋଲି କହିବା ଆବଶ୍ୟକ ପଡ଼େନାହିଁ। ତେଣୁ ତାଙ୍କ ପାଖେ ଦୁଇ ହାତ ଟେକି କେବଳ ପ୍ରାର୍ଥନା କରିବା। 'ହରେ ମୁରାରେ ମଧୁକୈଟଭାରେ, ଗୋବିନ୍ଦ ଗୋପାଳ ମୁକୁନ୍ଦ ସୌରେ, ଯଜ୍ଞେଶ ନାରାୟଣ କୃଷ୍ଣ ବିଷ୍ଣୋ, ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ।'



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ସହରରେ ବିଭିନ୍ନ ବିକାଶ କାର୍ଯ୍ୟ ଦାବିରେ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଏକ ୩୫ଦଫା ସମ୍ବଳିତ ଦାବିପତ୍ର ପୌରନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ମୁଖ୍ୟତ ଏକ ଅତିଥି ଭବନ ନିର୍ମାଣ, ଟାଉନହଲ ନିର୍ମାଣ, ୱାର୍ଡରେ ଥିବା ଶ୍ମଶାନକୁ ଆଦର୍ଶ ଶ୍ମଶାନରେ ପରିଣତ କରିବା, ୱାର୍ଡରେ ବକ୍ସ ଟାଇପ ଡ୍ରେନ ନିର୍ମାଣ, ଭେଣ୍ଡିଂଜୋନ, ଅର୍ବାନ ହାଟ, ମାର୍କେଟ କମପ୍ଲେକ୍ସ, ଗାନ୍ଧିଛକରେ ଶୀତଳ ଭଣ୍ଡାର, ଚୌଦ୍ୱାର ଅଷ୍ଟଶମ୍ଭୁ ମନ୍ଦିରର ଉନ୍ନତିକରଣ, ସୌଚାଳୟ ନିର୍ମାଣ, ପୌରପାଳିକାର ୨ନଂ ୱାର୍ଡ ଚାଟେଶ୍ୱର ମନ୍ଦିରରୁ ମଙ୍ଗୁଳି-ଚୌଦ୍ୱାର ରେଳଷ୍ଟେସନକୁ ନୂତନ ବ୍ରିଜ ନିର୍ମାଣ, ଭଗବତ ଟୁଙ୍ଗୀର ଉନ୍ନତି କରଣ, କାଞ୍ଜିଆହୁଦା ଓ ଗୋଶାଳା ନିର୍ମାଣ, ସରକାରୀ ଜାଗାରେ ଥିବା ପୋଖରୀର ପୁନଉଦ୍ଧାର, ନୂତନ ସରକାରୀ ସିନେମାହଲ ନିର୍ମାଣ ଆଦି ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଦାବି ଗୁଡିକ କାର୍ଯ୍ୟକାରୀ କରାଗଲେ ପୌରପାଳିକାର ରାଜସ୍ୱ ବୃଦ୍ଧି, ଚୌଦ୍ୱାରର ସାମଗ୍ରୀକ ଉନ୍ନତି ହେବା ସହିତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡିଶାର ସ୍ୱପ୍ନ ଯୋଜନାର ସଫଳ ରୁପାୟନ ହୋଇପାରିବ ବୋଲି ଉଲ୍ଲେଖ କରାଯାଇଛି । ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅକ୍ଷୟ ଭୂୟାଁ, ବିମଳ ନାୟକ ପ୍ରମୁଖ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ ।

# ବଳଙ୍ଗା ପୀଡ଼ିତା ଘଟଣାରେ ସାମ୍ବାଦିକଙ୍କୁ ହତ୍ୟା ଧମକ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା-ବଳଙ୍ଗା ପୀଡ଼ିତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ପ୍ରତ୍ୟକ୍ଷଦର୍ଶୀ ଦୁଃଖିଶ୍ୟାମ ଗଣମାଧ୍ୟମକୁ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଉଥିବା ଭିଡ଼ିଓ ଏବେ ଭାଇରାଲ ହେବାରେ ଲାଗିଛି । ପୋଲିସ ଜାଣିଶୁଣି ଦୁଃଖିଶ୍ୟାମକୁ ଘଣ୍ଟ ଘୋଡ଼ାଉଥିବା ବେଳେ ଦୁଃଖିଶ୍ୟାମ କଥାରେ ତାଳମେଳ ରହୁ ନଥିବାରୁ ରାଜ୍ୟବାସୀଙ୍କ ସନ୍ଦେହ ପ୍ରକଟ ହୋଇଛି । ବଳଙ୍ଗା ପୋଲିସ ଜାଣିଶୁଣି ଦୁଃଖିଶ୍ୟାମଙ୍କ ବିରୁଦ୍ଧରେ ପଦକ୍ଷେପ ନ ନେବା ଏକ ପରିତାପର ବିଷୟ ହୋଇଥିବା ସାଧାରଣରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ପୋଲିସର ତଦନ୍ତ ଦିଗକୁ ଦୁଃଖିଶ୍ୟାମ ବାଟବଣା କରୁଥିବା ବେଳେ ଶେଷ ସମୟରେ ପ୍ରତ୍ୟକ୍ଷଦର୍ଶୀ ଦୁଃଖିଶ୍ୟାମର ଦେଖା ମିଳିନଥିଲା । ଦୁଃଖିଶ୍ୟାମ କୁଆଡ଼େ ଗଲା ବୋଲି ଗଣମାଧ୍ୟମ ଖୋଜୁଥିଲେ ମଧ୍ୟ ଦୁଃଖିଶ୍ୟାମକୁ ପାଇନଥିଲେ । ଏପରିକି, ପୀଡ଼ିତାଙ୍କ ମର ଶରୀର ବସ୍ତିରେ ପହଞ୍ଚିଥିବା ବେଳେ ସେଠାରେ ମଧ୍ୟ ଦୁଃଖିଶ୍ୟାମଙ୍କ ଦେଖା ମିଳିନଥିଲା । ଦୁଃଖିଶ୍ୟାମ ଏକ ଅଜଣା ସ୍ଥାନକୁ ଯାଇ କେତେକ ଅସାମାଜିକଙ୍କ ସହାୟତା ନେଇ ଗଣମାଧ୍ୟମକୁ ଗାଳିଗୁଲଜ କରୁଥିବାରୁ ଦୁଃଖିଶ୍ୟାମଙ୍କ ନାମରେ ଥାନାରେ ଏତଲା ହେବା ସହ ନ୍ୟାୟାଳୟରେ ମାମଲା କରାଯିବ । ଯାହାର ଫୁଟେଜ ଗଣମାଧ୍ୟମର ହସ୍ତଗତ ହୋଇଛି । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ନୂଆଗୋପାଳପୁର ବସ୍ତିର ପୀଡ଼ିତାଙ୍କ ଦେହାନ୍ତ ହୋଇସାରିଛି । ପୀଡ଼ିତାଙ୍କୁ କିଏ କିରୋସିନି ଲଗାଇଲା ପ୍ରତ୍ୟକ୍ଷଦର୍ଶୀ ଦେଖିବାକୁ ପାଇଲେ ୩ ଜଣ ଯୁବକ ବାଇକ୍‌ରେ ଆସି ପୀଡ଼ିତାଙ୍କୁ ଟେକି ନେଇ ଭାର୍ଗବୀ ନଦୀ କୂଳରେ ନିଆଁ ଲଗାଇ ଦେଲେ । ପୀଡ଼ିତା ମଧ୍ୟ ଦୁଃଖିଶ୍ୟାମଙ୍କ ଆଗରେ ଏ କଥା କହିଥିବା ଦୁଃଖିଶ୍ୟାମ କହୁଥିବା ବେଳେ ପୀଡ଼ିତା ଏ ସଂପର୍କରେ ବୟାନ୍‌ରେ ମନା କରିଛନ୍ତି । କ'ଣ ପାଇଁ ଦୁଃଖିଶ୍ୟାମ ଏପରି ନାଟକ ରଚିଥିଲେ ପୋଲିସର ତଦନ୍ତ କାର୍ଯ୍ୟକୁ ବାଟବଣା କରିଥିଲେ, ପୋଲିସ କ'ଣ ପାଇଁ ଦୁଃଖିଶ୍ୟାମ ବିରୁଦ୍ଧରେ ପଦକ୍ଷେପ ନେଉନାହିଁ, ଦୁଃଖିଶ୍ୟାମ କରନ୍ତି କ'ଣ, ବେଉସା କ'ଣ ଏପରି ଅନେକ କଥା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଜାଣିଶୁଣି ପୋଲିସ ଦୁଃଖିଶ୍ୟାମକୁ ଖସାଇ ଦେବା ପାଇଁ ଯୋଜନା କରୁଥିବା ସନ୍ଦେହ ପ୍ରକଟ ହୋଇଛି । ଦୁଃଖିଶ୍ୟାମ ଗଣମାଧ୍ୟମକୁ ଗାଳିଗୁଲଜ କରିବା ଆଗାମୀ ଦିନରେ ମହଙ୍ଗା ସାବ୍ୟସ୍ତ ହେବ ବୋଲି ଅନେକ ଗଣମାଧ୍ୟମ ପ୍ରତିନିଧି କହିଛନ୍ତି । ଏପରିକି ଦୁଃଖିଶ୍ୟାମ ସାମ୍ବାଦିକଙ୍କୁ ହତ୍ୟା ଧମକ ଦେଇଛି ।

# ପାଚିକା ନିଯୁକ୍ତି ଚୟନ ପ୍ରକ୍ରିୟାରେ ଅନିୟମିତତା ନେଇ ଅଭିଯୋଗ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଚିକା ନିଯୁକ୍ତି ପାଇଁ ହୋଇଥିବା ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା କେତେକ ଗ୍ରାମବାସୀ ଓ ଦୁଇଜଣ ଆବେଦନକାରୀ ଅଭିଯୋଗ କରିଛନ୍ତି । ଏନେଇ ସେମାନେ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଜଳେଶ୍ୱର ବିଇଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସେମାନେ କରିଥିବା ଅଭିଯୋଗ ଅନୁଯାୟୀ ଗତ ଜୁଲାଇ ମାସ ୮ ତାରିଖରେ ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ ଜଣ ପାଚିକା ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା । ସେହି ଅନୁସାରେ ବହୁ ସଙ୍ଖ୍ୟାରେ ପ୍ରାର୍ଥିନୀ ଏହି ପାଚିକା ପଦବୀ ପାଇଁ ଆବେଦନ କରିଥିଲେ । ତେବେ ପାଚିକା ଚୟନ ସମୟରେ ଆବେଦନକାରୀଙ୍କ ଆବେଦନପତ୍ର ସହ ସେମାନେ ଦାଖଲ କରିଥିବା ଡକ୍ୟୁମେଣ୍ଟ ଠିକ ଭାବେ ଯାଞ୍ଚ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି । ଏପରିକି ବିଧବା ମହିଳାଙ୍କୁ ଏହି ପଦବୀ ପାଇଁ ଅଗ୍ରାଧିକାର ଦେବାକୁ ସରକାରୀ ନିୟମ ଥିବାବେଳେ ନିୟମକୁ ଉଲଙ୍ଘନ କରାଯାଇଛି ବୋଲି ଜଗଦୀଶ ପ୍ରଧାନ, ଚନ୍ଦନ କୁମାର ଦତ୍ତ, ସତ୍ୟ ରଞ୍ଜନ ରଣା, ଡଲି ବାରିକ, ଧିରେନ୍ଦ୍ର ଘଡାଇ, ପୁଷ୍ପଲତା ଭୂୟାଁ, ବିଶ୍ୱଜିତ ରଣା, ମମତା ଜେନା, ମଧୁସୂଦନ ଦେ, ରାମ ଶଙ୍କର ସାହୁ, ଅଜୟ ରାଉଳ ଓ ତପନ ଧଳ ପ୍ରମୁଖ ଜିଲ୍ଲାପାଳଙ୍କୁ ଦେଇଥିବା ଅଭିଯୋଗପତ୍ର ରେ ଉଲ୍ଲେଖ କରିଛନ୍ତି । ସେହିପରି ପାଚିକା ପଦବୀ ପାଇଁ ଦୁଇ ଆବେଦନକାରିଣୀ ଅରୁପା ରାଣୀ ଜେନା ଓ କବିତା ବାରିକ ମଧ୍ୟ ପାଚିକା ପଦବୀ ପାଇଁ ହୋଇଥିବା ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଜଳେଶ୍ୱର ବିଇଓଙ୍କୁ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି ।

# ନିଖୋଜ ସ୍ତ୍ରୀଙ୍କୁ ଖୋଜୁଛନ୍ତି ସ୍ୱାମୀ

ବଡ଼ଚଣା(ଭାସ୍କର ନ୍ୟୁଜ): ବଡ଼ଚଣା ଥାନା ଚଣ୍ଡିତଳ ଗ୍ରାମ ଶବର ସାହିର ଜୈନିକ ଝିଅର ଦେହ ଅସୁସ୍ଥ ଥିଲା । ତାକୁ କଟକ ବଡ଼ ଡ଼ାକ୍ତରଖାନାକୁ ନେଇ ବାପା-ମାଆ ସୁସ୍ଥ କରି ଫେରୁଥିବା ବେଳେ ମାଆ କଟକରୁ ନିଖୋଜ ହୋଇଯାଇଛନ୍ତି । ସୂଚନା ମୁତାବକ ଗନ୍ଧର୍ବ ସାମଲଙ୍କର ସାନଝିଅ ଦେହ ଅସୁସ୍ଥ ହେବାରୁ ଗନ୍ଧର୍ବ ଓ ତାଙ୍କ ପତ୍ନୀ କୌଶଲ୍ୟା (୪୦) ଝିଅର ଚିକିତ୍ସା ପାଇଁ ପ୍ରଥମେ ବଡ଼ଚଣା ମେଡିକାଲ ଓ ପରେ କଟକ ବଡ଼ ମେଡିକାଲକୁ ଆଣି ଚିକିତ୍ସା କରାଇଥିଲେ । ତେବେ ଝିଅ ସୁସ୍ଥ ହେବାପରେ ସେମାନେ ଗତ ୫ ତାରିଖ ଦିନ ଘରକୁ ଫେରୁଥିବା ବେଳେ ସେହି କଟକରୁ କୌଶଲ୍ୟା ନିଖୋଜ ହୋଇଯାଇଥିଲେ । ଗନ୍ଧର୍ବ ଝିଅକୁ କାଖେଇ ଅତି ଦୟନୀୟ ଅବସ୍ଥାରେ ପତ୍ନୀଙ୍କୁ ସେଠାରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନଥିଲେ । ପରେ ସେ ବାଧ ହୋଇ ଘରକୁ ଫେରି ଆସିଥିଲେ । ସୂଚନାଯୋଗ୍ୟ ଯେ, ଗନ୍ଧର୍ବ ଜଣେ ଭୂମିହୀନ ମଣିଷ । ଏକ ସରକାରୀ ଜମିରେ ପାଲ ଘେରାଉ କରି ଭଙ୍ଗା ଦଦରା ଘରେ ସେ ପତ୍ନୀ ଓ ତିନି ଝିଅ ସହିତ ରହିଆସୁଛନ୍ତି । ଶାରୀରିକ ଅସୁସ୍ଥ ଥିବା ଗନ୍ଧର୍ବ ଏଠୁ ସେଠୁ ମାଗିଯାଚି ପରିବାର ଚଳାଇ ଥାଏ । ତେବେ ଏଭଳି ଦୁଃଖଦ ଜୀବନ ବିତାଉଥିବା ଗନ୍ଧର୍ବଙ୍କର ପତ୍ନୀ ନିଖୋଜ ଘଟଣାରେ ସେ ହତୋତ୍ସାହିତ ହୋଇ ପଡି ନିଜ ଭଙ୍ଗା ଦଦରା ଘରେ ପଡି ରହିଛନ୍ତି । ଏ ପର୍ଯ୍ୟନ୍ତ ତାଙ୍କ ପତ୍ନୀଙ୍କ କୌଣସି ଖୋଜ ଖବର ମିଳୁନଥିବାରୁ ଦାଣ୍ଡେ ଦାଣ୍ଡେ ପିଲାଙ୍କୁ ନେଇ ବୁଲୁଥିବା ଖବର ମିଳିଛି ।

# ଟାଟାଷ୍ଟିଲ ମେରାମଣ୍ଡଳୀ କର୍ମଚାରୀଙ୍କ ଦ୍ୱାରା ବୁଲା ଗୋରୁଙ୍କୁ ଲାଗିଲା ରେଟ୍ରୋରି ଫ୍ଲେକ୍ସିଭ୍ବ୍ୟାଣ୍ଡ୍



ଢେଙ୍କାନାଳ(ଭାସ୍କର ନ୍ୟୁଜ): କର୍ମଚାରୀ ସ୍ୱେଚ୍ଛାସେବା ଅନ୍ତର୍ଗତ ଟାଟାଷ୍ଟିଲ ମେରାମଣ୍ଡଳୀର କର୍ପୋରେଟ ସର୍ଭିସେସ ବିଭାଗ କର୍ମଚାରୀ ସ୍ୱେଚ୍ଛାସେବା ମନୋଭାବ ନେଇ ଜାତୀୟ ରାଜପଥ ୫୫ ଓ ଟିଏସ୍ଏମ୍ କାରଖାନା ପାର୍ଶ୍ୱବର୍ତୀ ସଡକରେ ବୁଲୁଥିବା ଗୋରୁମାନଙ୍କ ଯୋଗୁ ଦୈନନ୍ଦିନ ଘଟୁଥିବା ସଡ଼କ ଦୁର୍ଘଟଣା ହ୍ରାସ କରିବା ଲାଗି ଏକ ଛୋଟ ପ୍ରୟାସ କରିଛନ୍ତି । ବୁଲା ଗୋରୁମାନେ ସାଧାରଣତଃ ରାସ୍ତାରେ ବିଶ୍ରାମ ନେଇଥାନ୍ତି କିମ୍ବା ଶୋଇଥାନ୍ତି । ଏହାଫଳରେ ରାସ୍ତାରେ ଗାଡ଼ି ଚଲାଉଥିବା ଚାଳକମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇଥାନ୍ତି । ବିଶେଷକରି ସନ୍ଧ୍ୟା ପରେ ତଥା ସ୍ୱଳ୍ପ ଆଲୋକ ସମୟରେ ଦୁର୍ଘଟଣା ଅଧିକ ହୋଇଥାଏ । ଫଳରେ ଉଭୟ ଗାଡି ଚାଳକ ଓ ଗୋରୁ ଆହତ ହୋଇଥାନ୍ତି । ତେଣୁ ବୁଲା ଗୋରୁ ଓ ଗାଡିଚାଳକଙ୍କ ସୁରକ୍ଷା ନିମନ୍ତେ ଟାଟାଷ୍ଟିଲ୍ ମେରାମଣ୍ଡଳୀର କର୍ମଚାରୀମାନେ ପାଖାପାଖି ୮୮ ଗୋରୁଙ୍କୁ ରେଟ୍ରୋରି ଫ୍ଲେକ୍ସିଭ୍ବ୍ୟାଣ୍ଡ୍ ଲଗାଇଛନ୍ତି । ଏହି ପଦକ୍ଷେପ ଯୋଗୁ ସ୍ୱଳ୍ପ ଆଲୋକ ତଥା ସନ୍ଧ୍ୟା ପରେ ରାସ୍ତାରେ ଶୋଇଥିବା ଗାଈଙ୍କୁ ଗାଡି ଚାଳକ ସ୍ପଷ୍ଟ ଭାବେ ଦେଖିପାରିବେ ଓ ଦୁର୍ଘଟଣା ଯଥେଷ୍ଟ କମିବାର ସମ୍ଭାବନା ରହିଛି । ସେହିପରି, ଟାଟାଷ୍ଟିଲ କଳିଙ୍ଗନଗର ଓ ଟାଟାଷ୍ଟିଲ ମେରାମଣ୍ଡଳୀର ସୁରକ୍ଷା ବିଭାଗ ମୁଖ୍ୟ ପ୍ରକାଶ ସଞ୍ଜୟଙ୍କ ନେତୃତ୍ୱରେ ସ୍ୱଚ୍ଛତା ଓ ପରିବେଶ ଦାୟିତ୍ୱବୋଧକୁ ପ୍ରୋତ୍ସାହନ ଦେବାଲାଗି କଣ୍ଟାବଣିଆ ବଜାରରେ ଏକ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା । ପ୍ରଶାସନ ବିଭାଗ, ସିଏସ୍ଆର୍ ବିଭାଗ, ସିକ୍ୟୁରିଟି ବିଭାଗ ଓ କଣ୍ଟାବଣିଆ ପୋଲିସର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏନ୍ଏଚ୍-୫୫ ପାର୍ଶ୍ୱ କଣ୍ଟାବଣିଆ ଛକର ପ୍ରମୁଖ ସ୍ଥାନଗୁଡିକରେ ଡଷ୍ଟବିନ୍ ବଣ୍ଟନ କରାଯାଇଥିଲା । ଉପସ୍ଥିତ ଦୋକାନୀ ତଥା ଜନସାଧାରଣଙ୍କୁ ଡଷ୍ଟବିନ୍‌ର ବ୍ୟବହାର ଓ ବଜାରରେ ସ୍ୱଚ୍ଛତା ପ୍ରତି ସମସ୍ତେ ଧ୍ୟାନ ଦେବାକୁ ସଚେତନ କରାଯାଇଥିଲା । କୁସୁପଙ୍ଗା ଓ ମଙ୍ଗଳପୁର ଗ୍ରାମପଞ୍ଚାୟତର ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ବିଶ୍ୱକର୍ମା ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ



ପାରାଦୀପ(ଭାସ୍କର ନ୍ୟୁଜ): ଆସନ୍ତା ସେପ୍ଟେମ୍ବର ମାସ ୧୭ରେ ଓଡ଼ିଶାର ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜା ଉତ୍ସବ ଶାନ୍ତିଶୃଙ୍ଖଳା ଓ ସଫଳତାର ସହ ପାଳନ କରିବା ପାଇଁ ଗୁରୁବାର ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପାରାଦୀପ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, ପାରାଦୀପ ବନ୍ଦର ଭୂସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ରଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତା ସାତଦିନ ବ୍ୟାପି ପୂଜା ଉତ୍ସବର ସଫଳତା ଏବଂ ଅଧିକ ଆକର୍ଷଣୀୟ ଉପରେ ଆଲୋଚନା କରିଥିଲେ । ତେବେ ଚଳିତ ବର୍ଷ ଏହି ମହା ପର୍ବରେ ଅନେକ ଜନସମାଗମ ଆଶା କରାଯାଉଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବ । ସୂଚନାଥାଉକି କିଛି ପୂଜା ମଣ୍ଡପ ଅନୁଷ୍ଠାନ ଜୟଦେବ ସଦନ ଛକ ମୁଖ୍ୟ ପୂଜା ସ୍ଥଳୀ ନିକଟରେ ଟେଣ୍ଟ ବନ୍ଧା କାର୍ଯ୍ୟ ଆରମ୍ଭ କଲେଣି ।

# ବଣ୍ଟାହେଲା ନଗଦ ହରିଶ୍ଚନ୍ଦ୍ର ସହାୟତା



ରଣପୁର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ହରିଶ୍ଚନ୍ଦ୍ର ଆର୍ଥିକ ସହାୟତା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ମୃତକଙ୍କ ଦୁଆରେ ପହଞ୍ଚି ପ୍ରଦାନ କରାଯାଇଥିବା ଜଣାପଡିଛି । ପୂର୍ବରୁ ଜମାଖାତା ମାଧ୍ୟମରେ ପ୍ରଦାନ କରାଯାଉଥିଲା । ଅଧ୍ୟକ୍ଷା ରଙ୍ଗିନ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର ଓ କର୍ମଚାରୀ ୧୩ ନମ୍ବର ୱାର୍ଡର ମୃତ ବାନାମ୍ବର ବିଶ୍ୱାଳଙ୍କ ପତ୍ନୀ ସୁବାସିନୀ ବିଶ୍ୱାଳ ଓ ୨ନମ୍ବର ୱାର୍ଡ ମୃତ ଚରଣ ନାୟକଙ୍କ ପତ୍ନୀ ପ୍ରମୋଦିନୀ ନାୟକଙ୍କୁ ଚାରି ହଜାର ଟଙ୍କା ଲେଖାଏଁ ନଗଦ ଅର୍ଥ ପ୍ରଦାନ କରିଥିବା ଜଣାପଡିଛି ।

# ଓଡିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ନୂତନ କର୍ମକର୍ତ୍ତା: ହରିହର ଦାଶ ସଭାପତି



ପାରାଦୀପ(ଭାସ୍କର ନ୍ୟୁଜ): ଓଡିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ ର ନୂତନ କର୍ମକର୍ତ୍ତା ଗତ ଜୁଲାଇ ୩୧ରୁ ତାରିଖ ଦିନ ମନୋନୀତ ହୋଇଛନ୍ତି । ଓଡ଼ିଶାର ତିନୋଟି ବନ୍ଦର ପାରାଦୀପ, ଗୋପାଳପୁର, ଧାମରା ଏବଂ ଝାରସୁଗୁଡା ଓ ଯାଜପୁରର ଦୁଇଟି ଇନଲାଣ୍ଡ କଣ୍ଟେନର ଡିପୋ, କଣ୍ଟେନର ପରିବହନ ଷ୍ଟେସନ ଏବଂ ଭୁବନେଶ୍ୱର ବିମାନ ବନ୍ଦରରେ କାର୍ଯ୍ୟ କରୁଥିବା ଆସୋସିଏସନର ସଦସ୍ୟମାନେ ଏହି ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ହୋଟେଲ ଏମ୍ପାୟାର୍ସଠାରେ ଆୟୋଜିତ ସଭାରେ ସର୍ବସମ୍ମତି କ୍ରମେ ହରିହର ଦାଶଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ସଚ୍ଚିଦାନନ୍ଦ ପଟ୍ଟନାୟକ, ସମ୍ପାଦକ ବିଶ୍ୱଜିତ ମିଶ୍ର, ଉପସଭାପତି ରଞ୍ଜିତ ସତପଥି, ଯୁଗ୍ମ ସମ୍ପାଦକ ଜୟନ୍ତ ଦାସ ଏବଂ କୋଷାଧ୍ୟକ୍ଷ ଭାବେ କଳ୍ପତରୁ ମନ୍ତ୍ରୀ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ନୂତନ କର୍ମକର୍ତ୍ତାମାନଙ୍କ ମନୋନୟନ ପରେ ପ୍ରଥମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସମସ୍ତ ସଦସ୍ୟ ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆସୋସିଏସନର ଖସଡ଼ା ପ୍ରସ୍ତୁତି ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ।

# ବର୍ଷାର ଲୁଚକାଳି ଖେଳ, କୃଷକଙ୍କୁ କାଳ



ରଣପୁର(ଭାସ୍କର ନ୍ୟୁଜ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଏକ ପାହାଡିଆ ଅଞ୍ଚଳ । ଶତକଡା ଅଶୀ ଭାଗ ଜମି ଅଣଜଳସେଚିତ । ଅଶୀ ଭାଗ ଲୋକ ଧାନ ଚାଷ ଉପରେ ନିର୍ଭର କରନ୍ତି । ଚଳିତବର୍ଷ ମୌସୁମୀ ଶିଘ୍ର ଆସିବା ଯୋଗୁ କୃଷକମାନେ ରଆ କାର୍ଯ୍ୟ ଆରମ୍ଭ କରିଦେଇଥିଲେ । କିନ୍ତୁ ବର୍ଷାର ଲୁଚକାଳି ଖେଳ କୁଆଡେ ଭାସୁଛି ରଣପୁର ଅଞ୍ଚଳ ଧାନ ରଆ ଜମି ଫାଟୁଛି । ତଳି କିଆରୀରେ ପାଣି ନାହିଁ । ଜମିରେ ପାଣି ନଥିବା ଯୋଗୁ ଜମି କାଦୁଅ ହୋଇ ପାରୁନାହିଁ । ଚାଷ କାର୍ଯ୍ୟ ଆରମ୍ଭରୁ ବର୍ଷାର ଧୋକ୍କା ଯୋଗୁ ଚଳିତବର୍ଷ ଧାନ ଚାଷ ପାଇଁ ଆଉ ଭରଷା ନଥିବା କହୁଛନ୍ତି କୃଷକମାନେ । ମଜୁରିଆ ମାନଙ୍କୁ କାମ ନାହିଁ, ଦାଦନ ପାଇଁ ସଜବାଜ ହେଉଥିବା ବେଳେ ଦଲାଲ ମାନେ ଗାଁ ଗଣ୍ଡାରେ ବୁଲିଲେଣି । ଦୁଇ ଚାରିଦିନ ମଧ୍ୟରେ ବର୍ଷା ନହେଲେ ପରିସ୍ଥିତି ଅସମ୍ଭାଳ । ସରକାର ରଣପୁର ଅଞ୍ଚଳ ମରୁଡି ପରିସ୍ଥିତି ଆକଳନ ସାଙ୍ଗକୁ ରବି ଫସଲ ପାଇଁ ବିହନ ଯୋଗାଇବାକୁ କୃଷକମାନେ ଅନୁରୋଧ କରିଛନ୍ତି ।

# ମୋବାଇଲ ଚୋରି କରି ୩ ଗିରଫ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ଦେବୀ କନ୍ଦଳ ଦୀପାଞ୍ଚଳ ବଜାରରୁ କଲେଜ ଛାତ୍ରୀଠାରୁ ମୋବାଇଲ ଛଡାଇ ନେଇଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୋଲିସ । ସୂଚନା ଅନୁଯାଇ ଗତ ୫ ତାରିଖରେ ଗୋବିନ୍ଦପୁର ଥାନା ଅଧିନସ୍ତ ଉତ୍ତାରଣ ପଞ୍ଚାୟତ କନ୍ଦଳ ଗ୍ରାମର କଲେଜ ଛାତ୍ରୀ ସସ୍ମିତା କାଣ୍ଡି କଲେଜରୁ ଫେରି ଘରକୁ ଆସୁଥିବା ବେଳେ ଜଣେ ଯୁବକ ମାଡ଼ ମାରି ମୋବାଇଲ ଛଡାଇ ନେଇଥିଲା । ଯାହାକୁ ନେଇ ନିଆଳି ଥାନାରେ ଛାତ୍ରୀ ଅଭିଯୋଗ କରିଥିଲେ । ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗୋବିନ୍ଦପୁର ଥାନା ଅଧିନସ୍ତ ପାଟ ସୁନ୍ଦରପୁର କମାର ସାହିର କାଶୀନାଥ ଭୋଇ (୩୫), ମଙ୍ଗରାଜ ଭୋଇ (୩୦) ଓ ଝାରପଡା ବାଲିସାହିର କୁମର ଭୋଇ (୨୪) । ସେମାନଙ୍କ ଠାରୁ ୨ଟି ମୋବାଇଲ, କତୁରି ଓ ଟିଭିଏସ ଏକ୍ସସେଲ ଗାଡି ଜବତ ହୋଇଛି । ତିନିଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି । ଗୋବିନ୍ଦପୁର ପୋଲିସ ନିଆଳି ଥାନାରେ ସେମାନେ ଅନ୍ୟ କେଉଁ କେଶରେ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ ଆରମ୍ଭ କରିଛି ।

# ଜଗତସିଂହପୁରରେ ଦୁଷ୍କର୍ମ, ଏସ୍‌ପିଙ୍କୁ ଦାବିପତ୍ର ଦେଲେ ଯୁବ ଓ ଛାତ୍ର ବିଜେଡି ସଂଗଠନ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଗତକାଲି ରଘୁନାଥପୁରରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଯାଇଛି । ଅଭିଯୋଗ ଅନୁସାରେ ଜଣେ ମହିଳା ଜଙ୍ଗଲକୁ ଗାଈ ଚରାଇବାକୁ ନେଉଥିବା ସମୟରେ ଜଣେ ଯୁବକ ମହିଳାଙ୍କୁ ଟେକିନେଇ ଜଙ୍ଗଲ ଭିତରେ ମାଡ଼ମାରି ଲହୁଲୁହାଣ କରିବା ସହ ଦୁଷ୍କର୍ମ କରିଥିଲେ । ଚେତାଶୂନ୍ୟ ଅବସ୍ଥାରେ ମହିଳା ବିଲରେ ପଡିଥିବା ବେଳେ ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ । ସେ ସ୍ୱାମୀଙ୍କ ସହ ରଘୁନାଥପୁର ଥାନାରେ ଅଭିଯୋଗ କରିଥିଲେ । ଥାନା ପୋଲିସ ମହିଳାଙ୍କୁ ମେଡ଼ିକାଲ ଟେଷ୍ଟ କରାଇ ରାତିରେ ଏକୁଟିଆ ଛାଡି ଦେଇଥିଲା । ଥାନାଠୁ ୧୦ କିମି ଦୂର ଘରକୁ ଯିବା ବେଳେ ମହିଳା ଅସୁସ୍ଥ ହୋଇ ପଡିଥିଲେ । ମହିଳାଙ୍କୁ ଏକୁଟିଆ ଛାଡ଼ିଦେବା ଓ ଅଭିଯୁକ୍ତକୁ ଗିରଫ ନକରିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାରେ ବୃଦ୍ଧି ପାଉଥିବା ଛାତ୍ରୀ ଓ ନାରୀ ନିର୍ଯାତନା ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବିକରି ଜଗତସିଂହପୁର ଜିଲ୍ଲା ବିଜେଡି ଯୁବ ଓ ଛାତ୍ର ସଂଗଠନ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଯୁବ ଓ ଛାତ୍ର ବିଜେଡି ସଂଗଠନର କର୍ମକର୍ତ୍ତା କଲେଜ ଛକରୁ ଏକ ପଦୁଆରରେ ଏସପି ଅଫିସ ଆଗରେ ନାରାବାଜି କରିଥିଲେ । ଛାତ୍ର ବିଜେଡି ସଂଗଠନର ସମ୍ବିତ ଲେଙ୍କା ଓ ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ର ଓ ଯୁବ ବିଜେଡି କର୍ମକର୍ତ୍ତା ଏସପିଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଗୋରେଖନାଥ ପୀଠର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ଉପଜିଲ୍ଲାପାଳ

ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଗୁରୁବାର ପୂର୍ବାହ୍ନରେ ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠକୁ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ ପୀଠରେ କେଉଁ ସ୍ଥାନରେ ଆବଶ୍ୟକ ଥିବା କାର୍ଯ୍ୟ କରାଯାଇପାରିବ ଉପଜିଲ୍ଲାପାଳ ତରାଇ ବୁଲି ଦେଖିବା ସହ ଉପଦେଷ୍ଟା କମିଟି ସଦସ୍ୟ ଓ ପୂଜକଙ୍କ ସହ ମତାମତ ଲୋଡି ଆଲୋଚନା କରିଥିଲେ । ଓଟିଡିସି ପକ୍ଷରୁ ନିର୍ମାଣ ହୋଇଥିବା ଘର ଓ ପାର୍କିଂ ପ୍ଲେସର ପାଚେରୀ ସହ ପାର୍ଶ୍ୱରେ ଦୋକାନ ଗୃହ ନିର୍ମାଣ, ଗୁରୁଗାଦି ଚତୁର୍ପାର୍ଶ୍ୱରେ ପାଚେରୀ, ଶୌଚାଳୟ ପାଚେରୀ ସହ ଉପରେ ମିଟିଂହଲ ନିର୍ମାଣ, ପୋଖରୀ ପାର୍ଶ୍ୱରେ ଗୋଦାମ ଘର ନିର୍ମାଣ, ପରିସରରେ ଅସମ୍ପୂର୍ଣ୍ଣ ଥିବା ସ୍ଥାନରେ ଗ୍ରାନାଇଟ ବିଛାଯିବା, ଗଣେଶ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ କରାଯିବା ଓ ପୂର୍ବରୁ ଥିବା ଅଫିସ ଘର ଭଙ୍ଗାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଉପଜିଲ୍ଲାପାଳଙ୍କ ଗସ୍ତ ସମୟରେ ବିଡିଓ ବିରଞ୍ଚି ନାରାୟଣ ବେହେରା ଓ ତହସିଲଦାର ରାଜଲକ୍ଷ୍ମୀ ନାୟକ, ଉପଦେଷ୍ଟା କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ସୁରେନ୍ଦ୍ରନାଥ ସ୍ୱାଇଁ, ସୁଶାନ୍ତ କୁମାର ଦାଶ, ରମେଶ ଚନ୍ଦ୍ର ମହାନ୍ତି, ବିଜୟ କୁମାର ସ୍ୱାଇଁ, ପୂଜକ ଦିଲୀପ କୁମାର ପଣ୍ଡା ଓ ନିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପିର ତ୍ରିରଙ୍ଗା ଯାତ୍ରା କର୍ମଶାଳା

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ବିଜେପିର ଜିଲ୍ଲା କାର୍ଯ୍ୟାଳୟରେ ତ୍ରିରଙ୍ଗା ଯାତ୍ରା ପ୍ରସ୍ତୁତି କର୍ମଶାଳା ଜିଲ୍ଲା ସଭାପତି ରାସ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ତ୍ରିରଙ୍ଗା ଯାତ୍ରା କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଅପରେସନ୍ ସିନ୍ଦୂରର ସଫଳତା ଓ ଭାରତୀୟ ସେନାର ବୀରତ୍ୱ ଏବଂ ଶକ୍ତିର ବିଜୟରେ ସାରାଦେଶ ଉତ୍ସାହିତ ପାଇଁ ରାଜ୍ୟ ବିଜେପିର ନିଷ୍ପତ୍ତି କ୍ରମେ ଆଗାମୀ ୧୦ରୁ ୧୪ ପର୍ଯ୍ୟନ୍ତ ଜିଲ୍ଲାର ପ୍ରତ୍ୟେକ ମଣ୍ଡଳ ଏବଂ ବ୍ଲକ୍ ମୁଖ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯିବ । ୧୩ରୁ ୧୫ ପର୍ଯ୍ୟନ୍ତ ପ୍ରତ୍ୟେକ ଘର ଓ ପ୍ରତିଷ୍ଠାନରେ ତ୍ରିରଙ୍ଗା ପତାକା ଲଗାଯିବ । ୧୨ରୁ ୧୪ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ସହୀଦଙ୍କ ପ୍ରତିମୂର୍ତି ଏବଂ ସ୍ମାରକୀ ଶୌଧନ କରି ପୁଷ୍ପମାଲ୍ୟ ଅର୍ପଣ କରାଯିବ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଦଳ ତରଫରୁ ସମ୍ମାନିତ କରାଯିବ । ସେହିଭଳି ୧୪ରେ ଭାରତ ବର୍ଷରେ ଘଟିଥିବା ବିଭାଜନ ବିଭିଷିକା ସ୍ମୃତି ଦିବସ ଉପରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବୁଦ୍ଧିଜୀବୀ ଓ ସ୍ୱାଧିନତା ସଂଗ୍ରାମୀଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଏହି ଆଲୋଚନା ଚକ୍ରରେ ଅଧିକରୁ ଅଧିକ ସଂଖ୍ୟାରେ ଯୁବକ, ଯୁବତୀ, ଛାତ୍ରଛାତ୍ରୀଙ୍କୁ ସାମିଲ୍ କରିବା ପାଇଁ ନିଷ୍ପତି ନିଆଯାଇଛି ।

# ସାମ୍ବାଦିକଙ୍କ ମାତୃ ବିୟୋଗ



ଭୁବନ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ଭୁବନ ବ୍ଲକ, ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କାଳିଆପାଣି ନଓଡ଼ିଶା ଭାସ୍କରନ୍ତ ସାମ୍ବାଦିକ ତଥା ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ)ର ଜାତୀୟ ପରିଷଦ ସଭ୍ୟ ବରିଷ୍ଠ ସାମ୍ବାଦିକ ମଧୁପ ରଞ୍ଜନ ନନ୍ଦଙ୍କ ମା' ଶାନ୍ତିଲତା ନନ୍ଦ (୭୧)ଙ୍କ ବୁଧବାର କଟକ ବଡଡାକ୍ତରଖାନାରେ ପରଲୋକ ହୋଇଯାଇଛି । ଗତ ଶୁକ୍ରବାର ଦିନ ସେ ଚନ୍ଦନବୋଡା ସର୍ପାଘାତରେ ଶିକାର ହୋଇ କଟକ ବଡଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଦେହାନ୍ତ ହୋଇଥିଲା । ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ବଡପୁଅ ସାମ୍ବାଦିକ ମଧୁପ ରଞ୍ଜନ ନନ୍ଦଙ୍କ ସମେତ ମଝିଆଁ ପୁଅ ଶିକ୍ଷକ ମଳୟ ରଞ୍ଜନ ନନ୍ଦ, ସାନ ପୁଅ ମିହିର ରଞ୍ଜନ ନନ୍ଦ, ଝିଅ ମମତା, ଜ୍ୱାଇଁ ଦୀପକ, ନାତି ଦିବ୍ୟଜ୍ୟୋତି ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ତାଙ୍କ ମର ଶରୀରକୁ ଓଡ଼ିଶ ଗ୍ରାମକୁ ଅଣାଯିବା ପରେ ଭୁବନ ସାମ୍ବାଦିକ ସଂଘ ସଂପାଦକ ସୁଶାନ୍ତ କୁମାର ପୋଥାଳ, କର୍ମକର୍ତ୍ତା ଦେବାନନ୍ଦ ସାହୁ, ମନୋଜ କୁମାର ପୋଥାଳ, ଉପଦେଷ୍ଟା ଭୁବନ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, ନଗରପାଳ ଶୁଭେନ୍ଦୁ କୁମାର ସାହୁ, ସୁକିନ୍ଦା ପ୍ରେସ କ୍ଲବ ସଭାପତି ବିଶ୍ୱଜିତ ନାୟକ, କୈଳାସ ନାୟକ, ରବି ନାରାୟଣ କର, ଅସିତ୍ ମହାନ୍ତ, ଓଏମସି ପ୍ରବନ୍ଧକ ଇଂ ରଞ୍ଜନ କୁମାର ସାମଲ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ମଧ୍ୟ ରାତ୍ରରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ସାନ ପୁଅ ମିହିର ନନ୍ଦ ମୁଖାଗ୍ନି ଦେଇଥିଲେ । ଶାନ୍ତି ଦେବୀଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପ୍ରୀତି ରଞ୍ଜନ ଘଡାଇ (ଡାନି), ପୂର୍ବତନ ସାଂସଦ ମହେଶ ସାହୁ, ଏସୟୁଜେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ଏସୟୁ ଜେ ଢେଙ୍କାନାଳ ଶାଖା ସାମ୍ବାଦିକ ଗଗନ ବିହାରୀ ପଣ୍ଡା, ସଦାଶିବ ମହାପାତ୍ର, କାମାକ୍ଷାନଗର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ଶୁଭମୟ ନନ୍ଦ, କର୍ମକର୍ତ୍ତା ପ୍ରକାଶ କୁମାର ପାତ୍ର, ଗନ୍ଦିଆ ସାମ୍ବାଦିକ ସଂଘର ପ୍ରଦୀପ କୁମାର ଦାସ, ବାଦଲ ମହାନ୍ତି, ଅକ୍ଷୟ ପାତ୍ର, ସୌମ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଫୋନ୍ ଯୋଗେ ଗଭୀର ଶୋକ ପ୍ରକାଶ କରିଥିଲେ । ସ୍ୱର୍ଗୀୟା ନନ୍ଦ ଓଡ଼ିଶ ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ପ୍ରଧାନଶିକ୍ଷକ ସ୍ୱର୍ଗତ ମହେଶ୍ୱର ନନ୍ଦଙ୍କ ଧର୍ମପତ୍ନୀ ଥିଲେ । ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ମାସ ୧୮ ତାରିଖରେ ସାମ୍ବାଦିକ ମଧୁପ ନନ୍ଦଙ୍କ ପିତା ମହେଶ୍ୱରଙ୍କ ବିୟୋଗ ହୋଇଥିଲା । ସ୍ୱର୍ଗୀୟା ନନ୍ଦ ଏକାଧାରରେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା, ପରୋପକାରୀ, ସ୍ନେହୀ, ଦୟାଳୁ, ମେଳାପି ମହିଳା ଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

## ପଚିଗଲା ତଳି, ଭାସିଗଲା ରୁଆ ଧାନ

# ସରକାରୀ ସହାୟତା ମିଳିବ କେବେ !



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ବ୍ରାହ୍ମଣୀ କୂଳବର୍ତ୍ତୀ ଆଠ ପଞ୍ଚାୟତର ଶହ ଶହ ଚାଷ ଜମି ଏବେ ବନ୍ୟାଜଳରେ ଜଳାର୍ଣ୍ଣବ । ପାଣି ଭିତରେ ଥିବା ରୁଆ ଧାନ ଅବସ୍ଥା ଶୋଚନୀୟ କେଉଁଠି ଭାସିଲାଣି ତ କେଉଁଠି ଧାନଗଛ ପଚି ନଷ୍ଟ ହୋଇଗଲାଣି । ଏବେ କିନ୍ତୁ ବେଉଷଣ ହୋଇ ଧାନ ବଛା ହେବାର ପ୍ରକ୍ରିୟା ଚାଲିବାକୁ ଥିବା ବେଳେ କିନ୍ତୁ ପାଣି ଉଜାଡି ହେଲା ଧାନକ୍ଷେତ । ବର୍ଷକର ଦାନା ବନ୍ୟାର ଆଁ ଭିତରେ ଲୀନ ହୋଇ ଗଲାଣି । କିଭଳି ପରିବାର ପ୍ରତିପୋଷଣ କରିବେ ଏବେଠୁ ଘାରିଲାଣି ଚିନ୍ତା । ଏବେ ଆମେ କଣ କରିବୁ ବୋଲି ଚାଷୀଙ୍କ ମୁହଁରୁ ଶୁଣିବାକୁ ମିଳୁଛି କ୍ଷୋଭଭରା କଥା । ଆଳି ବ୍ଲକର ବଡାମ୍ବିଳା ଗ୍ରାମପଞ୍ଚାୟତ ବେତ୍ତା, ବଡାମ୍ବିଳା, କଳଦିଆ, କୃଷ୍ଣପୁରପାଟଣା, ଦଶିପୁର, ସାହୁପଡ଼ା, ନୂଆଗାଁ, ମୃଗନୟିନୀ ଆଦି ଗ୍ରାମର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଏକର ଜମିରେ ଖରିପ ଧାନ ଚାଷ କରିବା ପାଇଁ ଜମି ପ୍ରସ୍ତୁତ କରିଥିଲେ । କିଛି ଜମିରେ ଜମି ପ୍ରସ୍ତୁତ ଥିବା ବେଳେ ଅଧିକାଂଶ ଜମିରେ ଧାନରୁଆ ସରିଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ କି ଆଜିକୁ ପ୍ରାୟ ଏକ ମାସ ହେବ ଲଗାଣ ବର୍ଷା ଓ ଦୁଇ ଦୁଇଥର ବନ୍ୟା ଆସିବା ଫଳରେ ରୁଆ ହେବାକୁ ଥିବା ତଳି ପଚିଯିବା ସହ ରୁଆ ହୋଇଥିବା ଧାନ ବନ୍ୟା ଭାସି ଯିବା ସହ ଓ ବର୍ଷାଜଳ ଜମି ରହିବା ଫଳରେ ପଚି ଯାଇଛି । ଯାହାକୁ ନେଇ ଚାଷୀ ହତାଶ ହୋଇ ବିଲ ମଝିରେ ମୁଣ୍ଡରେ ହାତ ଦେଇ ବସିଛି । ବର୍ଷକର ଦାନା ଆଖି ଆଗରେ ଉଜୁଡି ଯାଉଥିବା ଦେଖି ଚାଷୀ କୋହରେ କାନ୍ଦିପକାଉଛି । ବଡାମ୍ବିଳାର ପ୍ରତ୍ୟକ ଗ୍ରାମର ଚାଷଜମିରେ ମଧ୍ୟ ଏଭଳି ବିକଳ ସ୍ଥିତି ଦେଖିବାକୁ ମିଳିଛି । ବ୍ରାହ୍ମଣୀ ନଦୀରେ ପ୍ରଥମ ବନ୍ୟାରେ ପାଣି ଜମିରହି ଚାଷ କାମକୁ ପ୍ରାୟତ ଆଗେଇ ନେବାରେ ଆଶା ରଖିଥିଲା ଚାଷୀ । ପରବର୍ତ୍ତୀ ବନ୍ୟାଜଳ କିନ୍ତୁ ଜମିରେ ଆସ୍ଥାନ ଜମାଇ ରଖିଲା ସପ୍ତାହ କାଳ । ପାଣି ଭିତରେ ଅଛରା ଧାନ ପଚିସଢି ଭାସିଲା । ସମ୍ପୂର୍ଣ୍ଣ ପାଣି ଛାଡୁ ଛାଡୁ ଆହୁରି ବି ଦିନେ ଦୁଇଦିନ ଲାଗିପାରେ । ସେତେବେଳେ ଜମିରେ ଗୋଟିଏ ଧାନଗଛ ବି ମିଳିବନି ବୋଲି ଆଶଙ୍କା ପ୍ରକାଶ କଲେଣି ଚାଷୀ । ଚଳିତ ବର୍ଷ ମୌସୁମୀର ଅନିୟମିତତା ଯୋଗୁ ଖରାଟିଆ ବୁଣାଧାନ ଅପେକ୍ଷା ବର୍ଷାବେଳେ ବି ଧାନ ତଳି ପଡିଥିଲା । କେତେକ ଜମିରେ ଗଜା ଧାନ ବି ପଡ଼ି ଚାଷ ହୋଇଥିଲା । ସେଥିରେ ବାଧ ହୋଇ ଖୋଲା ବଜାରରୁ ଚଢା ଦରରେ ଧାର ଉଦ୍ଧାର କରି ଧାନ ବିହନ କିଣି ଥିଲେ ଚାଷୀ । ହେଲେ ତାହାବି ବନ୍ୟାରେ ଭାସିଗଲା । ଏବେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଗଲାଣି । ଆଉ ତଳି ପକେଇ ଜମି ଚାଷ କରିବାକୁ ସମୟ ନ ଥିବାବେଳେ ବନ୍ୟାଜଳ ଯୋଗୁଁ ଶହ ଶହ ଚାଷ ଜମି ପଡିଆ ପଡିଲା ବୋଲି କହିଛନ୍ତି । ସେଇଭଳି ବଡାମ୍ବିଳା ଗ୍ରାମର ଚାଷୀ ଉମେଶ ମହାନ୍ତି ବନ୍ୟା ଯୋଗୁ ତଳିତଳାନ୍ତ ହୋଇଯିବା କଥା କ୍ଷୋଭର ସହ କାନ୍ଦି କାନ୍ଦି କହିଥିଲେ । ଆହୁରି ବନ୍ୟାପାଣି ୧୫ ଏକର ଚାଷଜମିକୁ ଉଜାଡି ଦେଲା ବୋଲି କହିଥିଲେ । ଏଯାବତ୍ ପ୍ରଶାସନିକ ଅଧିକାରୀ ଚାଷ ଜମିର ଏଭଳି ଦୁର୍ଦ୍ଦଶା ଦେଖିଲେ ନାହିଁ ବୋଲି ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଛି । ତୁରନ୍ତ ବନ୍ୟା ପ୍ଲାବିତ ଅଞ୍ଚଳକୁ ସରଜମିନ ତଦନ୍ତ କରି ସହାୟତା ଯୋଗାଇ ଦେବାକୁ ବଡାମ୍ବିଳାର ସୁରେନ୍ଦ୍ର ମହାନ୍ତି, ରତ୍ନାକର ମହାନ୍ତି, ରଞ୍ଜିତ ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ଶିବଚନ୍ଦ୍ର ଓଝା, ସହଦେବ ନାୟକ, ଦୁର୍ଯ୍ୟୋଧନ ଗୋଛାୟତ, ମଦନ ବିଶ୍ୱାଳ, ସୁବାଷ ଜେନା, ନରେଶ ମହାନ୍ତି, ଧ୍ରୁବ ମହାନ୍ତି, ଶ୍ରୀଧର ଦାସ, ପ୍ରହ୍ଲାଦ ମହାନ୍ତି, ଅଶୋକ ଜେନା, ସୁବ୍ରଜିତ ମହୀ ପ୍ରମୁଖ ଚାଷୀ ଦାବି କରିଛନ୍ତି । ଏ ନେଇ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ରାଜସ୍ୱ ନିରୀକ୍ଷକ, କୃଷି ବିଭାଗ ଓ କୃଷି ଉଦ୍ୟାନ ବିଭାଗଙ୍କୁ ନେଇ ଆଳିର ୩୪ ପଞ୍ଚାୟତ ପାଇଁ ଏକ ଚାଷ କ୍ଷୟକ୍ଷତି ଅନୁଧାନ ଟିମ ପ୍ରତ୍ୟେକ ପଞ୍ଚାୟତରେ ଗଠନ ହୋଇ ସାରିଛି । ସେମାନେ ରିପୋର୍ଟ ଦେଲା ପରେ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ଠାରେ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର ତରଫରୁ ଏହି ପ୍ରତିଯୋଗିତା ଗୁଡିକ ଆୟୋଜିତ ହୋଇଥିଲା। ଏଥିରେ ଶିଶୁ ବିକାଶ କାର୍ଯ୍ୟାଳୟ, କେନ୍ଦୁଝରର ବିଶେଷ ସହଯୋଗ ରହିଥିଲା। ଏହି ପ୍ରତିଯୋଗିତାରେ ଶିଶୁ ବିକାଶ ଅଧିକାରୀ ସ୍ୱର୍ଣ୍ଣଲତା ବେହେରା, ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାଶ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରନ୍ଦର ମହାନ୍ତ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ ଯୋଗଦେଇ ସମସ୍ତ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଯଥା ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସଂଯୋଜନାରେ ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହେବା ସହ ଅତିଥି ମାନଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କୁ ସୁଭଦ୍ରା ଯୋଜନା ତଥା ନାରୀ ମାନଙ୍କ ସଶକ୍ତିକରଣ ସମ୍ପର୍କରେ ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବାରେ ଶିଶୁ ବିକାଶ କାର୍ଯ୍ୟାଳୟ, କେନ୍ଦୁଝର ର ପ୍ରତ୍ୟାଶା ସାହୁ, ଶୁଭସ୍ମିତା ଦାଶ,ସରକାରୀ ଉ. ପ୍ରା. ବିଦ୍ୟାଳୟ, ଘୁଟୁରର ପ୍ରଧାନ ଶିକ୍ଷୟିତ୍ରୀ ହିମାଦ୍ରୀ ପତି, ସରକାରୀ ଉ. ପ୍ରା. ବିଦ୍ୟାଳୟ, ଗୋବିନ୍ଦପୁରର ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ନାୟକ, ରଞ୍ଜିତା ରାଣୀ ମଲ୍ଲିକ, ଶୁଭଶ୍ରୀ ମହାନ୍ତ, ସୁସ୍ମିତା ପ୍ରିୟମ୍ବଦା ରାଉତ ସହଯୋଗ କରିଥିଲେ।



## ବାରୁଣେଶ୍ୱର ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ



ବାରିପଦା, (ଭାସ୍କର ନ୍ୟୁଜ୍) : ବାରୁଣେଶ୍ୱର ଦୁର୍ଗା ମଣ୍ଡପ ସଭା ଗୃହରେ ଦୁର୍ଗାପୂଜା କମିଟିର ସଭାପତି ଡ.କୁଞ୍ଜବନ ପୃଷ୍ଟିଙ୍କ ପୌରହିତ୍ୟରେ ଏବଂ କମିଟିର ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ସୁପରିଚାଳନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଦୁର୍ଗା ପୂଜା କମିଟି ସାଧାରଣ ପରିଷଦର ଶତାଧିକ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଚଳିତ ବର୍ଷ ଦୁର୍ଗାପୂଜା ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କୋଷାଧ୍ୟକ୍ଷ ଅଶ୍ୱନୀ କୁମାର ପାତ୍ର ଗତବର୍ଷ ପୂଜାର ଆୟ ବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଚଳିତବର୍ଷ ଅଷ୍ଟମୀ ଓ ନବମୀ ଦୁଇଦିନ ଭଜନ ସନ୍ଧ୍ୟା ଆୟୋଜନର ନିଷ୍ପତ୍ତି ନିଆଯାଇଥିଲା। ପୂଜାକୁ ଶୃଙ୍ଖଳୀତ ଭାବରେ ପାଳନ କରିବା ପାଇଁ ପୂଜା ଅନୁଷ୍ଠାନର ବିଭିନ୍ନ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର କାର୍ଯ୍ୟକାରୀ ସଭାପତି ରଘୁନାଥ ପଣ୍ଡା, ଉପ ସଭାପତି ନନୀଗୋପାଳ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ବିଜୟ କୁମାର ଲେଙ୍କା, ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନା ତଥା ଅର୍ଥ ପରାମର୍ଶ ଦାତା ରବୀନ୍ଦ୍ର ନାୟକ ପ୍ରମୁଖ କର୍ମକର୍ତ୍ତା ମାନେ ପୂଜାନୁଷ୍ଠାନ ସମ୍ପର୍କରେ ନିଜ ନିଜର ସୁଚିନ୍ତିତ ମତାମତ ଓ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ପରିଶେଷରେ ସମସ୍ତଙ୍କର ସାହାଯ୍ୟ ସହଯୋଗ ଓ ଆକୁଣ୍ଠ ସମର୍ଥନ ଯୋଗୁଁ ସଭାକାର୍ଯ୍ୟ ସଫଳ ହୋଇଥିବାରୁ ବରିଷ୍ଠ ନାଗରିକ କମିଟି ବାରିପଦା, ମୟୂରଭଞ୍ଜର ସଭାପତି ଡ଼.ଯୋଗେନ୍ଦ୍ର ନାଥ ପଣ୍ଡା ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ସମସ୍ତ ସୂଚନା ବାରୁଣେଶ୍ୱର ଦୁର୍ଗାପୂଜା କମିଟିର ସମ୍ପାଦକ ବିକ୍ରମ କେଶରୀ ଜେନା ଗଣମାଧ୍ୟମକୁ ଦେଇଛନ୍ତି।

## ଗରାମ-ବାରଗୋଡିଆ ରାସ୍ତା ପାଲଟିଛି ମରଣଯନ୍ତା



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଗରାମ ଠାରୁ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ବାରଗୋଡ଼ିଆ ପର୍ଯ୍ୟନ୍ତ କରାଣ୍ଡିଆ ମାଇନରର ଦକ୍ଷିଣ ପାର୍ଶ୍ୱ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତାଟି ଡେରାବିଶ ବ୍ଲକର ଯଅଁରା, ବାରିମୂଳ, ହରିଅଙ୍କ, ଓ ଇନ୍ଦାଲୋ ପଞ୍ଚାୟତର ମୁଖ୍ୟ ରାସ୍ତା ହୋଇଥିବା ବେଳେ ପଡ଼ୋଶୀ ମାର୍ଶାଘାଇ ଓ ଗରଦରପୁର ବ୍ଲକର ଲୋକମାନେ କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏଥିସହିତ ଏହି ରାସ୍ତାରେ ଦୈନିକ ମୁଖ୍ୟମନ୍ତ୍ରୀ ବସ୍ ଓ କଟକକୁ ଦୁଇଟି ଯାତ୍ରୀବାହୀ ବସ୍ ସମେତ ଶହଶହ ଛୋଟଛୋଟ ଯାନ, ମାଲବାହୀ ଭାରୀଯାନ ଓ ଲୁଣାନଦୀର ବିଭିନ୍ନ ଘାଟରୁ ଶହଶହ ହାଇୱା ବାଲି ପରିବହନ କରିଥାଏ । ଫଳରେ ଏହି ରାସ୍ତାସାରା ଏବେ ଖାଲଖମାରେ ଭର୍ତି ହୋଇଗଲାଣି । ଏପରିକି ଏହି ରାସ୍ତାର ପାଣିଓଲା ଗଡ଼ା ଠାରୁ କୁଲୁସାହି ଛକ ମଧ୍ୟରେ ବହୁ ବଡ଼ ବଡ଼ ଗାଡ଼ମାନ ସୃଷ୍ଟି ହୋଇଛି। ଯେଉଁଥିପାଇଁ ସାମାନ୍ୟ ବର୍ଷାରେ ଏହି ଗାଡ଼ରେ ପାଣି ଭର୍ତ୍ତି ହୋଇ ଦୈନିକ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି । ତୁରନ୍ତ ଏହି ରାସ୍ତାଟିକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଆଠ ଫୁଟର ଅଜଗର ଉଦ୍ଧାର

ମାଲକାନଗିରି,(ଭାସ୍କର ନ୍ୟୁଜ୍) : ମାଲକାନଗିରି ବନାଞ୍ଚଳ ଅଧିନସ୍ଥ ଏମଭି-୧୧ ଗ୍ରାମରୁ ବନକର୍ମଚାରୀ ଏବଂ ସାପ ଉଦ୍ଧାରକାରୀ ଦଳଙ୍କ ଉଦ୍ୟମରେ ଏକ ଅଜଗର ସର୍ପକୁ ଉଦ୍ଧାର କରାଯାଇଛି। ଗତକାଲି ସନ୍ଧ୍ୟାରେ ମାଲକାନଗିରି ଅଞ୍ଚଳରେ ବର୍ଷା ଲାଗି ରହିଥିବା ବେଳେ ଏମଭି-୧୧ ଗ୍ରାମର ଜଣେ କୁକୁଡ଼ା ପାଳନ କରୁଥିବା ବ୍ୟକ୍ତି ଘରେ ଅଜଗର ସାପଟି କୁକୁଡ଼ା ଖାଇବା ଉଦ୍ଦେଶ୍ୟରେ ପ୍ରବେଶ କରିଥିଲା। ଏହି ଅଜଗର ସାପକୁ ଉଦ୍ଧାର କରିବା ପାଇଁ ଜନୈକ ବ୍ୟକ୍ତି ମାଲକାନଗିରି ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କୁ ଫୋନ୍ ମାଧ୍ୟମରେ ଜଣାଇବା ପରେ ବନପାଳ ମନତୋଷ ଦେଙ୍କ ନେତୃତ୍ୱରେ ଏମଭି-୧୧ ଗ୍ରାମରକୁ ଯାଇ ଅଜଗର ସାପକୁ ଗତ କାଲି ସନ୍ଧ୍ୟା ୮ ଘଟିକା ସମୟରେ ଉଦ୍ଧାର କରାଯାଇଥିଲା।ସାପଧରାଳୀ ଡମ୍ବରୁ ହନ୍ତାଳ ଅଜଗରଟିକୁ ସୁରକ୍ଷିତ ଭାବେ କାବୁ କରି ଯନ୍ତାରେ ଆବଦ୍ଧ କରି ମାଲକାନଗିରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଏହାକୁ ପ୍ରାଣୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କଲାପରେ ପରେ ଆଜି ଉକ୍ତ ଅଜଗରକୁ ଜଙ୍ଗଲରେ ମୁକ୍ତ କରାଯିବ ବୋଲି ଜଣା ପଡିଛି। ଏହି ଅଜଗର ଟି ୨୦ କେଜି ଓଜନ ହେବ ଏବଂ ଲମ୍ବା ପ୍ରାୟ ୮ ଫୁଟ ହେବ ବୋଲି କୁହାଯାଇଛି।

## ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ

ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଭାରତ ସରକାରଙ୍କ ଟିବି ମୁକ୍ତ ଭାରତ ସଚେତନତା ଅଭିଯାନରେ ଗଂଜାମ ଜିଲ୍ଲାରେ ସାମିଲ ହୋଇଛି ଆଦାନୀ ଫାଉଣ୍ଡେସନ। ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚିହ୍ନଟ ହୋଇଥିବା ପାଖାପାଖି ୧୦୦ ଜଣ ଟିବି ରୋଗୀଙ୍କୁ ୬ ମାସ ପର୍ଯ୍ୟନ୍ତ ପୃଷ୍ଟିକର ଖାଦ୍ୟ ପକେଟ୍ ବଣ୍ଟନ କରିବ ଆଦାନୀ ଫାଉଣ୍ଡେସନ। ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ୫୦ ଜଣ ଟିବି ରୋଗୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛତ୍ରପୁର ଉପକଣ୍ଠ ସରକାରୀ ଚିକିତ୍ସାଳୟ ପରିସରରେ ଏହି ପୃଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜନେସ ମୁଖ୍ୟ ଗୋପାଳପୁର ବନ୍ଦର ମୁଖ୍ୟ ପ୍ରଶାନ୍ତ ପାତ୍ର ଅତିଥିଭାବେ ଯୋଗ ଦେଇ ଏହି ପୋଷକରେ ପରିପୂର୍ଣ୍ଣ ଖାଦ୍ୟ ସାମଗ୍ରୀ ବାସ୍କେଟ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବାଞ୍ଚଳ ମୁଖ୍ୟ ଜୟନ୍ତ ମହାନ୍ତି, ଛତ୍ରପୁର ଉପ ଖଣ୍ଡ ଚିକିତ୍ସାଳୟ ଭାରପ୍ରାପ୍ତ ଅଧକ୍ଷ ଡ଼ା ସୁଦର୍ଶନ ସାହୁ , ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ଡ଼ା ସ୍ୱାଧୀନ ରଥ, ଜିଲ୍ଲା ଟିବି ସଂଯୋଜକ ବିଦେଶୀ ଜେନା, ସିଏସଆର ମୁଖ୍ୟ ଦେବଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୬ ମାସ ମଧ୍ୟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଛତ୍ରପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ୬୦୦ ଜଣ ରୋଗୀଙ୍କୁ ପୃଷ୍ଟିକର ଖାଦ୍ୟ ବାସ୍କେଟ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଆଜିର ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକର ପଞ୍ଚାୟତର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଅନେକ ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଏବଂ ଏଏନ୍ଏମ୍ ଦିଦି ଯୋଗ ଦେବା ସହ ଟିବି ରୋଗ ସମ୍ପର୍କରେ ଅନେକ ସଚେତନତା ମୂଳକ ବିଷୟରେ ଆଲୋକପାତ କରିଥିଲେ। ଯକ୍ଷ୍ମା ବିରୁଦ୍ଧରେ ବ୍ୟାପକ ଲଢ଼େଇରେ ପୁଷ୍ଟିକର କିଟ୍ ବଣ୍ଟନ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ପୁଷ୍ଟିହୀନତା ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଥାଏ, ଯାହା ବ୍ୟକ୍ତିଙ୍କୁ ଯକ୍ଷ୍ମା ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ ଏବଂ ସୁସ୍ଥତାକୁ ଜଟିଳ କରିଥାଏ। ଆଦାନୀ ଫାଉଣ୍ଡେସନ ପକ୍ଷରୁ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥ ଯୋଗାଇବା କେବଳ ରୋଗର ସମାଧାନ କରୁନାହିଁ ବରଂ ରୋଗୀଙ୍କୁ ସମ୍ମାନ ଏବଂ ସ୍ଥିରତାର ସହିତ ସୁସ୍ଥ ହେବା ପାଇଁ ସଶକ୍ତ କରୁଛି ବୋଲି ଶ୍ରୀ ମହାନ୍ତି କହିଥିଲେ।

## ପେନସନ ଓ ଚାକିରି ସର୍ତ୍ତାବଳି ପୂରଣ ପାଇଁ ଦାବି

## ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘର ବିକ୍ଷୋଭ




ଛତ୍ରପୁର, (ଭାସ୍କର ନ୍ୟୁଜ୍): ନିଖିଳ ଓଡ଼ିଶା ୬୬୨(+୨ ଓ +୩) ବର୍ଗ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘ ଗଞ୍ଜାମ ଜିଲ୍ଲା ଶାଖା ତରଫରୁ ପେନସନ ଓ ଚାକିରୀ ସର୍ତ୍ତାବଳି ଦାବି ନେଇ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହିତ ପ୍ରଧାନମନ୍ତ୍ରୀ, ଓଡିଶାର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି, ଜିଲ୍ଲା ସମ୍ପାଦକ ଶିଶିର କାନ୍ତ ବିଷୋୟୀ ଓ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଜିଲ୍ଲାର ଏହି ବର୍ଗର ୪୨ଟି ମହାବିଦ୍ୟାଳୟର ଶତାଧିକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ସ୍ଥାନୀୟ କଲେଜ ଛକ ଠାରୁ ଏକ ଶୋଭାଯାତ୍ରାରେ ନିଜ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ପହଁଚିଥିଲେ। ସେଠାରେ ସେମାନଙ୍କ ଦାବି ଗୁଡିକ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୧୯୯୦ ମସିହା ପରବର୍ତ୍ତୀ ସମୟରେ ଓଡିଶାର ଉଚ୍ଚଶିକ୍ଷାର ବିକାଶ ନିମନ୍ତେ ଗଢିଉଠିଥିବା ଏହି ବର୍ଗର ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସରକାର ଅବହେଳା କରି ଆସୁଛନ୍ତି। ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀ ମାନେ ଦୀର୍ଘ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ୭୦ ଭାଗ ପିଲାଙ୍କୁ ଶିକ୍ଷାଦାନ କରି ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କୁ ଚାକିରି ସର୍ତ୍ତାବଳି ପ୍ରଦାନ କରାଯାଇ ନାହିଁ କି ପେନସନ ପରିଭୁକ୍ତ କରାଯାଇ ନାହିଁ। ସେମାନଙ୍କ ପ୍ରତି ଏହା ଏକ ଅନ୍ୟାୟ ଓ ଶୋଷଣ। ବାରମ୍ବାର ସରକାରଙ୍କୁ ଏହି ଦାବି ସମ୍ପର୍କରେ ଅବଗତ କରାଯାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ନୂତନ ସରକାର ମଧ୍ୟ ଏହାର ସମାଧାନ କରାଯିବ ବୋଲି କହି ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଇ ନାହାନ୍ତି। ଏଣୁ ଆଜି ସେମାନଙ୍କ ଦାବି ଉପରେ ପୁର୍ନବାର ଅବଗତ କରାଯାଇଛି। ଏନେଇ ଆସନ୍ତା ୧୬ ତାରିଖ ଦିନ ଭୁବନେଶ୍ୱରରେ ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀ ମାନେ ଆନ୍ଦୋଳନ କରିବେ। ତଥାପି ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ କାର୍ଯ୍ୟବନ୍ଦ କରି ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ଉପସଭାପତି ଦିଗାମ୍ବର ବିଷୋୟୀ, ସଂଯୁକ୍ତା ପଣ୍ଡା, ସସ୍ମିତା ସାମନ୍ତରାୟ, ଜିତେଶ ରାଓ ଦୋରା, ମାନସ ପଟ୍ଟନାୟକ, ମନୋଜ କୁମାର ତ୍ରିପାଠୀ, ପ୍ରଦୀପ କୁମାର ପରମଗୁରୁ ଓ ବିଭୁପ୍ରସାଦ ପାଢ଼ୀଙ୍କ ସମେତ ଜିଲ୍ଲାର ଏହି ବର୍ଗର ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଗୁହାଳ ସମେତ ଦୁଇବଖରା ପୋଡ଼ିଗଲା

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି ଗୁହାଳ ସମେତ ଦୁଇବଖରା ଘର ପୋଡ଼ି ଯାଇଛି। ସୂଚନାରୁ ପ୍ରକାଶ ମୁକୁନ୍ଦପୁର ଗ୍ରାମର ଗୋପିନାଥ ଦାସଙ୍କ ଗୁହାଳ ଘରେ ଗତକାଲି ରାତିରେ ଧୂଆଁ ଦେଇଥିଲେ । କୌଣସି କାରଣରୁ ଏଥିରୁ ନିଆଁ ବ୍ୟାପୀ ଗୁହାଳ ଚାଳରେ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଫଳରେ ଗୁହାଳ ଓ ଏହାକୁ ଲାଗିଥିବା ଅନ୍ୟ ଏକ ଶୋଇବା ଘର ଜଳି ଭସ୍ମ ହୋଇଯାଇଛି । ନିଆଁ ଲାଗିବା ସମୟରେ ଗ୍ରାମବାସୀମାନେ ଗୁହାଳରେ ଥିବା ଗାଈଟିକୁ ଉଦ୍ଧାର କରି ବାହାର କରିଆଣିଥିଲେ । ଗ୍ରାମବାସୀ ମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା । ଖବର ପାଇ ଡେରାବିଶ ଓ ନିଶ୍ଚିନ୍ତକୋଇଲିରୁ ଦୁଇଟି ଅଗ୍ନିଶମ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ।

## ଚାଷୀଙ୍କୁ ମାଗଣା ବିହନ ବଣ୍ଟନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଯୋଡ଼ା ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ମାଗଣା ଚିନାବାଦାମ, ହରଡ଼, ବିରି, ଖସା, ଧାନ ବିହନ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଯୋଡ଼ା କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରର ଅଧକ୍ଷ ଦଶରଥ ବାରିକ ଯୋଗଦେଇ ଚାଷୀ ମାନଙ୍କୁ ମାଗଣା ବିହନ ପ୍ରଦାନ କରିଛନ୍ତି। ନ୍ୟାସନାଲ ଫୁଡ ସିକ୍ୟୁରିଟି ନ୍ୟୁଟ୍ରେସନ ମିଶନ (ଏନ୍ଏଫ୍ଏସ୍ଏନ୍ଏମ୍) ଯୋଜନାରେ ଚଳିତବର୍ଷ ଯୋଡ଼ା ବ୍ଲକର ୧୯ଟି ପଞ୍ଚାୟତ ଓ ଦୁଇଟି ପୌରପାଳିକାରେ ଚିନାବାଦାମ ୮୦ ହେକ୍ଟର, ହରଡ଼ ୧୦୦ ହେକ୍ଟର, ବିରି ୨୦୦ ହେକ୍ଟର, ଖସା ୩୭.୫ ହେକ୍ଟର, ଧାନ ୧୦୦ ହେକ୍ଟର ଜମିରେ ଚାଷ କରିବା ନିମନ୍ତେ କୃଷି ବିଭାଗ ପକ୍ଷରୁ ଚାଷୀ ଚିହ୍ନଟ କରାଯାଇ ଉନ୍ନତ ମାନର ବିହନ ପ୍ରଦାନ କରାଯାଇଛି। ବିହନ ବଣ୍ଟନ ସମୟରେ ଯୋଡ଼ା ବ୍ଲକ କୃଷି ଅଧିକାରିଣୀ ସଂଯୁକ୍ତା ମୁଣ୍ଡା, ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର, କୃଷି ଅଧିଦର୍ଶକ ରିତାଞ୍ଜଳୀ ରାଉଳ, ଦୀପକ କୁମାର ବିଶ୍ୱାଳ, ପିୟୁଷ ରଞ୍ଜନ ସ୍ୱାଇଁ, ହିରଞ୍ଜନ ଗୋଇପାଇ, ଜୟନ୍ତ କୁମାର ମହାନ୍ତି, ପ୍ରଦୀପ କୁମାର ନାଏକ ପ୍ରମୁଖ ଯୋଗଦେଇ କୃଷି କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ଚାଷୀ ମାନଙ୍କୁ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ଚାରାରେପଣ କାର୍ଯ୍ୟକ୍ରମ

ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲର ସମସ୍ତ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଆଜି ହୋଇଯାଇଛି। ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ତଥା ଜିଲ୍ଲା ଅବୈତନିକ ବନ୍ୟ ପ୍ରାଣୀ ସଂରକ୍ଷକ ସମାଜସେବୀ ଶିବରାମ ସାହୁଙ୍କ ନିଜସ୍ୱ ଏକ ସାମାଜିକ ପ୍ରୟାସରେ ପ୍ରତ୍ୟେକ ସ୍କୁଲରେ ପ୍ରଥମ ବର୍ଷ ଦୁଇଟି ଲେଖାଏଁ ହାଇବ୍ରିଟ ପ୍ରଜାତିର ଆମ୍ବ ଗଛ ନିଜସ୍ୱ ଖର୍ଚ୍ଚରେ ସ୍କୁଲରେ ଯୋଗାଇବେ ତା ସହିତ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ଚାରାରୋପଣ ବାବଦରେ ସଚେତନତା ବାର୍ତ୍ତାର ଲକ୍ଷ ରଖି ଆଜି ରେଢ଼ାଖୋଲର ଶୁଣ୍ଠୀମୁଣ୍ଡା କନ୍ୟାଶ୍ରମରୁ ଏହି ଅଭିଯାନର ଶୁଭାରମ୍ଭ କଲେ। ସ୍କୁଲର ଶିକ୍ଷକ ମାନେ ସମ୍ପୂର୍ଣ୍ଣ ସହଯୋଗ କରିବାସହ ସ୍କୁଲର ଛାତ୍ରୀ ମାନେ ଚାରାରୋପଣ କରି ଆନନ୍ଦିତ ହୋଇଥିଲେ। ସେ କୁହନ୍ତି ମୁଁ ପ୍ରଥମ ପର୍ଯ୍ୟାୟରେ ଶିକ୍ଷାନୁଷ୍ଠାନ ପରବର୍ତୀ ପର୍ଯ୍ୟାୟ ରେ ପ୍ରତେକ ଘରକୁ ଦେବାର ବ୍ୟବସ୍ଥା ପାଇଁ ପ୍ରୟାସ କରିବି। ଆମ୍ବ ଗଛ ଲଗେଇବାର ଲକ୍ଷ ହେଲା ତିନିବର୍ଷରେ ଫଳ ହେବ ଲୋକ ତାକୁ ଦେଖି ଆକର୍ଷିତ ହେବେ ଏବଂ ଲାଭବାନ ହେବେ ଯଦ୍ୱାରା ଜନସାଧାରଣଙ୍କର ଗଛ ପ୍ରତି ଭଲପାଇବା ବଢିବ। ତା ସହିତ ପ୍ରେରଣା ମିଳିବ। ବିଶ୍ୱ ବଞ୍ଚିବ ଏବଂ ସମସ୍ତେ ଆନନ୍ଦରେ ରହିବେ।

## ଲେଙ୍ଗିରି ସାହି ରାସ୍ତା ଅବସ୍ଥା ଶୋଚନୀୟ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫୁଲବାଣୀ ବ୍ଲକରେ ଲେଙ୍ଗେରୀ ସାହି ରହିଛି। ଏହି ସାହିରେ ୪ଶହରୁ ଅଧିକା ଜନସାଧାରଣ ବସବାସ କରନ୍ତି। କିନ୍ତୁ ଫୁଲବାଣୀ ବିଡିଓ ଓ ବିଧାୟକଙ୍କ ଅଣଦେଖାରେ ବର୍ତ୍ତମାନ ସୁଧା ସୁଧୁରୀ ପାରୁନାହିଁ ବିପଦ ସଙ୍କୁଳ ଅବସ୍ଥାରେ ପଡିରହିଥିବା ଲେଙ୍ଗେରୀ ସାହି ରାସ୍ତା। ଅଳ୍ପ ବର୍ଷା ହେଲେ ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହୋଇଥାଏ। ଅନ୍ୟ ସାହି ଗଳି କାନ୍ଦିରେ ରାସ୍ତା ତିଆରି କରାଗଲାଣି କିନ୍ତୁ ଅଧିକାରୀ ଓ ବିଧାୟକ ଏହି ରାସ୍ତାକୁ ଉନ୍ନତି କରୁନାହାନ୍ତି କି ଧ୍ୟାନ ମଧ୍ୟ ଦେଉନହାନ୍ତି। ତେଣୁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣାର ସମ୍ମୁଖିନ ଜନସାଧରଣ ହେଉଛନ୍ତି। କନ୍ଧମାଳ ଜିଲ୍ଲାପାଳ ଏହି ଲେଙ୍ଗେରୀ ସାହିର ରାସ୍ତାର ଉନ୍ନତି ପ୍ରତି ଦୃଷ୍ଟି ଦେଲେ ଶତାଧିକ ଉକ୍ତ ସାହିର ସରକାର ଯୋଜନାର ସୁବିଧା ପାଇପାରିବେ।

## ଚାଷ ନଷ୍ଟ ନେଇ ଚାଷୀଙ୍କ ଅଭିଯୋଗ



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଥାନା ବ୍ରାହ୍ମଣୀପାଲି ପଞ୍ଚାୟତ ଅନ୍ତର୍ଗତ କୃଷ୍ଣପାଲି ଗ୍ରାମରେ ଚାଷ ହୋଇଥିବା ଜମିରେ ଟ୍ରାକ୍ଟର ବୁଲାଇ ଧାନ ଚାଷ ନଷ୍ଟ କରିଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାର ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଚାଷୀ। ମିଳିଥିବା ସୂଚନା ଅନୁଯାୟୀ କୃଷ୍ଣପାଲି ଗ୍ରାମର ଜିତେନ୍ଦ୍ର ପ୍ରଧାନ ଘରେ ନଥିବା ସମୟରେ ନିଜ ଜମିରେ ରୋଇଥିବା ଧାନ ଚାଷରେ ଖଣ୍ଡପଡା ଗ୍ରାମର ଧର୍ମେନ୍ଦ୍ର ଦାସ ଟ୍ରାକ୍ଟର ବୁଲାଇ ଧାନ ଚାଷ ନଷ୍ଟ କରିଥିଲେ। ଜିତେନ୍ଦ୍ରଙ୍କ ପତ୍ନୀ କ୍ଷୀରୋଦିନୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଧର୍ମେନ୍ଦ୍ର ଧକ୍କା ମାରିଥିବା ଗତ ୪ ତାରିଖ ଦିନ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଇତି ମଧ୍ୟରେ ୩ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା ଅଭିଯୋଗ କରି ଆଜି ଥାନା ଅଧିକାରୀଙ୍କୁ ଭେଟିବା ପାଇଁ ପିଡିତ ଚାଷୀ ପରିବାର ବୌଦ୍ଧ ଆସିଥିବା ସୂଚନା ଦେଇଛନ୍ତି। ଧାନ ଚାଷ ନଷ୍ଟ କରିଥିବା ଅଭିଯୁକ୍ତକୁ ଗିରଫ ଓ ବ୍ୟବହୃତ ଟ୍ରାକ୍ଟରକୁ ଜବତ୍ ପାଇଁ ଚାଷୀ ପରିବାର ଦାବି କରିଛନ୍ତି।

## ପୋଲିସ ପକ୍ଷରୁ ଇ-ବାଇକ୍ ପେଟ୍ରୋଲିଂର ଶୁଭାରମ୍ଭ




କନ୍ଧମାଳ, (ଭାସ୍କର ନ୍ୟୁଜ୍) : କନ୍ଧମାଳ ଆରକ୍ଷୀ ଅଧିକ୍ଷଙ୍କ ଭଲ ପଦକ୍ଷେପ। ଜନସାଧାରଣଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସମୁଦାୟିକ ସମ୍ପର୍କ ବୃଦ୍ଧି କରିବା ପାଇଁ ଉଚିତ ପଦକ୍ଷେପ ସ୍ୱରୂପ କନ୍ଧମାଳ ପୋଲିସ ପକ୍ଷରୁ ପାଇଲଟ୍ ପ୍ରୋଜେକ୍ଟ ବାଇକ ପାଟ୍ରୋଲିଂ ୟୁନିଟ୍ ଆରମ୍ଭ କରାଯାଇଛି। ଫୁଲବାଣୀ ଟାଉନ୍ ଥାନ ଥାନା ଅଞ୍ଚଳ ଏବଂ ଏହାର ପରିଧିରେ ଏହି ୟୁନିଟ କାର୍ଯ୍ୟକାରୀ ହେବ। ପ୍ରାଥମିକ ଭାବେ ୩ ମୋଟର ସାଇକେଲ ପାଟ୍ରୋଲିଂ ବାହିନୀର ଶୁଭ ଶୁଭାରମ୍ଭ କରାଯାଇଛି। ଏହି ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ମାନେ ମୋଟର ସାଇକେଲରେ ପ୍ରମୁଖ ସହରାଞ୍ଚଳରେ ପାଟ୍ରୋଲିଂ କରିବେ। ଜନଗହଳିପୂର୍ଣ୍ଣ ସହରାଞ୍ଚଳ ପରିବେଶକୁ ପ୍ରଭାବଶାଳୀ ଭାବରେ ନାଭିଗେଟ୍ କରିବା, ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ଏବଂ ସହର ବାସିନ୍ଦା ଓ ବିଭିନ୍ନ ନାଗରିକ ସମାଜ ସହିତ ଜଡିତ ହେବା ପାଇଁ ଇ-ବିଟ୍ ଟେକ୍ନୋଲୋଜି ଆପ୍ ଜରିଆରେ ଏମାନଙ୍କୁ କଠୋର ତାଲିମ ଦିଆଯାଇଛି। ଏହା ସାଧାରଣ ଲୋକଙ୍କ ପାଇଁ ଅଧିକ ଦୃଶ୍ୟମାନ ହେବା ସହ କଷ୍ଟକର ଅଞ୍ଚଳଗୁଡ଼ିକୁ ଶୀଘ୍ର ପ୍ରବେଶ କରିବାରେ ସହାୟକ ବୋଲି ଜିଲ୍ଲା ପୋଲିସ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଟାଉନ ଥାନା ପରିସରରେ କନ୍ଧମାଳ ଏସପି ହରିଶ ବି ସି ଆଜି ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ, ଥାନା ଅଧିକାରୀ ପି ସ୍ୱରୂପ କିଶନ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ। ସେହି ସମୟରେ ୩ ଗୋଟି ବାଇକ ସହର ପରିକ୍ରମା କରି ଅପରାଧୀ ମାନଙ୍କୁ ସଜାଗ ରୁହ ନ ହେଲେ ଦୃଢ଼ ପଦକ୍ଷେପ ନିଆଯିବ। ଜିଲ୍ଲାରେ ଏହା ପଦକ୍ଷେପ ଦ୍ୱିତୀୟ।

## ଯବାନ ଭାଇଙ୍କ ପାଇଁ ଭଉଣୀର ସ୍ନେହଭରା ରାକ୍ଷୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଆସୁଛି ସ୍ନେହ ଓ ବନ୍ଧନର ପର୍ବ ରକ୍ଷାବନ୍ଧନ। ଭଉଣୀ ନିଜ ସୁରକ୍ଷା ପାଇଁ ଭାଇ ହାତରେ ବାନ୍ଧେ ରାକ୍ଷୀ। କିନ୍ତୁ ଯେଉଁ ମାନେ ଦେଶ ମାତୃକାର ଦିନରାତି ରକ୍ଷା କରୁଛନ୍ତି ସେମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ପାଇଁ ଆଗେଇ ଆସିଛନ୍ତି କୁନି କୁନି ଛାତ୍ରୀ ମାନେ। ସେଇ ବୀର ଯବାନ ମାନଙ୍କୁ ବଡ଼ ଭାଇର ସମ୍ମାନ ଜଣାଇ ଏଭଳି କିଛି ନିଆରା ପ୍ରୟାସ କରିଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ରୀ ଓ ଗୁରୁମା। ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ଓ ରବୀନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ରାକ୍ଷୀ ଦୋକାନରୁ ନିଜ ମନପସନ୍ଦର ରାକ୍ଷୀ କିଣି ସୀମାରେ ରହୁଥିବା ଯବାନଙ୍କ ପାଖକୁ ଡାକ ଯୋଗେ ପଠାଇ ସୃଷ୍ଟି କରିଛନ୍ତି ନୂଆ ଉଦାହରଣ। ଆଗକୁ ରକ୍ଷା ବନ୍ଧନ ଆସୁଥିବାରୁ ଗାଁଠୁ ସହର ଚଳଚଞ୍ଚଳ। ଏହି ଦିନକୁ ଅପେକ୍ଷା କରି ରହିଥାନ୍ତି ପ୍ରତ୍ୟେକ ଭାଇ ଓ ଭଉଣୀ। ଭଉଣୀ ନିଜର ସୁରକ୍ଷା ପାଇଁ ଭାଇର ହାତରେ ରାକ୍ଷୀ ବାନ୍ଧେ। କିନ୍ତୁ ଯେଉଁ ମାନେ ଦେଶର ସୁରକ୍ଷା ପାଇଁ ଦିନରାତି କାମ କରି ଏହି ରାକ୍ଷୀ ବାନ୍ଧିବା ସୁଯୋଗରୁ ବଞ୍ଚିତ ହୋଇଥାନ୍ତି, ସେହି ଅବଦାନକୁ ମନେ ପକାଇବା ପାଇଁ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟରେ ଶିକ୍ଷୟତ୍ରୀ ରଙ୍ଗଲତା ସ୍ୱାଇଁ ଓ ଛାତ୍ରୀ ମାନେ ଏକ ଭିନ୍ନ ପ୍ରୟାସ କରିଛନ୍ତି। ଭାରତ ସୀମାରେ ଶତ୍ରୁଙ୍କ ସହ ଲଢେଇ କରି ଆମ ମାନଙ୍କୁ ସୁରକ୍ଷା ଦେଉଥିବା ଯବାନଙ୍କ ପାଇଁ ରାକ୍ଷୀ ପଠାଇଛନ୍ତି ଏହି ଛାତ୍ରୀ ମାନେ। ଏଥିପାଇଁ ବିଦ୍ୟାଳୟର ଛାତ୍ରୀ ମାନେ ରକ୍ଷା ବନ୍ଧନର ଗୀତଗାଇ ସୀମାରେ ରହୁଥିବା ସେହି ଯବାନଙ୍କ ପାଇଁ ରାକ୍ଷୀ ପଠାଇଛନ୍ତି। ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ରୀ ମାନଙ୍କ ଏଭଳି ଉଦ୍ୟମ ଯବାନ ମାନଙ୍କୁ ନିଶ୍ଚୟ ପ୍ରେରଣା ଦେବ।

## ଦାଦନଗଡ଼ରେ ପ୍ରବାସୀ ଶ୍ରମିକର କରୁଣ କାହାଣୀ

## ଦେଢ଼ବର୍ଷ ପରେ ଘରକୁ ଫେରିଲା ନିଖୋଜ ଯୁବତୀ

ମୁରିବାହାଲ/ବଙ୍ଗୋମୁଣ୍ଡା (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲାର ଦାଦନଗଡ ବଙ୍ଗୋମୁଣ୍ଡା ବ୍ଲକ ସବୁବେଳେ କିଛି ନା କିଛି ଘଟଣା ପାଇଁ ପ୍ରାୟ ସମୟରେ ଚର୍ଚ୍ଚାରେ ରହିଥାଏ। ଏଠି ଛୁଆ ବିକ୍ରି ଠାରୁ ଆରମ୍ଭ କରି ଅନାହାର ମୃତ୍ୟୁ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଛି। ଦାଦନଗଡରୁ ସୁସ୍ଥ ସବଳ ପ୍ରବାସୀ ଶ୍ରମିକ ଭାବରେ ଇଟା ଗଢିବାକୁ ଯାଇ ଦିର୍ଘ ଦେଢବର୍ଷ ପରେ ମାନସିକ ସ୍ଥିତି ଠିକ୍ ନ ଥିବା ଅବସ୍ଥାରେ ଘରକୁ ଫେରିଥିବା ଭଳି ପୁଣି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ପ୍ରବାସୀ ଶ୍ରମିକ ଭାବେ କାମ କରିବାକୁ ସୁଦୁର ମହାରାଷ୍ଟ୍ର ଯାଇ ପ୍ରାୟ ଦେଢବର୍ଷ ଧରି ନିଖୋଜ ହେବାପରେ ନିଜ ବାପା ପାଖରେ ପହଞ୍ଚିଛି ଝିଅ। ଖବରଟି ଗୋଟିଏ ପଟେ ଖୁସି ଲାଗୁଥିବା ବେଳେ ଗୋଟିଏ ପଟେ ଦୁଃଖର କରାଳ ରୂପ ବ୍ୟାଖ୍ୟା କରୁଛି। ଆମେ କହୁଛୁ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ମୁଖ୍ୟାଳୟରେ ଥିବା ଗୋହିରାପଦର ଗାଁର ଗୋରୁଚନ ଭତ୍ରାଙ୍କ କଥା। ପରିବାର କହିଲେ ବାପ ଓ ଝିଅ କେବଳ ଦୁଇଜଣ। ଗୋରୁଚନ ଅକ୍ଟୋବର ୨୦୨୩ ରେ ତାଙ୍କ ୨୪ ବର୍ଷର ଝିଅ ଯମୁନାକୁ ଧରି ଗାଁର ଅନ୍ୟ ଶ୍ରମିକ ମାନଙ୍କ ସହିତ ମହାରାଷ୍ଟ୍ରର ଚନ୍ଦ୍ରପୁରକୁ ଇଟା ଗଢିବାକୁ ଯାଇଥିଲେ। ତେବେ ସେହି ଇଟାଭାଟିରେ ନିଜ ଗାଁ ଗୋହିରାପଦର ଗ୍ରାମର ନିଜ ସମ୍ପର୍କୀୟ ଭାଇ ଲୋଚନ ଭତ୍ରା କାମ କରୁଥିଲା। ବଙ୍ଗୋମୁଣ୍ଡା ପୋଲିସକୁ ଗୋରୁଚନ ଦେଇଥିବା ଅଭିଯୋଗ ଅନୁଯାୟୀ କିଛି ଦିନ ପରେ ଲୋଚନ ନିଜ ଗାଁକୁ ଫେରିବ ବୋଲି ଜାଣି ଝିଅ ଯମୁନାକୁ ମଧ୍ୟ ସାଙ୍ଗରେ ନେଇ ଘରେ ଛାଡ଼ିଦେବା ପାଇଁ ଗୋରୁଚନ କହିଥିଲେ। କିଛି ଦିନ ପରେ ଗୋରୁଚନ କାମ କରିବାକୁ ଯାଇଥିବା ସମୟରେ ଲୋଚନ ଓ କିଛି ଅନ୍ୟ ଶ୍ରମିକ ସାଥୀ ଝିଅ ଯମୁନାକୁ ଗାଁକୁ ଯିବା ବୋଲି ସାଙ୍ଗରେ ଆଣିଥିଲେ। ଏପଟେ ବାପା ଗୋରୁଚନ କାମ ସାରି ଘରକୁ ଫେରି ଝିଅକୁ ନ ପାଇ ଇଟାଭାଟି ମାଲିକଙ୍କୁ ଛୁଟି ମାଗିଥିଲେ। ତେବେ ମାଲିକ ୮ ଦିନ ପରେ ଛୁଟି ଦେବାରୁ ସେ ନିଜ ଗାଁ ଗୋହିରାପଦର ପହଞ୍ଚି ସେଠାରେ ମଧ୍ୟ ଝିଅକୁ ନ ପାଇ ଆଖପାଖ ପଡୋଶୀଙ୍କୁ ପଚରାଉଚରା କରି



ଲୋଚନଙ୍କ ଘରକୁ ପଚାରିବାକୁ ଯାଇଥିଲେ। ତେବେ ଲୋଚନ ଝିଅ ଯମୁନା ତାଙ୍କ ସାଙ୍ଗରେ ହିଁ ଟ୍ରେନରେ ଆସୁଥିବା ବେଳେ ବାଟରେ କେଉଁଠି ଓହ୍ଲାଇ ପଡିଥିବା କହିଥିଲେ। ତେଣୁ ଅନ୍ୟ ଉପାୟ ନ ପାଇ କଣ୍ଟାବାଞ୍ଜି ଗରିବସେନାର ସହାୟତାରେ ବଙ୍ଗୋମୁଣ୍ଡା ଥାନାରେ ଲିଖିତ ଅଭିଯୋଗ ଜଣାଇଥିଲେ। ପୋଲିସ ତଦନ୍ତ ଆରମ୍ଭ କରି ପ୍ରାୟ ଦେଢ ବର୍ଷ ପରେ ଝିଅଟିକୁ ମହାରାଷ୍ଟ୍ରର ଏକ ଅନୁଷ୍ଠାନର ଆଶ୍ରୟସ୍ଥଳରେ ପାଇଥିଲେ। ଏହି ଆଶ୍ରୟସ୍ଥଳକୁ ଆସିବା ପୂର୍ବରୁ ଯମୁନା ଖଣ୍ଡିଆ ଖାବରା ହୋଇ ଷ୍ଟେସନ ନିକଟରେ ଇତସ୍ତତଃ ଘୁରି ବୁଲୁଥିବା ନିକଟସ୍ଥ ପୋଲିସ ଖବର ପାଇ ଆଶ୍ରୟସ୍ଥଳରେ ନେଇ ଜିମା ଦେଇଥିଲା। ହେଲେ ଯମୁନାର ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେ ଘର ଠିକଣା ମଧ୍ୟଦେଇ ପାରିନଥିଲା। ପରେ କିଛି ମାସ ଯିବାପରେ ତା'ର ବିବାହ କରାଯାଇଥିଲା। ହେଲେ ତା ସ୍ୱାମୀ ପାଖରେ ବି ସେ ନରହିବାରୁ ପୁଣି ସେହି ଅନୁଷ୍ଠାନକୁ ଆଣି ତା ସ୍ୱାମୀ ଛାଡିଦେଇ ଥିଲା। ଅନୁଷ୍ଠାନର କର୍ମକର୍ତ୍ତା ଯମୁନାକୁ ତା ପରିଚୟ ପଚାରିବାରୁ ସେ ତା ପୁରା ଠିକଣା କହିନପାରି କେବଳ କଣ୍ଟାବାଞ୍ଜି କହିଥିଲା। ତେବେ ସେଠାରୁ କଣ୍ଟାବାଞ୍ଜି ଅଞ୍ଚଳର ପୋଲିସ ସହ ଯୋଗାଯୋଗ କରି ବଙ୍ଗୋମୁଣ୍ଡା ଥାନାକୁ ଯମୁନାର ଫଟୋ ପଠାଇଥିଲେ। ବଙ୍ଗୋମୁଣ୍ଡା ପୋଲିସ ଯମୁନାର ବାପାକୁ ଫଟୋ ଦେଖାଇ ସେ ଚିହ୍ନିବା ପରେ ଆଇନ ଅନୁଯାୟୀ ଆଦେଶ ଆଣି ଏକ ସାମାଜିକ ଟିମ୍ ଗଠନ କରି ମହାରାଷ୍ଟ୍ର ପଠାଇ ଯମୁନାକୁ ଗାଁକୁ ଫେରାଇ ଆଣିଥିଲେ। ଏ ମଧ୍ୟରେ ପ୍ରାୟ ଦେଢବର୍ଷ ବିତି ଯାଇଛି। ଯମୁନା ଟ୍ରେନରୁ ନିଜେ ଓହ୍ଲାଇ ଥିଲେ ନା ତାଙ୍କ ସହ ଆଉକିଛି ଘଟଣା ଘଟିଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ। ହେଲେ ଯମୁନା ଯାହାକୁ ଦେଖିଲେ ବି ଡରି ଯାଉଥିବା ସହ ମାନସିକ ସ୍ଥିତି ଠିକ୍ ନ ଥିବାରୁ ପୋଲିସ ବୟାନ ରେକର୍ଡ ମଧ୍ୟ କରିପାରିନଥିବା ବଙ୍ଗୋମୁଣ୍ଡା ଆଇଆଇସି ସଞ୍ଜିବ ପ୍ରଧାନଙ୍କ ଠାରୁ ଜଣାପଡିଛି। ଏପଟେ ବିଳମ୍ବରେ ହେଲେ ମଧ୍ୟ ବଙ୍ଗୋମୁଣ୍ଡା ପୋଲିସ ଝିଅକୁ ଫେରାଇ ଆଣିଥିବାରୁ ଗରିବସେନା ସଭାପତି ଦିନେଶ ତାଣ୍ଡି ଓ ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ କୃତଜ୍ଞତା ଜ୍ଞାପନ କରିଛନ୍ତି ।



ବାଙ୍କୀ (ଭାସ୍କର ନ୍ୟୁଜ୍) : ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଜୀବନ ମୂଲ୍ୟହୀନ। ଏହାକୁ ଲକ୍ଷ୍ୟ କରି ବାଙ୍କୀ ଉପଖଣ୍ଡ ଡମପଡା ବ୍ଲକ ଅନ୍ତର୍ଗତ ଉପର ପାଥପୁର ଗ୍ରାମରେ ବିରାଜମାନ ଶ୍ରୀରାମ ମନ୍ଦିରରେ ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଯୁବ ସମାଜସେବୀ ସୁଧୀର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୁରେନ୍ଦ୍ର ପରିଡ଼ା, ସମ୍ମାନୀତ ଅତିଥି ଭାବେ କଇଁମୁଣ୍ଡି ଫାଣ୍ଡି ଅଧିକାରୀ ମଦନ ମୋହନ ମଲିକ, ରାଜ୍ୟ ସାମ୍ବାଦିକ ସଙ୍ଘ ଜିଲ୍ଲା ସଙ୍ଗଠନ ସମ୍ପାଦକ ଶୁଭେନ୍ଦୁ ମହାପାତ୍ର, ସମାଜସେବୀ ଅଜୟ ସ୍ୱାଇଁ, ବସନ୍ତ କୁମାର ସାହୁ, ନଗେନ କୁମାର ସ୍ୱାଇଁ, ଦେଓଶ୍ଳୋକ ସାହୁ, ବିଜୟ ସାହୁ, ଶିଖର ରଣା, ମନ୍ଦିର ପୂଜକ କୁନା ନନ୍ଦ ପ୍ରମୁଖ ଯୋଗ ଦେଇ ଚାରାରୋପଣ କରିଥିଲେ। ବୃକ୍ଷ ହିଁ ଜୀବନ ଏବଂ ବୃକ୍ଷ ବଞ୍ଚି ରହିଲେ ଜୀବ ଜଗତ ବଞ୍ଚି ରହିବ, ବୃକ୍ଷ ବିନା ଜୀବଜଗତ ପ୍ରଭାବିତ ହୋଇଥାଏ ବୋଲି ମୁଖ୍ୟ ଅତିଥି ସରପଞ୍ଚ ଶ୍ରୀ ପରିଡ଼ା ପ୍ରକାଶ କରିଥିଲେ। ପ୍ରତ୍ୟେକ ଜନସାଧାରଣ ଓ ଯୁବକମାନେ ଚାରାରୋପଣ କରିବା ଆବଶ୍ୟକ ରହିଛି ବୋଲି କଇଁମୁଣ୍ଡି ଫାଣ୍ଡି ଅଧିକାରୀ ଶ୍ରୀ ମଲିକ ପ୍ରକାଶ କରିଛନ୍ତି। ଚାରାରୋପଣ କରିବା ଏବଂ ତାହାର ଯତ୍ନନେବା ଆବଶ୍ୟକ। ଚାରାରୋପଣ ଦ୍ୱାରା ପରିବେଶ ସନ୍ତୁଳିତ ରହିବ ଜୀବଜଗତ ପ୍ରଭାବିତ ହେବନାହିଁ । ବଞ୍ଚିବା ପାଇଁ ଅମ୍ଳଜାନର ଅଭାବ ରହିବ ନାହିଁ ବୋଲି ରାଜ୍ୟ ସାମ୍ବାଦିକ ସଙ୍ଘ ଜିଲ୍ଲା ସଙ୍ଗଠନ ସଂପାଦକ ଶୁଭେନ୍ଦୁ ମହାପାତ୍ର ପ୍ରକାଶ କରିଥିଲେ।



# ବେଣ୍ଟକାର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ



ଫୁଲନଖରା (ଭାସ୍କର ନ୍ୟୁଜ୍) : ବୟାଳିଶମୌଜା ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ପରିଦର୍ଶନରେ ଆସି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ତଦାରଖ କରିଥିଲେ । ଔଷଧ ବିତରଣ କେନ୍ଦ୍ରରେ ଗୋଟିଏ ମାତ୍ର କାଉଣ୍ଟର ଥିବାରୁ ଏହାକୁ ଦୁଇଟି କରିବା ପାଇଁ ଆଦେଶ ଦେଇଥିବା ବେଳେ ବର୍ହିବିଭାଗ କୋଠାକୁ ଖୁବଶୀଘ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପ୍ରତ୍ୟେକଟି କୋଠରୀ ସମ୍ମୁଖରେ ସ୍ପଷ୍ଟ ଭାବରେ ନାମଫଳକ ଲେଖା ଯାଇନଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ନାମଫଳକ ଲେଖିବାକୁ ଅଧକ୍ଷଙ୍କୁ କହିଥିଲେ। ବାରମ୍ବାର ବିଦ୍ୟୁତକାଟ ପାଇଁ ରୋଗୀସେବା ବାଧାପ୍ରାପ୍ତ ହେଉଥିବାରୁ ଦୁଇବର୍ଷ ଧରି ଅଚଳ ହୋଇପଡିଥିବା ଜେନେରେଟରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ। ବର୍ହିବିଭାଗ ରୋଗୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ନିମନ୍ତେ ଦୁଇବର୍ଷ ତଳେ ନିର୍ମାଣ ସରିଥିବା ମିଶନ ଶକ୍ତି କାଫେ କାର୍ଯ୍ୟକ୍ଷମ ନହେବା ନେଇ ଜିଲ୍ଲାପାଳ କ୍ଷୁବ୍ଧ ହୋଇଥିଲେ। ୭ଦିନ ଭିତରେ ପୂର୍ତ୍ତ ବିଭାଗ ଏହି ମିଶନ ଶକ୍ତି ଗୃହକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର ନକଲେ ଏହାର ତାଲା ଭାଙ୍ଗି ଗୃହକୁ ନିଜ ଦଖଲକୁ ନେବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପରିମଳ ବ୍ୟବସ୍ଥା ଏବଂ ନୂତନ ଭାବରେ ପୂର୍ତ୍ତ ବିଭାଗ ଦ୍ୱାରା କରାଯାଇଥିବା ଅନେକ ଅସମ୍ପୂର୍ଣ୍ଣ ଏବଂ ନିମ୍ନମାନର କାମକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଜିଲ୍ଲାପାଳ ସମସ୍ତ ଅସୁବିଧାକୁ ୭ଦିନ ଭିତରେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରିଛନ୍ତି। ସବୁଠାରୁ ଦୁଃଖର କଥା ହେଲା ଦୀର୍ଘଦୀନ ଧରି ଅବ୍ୟବସ୍ଥିତ ହୋଇଥିବା ବହୁ ସମସ୍ୟା ଜିଲ୍ଲାପାଳଙ୍କ ଗସ୍ତ ପୂର୍ବରୁ ସମାଧାନ ହୋଇଯାଇଥିବାର ଦେଖିବାକୁ ମିଳିଥିଲା । ଯେପରିକି ଦୀର୍ଘଦିନ ଧରି ଅଚଳଥିବା ଏଲଇଡି ଆଜି କାର୍ଯ୍ୟକ୍ଷମ ହେବା ସହିତ ସରକାରୀ ସ୍ୱାସ୍ଥ୍ୟ ଯୋଜନାର ପ୍ରଚାର ପ୍ରସାର କରୁଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ ଆଜି ସମ୍ପୂର୍ଣ୍ଣ ଚକାଚକ ଥିବାବେଳେ ବହୁ ଅବ୍ୟବସ୍ଥିତ ଜିନିଷକୁ ସଜାଡି ଦିଆଯାଇଥିଲା। ତେବେ ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଡାକ୍ତର ପ୍ରଶାନ୍ତ କୁମାର ସାମଲ କହିଛନ୍ତି ଜିଲ୍ଲାପାଳ ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଛି ଏବଂ ଛୋଟ ଛୋଟ ସମସ୍ୟାର ସମାଧାନ ଖୁବଶୀଘ୍ର କରାଯିବ। ତେବେ ଜିଲ୍ଲାପାଳଙ୍କ ଗସ୍ତ ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ରର ପରିବର୍ତ୍ତିତ ରୂପକୁ ଦେଖି ସାଧାରଣ ରୋଗୀ ଏବଂ ରୋଗୀ ସମ୍ପର୍କୀୟମାନେ ଜିଲ୍ଲାପାଳ ଏଭଳି ବାରମ୍ବାର ଅସନ୍ତୁ ବୋଲି ମତବ୍ୟକ୍ତ କରିଛନ୍ତି।

# ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଲା ଆମ୍ବୁଲାନ୍ସ

କଣ୍ଟାପଡ଼ା (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ଅଲିଙ୍ଗି ରାସ୍ତା ପାର୍ଶ୍ୱରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଜଗତସିଂପୁର ବିରିଡିରୁ ରୋଗୀଙ୍କୁ ଛାଡି ଆମ୍ବୁଲାନ୍ସଟି ଗାଡି ନଂ ୟୁପି ୩୨ଏମ୍ ଏନ୍ ୬୭୫୩ ଫେରୁଥିବା ବେଳେ ଅଲିଙ୍ଗି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଛିଣ୍ଡା ନଦୀ ପଠାରେ ଓଲଟି ପଡିଥିଲା। ଆମ୍ବୁଲାନ୍ସଟିରେ ୩ଜଣ ଥିବାବେଳେ ଏହା ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ବୋଲି ଜଣାପଡିଛି। ଏଥିରେ ଡ୍ରାଇଭର, ଜଣେ ଫାର୍ମାସିଷ୍ଟ ଓ ହେଲ୍‌ପର ଥିବାବେଳେ ଡ୍ରାଇଭର ଜଣକ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ଅନ୍ୟପଟେ ସକାଳୁ ସ୍ଥାନୀୟ ଲୋକେ ଏହି ଘଟଣା ଦେଖି ଡିମିରି ଫାଣ୍ଡିକୁ ଖବର ଦେଇଥିବା ବେଳେ, ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅନୁଧାନ କରିଥିବା ଜଣାପଡିଛି।

# ସିଆର୍‌ଜେଡ୍ ଆଇନ ଉଲ୍ଲଙ୍ଘନକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ପାରାଦ୍ୱୀପ/କୁଜଙ୍ଗ (ଭାସ୍କର ନ୍ୟୁଜ୍): ସାମୁଦ୍ରିକ ବିପତ୍ତିର ସୁରକ୍ଷା ପାଇଁ ସରକାରଙ୍କର ସିଆରଜେଡ୍ ଆଇନର ସୃଷ୍ଟି ହୋଇଥିଲେ ମଧ ଉକ୍ତ ଆଇନକୁ ଖୋଲାଖୋଲି ଉଲ୍ଲଙ୍ଘନ କରିଚାଲିଛନ୍ତି କାଠ ମାଫିଆ। ଏଭଳି ସମ୍ବେଦନଶୀଳ ଘଟଣା ଦେଖିବା ପାଇଁ ମିଳିଛି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଢ଼ିଙ୍କିଆ ଚାରିଦେଶ ଅଞ୍ଚଳର ବେଳାଭୂମି ନିକଟରେ। ଅଞ୍ଚଳର କିଛି କାଠ ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଇନକାନୁନ ସମ୍ପୂର୍ଣ୍ଣ ବଳିପଡ଼ିଥିବା ଭଳି ପରିଲକ୍ଷିତ ହେବାରେ ଲାଗିଛି। ସ୍ଥାନୀୟ କିଛି ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ଏଭଳି ବେଆଇନ କାର୍ଯ୍ୟ ଚାଲୁଥିବା କୁହାଯାଉଛି। ଅନ୍ୟପକ୍ଷରେ ବେଳାଭୂମି ସୁରକ୍ଷା ପାଇଁ ସରକାର ସମୁଦ୍ର କୂଳରେ ଝାଉଁ ବଣ ସୃଷ୍ଟି କରିଚାଲିଥିବା ବେଳେ କାଠ ମାଫିଆମାନେ ଏହାକୁ ନିରବଚ୍ଛିନ୍ନ ଭାବେ କାଟି ଚାଲିଛନ୍ତି। ତେବେ ଏଥିପ୍ରତି ଜଙ୍ଗଲ ବିଭାଗର କୌଣସି ଦାୟିତ୍ୱ ଥିବା ପରି ମନେ ହେଉନାହିଁ । ତେବେ ଏଥିପ୍ରତି ସରକାର ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ସୁଶାନ୍ତ ଶେଖର ସ୍ୱାଇଁ ଦାବି କରିଛନ୍ତି।



# ମତ୍ସ୍ୟଜୀବୀଙ୍କ ଡ଼ଙ୍ଗା ଭାଙ୍ଗିଦେଲେ ଦୁର୍ବୃତ୍ତ

ପାରାଦ୍ୱୀପ/କୁଜଙ୍ଗ (ଭାସ୍କର ନ୍ୟୁଜ୍) : ସଂସ୍କୃତିପୂର୍ଣ୍ଣ ପୁରାତନ କୁଜଙ୍ଗ ରାଜ୍ୟର ଐତିହ୍ୟ ବହନ କରୁଥିବା ସାହେରପେଣ୍ଟ ମତ୍ସ୍ୟଡିହା ୫୭କିତା ନଦୀସତ୍ୱର ଅଂଶବିଶେଷ ଏରସମା ତହସିଲ ଅଧିନସ୍ଥ ଜଟାଧାର ନଦୀରେ ପୁରୁଷାନୁକ୍ରମରେ କିଛି ମତ୍ସ୍ୟଜୀବୀ ନଦୀରୁ ମାଛ ଧରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ଗତ ସୋମବାର ରାତ୍ର ସମୟରେ କିଛି



ଆଞ୍ଚଳିକ ଦୁର୍ବୃତ୍ତ, ମତ୍ସ୍ୟଜୀବୀଙ୍କ ମାଛଧରା ଡ଼ଙ୍ଗାକୁ ନଦୀମଧ୍ୟରେ ଭାଙ୍ଗି ନଷ୍ଟ କରିଛନ୍ତି। ଯାହାଦ୍ୱାରା ଗରିବ ମତ୍ସ୍ୟଜୀବୀ ପରିବାର ଭୋକ ଉପାସରେ ଦିନ ଅତିବାହିତ କରୁଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣା ପ୍ରତି ସ୍ଥାନୀୟ ପୋଲିସ ପ୍ରଶାସନ ଦୃଷ୍ଟିଦେଇ ଦୁର୍ବୃତ୍ତଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗରିବଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ରାଜ୍ୟ ସମ୍ପାଦକ ହେଲେ ସୁନାକର

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳର ସୁପରିଚିତ ଜଣେ ଜଣାଶୁଣା ସମାଜସେବୀ ଭାବେ ଡକ୍ଟର ସୁନାକର ବେହେରା ସାରା ଓଡ଼ିଶାରେ ପରିଚିତ। ତାଙ୍କୁ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ଦ୍ୱାରା ଓଡ଼ିଶା ରାଜ୍ୟର ରାଜ୍ୟ ସମ୍ପାଦକ ରୂପେ ନିଯୁକ୍ତି ପ୍ରଦାନ କରାଯାଇଛି। ଡ. ବେହେରା ସମାଜିକ କ୍ଷେତ୍ରରେ ନିଜକୁ ପୂର୍ଣ୍ଣ ସମର୍ପଣ କରିବା ସହିତ ନିଃସ୍ୱାର୍ଥପର ସେବାର ପ୍ରତିଦାନରେ ତାଙ୍କୁ ମିଳିଛି ଜଣେ ସଚ୍ଚୋଟ ଆଉ ନିର୍ଭିକ ସମାଜସେବୀର ପଦ ମର୍ଯ୍ୟାଦା ଓ ବିଭିନ୍ନ ଜାତୀୟ ଓ ରାଜ୍ୟ ଅନୁଷ୍ଠାନର ଗୁରୁ ଦାୟିତ୍ୱ। ନିକଟରେ ତାଙ୍କୁ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ଜାତୀୟ ମୁଖପାତ୍ର ସହ ଓଡିଶା ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ତାଙ୍କର ବଳିଷ୍ଠ କାର୍ଯ୍ୟଦକ୍ଷତା ଓ ସାମାଜିକ ସହବନ୍ଧିତା ପାଇଁ ସାରା ଓଡ଼ିଶାର ଜନସାଧାରଣ ତାଙ୍କୁ ଦେଇଛନ୍ତି ଅଜସ୍ର ଭଲପାଇବାର ସ୍ନେହ ଆଉ ଶ୍ରଦ୍ଧା। ବିଭିନ୍ନ ସରକାରୀ ଓ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ନିଜକୁ ସାମିଲ କରି ସାମାଜିକ ପ୍ରଗତି, ସଂସ୍କାର, ଜନକଲ୍ୟାଣ କ୍ଷେତ୍ରରେ ଅହରହ ନିଜର ବୈପ୍ଳବିକ ଚେତନାକୁ ସମର୍ପଣ କରିଛନ୍ତି ସମାଜ ସେବାରେ। ଓଡ଼ିଆଙ୍କ ପରିଚୟ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସଂସ୍କୃତି ତାଙ୍କୁ ଆଧାତ୍ମିକ ମାର୍ଗଦର୍ଶନ ସହିତ ସାମାଜିକ ସଂସ୍କାର ଦିଗରେ ଉତ୍ସାହ ଆଉ ସାହସ ଆଣିଦେଇଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଆଜିର ଏହି ସମସ୍ତ ସଫଳତାର ଶ୍ରେୟ ସାଧାରଣ ଜନସାଧାରଣଙ୍କୁ ଦେବା ସହିତ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ଆବାହକ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି। ଡ. ଶ୍ରୀ ବେହେରାଙ୍କ ଏହି ନିଯୁକ୍ତି ପାଇଁ ରାଜ୍ୟର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଶୁଭେଚ୍ଛା ବାର୍ତ୍ତା ମିଳିବାରେ ଲାଗିଛି।



# ଫାଇଲେରିଆ ନିରାକରଣ ନେଇ ସଚେତନତା

ବାରିପଦା (ଭାସ୍କର ନ୍ୟୁଜ୍) : ଜିଲ୍ଲାରେ ଫାଇଲେରିଆ ରୋଗର ନିରାକରଣ ପାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ଏକ ସଚେତନତା ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର କିଶୋର କୁମାର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଡ଼ ଆଚାର୍ଯ୍ୟ ଉପସ୍ଥିତ ଥିବା ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାରେ ଚଳିତ ବର୍ଷ ଆଗାମୀ ଅଗଷ୍ଟ ମାସ ୧୦ ତାରିଖରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହିତ ସମସ୍ତ ଜନସାଧାରଣଙ୍କୁ ଏହି ଔଷଧ ଖାଦ୍ୟ ଖାଇସାରି ଖାଇବା ପାଇଁ ଅନୁରୋଧ କରିଥିଲେ। ଏହି ସାମୂହିକ ଔଷଧରେ ଡି.ଇ.ସି, ଆଲବେଣ୍ଡାଜଲ ଏବଂ ଆଇଭରମେକ୍ଟିନ ବଟିକା ସମ୍ପୂର୍ଣ୍ଣ ନିରାପଦ ଓ ସୁରକ୍ଷିତ। ଏହି ଔଷଧ ଶରୀରରେ ଲୁଚିରହିଥିବା ଫାଇଲେରିଆ ପରଜୀବୀ କୀଟାଣୁକୁ ମାରି ବାତଜ୍ୱର, ଗୋଡ ଫୁଲିବା, ହାତ ଫୁଲିବା ଅଣ୍ଡକୋଷ ଫୁଲିବା ଓ ଗୋଦର ଗୋଡ ହେବାକୁ ଦେଇ ନଥାଏ ଓ ତାପରେ ଜିଲ୍ଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡ଼କ୍ଟର ବିଜୟ କୁମାର ଦାଶ କହିଥିଲେ ଯେ ଆମର ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଘରକୁ ଘର ବୁଲି ଏହି ଔଷଧ ଖୁଆଇବେ। ସେ କହିଥିଲେ ୨ ରୁ ୫ ବର୍ଷର ପିଲା ଡି.ଇ.ସି. ୧ଟା ୧୦୦ ମିଲିଗ୍ରାମ ଓ ଗୋଟିଏ ଆଲବେଣ୍ଡାଜଲ ବଟିକା ୪୦୦ ମିଲିଗ୍ରାମ ଖାଇବେ। ୬ରୁ ୧୪ ବର୍ଷ ଡି.ଇ.ସି. ୨ଟା ୧୦୦ ମିଲିଗ୍ରାମର ଓ ଆଲବେଣ୍ଡାଜଲ ବଟିକା ୪୦୦ ମିଲିଗ୍ରାମ ଗୋଟିଏ ଖାଇବେ। ୧୫ ବର୍ଷ ବା ତା'ଠାରୁ ଅଧିକ ଡି.ଇ.ସି. ୧୦୦ ମିଲିଗ୍ରାମର ୩ଟି ଓ ଆଲବେଣ୍ଡାଜଲ ବଟିକା ୪୦୦ ମିଲିଗ୍ରାମର ଗୋଟିଏ ଖାଦ୍ୟ ଖାଇସାରିବା ପରେ ଖାଇବେ ଏବଂ ଆଲବେଣ୍ଡାଜଲ ବଟିକା ୬ବର୍ଷରୁ ଅଧିକ ବୟସର ପିଲା ଉଚ୍ଚତା ଅନୁସାରେ ଖାଇବେ। ଏହା ବ୍ୟତୀତ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ, ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତି ଏବଂ ପ୍ରସୂତି ମାନଙ୍କୁ ଏକ ସପ୍ତାହ ମଧ୍ୟରେ ଏହି ଔଷଧ ଦିଆଯିବ ନାହିଁ । ପରେ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ଜିଲ୍ଲାରେ ଫାଇଲେରିଆ ରୋଗର ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେ ସମସ୍ତ ଜନସାଧାରଣ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଅଫିସର କର୍ମଚାରୀଙ୍କୁ ଖାଦ୍ୟ ଖାଇସାରି ଏହି ବଟିକା ଖାଇବା ପାଇଁ ଅନୁରୋଧ କରିଥିଲେ। ସେ କହିଥିଲେ ଫାଇଲେରିଆ ପ୍ରବଣ ଗାଁ ଓ ସହରାଞ୍ଚଳର ୱାର୍ଡ ମାନଙ୍କରେ କିପରି ସଚେତନତା କାର୍ଯ୍ୟକ୍ରମ କରି ସମସ୍ତ ଲୋକ ଔଷଧ ଖାଇ ପାରିବେ ତା'ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସାମୂହିକ ଔଷଧ ସେବନ ଅଭିଯାନର ବ୍ୟାପକ ସଚେତନତା ସୃଷ୍ଟିରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହୁଥିବାରୁ ଏଥିପାଇଁ ଗଣମାଧ୍ୟମର ସହଯୋଗ କାମନା କରିଥିଲେ। ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ଼କ୍ଟର ନିଶିତ ରଞ୍ଜନ ଦାସ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଓଡିଶା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ରୋଟାରୀ କ୍ଲବର ସଦସ୍ୟ ସଦସ୍ୟା, ବିଭିନ୍ନ ବେସରକାରୀ ସଂସ୍ଥାର ଓ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ବିଜେପିର ପଞ୍ଚାୟତସ୍ତରୀୟ ବୈଠକ



ମହାକାଳପଡା (ଭାସ୍କର ନ୍ୟୁଜ୍) : ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ବିଜେପି ତରଫରୁ ମାର୍ଶାଘାଇ ମଣ୍ଡଳ ଅନ୍ତର୍ଗତ ମାର୍ଶାଘାଇ ପଞ୍ଚାୟତ ଓ ମଣିକୁଣ୍ଡା ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ବୈଠକ ଅନଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାର୍ଶାଘାଇ ମଣ୍ଡଳ ସଭାପତି ରଶ୍ମି ରଞ୍ଜନ ରାଉତରାୟ ଯୋଗ ଦେଇ ପଞ୍ଚାୟତର ପ୍ରମୁଖ ଓ ବୁଥ୍ ସ୍ତରୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ନେତୃମଣ୍ଡଳୀଙ୍କୁ ନେଇ ଦଳର ଆଗାମୀ କାର୍ଯ୍ୟକ୍ରମ ଓ ସଧାରଣ ଲୋକଙ୍କ ମୌଳିକ ସମସ୍ୟା ତା'ସହିତ ସାଂଗଠନିକ ବିସ୍ତାର ବିଷୟରେ ଉପସ୍ଥିତ ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ମହାକାଳପଡ଼ା ବିଧାୟକ ମାନ୍ୟବର ଦୁର୍ଗା ପ୍ରସନ୍ନ ନାୟକଙ୍କ ସହିତ ରହି ତାଙ୍କ ହାତ ମୁଠାକୁ ଟାଣ କରିବାକୁ ଉପସ୍ଥିତ ଥିବା କାର୍ଯ୍ୟକର୍ତ୍ତାମାନେ ନିଷ୍ପତ୍ତି ନେଇଥିଲେ। ତୃଣମୂଳ ସ୍ତରରୁ ଡବଲ ଇଞ୍ଜିନ ସରକାରର ବିକାଶମୂଳକ କାର୍ଯ୍ୟ କିପରି ଲୋକଙ୍କ ପାଖରେ ପହଞ୍ଚିବ ସେ ଦିଗରେ ସମସ୍ତେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ଶାଘାଇ ପଞ୍ଚାୟତ ସଭାପତି ଅରୁଣ କୁମାର ରାଉତ, ମଣିକୁଣ୍ଡା ବିଭୁତି ଭୁଷଣ ରାଉତଙ୍କ ସହିତ ସମସ୍ତ ବୁଥ୍ ସଭାପତି ମାନଙ୍କ ମଧ୍ୟରେ ଆଲୋକ କୁମାର ଜେନା, ତାପସ କୁମାର ପଣ୍ଡା, ନିରଞ୍ଜନ ସ୍ୱାଇଁ, ପ୍ରତାପ ପରିଡା, ଦେବୀ ପ୍ରସନ ବେହେରା, ଜିତେନ୍ଦ୍ର ସ୍ୱାଇଁ, ଦୟାନିଧି ସ୍ୱାଇଁ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ସଫଳ କରିଥିଲେ।

# ୨ଲକ୍ଷ ତ୍ରିରଙ୍ଗା ପ୍ରସ୍ତୁତିରେ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ ଚଳିତ ବର୍ଷ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତ କରୁଛନ୍ତି ତ୍ରିରଙ୍ଗା ପତାକା। ଏହି ଗ୍ରୁପର ୭୦ରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟା ଆସନ୍ତା ଅଗଷ୍ଟ ୧୫ ତାରିଖ ନିମନ୍ତେ ସରକାରଙ୍କ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦିନରାତି ଏକକାର କରି ତ୍ରିରଙ୍ଗା ପତାକା ନିର୍ମାଣ କରିଚାଲିଛନ୍ତି। ଧାର୍ଯ୍ୟ ତାରିଖ ସୁଦ୍ଧା ଯେମିତି ହେଲେ ୨ଲକ୍ଷ ପତାକା ତିଆରି କରିବାକୁ ପଡ଼ିବ। ଏହି ପ୍ରଡ୍ୟୁସର୍ସ ଗ୍ରୁପର ସଭାପତି ଲେସାତୁନ ବିବି ଓ ସମ୍ପାଦିକା ରେଶମା ବେଗମ୍ କୁହନ୍ତି ଗତବର୍ଷ ଆମେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ୧ଲକ୍ଷରୁ ଊର୍ଦ୍ଧ୍ୱ ଜାତୀୟ ପତାକା ଯୋଗାଇ ଦେଇଥିବା ବେଳେ ବାହାର ବଜାର, ବିଭିନ୍ନ ସ୍କୁଲ କଲେଜ ଓ ସାମାଜିକ ଅନୁଷ୍ଠାନ ଆମ ନିକଟରୁ ଜାତୀୟ ପତାକା କ୍ରୟ କରିଥିଲେ। ସେହିପରି ଚଳିତ ବର୍ଷ ଆମ ନିକଟକୁ ବିଭିନ୍ନ ଅନୁଷ୍ଠନରୁ ପତାକା କିଣିବା ନିମନ୍ତେ ପୂର୍ବରୁ ଅର୍ଡ଼ର ଆସିଲାଣି। ତେଣୁ ଆମ ସଦସ୍ୟମାନେ ଆମ ପ୍ରତିଷ୍ଠାନରେ ରହିଥିବା ଅତ୍ୟାଧୁନିକ କପଡ଼ା କଟା ମେସିନ୍ ଓ ଯନ୍ତ୍ରଚଳିତ ସିଲେଇ ମେସିନ୍ ସହାୟତାରେ ଏହାକୁ ନିର୍ମାଣ କରିବାରେ ଲାଗିପଡ଼ିଛନ୍ତି। ସୂଚନାଯୋଗ୍ୟ ଏହି ଗ୍ରୁପର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତି ଏମ୍ବ୍ରୋଡୋରୀ ବେଡ଼ସିଟ୍, ଶାଢ଼ୀ ଓ ଅନ୍ୟାନ୍ୟ ସାମଗ୍ରୀ ରାଜ୍ୟ ତଥା ରାଜ୍ୟ ବାହାରେ ଖୁବ୍ ପ୍ରସିଦ୍ଧି ଲାଭ କରିଛି। ଯେଉଁଥିପାଇଁ ଏହି ପ୍ରଡ୍ୟୁସର୍ସ ଗ୍ରୁପକୁ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ପୁରସ୍କୃତ କରିଛନ୍ତି। ଏଥିସହିତ ଏହି ଗ୍ରୁପର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ମହିଳାମାନଙ୍କର ବିଭିନ୍ନ ଡିଜାଇନ୍‌ର ପୋଷାକ ସମେତ ସ୍କୁଲ, କଲେଜ ଓ ଅଙ୍ଗନୱାଡ଼ିର ୟୁନିଫର୍ମ ମଧ ନିର୍ମାଣ କରିଥାନ୍ତି।



## ତ୍ରୁଟିପୂର୍ଣ୍ଣ ଗଳାପୋଲ ଓ ଓଭରବ୍ରିଜ ଦୁର୍ନୀତି

# ତଦନ୍ତ ଦାବିରେ ୯ରେ ଗଣଧାରଣା

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଯାଜପୁର କେନ୍ଦୁଝର ରୋଡ ଇଷ୍ଟକୋଷ୍ଟ ରେଳ ବିଭାଗ ପକ୍ଷରୁ ନିର୍ମାଣାଧୀନ ଗୋପବନ୍ଧୁ ଛକ ଠାରେ ଗଳାପୋଲ ଓ ଗାୟତ୍ରୀ ବିହାର ସ୍ଥିତ ଓଭରବ୍ରିଜ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିକୁ ବିରୋଧ କରି କୋରେଇ ସଂଗ୍ରାମ ସମିତି ପକ୍ଷରୁ ପ୍ରତିବାଦ କରି କୌଣସି ସ୍ଥାୟୀ ପ୍ରତିକାର ନହେବାରୁ ଏହାକୁ ନେଇ ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରେ ରେଳ ଷ୍ଟେସନ ସମ୍ମୁଖରେ ଗଣଧାରଣା ଆୟୋଜିତ ହେବ। ଏହି ଗଣଧାରଣାରେ ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରାଜନୈତିକ ଦଳ ସାମାଜିକ ସଂଗଠନ ତଥା ସାମ୍ବାଦିକ ସଂଘ ଅଂଶଗ୍ରହଣକରିବାକୁ ଅନୁରୋଧ କରାଯିବ। ଏହାକୁ ନେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଯାଜପୁର ରୋଡ ପ୍ରତି ରେଳ ବିଭାଗର ବୈମାତୃକ ଭାବକୁ ଦୃଢ଼ ନିନ୍ଦା କରିବା ସହ ୫ କୋଟି ୧୬ ଲକ୍ଷ ଟଙ୍କାରେ ହୋଇଥିବା ଅଟକଳରେ ଏହି ଗଳାପୋଲରେ ବ୍ୟାପକ ଅନିୟମିତତା ସହିତ ଦୁର୍ନୀତିର ତଦନ୍ତ କରିବା ସହିତ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ରେଳ ବିଭାଗ ବିରୋଧରେ ଆନ୍ଦୋଳନ ଜାରି ରହିବ ବୋଲି ଆଲୋଚନାରେ ନିଷ୍ପତି ନିଆଯାଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର ଅଭିଯୋଗପତ୍ର ପଢି ଶୁଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ନାୟକ, ପ୍ରଦ୍ୟୁମ୍ନ ବୋଇତାଇ, ପବିତ୍ର ରଞ୍ଜନ ମହାନ୍ତି, ପଦ୍ମନାଭ ନାୟକ, ପରୀକ୍ଷିତ ମଳିକ, ମହିନ୍ଦ୍ର କୁମାର ମହାପାତ୍ର, ବିଦ୍ୟାଧର ଜେନା ବାପି ପଣ୍ଡା କାର୍ଯ୍ୟକାରୀ କମିଟିରେ ବିଭିନ୍ନ ପ୍ରସ୍ତାବ ରଖିଥିଲେ।


# ବଳଙ୍ଗା ପୀଡିତାକୁ ନ୍ୟାୟ ଦାବିରେ ଶାନ୍ତିପୂର୍ଣ୍ଣ ହରତାଳ




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବଳଙ୍ଗା ପୀଡିତାର ମୃତ୍ୟୁ ପରବର୍ତ୍ତୀ ଅବସ୍ଥାରେ ପୋଲିସ ବିବୃତ୍ତି ଓ ପୀଡିତା ପରିବାରର ବୟାନ ବଦଳାଇବାକୁ ଚାପ ଘଟଣାକୁ ନେଇ ବିଜୁ ଜନତା ଦଳ ତରଫରୁ ଗୁରୁବାର ପ୍ରତ୍ୟୁଷରୁ ୬ଘଣ୍ଟିଆ ପୁରୀ ଜିଲ୍ଲା ବନ୍ଦ ଡାକରା ପ୍ରଭାବ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ସକାଳ ୬ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ଜଗନ୍ନାଥ ମାଟିରେ ନିଶ୍ଚୟ ସତ୍ୟ ଉନ୍ମୋଚନ ହେବ ଏବଂ ବଳଙ୍ଗା ପୀଡିତା ନ୍ୟାୟ ମିଳିବା ଯାଏଁ ବିଜୁ ଜନତା ଦଳ ତା'ର ଲଢେଇ ଜାରି ରଖିବ ବୋଲି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ମତ ଦେଇଛନ୍ତି। ଏହି ବନ୍ଦ ଡାକରାରେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି ପଞ୍ଚାନନ ସ୍ୱାଇଁ, ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ଆରତୀ, ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ପ୍ରଫୁଲ୍ଲ ବେହେରା, ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ଚମ୍ପକ ବାରିକି, ରୁଦ୍ର ପ୍ରସାଦ ଲେଙ୍କା, ଜ୍ଞାନ, କୁଞ୍ଜ ବିହାରୀ ପ୍ରଧାନ, ଯୋଗେନ୍ଦ୍ର ଲେଙ୍କା, ପବିତ୍ରଙ୍କ ସମେତ ଶତାଧିକ ବିଜେଡି କର୍ମୀ ବନ୍ଦ ଡାକରାକୁ ସଫଳ କରିବାକୁ ପ୍ରୟାସ କରିଥିଲେ। ଏହା ସହ ଶତାଧିକ ବିଜେଡି କର୍ମୀ ବିଭିନ୍ନ ସ୍ଥାନରେ ପ୍ରତିବାଦ କରି ବଜାର ଅବରୋଧ କରିଥିଲେ। ବିକ୍ଷୋଭକାରୀ ମାନେ ରାସ୍ତାରେ ଟାୟାର ଜାଳି, ଅସ୍ତରଙ୍ଗରୁ କାକଟପୁର ମୁଖ୍ୟ ରାସ୍ତା, ଥାନା ଛକ ସମେତ ପ୍ରମୁଖ ଛକ ଗୁଡିକରେ ଅବରୋଧ କରିଥିଲେ। ୬ଘଣ୍ଟିଆ ବନ୍ଦ ଯୋଗୁଁ ଅସ୍ତରଙ୍ଗରେ ଦୈନନ୍ଦିନ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡିଥିଲା। ଦୋକାନ ବଜାର, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା।

# ରାଶିଫଳ


**ଶୁକ୍ରବାର, ୦୮ ଅଗଷ୍ଟ ୨୦୨୫**



**ମେଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକ୍କାପଣ ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ।




**ବୃଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ମିଥୁନ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ।




**କର୍କଟ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ।



**ତୁଳା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ।



**କନ୍ୟା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ।




**ବିଛା:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ।




**ସିଂହ:** ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ। ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ।



**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।



**କୁମ୍ଭ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବେଲପାହାଡ଼(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସ୍ଥିତ ବାସନ୍ତୀ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ବାସନ୍ତୀ ପ୍ରଧାନଙ୍କ ସ୍ମୃତିରେ ବୁଧବାର ତାଙ୍କର ଜନ୍ମ ଜୟନ୍ତୀ ଅବସରରେ ଏହି ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବାସନ୍ତୀ ହସ୍ପିଟାଲର ନିର୍ଦ୍ଦେଶକ କ୍ରିଟିକାଲ କେୟାର ଡାକ୍ତର ରାଜକୁମାର ପ୍ରଧାନ, ୟୁରୋଲୋଜି ବିଭାଗ ଡାକ୍ତର ବରୁଣ ତମରାକର, ଗାଇନୋକୋଲୋଜି ବିଭାଗ ଡାକ୍ତର ଏସ୍‌କେ ପାଣିଗ୍ରାହୀ, ଇଏନଟି ଦନ୍ତ ଚିକିତ୍ସକ, ଗେଷ୍ଟ୍ରୋ ଏଣ୍ଟ୍ରୋଲୋଜି ବିଭାଗର ଡାକ୍ତର ମୁକ୍ତିପ୍ରକାଶ ମେହେର, ଇଏନଟି ବିଶେଷଜ୍ଞ ଡାକ୍ତର ଏସ୍. ମହାନାୟକ, ଦନ୍ତ ଚିକିତ୍ସକ ଡାକ୍ତର ଜିତେନ୍ଦ୍ର ପ୍ରଧାନ, ଡାକ୍ତର ସୁଷ୍ମା ପ୍ରଧାନ, ଡାକ୍ତର ଶ୍ରେୟା ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଚିକିତ୍ସା ସେବା ଯୋଗାଇଥିଲେ। ଆରବିଏସ, ଏଚ୍‌ବିଏଓନସି, ଏଚ୍‌ବି, ୟୁରିକ ଏସିଡ, ଲିପିଡ୍ ପ୍ରୋଫାଇଲ, ସେରି ଫେରିଟାଇନ ନେଫ୍ରୋପାଥୀ ଡାଇଗୋନିସିସ ଆଦି ଟେଷ୍ଟ ସହ ଡାକ୍ତରୀ ପରାମର୍ଶ ଏବଂ ଔଷଧ ନିଃଶୁଳ୍କ ପ୍ରଦାନ କରାଯାଇଥିଲା। ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ବାସନ୍ତୀ ହସ୍ପିଟାଲ ପକ୍ଷରୁ ପ୍ରତିବର୍ଷ ଏହିପରି ନିଃଶୁଳ୍କ ଚିକିତ୍ସା ଶିବିର ଆୟୋଜନ କରାଯିବାର ଯୋଜନା ଥିବା ଡାକ୍ତର ଜିତେନ୍ଦ୍ର ପ୍ରଧାନ ଏବଂ ରାଜକୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ମହମବତୀ ଆଲୁଅରେ ଚାଲିଛି ସ୍ୱାସ୍ଥ୍ୟସେବା



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ନାରାୟଣ ପାଟଣା ବ୍ଲକ ଏବେ ଅବହେଳିତ ହୋଇ ପଡ଼ିଛି। ଦିନ ଥିଲା ସାରା ରାଜ୍ୟରେ ନାରାୟଣ ପାଟଣା ବ୍ଲକ ମାଓବାଦ୍ ରୂପେ ପରିଚିତ ଥିବାରୁ କୌଣସି ସରକାରୀ ଓ ବେସରକାରୀ କର୍ମଚାରୀ ସେଠାକୁ ଯିବାକୁ ଭୟ କରୁଥିଲେ। ହେଲେ ବର୍ତ୍ତମାନ ଆଉ ସେ ଭୟ ନଥିଲେ ମଧ୍ୟ ବ୍ଲକରେ ସେପରି କୌଣସି ଆଖି ଦୃଶିଆ ଉନ୍ନତି ହୋଇନି କହିଲେ କୌଣସି ଅତ୍ୟୁକ୍ତି ହେବନି। କାରଣ ଏବେ ମାଓବାଦୀଙ୍କ ଅପେକ୍ଷା ସରକାରୀ ବାବୁଙ୍କ କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ଭୟଭୀତ। କାରଣ ଅନେକ କାର୍ଯ୍ୟାଳୟରେ କୌଣସି କାର୍ଯ୍ୟ ହେଉନି। ଫଳରେ ନାରାୟଣ ପାଟଣା ବ୍ଲକ ଆଗକୁ ବଢ଼ିବା ପରିବର୍ତ୍ତେ ଧୀରେ ଧୀରେ ପଛକୁ ଯାଉଛି। ଯାହାକୁ ନେଇ ସୋସିଆଲ ମିଡିଆରେ ବହୁତ ଚର୍ଚ୍ଚା ଚାଲୁଛି। ଆଜି ସେଇଭଳି ନାରାୟଣ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ସୋସିଆଲ ମିଡ଼ିଆ ସରଗରମ ହୋଇ ଉଠିଥିଲା। ବିଜୁଳି ଫେଲ ହେବାରୁ ସ୍ୱାସ୍ଥ୍ୟ କେନ୍ଦ୍ରଟି ଆଜି ସନ୍ଧ୍ୟାରେ ପୂରା ଅନ୍ଧାରରେ ଥିଲା। ଭିତରେ ଥିବା କିଛି ରୋଗୀ ଅନ୍ଧାରରେ ଥିବାବେଳେ କିଛି ମହମବତୀର ସାହାରା ନେଇଥିଲେ। ରୋଗୀ ଓ ତାଙ୍କ ସମ୍ପର୍କୀୟ ଗରମରେ ଆଉଟ୍ ପାଉଟ୍ ହେଉଥିଲେ। ଏବେବି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଜୁଳି ଫେଲ୍ ହେଲେ ତାର କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ଯାହାକୁ ନେଇ ସୋସିଆଲ ମିଡିଆରେ ତର୍କ ବିତର୍କ ଲାଗି ରହିଥିଲା। ଖାଲି ସେତିକି ନୁହେଁ, ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଥିବାରୁ ଲୋକେ ଉଚିତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବାଧ ହୋଇ ବାହାର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହୋଉ ଥିବା ନଜିର ରହିଛି। ରୋଗୀଙ୍କୁ ଠିକ ସମୟରେ ଆମ୍ବୁଲାନ୍ସ ସେବା ମିଳୁନି। ଏହିପରି ଅନେକ ସମସ୍ୟା ଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗତି କରୁଥିବାରୁ ବ୍ଲକ ବାସିନ୍ଦା ଅତିଷ୍ଠ ହୋଇ ପଡିଲେଣି। ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ସବୁ ମହଲରେ ଦାବି ହୋଇଛି।

# ୧୧ରୁ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଶାଖା ରାଜସ୍ୱ ଅମଲା ସଂଘ ତରଫରୁ ୯ ଦଫା ଦାବି ପୂରଣ ନିମନ୍ତେ ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶଥାଉ କି, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟତଃ, ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ORSP-୨୦୧୭ ନିୟମ ଅନୁଯାୟୀ ଲେବଲ- ୯ କୁ ବୃଦ୍ଧି କରାଯାଉ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା :- ୮୮୯୮ ତାରିଖ- ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଥୋରିଟି ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ। ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ। ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ। ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି ଦିଆଯାଉ। ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ଯଦି ରାଜ୍ୟ ସରକାର ଆଗାମୀ ୧୦ ଅଗଷ୍ଟ ୨୦୨୫ ତାରିଖ ମଧ୍ୟରେ ଉପରୋକ୍ତ ଦାବିଗୁଡ଼ିକ ପୂରଣ ନ କରନ୍ତି ତାହେଲେ, ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୧ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର ମିଶ୍ର ଓ ଅନ୍ୟାନ୍ୟ ରାଜସ୍ୱ ଅମଲା ସଂଘ ଗଜପତି ଶାଖା ଉପସ୍ଥିତିରେ ମନ୍ତ୍ରୀଙ୍କୁ ଜଣାଇଥିଲେ।

# ମୌଳିକ ଶିକ୍ଷାରୁ ବଞ୍ଚିତ ଉପାନ୍ତ ଛାତ୍ରଛାତ୍ରୀ

ମାଥିଲି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଉପାନ୍ତରେ ଥିବା ଛାତ୍ରଛାତ୍ରୀ ମୌଳିକ ଶିକ୍ଷାରୁ ବଞ୍ଚିତ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଆଜିକୁ ତିନିମାସ ହେବ କେରେକେଟି ବିଦ୍ୟାଳୟର ଶିକ୍ଷକ ବିଦ୍ୟାଳୟକୁ ଯାଉନାହାନ୍ତି। କଟ୍ଟାଆପଦର, ଗୁଆପଦର, ଦଳବଲି, ବିଦ୍ୟାଳୟରେ ଶିକ୍ଷକଙ୍କ ଦେଖାନାହିଁ। ଯାହାଦ୍ୱାରା ପିଲାଙ୍କ ଭବିଷ୍ୟତ ଅନ୍ଧାରରେ। ସାପ୍ତାହିକ ହାଟରେ ପିଲାଙ୍କ ମଧ୍ୟାହ୍ନ ଭୋଜନର ସାମଗ୍ରୀ ପାଚିକା ହାତରେ ପଠାଇ ବାବୁମାନେ ଘରେ ବେଶ୍ ଆରାମରେ ମାସିକ ବେତନ ନେଉଛନ୍ତି। କେରେମେଟି ପ୍ରଧାନଶିକ୍ଷକ ରମାକାନ୍ତ ମହାରଣାଙ୍କୁ ପଚାରିଲେ ଆଉ ମାସେ ପରେ ସ୍ଥିତି ଠିକ୍ ହେଇଯିବ ବୋଲି କହୁଛନ୍ତି। ଏଭଳି ପରିସ୍ଥିତିରେ ବ୍ଲକ ଶିକ୍ଷା ଅଧିକାରୀ ବା ଶିକ୍ଷା ତଦାରଖ ଦାୟିତ୍ୱରେ ଥିବା

**ବିଦ୍ୟାଳୟକୁ ଯାଉନାହାନ୍ତି ଶିକ୍ଷକ**

କର୍ମଚାରୀ କଣ କରୁଛନ୍ତି? କେବେ ପରିଦର୍ଶନରେ ଯାଇନାହାନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶିକ୍ଷାର ମାନଦଣ୍ଡ ଭୁଶୁଡ଼ିବା ସହ ଶହ ଶହ ପିଲାଙ୍କ ଭବିଷ୍ୟତ ଅନ୍ଧାର ଘେରରେ। ଶିକ୍ଷାଦାନର ମାନ ଏତେ ଦୁର୍ବଳ ଯେ ପିଲା ଅକ୍ଷର ଚିହ୍ନି ପାରୁନାହାନ୍ତି। ସେଠାକାର ଶିକ୍ଷକ କେମିତି ଶିକ୍ଷାଦାନ ଦେଉଛନ୍ତି ତାହା ଅନୁମେୟ। ମେମୁରୁପାଲ୍ଲୀ ସିଆରସି ଓ କର୍ଣ୍ଣଲପଲ୍ଲି ସିଆରସି ଙ୍କୁ ପଚାରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇନଥିଲେ। କଟ୍ଟାଆପଦର ବିଦ୍ୟାଳୟରେ ଛାତ୍ର ସଂଖ୍ୟା ଅଧିକ କିନ୍ତୁ ଶିକ୍ଷକ ତିନି ଜଣ ଅତି ଦୁର୍ଗମ ର ବିଷୟ ବିଦ୍ୟାଳୟକୁ କୌଣସି ଗୋଟିଏ ଦେଲେ ଶିକ୍ଷକ ଯାଉନାହାନ୍ତି। ସରକାର ଶିକ୍ଷା କ୍ଷେତ୍ର ରେ ବହୁ ବ୍ୟବସ୍ଥା କରୁଥିବା ସ୍ଥଳେ ଏଠି କିନ୍ତୁ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଏ ସମସ୍ତ ବିଷୟ ଗୁଡ଼ିକୁ ଆମେ ଏବିଇଓଙ୍କୁ ପଚାରି ବୁଝିଥିଲୁ। ତଦନ୍ତ କରି ତୁରନ୍ତ ସେ ଶିକ୍ଷକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସୂଚନା ଦେଇଛନ୍ତି।

# ସଂସ୍କୃତ ସପ୍ତାହ ପାଳନର ଶୁଭାରମ୍ଭ



ବରଗଡ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଚଳିତ ବର୍ଷ ଅଗଷ୍ଟ ୬ ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟ ର ସମସ୍ତ ବିଦ୍ୟାଳୟ ରେ ସଂସ୍କୃତ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ରେ ସଂସ୍କୃତ ସପ୍ତାହ ର ଶୁଭାରମ୍ଭ ହୋଇ ଯାଇଛି। ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଗୀତା ଜାଲ,ବବିତା ନାଏକ ଦୀପିକା କୁଲୁ ପ୍ରମୁଖ ଯୋଗ ଦେଇ ଏହି ସପ୍ତାହ ପାଳନ ର ମହତ୍ୱ ସମ୍ବନ୍ଧ ରେ ଉଲ୍ଲେଖ କରି ନିଜ ନିଜ ପରିଚୟ ସଂସ୍କୃତ ଭାଷା ରେ ଦେଇଥିଲେ। ପ୍ରଥମ ଦିବସ ରେ ସମସ୍ତ ଛାତ୍ର ଛାତ୍ରୀ ନିଜ ନିଜ ପରିଚୟ ସଂସ୍କୃତ ଭାଷା ରେ ଦେଇଥିବା ବେଳେ ସଂକଳ୍ପ ମନ୍ତ୍ର ସାମୁହିକ ପାଠ କରିଥିଲେ। ପ୍ରତିଦିନ ସଂସ୍କୃତ ଭାଷା ସମ୍ବନ୍ଧୀୟ କିଛି କିଛି କାର୍ଯ୍ୟକ୍ରମ ର ଆୟୋଜନ କରାଯାଇ ଆସନ୍ତା ୧୨ ତାରିଖ ଦିନ ଏହି ସପ୍ତାହ ର ଉଦଯାପନୀ ସମାରୋହ ହେବ ବୋଲି ବିଦ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ‘ହର ଘର ତ୍ରିରଙ୍ଗା’ ପାଇଁ ବିଜେପିର ପ୍ରସ୍ତୁତି ବୈଠକ

ଲହୁଣୀପଡ଼ା (ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟି ରାଉରକେଲା ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ବଣାଇଁ ବିଧାନସଭାର ଆଠଟି ମଣ୍ଡଳରେ ଦଳ ପକ୍ଷରୁ ୭୯ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ରାଜାମୁଣ୍ଡା ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ଦଳ ପକ୍ଷରୁ ପ୍ରତି ମଣ୍ଡଳରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯିବା ସହ ୧୫ ତାରିଖ ପୂର୍ବରୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ତଥା ଚାରିପାଖରେ ସ୍ୱଚ୍ଛତା ଅଭିଯାନ କରି ସଫେଇ କାର୍ଯ୍ୟ କରାଯିବ। ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ‘ହର ଘର ତ୍ରିରଙ୍ଗା’ କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ଅନୁଷ୍ଠାନ ଓ ପ୍ରତ୍ୟେକ ନାଗରିକ ନିଜ ବାସ ଗୃହରେ ଜାତୀୟ ପତାକା ଉତ୍ତୋଳନ କରିବା ନିମନ୍ତେ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ୧୪ ତାରିଖରେ ବିଭାଜନ ବିଭୀଷିକା ଶୀର୍ଷକରେ ଆଲୋଚନାଚକ୍ର ଆୟୋଜନ କରିବା ସହ ବକ୍ତୃତା ପ୍ରତିଯୋଗିତା କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏହା ସହ ‘ମା’କେ ନାମ୍ ଏକ ପେଡ୍’ କାର୍ଯ୍ୟକ୍ରମ କରି ଚାରାରୋପଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ପ୍ରସ୍ତୁତି ବୈଠକରେ ପୂର୍ବତନ ଜିଲ୍ଲା ସଭାପତି ମନୋଜ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ବାସୁଦେବ ସାହୁ, ତ୍ରିରଙ୍ଗା ଯାତ୍ରାର ଜିଲ୍ଲା ଟୋଲି ସଦସ୍ୟ ଅଭିରାମ ମହାକୁଲ, ହେମନ୍ତ କୁମାର ସାହୁ, ପ୍ରଦୀପ କୁମାର ସ୍ୱାଇଁ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ନିରାକାର ନାଏକ, ମିଥିଳା ପାତ୍ର, ବିରେନ୍ଦ୍ର ବଡ ନାୟକ, ହେମ୍ବ ଓରାମ, ମନୋଜ କୁମାର ସାହୁ, ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଉପେନ୍ଦ୍ର ବେହେରା,ବୁଦ୍ଧଦେବ ସିଂ, କୁନା ପୁଝାରୀ, ଲବକିଶୋର ସାହୁ, ଜିଲ୍ଲା ମୋର୍ଚ୍ଚା ସଭାପତି ଜୟନ୍ତୀ ମାହାନ୍ତ, ଆହ୍ଲାଦ ବଡ୍ଢେଇ,ଅବିନାଶ ବ୍ରହ୍ମ, ବିଜୟ ଠାକୁର, କର୍ମୁ କିଷାନ ପ୍ରମୁଖ କାର୍ଯ୍ୟକ୍ରମ ପାଇଁ ମଣ୍ଡଳସ୍ତରୀୟ ଟୋଲିର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ବ୍ୟାଙ୍କ କର୍ମଚାରୀଙ୍କ ବିରୁଦ୍ଧରେ ଏସ୍‌ପିଙ୍କୁ ଅଭିଯୋଗ କଲା ଏସ୍‌ଏଚ୍‌ଜି



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ବିଭିନ୍ନ ବ୍ୟାଙ୍କ କର୍ମଚାରୀ ଲୋନ୍ ଟଙ୍କା ଆଦାୟ ନେଇ ମହିଳାମାନଙ୍କୁ ବିଭିନ୍ନ ପ୍ରକାର ଧମକ ଦେବା ସହ ଅସଦାଚରଣ କରୁଥିବା ନେଇ ଆଜି ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ଆଦିବାସୀ ମହିଳା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଗ୍ରୁପ ଲୋନ୍ ଠିକ୍ ସମୟରେ ପରିଶୋଧ ନକରିବାରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଧମକ ଦେଉଛନ୍ତି ବିଭିନ୍ନ ଘରୋଇ ବ୍ୟାଙ୍କର କର୍ମଚାରୀ। ମାଲକାନଗିରି ଜିଲ୍ଲାର ଆଦିବାସୀ ମହିଳା ମାନେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କ ରୁ ଗ୍ରୁପ ଲୋନ୍ ନେଇଥିଲେ। ହେଲେ ଠିକ୍ ସମୟରେ ଏହି ସବୁ ଋଣ ପରିଶୋଧ ହୋଇନଥିବାବେଳେ ଆଦିବାସୀ ମହିଳାମାନଙ୍କୁ ଏବେ ବିଭିନ୍ନ ପ୍ରକାର ଧମକ ଦେଉଛନ୍ତି ଏହି ବ୍ୟାଙ୍କ କର୍ମଚାରୀ। ମହିଳା ମାନଙ୍କୁ ଅସଦାଚରଣ କରିବା ସହ ଭିକ ମାଗି ଋଣ ପରିଶୋଧ କର ନଚେତ୍ ଘର ବିକି ପିଲା ଛୁଆଙ୍କୁ ବିକି ଋଣ ପରିଶୋଧ କର ବୋଲି ବ୍ୟାଙ୍କ କର୍ମଚାରୀ ବାରମ୍ବାର ଧମକ ଦେବା ପରେ ଶେଷରେ ବାଧ ହୋଇ ୩୭ ଟି ଗ୍ରାମର ଶହ ଶହ ଆଦିବାସୀ ମହିଳା ମାଲକାନଗିରି ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି।

# ଏଡିଇଓ ସଂଘ ଗଠିତ



ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ପଂଚାୟତ କାର୍ଯ୍ୟାଳୟ ଠାରେ ଏଡିଇଓ ସଂଘ ଗଠିତ ହୋଇଯାଇଛି। ରାଇଘର ଏଡିଇଓ ପ୍ରଦିପ କୁମାର ବାହୁକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଇଘର ବ୍ଲକର ସମସ୍ତ ଏଡିଇଓଙ୍କ ଉପସ୍ଥିତିରେ ସଂଘ ଗଠନ ପ୍ରସ୍ତାବ ଆଗତ ହୋଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରଶାନ୍ତ କୁମାର ପୂଜାରୀ, ଉପସଭାପତି ଭାବେ ପ୍ରବୀଣ ଚୌହାନ, ଓ ଲିନା ପାଢ଼ୀ, ସମ୍ପାଦକ ଭାବରେ ପ୍ରକାଶ ସରକାର, କୋଷାଧ୍ୟକ୍ଷ ଭାବେ ବାସୁଦେବ ମଣ୍ଡଳ ଓ ଉପଦେଷ୍ଟା ଭାବେ ପ୍ରଦିପ କୁମାର ବହୁକଙ୍କୁ ମନୋନୀତ କରାଯାଇଥିଲ। ନୂତନ ଭାବେ ମନୋନୀତ ହୋଇଥିବା ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରକାଶ ଥାଉ କି ରାଜ୍ୟ ଓ ଜିଲ୍ଲା ସଂଘର ନିର୍ଦ୍ଦେଶକ୍ରମେ ସଂଘ ଗଠନ କରାଯାଇଥିବା ଜଣାଯାଇଛି।

# ଜାତୀୟ ରାଜପଥର ବିପଦପୂର୍ଣ୍ଣ ଗର୍ତ୍ତ ମରାମତି



ବୌଦ୍ଧ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ବଳସିଙ୍ଗା ଓ ମର୍ଯାଦାପୁର ଛକ ତଥା ସାଲୁଙ୍କି ବ୍ରିଜ ଉଭୟ ପାର୍ଶ୍ୱରେ ଅନେକ ଗର୍ତ୍ତ ସୃଷ୍ଟି ହୋଇଥିଲା। କେତେକ ସ୍ଥାନରେ ଗର୍ତ୍ତଗୁଡିକ ୨ରୁ ୩ ଫୁଟ ଚଉଡ଼ାର ହୋଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏଆର୍‌ଏସଏସ ସଂସ୍ଥାକୁ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ସଂସ୍ଥା ପକ୍ଷରୁ ମରାମତି କାମ ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ ଯେ ୨୦୨୩ ମସିହାରେ ଏହି ପୋଲର ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ନିର୍ମାଣ କାମ ନିମ୍ନମାନର ହୋଇଥିବାରୁ ଏଭଳି ଅବସ୍ଥା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ପୂର୍ବ ଓଡିଶା ଓ ପଶ୍ଚିମ ଓଡିଶାକୁ ସଂଯୋଗ କରୁଥିବାରୁ ଏହା ଏକ ମୁଖ୍ୟ ରାସ୍ତା। ଦୈନିକ ଶହ ଶହ ଯାନବାହାନ ଚଳାଚଳ କରୁଛି। ତେଣୁ ଏହି ରାସ୍ତା ଗୁରୁତ୍ୱପୂର୍ଣ୍ଣ ରହିଛି।

# ନିଷ୍ଠା-ସମତା ଓ ଅର୍ନ୍ତନିବେଶି ଶିକ୍ଷା ତାଲିମ ଶିବିର



ମୁରିବାହାଲ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୁରିବାହାଲ ଠାରେ ତୃତୀୟ ପର୍ଯ୍ୟାୟ ପଞ୍ଚ ଦିବସୀୟ ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ତାଲିମ ଶିବିର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିଆରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ତାଲିମ ଶିବିରରେ ବିବିଧତାପୂର୍ଣ୍ଣ ଅର୍ନ୍ତନିବେଶି ଶ୍ରେଣୀ କକ୍ଷ, RPWD Act ୨୦୧୬, ସାର୍ବଜନୀନ ଶିକ୍ଷଣ ତଥା ପାଠ୍ୟକ୍ରମର ଅନୁକୂଳନ ଓ ରୂପାନ୍ତରଣ ଓ ବିଭିନ୍ନ ଅକ୍ଷମତା ହେତୁ ପ୍ରଭାବିତ ହେଉଥିବା ଶିକ୍ଷ୍ୟାର୍ଥୀମାନଙ୍କ ଶିକ୍ଷଣ ସମସ୍ୟା ସମ୍ବନ୍ଧରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୫୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ତାଲିମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ ଶିବିରକୁ ସାଧନ କର୍ମୀ ଅଶୋକ ସାହୁ, ଛବିଲାଲ ସାହୁ, କେଶରୀ ଚନ୍ଦ୍ର ସାହୁ, ସ୍ମିତାରଞ୍ଜନ ନନ୍ଦ, BRP ଜୟଗୋପାଲ ଷଡ଼ଙ୍ଗୀ, ନବୀନ କୁମାର ସାହୁ, ଯୁଧିଷ୍ଠିର ପଧାନ ପ୍ରମୁଖ ସୁଚାରୁ ରୂପେ ସଂପାଦନ କରିଥିଲେ। ତାଲିମ ଶିବିରରେ ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଭୋଇ ଏବଂ କାନ୍ତାରାମ୍ ଧରୁଆ ପ୍ରମୁଖ ପରିଦର୍ଶନରେ ଆସି ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ତାଲିମର ଶେଷ ଦିନରେ ସମସ୍ତଙ୍କୁ ତାଲିମ ସମ୍ପର୍କିତ ସାର୍ଟିଫିକେଟ ପ୍ରଦାନ କରା ଯାଇଥିଲା।

# ବେଆଇନ କ୍ରସର୍ ପ୍ରକଳ୍ପ ସ୍ଥାପନ ପାଇଁ ଆନ୍ଧ୍ର କମ୍ପାନୀକୁ କିଏ ଦେଲା ଅନୁମତି !




ମାଥିଲି (ଭାସ୍କର ନ୍ୟୁଜ୍): ଲାଲଗଡର ତୁଳସୀ ଘାଟିରେ ବେଆଇନ ପଥର ଖାଦାନ। ଏଠାରେ ମାଓଗଡକୁ ସୁଗମ କରିବାକୁ ରାସ୍ତା ନିର୍ମାଣର ଫାଇଦା ନେଇ ଷ୍ଟୋନ ମାଇନିଂ ଚଳାଇଛି ଆନ୍ଧ୍ର ଠିକା କମ୍ପାନୀ ହାଇଗ୍ରିଭା ଇନ୍‌ଫ୍ରାଟେକ୍ ପ୍ରୋଜେକ୍ଟ ଲିମିଟେଡ। ଏହି ଠିକା ସଂସ୍ଥା ତା - ୨୭/୧୧/୨୦୨୪ ରିଖ ରେ ମାଲକାନଗିରି ଜିଲ୍ଲାପାଳଙ୍କୁ MMSY ଅଧୀନରେ ତୁଳସୀ-ମାଟିଗୁଡା-ଗୁଗାପାଦର-ଦଲ୍‌ଦଲି (LWE)ରୁ ସଡକ ପ୍ରକଳ୍ପ ନିର୍ମାଣ ପାଇଁ କ୍ରସର ଅସ୍ଥାୟୀ ସ୍ଥାପନ ପାଇଁ ଅସ୍ଥାୟୀ ଲିଜ୍ ଆଧାରରେ ସରକାରୀ ଜମି ପାଇଁ ଅନୁରୋଧ କରିଥଲେ। ରେଫରେନ୍ସ-କାର୍ଯ୍ୟକ୍ରମ ଚୁକ୍ତିନାମା ସଂଖ୍ୟା: ୦୫/P୧ OF ୨୦୨୨-୨୩/SE ଅନୁଯାୟୀ। କିନ୍ତୁ ତୁଳସୀରେ ପ୍ରସ୍ତାବିତ କ୍ରସ୍ସର ୟୁନିଟ୍ ପାଇଁ କଞ୍ଚା ପଥର ସମ୍ବନ୍ଧୀୟ ସୂଚନା ଦାଖଲ କରିବାପାଇଁ ମାଥିଲି ତହସିଲ ଚିଠି ସଂଖ୍ୟା-୭୫/XXVII-୭୧/୨୦୨୫ ତା - ୦୬/୦୧/୨୦୨୫ ରେ ଉକ୍ତ ସଂସ୍ଥାକୁ ଚିଠି କରିଥଲେ। ଠିକା ସଂସ୍ଥା କୁ ରାଜସ୍ୱ ବିଭାଗ ଅଧିନରେ ଥିବା ସ୍ଥାନରେ ଅସ୍ଥାୟୀ ଭାବରେ କରିବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଜଙ୍ଗଲ ବିଭାଗ ଅଧିନରେ ଯନ୍ତ୍ରପାତି ସ୍ଥାପନ କରି କାର୍ଯ୍ୟ ଆରମ୍ଭକୁ ଅପେକ୍ଷା। ତୁଳସୀ ଘାଟିରେ କ୍ରସର ମାଇନିଂ ବେଆଇନ ଭାବେ ଚାଲିଥିବା ଅଭିଯୋଗ ପରେ ମାଥିଲି ତହସିଲଦାର ମାନସୀ ଭୋଇ, ଗୋବିନ୍ଦପାଲି ବନପାଳ ବାସୁଦେବ ନାୟକ କାର୍ଯ୍ୟସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରି ଫେରିବା ପରେ ଆଜି ପୁଣି କୋରାପୁଟ ସ୍ଥିତ ରାଜ୍ୟ ପରିବେଶ ନିୟନ୍ତ୍ରଣର ରିଜିଓନାଲ ଅଫିସର ଓ ମାଲକାନଗିରି ମାଇନିଂ ଅଧିକାରୀ ଘଟଣା ସ୍ଥଳକୁ ଯାଇ ସ୍ଥିତି ପରଖିଥିଲେ। ବେଆଇନ ଭାବେ କ୍ରସର ମାଇନିଂ କରିଥିବା ରାସ୍ତା ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉଭୟ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଅବ୍ୟବସ୍ଥା ଘେରରେ ଏମ୍‌ଭି-୬୬ ପ୍ରାଣୀଧନ କେନ୍ଦ୍ର



କାଲିମେଳା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୬୬ ଗ୍ରାମରେ ଥିବା ପ୍ରାଣିଧନ କାର୍ଯ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଥିବା ଅଭିଯୋଗ ହୋଇଛି। ମୁଖ୍ୟ ରାସ୍ତା କଡ଼ରେ ରହିଥିବା ଏହି କାର୍ଯ୍ୟାଳୟ ନିୟମିତ ବନ୍ଦ ରହୁଥିବାରୁ ଲୋକେ ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିବ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଗମ୍ପାକୋଣ୍ଡା ଅଞ୍ଚଳର ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ପ୍ରାୟ ୫ଟି ପଞ୍ଚାୟତର ୩୦ ହଜାରରୁ ଅଧିକ ଲୋକ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ଏହି ପ୍ରାଣିଧନ କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ ଥିବା ବେଳେ ନିୟମିତ ଏହି କାର୍ଯ୍ୟାଳୟ ବନ୍ଦ ରହିବା ସହ ବିଭାଗୀୟ ଅଧିକାରୀ ଆସୁନଥିବାରୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ମାସ ମାସ ଧରି ଏହି ପ୍ରାଣୀଧନ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଲୋକେ ଗୃହପାଳିତ ପଶୁ ଗାଈ, ଛେଳି ଓ କୁକୁରଙ୍କ ଚିକିତ୍ସା ପାଇଁ ବାହାର ଅଞ୍ଚଳର କିଛି ଚିକିତ୍ସକଙ୍କୁ ଡାକି ହଜାର ହଜାର ଟଙ୍କା ଦେଇ ଚିକିତ୍ସା କରାଉଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଚିକିତ୍ସା ନପାଇ ଦୈନିକ ବିଭିନ୍ନ ସ୍ଥାନରେ ଗୃହପାଳିତ ପଶୁପକ୍ଷୀଙ୍କର ମୃତ୍ୟୁ ହେଉଥିବା ସ୍ଥାନୀୟ ଅଞ୍ଚଳର ପଶୁପାଳକ ମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ପ୍ରାଣୀଧନ କାର୍ଯ୍ୟାଳୟରେ କାର୍ଯ୍ୟରତ ଡାକ୍ତର ଆସୁନଥିବାରୁ ପଶୁପାଳନ କରୁଥିବା ଚାଷୀ ବିଭିନ୍ନ ସରକାରୀ ସୁବିଧାରୁ ବାଦ୍ ପଡୁଥିବା ଦେଖିବାକୁ ମିଳୁଛି। ଏପରି ସ୍ଥିତିରେ ଗମ୍ପାକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଏମଭି ଗ୍ରାମରେ ରହିଥିବା ଏହି ପ୍ରାଣୀଧନ କାର୍ଯ୍ୟାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହ କାର୍ଯ୍ୟରେ ଅବହେଳା କରୁଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ସୁରକ୍ଷା ବାହିନୀ-ନକ୍ସଲ ମୁହାଁମୁହିଁ; ଜଣେ ନକ୍ସଲ ନିହତ



ମାଲକାନଗିରି, ଛତିଶଗଡ଼ (ଭାସ୍କର ନ୍ୟୁଜ୍): ସୀମାନ୍ତ ଛତିଶଗଡ଼ର ବିଜାପୁରରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି। ଗଙ୍ଗାଲୁର ଅଞ୍ଚଳରେ ସୁରକ୍ଷା ବାହିନୀର ଡିଆରଜି ଏବଂ ଏସଟିଏଫ୍‌ର ମିଳିତ ଅପରେସନ୍‌ରେ ନକ୍ସଲବାଦୀଙ୍କ ମଧ୍ୟରେ ଏକ ଏନ୍‌କାଉଣ୍ଟର ହୋଇଛି। ଏନକାଉଣ୍ଟରରେ ଜଣେ ନକ୍ସଲ ନିହତ ହୋଇଛନ୍ତି। ଘଟଣା ସ୍ଥଳରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଗଙ୍ଗାଲୁର ଅଞ୍ଚଳର ଜଙ୍ଗଲରେ ଏହି ଏନକାଉଣ୍ଟର ଚାଲିଛି ଏବଂ ଏବେ ବି ଗୁଳିବିନିମୟ ଜାରି ରହିଛି। ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନକୁ ଜୋରଦାର କରିଛି।

# ଜିଲ୍ଲାପାଳଙ୍କ ସ୍ୱଚ୍ଛ ସଚେତନତା

ବୌଦ୍ଧ (ଭାସ୍କର ନ୍ୟୁଜ୍): ହରଭଙ୍ଗା ବ୍ଲକ ସଦର ମହକୁମା ଚାରିଛକ ବଜାରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଣେତେଣେ ଜମି ରହୁଛି ଆବର୍ଜନା। ଯାହାକି ବିଭିନ୍ନ ରୋଗକୁ ନିମନ୍ତ୍ରଣ ଦେଉଛି। ତେଣୁ ସକାଳୁ ହଠାତ ଜିଲ୍ଲାପାଳ ଆସି ହରଭଙ୍ଗା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାକୁ ବ୍ଲକ ,ତହସିଲ, ଥାନାର ସମସ୍ତ କର୍ମଚାରୀଙ୍କ ସହ ସ୍ଥାନୀୟ ସରପଞ୍ଚ , ଆଶା ଅଙ୍ଗନବାଡି କର୍ମଚାରୀଙ୍କୁ ଡାକି ଏକାଠି କରିଥିଲେ। ସାଙ୍ଗରେ ସଫେଇ ସରଞ୍ଜାମ ସହ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛଭାରତ ମିଶନର ସଚେତନତା ବାର୍ତ୍ତା ନେଇ ଚାରିଛକ ବଜାର ସଫା କରିବା ପାଇଁ ବାହାରି ପଡ଼ିଥିଲେ। ଜିଲ୍ଲାପାଳଙ୍କ ସହ ମିଶି ହରଭଙ୍ଗା ତହସିଲଦାର,ବିଡ଼ିଓ, ଥାନା ଅଧିକାରୀ ମିଶି ବଜାର ଅଳିଆ ସଫା ଆରମ୍ଭ କରିଥିଲେ। ଦୋକାନଗୁଡିକ ଆଗରେ ପଡିଥିବା ଅଳିଆ ନିଜେ ଜିଲ୍ଲାପାଳ ସଫା କରିବା ସହ ପ୍ରତ୍ୟେକ ଦୋକାନୀଙ୍କୁ ଆବର୍ଜନା ଏଣେତେଣେ ନ ଫିଙ୍ଗିବା ପାଇଁ ସଚେତନତା କରାଇଥିଲେ। ସମସ୍ତ ଦୋକାନ ଆଗରେ ଡ଼ଷ୍ଟବିନ ରଖିବା ସହ ଆବର୍ଜନା ସେଠି ପକାଇ ପରବର୍ତ୍ତୀ ସମୟରେ ଡମ୍ପିଙ୍ଗୟାର୍ଡ଼ରେ ପକାଇବା ପାଇଁ କହିଥିଲେ। ଜିଲ୍ଲାପାଳଙ୍କ ନିୟମକୁ ଅମାନ୍ୟ କଲେ ଆଗାମୀ ଦିନ ରେ ମୋଟାଅଙ୍କର ଫାଇନ ଗଣିବେ ଦୋକାନୀ ବୋଲି ହରଭଙ୍ଗା ବିଡ଼ିଓ ସୂଚନା ଦେଇଛନ୍ତି। ଅନ୍ୟପଟେ ଦୋକାନ ସମ୍ମୁଖରେ ଅଳିଆ ପଡିଲେ ମୋଟା ଅଙ୍କର ଫାଇନ ଆଦାୟ ହେବ ବୋଲି ସରପଞ୍ଚ ସୌଦାମିନୀ ମଲ୍ଲିକ, କହିଛନ୍ତି। ତେଣୁ ଏହାର ସମାଧାନ ପାଇଁ ନିଜେ ଜନସାଧାରଣ ସଚେତନ ହେବା ଆବଶ୍ୟକ ରହିଛି। ନିଜେ ନିଜ ପରିବେଶ ସଫା ରଖିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଅନ୍ୟପଟେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଯେଉଁ ସରକାରୀ ବା ବେସରକାରୀ ଅନୁଷ୍ଠାନ ଓ ଦୋକାନଗୁଡିକ ସମ୍ମୁଖରେ ଆବର୍ଜନା ରହିବ ତାଙ୍କ ନିକଟରୁ ଫାଇନ ଆଦାୟ କରାଯିବ ବୋଲି ବଜାର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଚାରିଛକ ଶୌଚାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବାରୁ ସ୍ଥାନୀୟ ମା ଦୁର୍ଗା ବଜାର କମିଟି ର ଉପସଭାପତି ଦିଲ୍ଲୀପ ପ୍ରଧାନ, ସଦସ୍ୟ ସନ୍ତୋଷ ପତ୍ର ଓ ଅନ୍ୟ ସଦସ୍ୟମାନେ ମିଶି ଏହାର ମରାମତି ପାଇଁ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଶୌଚାଳୟ ନଥିବାରୁ ଯାତ୍ରୀମାନେ ବହୁ ହଇରାଣ ହେଉଥିବା କଥା କହିଥିଲେ। ପରେ ନୂତନ ଭାବେ ନିର୍ମାଣାଧୀନ ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିର ସମ୍ମନା ରେ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ମନିଟରିଂ କମିଟି ବୈଠକ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚଳିତ ବର୍ଷର ଖରିଫ ଋତୁ ପାଇଁ ପ୍ରଧାନ ମନ୍ତ୍ରୀ ଫସଲ ବୀମା ସମ୍ପର୍କୀତ ଜିଲ୍ଲା ମନିଟରିଙ୍ଗ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ବିଭୂତି ଭୁଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ସମବାୟ ସମିତି ସମୂହର ଉପନିବନ୍ଧକ ଗିରିଶ ଚନ୍ଦ୍ର ପୁରୋହିତ, ସହକାରୀ ନିବନ୍ଧକ ଫକୀର ମୋହନ ବାଘ, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସମ୍ପାଦକ ସ୍ମିତାଶ୍ରୀ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପି. ଭେଙ୍କଟ ରମଣ ରାଓ ଓ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ସମବାୟ କମିଶନରଙ୍କ ନୂଆପଡ଼ା ଗସ୍ତ



ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଗସ୍ତରେ ଓଡ଼ିଶା ସମବାୟ କମିଶନର ତଥା ସଚିବ ନୋଡାଲ ଅଧିକାରୀ ରାଜେଶ ପ୍ରଭାକରନ ପାଟିଲ। ଏହି ଗସ୍ତକାଳରେ ବିଭିନ୍ନ ବିଭାଗୀୟ କାର୍ଯ୍ୟର ତଦାରଖ କରିଥିଲେ। ସୂଚନାଯୋଗ୍ୟଯେ ଗତକାଲି ଖରିଆର ରୋଡର ସମବାୟ ସମିତି ଏବଂ ନିୟନ୍ତ୍ରଣ ବଜାର କମିଟିକୁ ଗସ୍ତ କରିଥିଲେ ଓଡ଼ିଶା ସମବାୟ କମିଶନର ତଥା ସଚିବ ନୋଡାଲ ଅଧିକାରୀ ରାଜେଶ ପ୍ରଭାକରନ ପାଟିଲ। କାର୍ଯ୍ୟ ତଦାରଖ କରିବା ସହ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଆହ୍ୱାନ କରିଛନ୍ତି। ବର୍ତ୍ତମାନର ସମବାୟ ସମିତି ଆଗାମୀ ଦିନରେ ନବ କଳେବର ହେବା ସହ ପ୍ରତ୍ୟେକ ଚାଷୀଙ୍କ ସହ ଯୋଗସୂତ୍ର ସ୍ଥାପନ କରିଛନ୍ତି। ଆଜି ନୂଆପଡ଼ା ଜିଲ୍ଲାର କୋମନା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ କିଛି ଚାଷୀଙ୍କୁ ସାକ୍ଷାତ କରିଛନ୍ତି। ନୀତି ଏବଂ ବିଧି ବ୍ୟବସ୍ଥାରେ ଆବଶ୍ୟକ ପଦକ୍ଷେପ ପାଇଁ ପଚାରି ଥିବାବେଳେ ଆସନ୍ତା ଦିନରେ ସମବାୟ ବିଭାଗ ବିକଶିତ ହେବା ରେ ଗୁରୁତ୍ୱ ବହନ କରିବ ବୋଲି ମତବ୍ୟକ୍ତ କରିଥିଲେ।




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଗୀତ ଗୋବିନ୍ଦ ସଦନରେ ଗୁରୁବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୫ ର ଶେଷ ଦିନରେ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଉତ୍ସବ ପାଳନ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ରୂପେ ସଭାକୁ ସମ୍ବର୍ଦ୍ଧିତ କରି ରାଜ୍ୟରେ ସ୍ତନ୍ୟପାନ ପ୍ରଚାର, ସୁରକ୍ଷା ଓ ସମର୍ଥନ ପାଇଁ ଏକ ଦୃଢ, ସମଗ୍ର ଏବଂ ସମୁଦାୟ ଭାଗୀଦାରି ମାଧ୍ୟମରେ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି। ମା କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢାଉଛି । ସତପ୍ରତିଶତ ସ୍ତନ୍ୟପାନ ପାଇଁ ମା ମାନେ ସଂକଳ୍ପ ନେବା ପାଇଁ ମନ୍ତ୍ରୀ ଡ଼ ମହାଲିଙ୍ଗ ଅନୁରୋଧ କରିଥିଲେ । ଅଗଷ୍ଟ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ବିଶ୍ୱ ସ୍ତନ୍ୟପାନ ସପ୍ତାହ ସାରା ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ, ଯାହା ଦ୍ୱାରା ସ୍ତନ୍ୟପାନ ଅଭିଯାନରେ ନୂତନ ଉତ୍ସାହ ଅଣାଯାଇହେବ ସେ କହିଛନ୍ତି । ସ୍ୱାସ୍ଥ୍ୟ, ସଂସ୍ଥାନ ଉଭୟ ସ୍ତରରେ ମା ମାନଙ୍କୁ ସମର୍ଥନ ଦେବା ଦ୍ୱାରା ଏହି ଲକ୍ଷ୍ୟକୁ ପୂରଣ କରିପାରିବା ବୋଲି ସେ କହିଛନ୍ତି ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଣ୍ଡ ନୁଆଇଁବନି...

କରିଥିବାବେଳେ ବୁଧବାର ରୁଷିଆରୁ ତୈଳ କ୍ରୟ ନେଇ ଆଉ ୨୫ ପ୍ରତିଶତ ଟାରିଫ ଲଗାଇଛନ୍ତି। ଯାହା ମୋଟ ୫୦ ପ୍ରତିଶତରେ ପହଞ୍ଚିଛି। ବୈଦେଶିକ ମନ୍ତ୍ରଣାଳୟ ଏହାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହି ଭାରତର ଜାତୀୟ ସ୍ୱାର୍ଥରକ୍ଷା ପାଇଁ ସମସ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛି। ଏହି ଟାରିଫ ଭାରତୀୟ କୃଷି ଓ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା କରାଯାଉଛି।

### ଅନିର୍ଦ୍ଦିଷ୍ଟ କାଳପାଇଁ...

ମୁହାଁ ମୁହିଁ ହୋଇ ଟେକା ଓ ପଥର ଫିଙ୍ଗିବା ସହ ୧୦ ରୁ ୧୫ ଦୋକାନ ବଜାର ଭଙ୍ଗାରୁଜା ଆରମ୍ଭ କରିଥିଲେ । ଏହି ଘଟଣାରୁ ନିବୃତ୍ତ ରହିବା ପାଇଁ ବୁଝାସୁଝା କରୁଥିବା ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସମେତ ପୁଲିସ କର୍ମଚାରୀଙ୍କୁ ଗ୍ରାମବାସୀ ମାନେ ଦୁଇ ଘଣ୍ଟା ଧରି ଅଟକ ରଖିଥିବାରୁ ଦେଢ଼ ପ୍ଲାଟୁନ ପୁଲିସ ଫୋର୍ସ ପହଞ୍ଚି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଏପରିକି ସିମୋର - ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ, ପଥଚାରୀ ବସ ଓ ଟ୍ରକ ଗୁଡ଼ିକ ଅଯଥା ଅସୁବିଧାର ସମ୍ମୁଖିନ ହୋଇ ଥିବାର ଦେଖିବାକୁ ମିଳିଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ବଜାରର ୧ କିମି ମଧ୍ୟରେ ଅନିର୍ଦ୍ଦିଷ୍ଟ କାଳ ୧୬୩ ଧାରା ଲାଗୁ ହୋଇଥିବା ବେଳେ ଉତ୍ତେଜନା ଥିବାରୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୨ ଦିନ ଛୁଟି ଘୋଷଣା କରାଯାଇଛି।

### ଉପରାଷ୍ଟ୍ରପତି...

ରାଜପତ୍ରରେ ପ୍ରକାଶିତ ହୋଇଛି ଓ ରାଜ୍ୟ ରାଜପତ୍ରରେ ସ୍ଥାନୀୟ ଭାଷାରେ ପୁନଃ ପ୍ରକାଶିତ କରାଯାଇଛି। ନାମାଙ୍କନ ପତ୍ରଗୁଡ଼ିକର ଯାଞ୍ଚ ୨୨ ଅଗଷ୍ଟରେ ହେବ। ମତଦାନ ୯ ସେପ୍ଟେମ୍ବରରେ ସକାଳ ୧୦ ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ହେବ ଓ ସେହି ଦିନ ମତଗଣନା କରାଯିବ।

### ପୂର୍ବତନ ଉପବାଚସ୍ପତି...

ନିର୍ବାଚିତ ହୋଇଥିଲେ ଏବଂ ବିଧାନସଭାରେ ଉପବାଚସ୍ପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ସେ କଂଗ୍ରେସ ଦଳ ସହ ଦୀର୍ଘ ବର୍ଷ ଧରି ଜଡ଼ିତ ରହି ରାଜ୍ୟର ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ନିଜର ଅବଦାନ ରଖିଥିଲେ। ତାଙ୍କ ବିୟୋଗରେ ରାଜ୍ୟ ରାଜନୀତିରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ବିଭିନ୍ନ ମହଲରୁ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରାଯାଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ,ପିସିସି ସଭାପତି ଭକ୍ତ ଚରଣ ଦାସ ଓ ବହୁ ମାନଗଣ୍ୟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି ।

### ହସ୍ତତନ୍ତ ଓଡ଼ିଆ...

ବୁଣାକାର ଓ ସହାୟକ ଶ୍ରମିକ ହସ୍ତତନ୍ତ କ୍ଷେତ୍ରରେ ସିଧାସଳଖ ନିୟୋଜିତ ଅଛନ୍ତି । ପ୍ରାଥମିକ ବୁଣାକାର ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଜରିଆରେ ଆମର ବୁଣାକାର ବନ୍ଧୁମାନେ ସଂଗଠିତ ହୋଇ ବୟନ ଐତିହ୍ୟକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିଆସୁଛନ୍ତି । ପୂର୍ବ ଭାରତର ସର୍ବବୃହତ ଓଡିଶା ଟେକ୍ସଟାଇଲ କନକ୍ଲେଭରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି । ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ ଆଶା କରିଛନ୍ତି । ସେ ପୁଣି କହିଥିଲେ ଯେ ଭିତ୍ତିଭୂମି ଓ ପ୍ରତିଷ୍ଠାନଗତ ସହାୟତା ଦିଗରେ ଆମ ସରକାର ତତ୍ପର ଅଛନ୍ତି । ଆମେ ବରଗଡ଼, କଟକରେ ଡାଇ ହାଉସ୍, ଗୋଦାମ, ଡିଜାଇନ୍ ଷ୍ଟୁଡିଓ, ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଭଳି ସାଧାରଣ ସୁବିଧା ସହିତ ହସ୍ତତନ୍ତ ପାର୍କ ବିକଶିତ କରୁଛୁ। ଉତ୍କର୍ଷତା ଏବଂ ନବସୃଜନ ପାଇଁ ଓଡ଼ିଶାର ୪୦ରୁ ଅଧିକ ମାଷ୍ଟର ବୁଣାକାରଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ୧୨୦ ବର୍ଷ ପୂର୍ବେ ଯେଉଁ ସ୍ୱଦେଶୀ ଆନ୍ଦୋଳନକୁ ଚରିତାର୍ଥ କରିବା ପାଇଁ ଏହା ଆରମ୍ଭ ହୋଇଥିଲା, ଆଜି ଏହା ମାଧ୍ୟମରେ ବୁଣାକାରଙ୍କୁ ସମ୍ମାନ ଦେବା ସହ ତାଙ୍କ ପ୍ରସ୍ତୁତ ବସ୍ତ୍ର ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଦିବସର ମାସ୍କଟ 'ରେଶା' ଏବଂ ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚନ କରିଥିଲେ। ତତ୍ସହିତ ମୁଖ୍ୟମନ୍ତ୍ରୀ, ରାଜ୍ୟର ହସ୍ତତନ୍ତ ବୁଣାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ମାଧୁରୀ ଦୀକ୍ଷିତ କହିଥିଲେ ଯେ ସେ ବୁଣାକାରଙ୍କ ହୃଦୟର ସ୍ପନ୍ଦନକୁ ଅନୁଭବ କରନ୍ତି। ଏହି ଶିଳ୍ପ କେବଳ ବସ୍ତ୍ର ନୁହେଁ ପ୍ରତ୍ୟେକ ଓଡ଼ିଆର ପରିଚୟ ଏବଂ ଏହା ହିଁ ଓଡ଼ିଆ ଅସ୍ମିତା। ହସ୍ତତନ୍ତ କେବଳ ଜୀବିକା ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ ବୋଲି ସେ କହିଥିଲେ। ଏହି ଅବସରରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବୟନ ଶିଳ୍ପର ଗୌରବମୟ ପରମ୍ପରାକୁ ବଜାୟ ରଖି ଏହାକୁ ଏକ ଆଧୁନିକ ବଜାର-ଚାହିଦା ଭିତ୍ତିକ ଉତ୍ପାଦରେ ପରିଣତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଶ୍ରମିକ ସମ୍ମାନ ଯୋଜନା, ହସ୍ତତନ୍ତ ଶିଳ୍ପୀ ସଂପ୍ରସାରଣ ନୀତି, ଏବଂ ବିଭିନ୍ନ ଶିଳ୍ପ ମେଳା ଓ ଅନୁଦାନ ଯୋଜନା ମାଧ୍ୟମରେ ହସ୍ତତନ୍ତ ଶିଳ୍ପୀଙ୍କ ଉନ୍ନତି ସୁନିଶ୍ଚିତ କରାଯାଇଛି। ରାଜ୍ୟର ନୂଆ ପିଢିକୁ ଆହ୍ୱାନ ଦେଇ ସେ କହିଥିଲେ ଯେ ଆମ ଓଡ଼ିଶାର ହସ୍ତତନ୍ତ ପୋଷାକ ପିନ୍ଧନ୍ତୁ, ଶିଳ୍ପୀଙ୍କୁ ସମ୍ମାନ କରନ୍ତୁ, ସ୍ୱଦେଶୀ ଉତ୍ପାଦନକୁ ଗ୍ରହଣ କରନ୍ତୁ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ହସ୍ତତନ୍ତ ଶିଳ୍ପର ବିକାଶ ଓ ଏହାର ଭିତ୍ତିଭୂମି କିପରି ସୁଦୃଢ ହୋଇ ବିଶ୍ୱ ବଜାରରେ ବେଶ୍ ଚାହିଦା ସୃଷ୍ଟି କରିବ ତା ଉପରେ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଏଥିରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗୀୟ ନିର୍ଦ୍ଦେଶକ ପ୍ରେମ ଚାନ୍ଦ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଏହି ହସ୍ତତନ୍ତ ମେଳା ଆସନ୍ତା ୧୩ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ସୂଚନା ମିଳିଛି।

### ପୁରୀରେ ଚକଅଖ...

ପଡିଥିବା ଦେଖିବାକୁ ମିଳିଥିଲା। ଗୁରୁବାର ଦିନ ୧୨ଟା ପରେ ବସ ଚାଲିଥିଲା। ବସଷ୍ଟାଣ୍ଡ ଓ ବଡଦାଣ୍ଡରେ ଦୋକାନ ବଜାର ବନ୍ଦ ରହିଥିଲା। ଦିନ ୧୨ଟା ପରେ ଦୋକାନ ଗୁଡିକ ଖୋଲିଥିଲା। ସେହିପରି ଅଟୋ ଚଳାଚଳ ସ୍ୱାଭାବିକ ରହିଥିଲା। ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କ ଚିକିତ୍ସା ସମୟରେ କିଭଳି ମୃତ୍ୟୁ ହେଲା ଏବଂ ମୃତ୍ୟୁର କାରଣ ଏବେ ସମ୍ପୂର୍ଣ୍ଣ ରହସ୍ୟ ଘେରରେ ରହିଛି। ପୋଲିସର ତଦନ୍ତ ଉପରେ ମଧ୍ୟ ବିଜେଡ଼ି ପ୍ରଶ୍ନ ଉଠାଇଥିଲା। ଯଥାଶୀଘ୍ର ଘଟଣାର ସତ୍ୟାସତ୍ୟ ସରକାର ଉନ୍ମୋଚନ କରନ୍ତୁ ବୋଲି ବିଜେଡି ଦାବି କରିଥିଲା। ଏଥିସହ ରାଜ୍ୟ ସରକାର ଜାଣିଶୁଣି ଦୋଷୀକୁ ଚିହ୍ନଟ କରୁନଥିବା ବିଜେଡ଼ି ଅଭିଯୋଗ କରିଥିଲା। ସେହିପରି ପୀଡ଼ିତାଙ୍କ ପରିବାର ଉପରେ କଣ ଚାପ ପଡିଲା ଯାହାଫଳରେ ପୀଡ଼ିତାଙ୍କ ବାପା ନିଜର ମତ ପରିବର୍ତ୍ତନ କରାଇଛନ୍ତି। ତୁରନ୍ତ ଏହାର ସତ୍ୟାସତ୍ୟ ସାମ୍ନାକୁ ନ ଆସିଲେ ବିଜେଡ଼ିର ଆନ୍ଦୋଳନ ଜାରି ରହିବ ବୋଲି ବିଜେଡ଼ି ପକ୍ଷରୁ କୁହାଯାଇଛି। ସେପଟେ ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଥିଲା। ସେହିପରି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ, କେବଳ ଲୋକଙ୍କ ଭିତରେ ନାରୀ ସୁରକ୍ଷା ନେଇ ବିଜେପି ସରକାର ବିରୋଧରେ ପ୍ରତିବାଦ ଜାରି ରଖିବା ଉଦ୍ଦେଶ୍ୟରେ ଏହି ହରତାଳ କରାଯାଉଛି। ଅନ୍ୟପଟେ ବ୍ରହ୍ମଗିରି ଗୋପ ଛକ ଠାରେ ସଞ୍ଜୟ ଦାସବର୍ମା। ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ କହିଥିଲେ, ରାଜ୍ୟରେ ନାରୀ ଓ ଛାତ୍ରୀ ନିର୍ଯାତନା ଅପରାଧ ଦିନକୁ ଦିନ ବଢିବାରେ ଲାଗିଛି। ନିକଟରେ ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା, ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ କରିବା ଘଟଣା, ବଳଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ଘଟଣା ନାରୀ ନିର୍ଯାତନାର ଜ୍ୱଳନ୍ତ ଉଦାହରଣ। ଏଣୁ ସମସ୍ତ ଘଟଣାର ନିରପେକ୍ଷ ଓ ଏକ ନ୍ୟାୟିକ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାବି କରିଥିଲେ। ସେହିପରି ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ ନେତୃତ୍ୱରେ କାକଟପୁର ନିର୍ବାଚନ ମଣ୍ଡଳୀ, ପୂର୍ବତନ ବିଧାୟକ ରୁଦ୍ର ମହାରଥୀଙ୍କ ନେତୃତ୍ୱରେ ପିପିଲି ନିର୍ବାଚନ ମଣ୍ଡଳୀ, ବରିଷ୍ଠ ନେତା ଦିଲୀପ ନାୟକଙ୍କ ନେତୃତ୍ୱରେ ନିମାପଡା ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ହରତାଳ କରାଯାଇଥିଲା।

C-826

OFFICE OF THE ANGUL MUNICIPALITY, ANGUL

No. 2987 Date 07.08.2025

TENDER CALL NOTICE

Sealed tenders in prescribed form are invited from the specified class of contractors registered with Govt. of Orissa for the following works. The tender document for the work will be available from the office of the Executive Officer, Angul Municipality during the office hours in the working-day in shape of cash of required amount as mentioned against the work (Non-refundable) from dt.08.08.2025 to 18.08.2025 up to 5.00 P.M. The tenderers should deposit the E.M.D. at the rate of 1% of the estimated cost as indicated in shape of cash deposit T.D/Postal saving pass book duly pledged in favour of Executive Officer, Angul Municipality along with the tender documents. The tender will be received up to 12.30 P.M. on dt.19.08.2025 in the office of the Executive Officer, Angul Municipality. The tender will be opened on 19.08.2025 at 1.00 P.M. in the presence of the tenderers or their authorized agents if present. The valid RC,PAN card & GSTIN should be accompanied with the tender documents. All other detail information can be available from the office of the Executive Officer, Angul Municipality The authority reserves the right to reject any or all tenders without assigning any reason thereof.

| Sl. No | Name of the work | Estimated amount (including GST) | Cost of tender paper (Non-refundable) | E.M.D (In Rs.) | Class of Contract or | Time of completion |
|---|---|---|---|---|---|---|
| 1 | 2 | 3 | 4 | | 5 | 6 |
| 01 | Grill colour from Thana chhak to Gopabandhu park and inside Biju maidan | Rs.87,300.00 | Rs.400/- | Rs.900/- | 'D' & 'C' Class | One month |
| 02 | Painting of grill from Pala mandap to Jagannath Mandap | Rs.1,25,200.00 | Rs.600/- | Rs.1300/- | -do- | -do- |
| 03 | Painting of road side kerbs and kunda from Jagannath temple to Khao gali | Rs.1,56,900.00 | Rs.600/- | Rs.1600/- | -do- | -do- |
| 04 | Construction of road from ADB Bank to Lokesh Jena house Similipada ward No.17 | Rs.1,59,700.00 | Rs.600/- | Rs.1600/- | -do- | -do- |
| 05 | Tri colour painting in trees around Health corridor | Rs.1,65,000.00 | Rs.600/- | Rs.1700/- | -do- | -do- |
| 06 | Construction of road infront of MCC gate in ward No.19 | Rs.1,98,200.00 | Rs.600/- | Rs.2000/- | -do- | -do- |
| 07 | Construction of road infront of Community toilet in ward No.16 | Rs.1,98,200.00 | Rs.600/- | Rs.2000/- | -do- | -do- |
| 08 | Construction of paver road infront of MRF gate in ward No.19 | Rs.1,98,700.00 | Rs.600/- | Rs.2000/- | -do- | -do- |
| 09 | Construction of paver road infront of Sarala temple in ward No.14 | Rs.1,99,000.00 | Rs.600/- | Rs.2000/- | -do- | -do- |
| 10 | Construction of paver road opposite side of Town High School in ward No.19 | Rs.1,99,200.00 | Rs.600/- | Rs.2000/- | -do- | -do- |
| 11 | Renovation of boundary wall from BED college to Kamala farm in ward no.14 | Rs.1,99,400.00 | Rs.600/- | Rs.2000/- | -do- | -do- |

Sd/-Executive Officer
Angul Municipality

OIPR 13085/11/0046/2526

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମ୍ୟାଲେରିଆ ଏବଂ ଡେଙ୍ଗୁ ସ୍ଥିତି ସମୀକ୍ଷା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନରୁ ଆଭାସୀ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, କମିଶନର, ସିଡିଏମଓ ଙ୍କ ସହ ମ୍ୟାଲେରିଆ ଏବଂ ଡେଙ୍ଗୁ ରୋଗର ନିରାକରଣ ବାବଦରେ ସମୀକ୍ଷା କରିଥିଲେ । ସରକାର ଜନସ୍ୱାସ୍ଥ୍ୟ ସମସ୍ୟା, ମ୍ୟାଲେରିଆ ଏବଂ ଡେଙ୍ଗୁ ଓ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗ ଦୂରକରିବାରେ ପ୍ରତିବଦ୍ଧ ଏବଂ ଏଥିପାଇଁ ସମସ୍ତ ଅଧିକାରୀଙ୍କ ମିଳିତ ପ୍ରଚେଷ୍ଟାରେ ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମ୍ୟାଲେରିଆ ଏବଂ ଡେଙ୍ଗୁ ସମସ୍ୟା ର ସମାଧାନ ପାଇଁ ସରକାରଙ୍କ ତରଫରୁ ହେଉଥିବା ଔଷଧ ଯୁକ୍ତ ମଶାରୀ ବଣ୍ଟନ, କୀଟନାଶକ ସ୍ପ୍ରେ ବ୍ୟବସ୍ଥା ବାବଦରେ ପଚାରି ବୁଝିଥିଲେ । ଅଧିକ ରୋଗୀ ଥିବା ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ। ପ୍ରାକ ବର୍ଷା ଋତୁ ପାଇଁ ପ୍ରସ୍ତୁତି ଏବଂ ବର୍ଷା ସମୟରେ ପଦକ୍ଷେପ ଗୁଡିକ ସୂଚାରୁ ରୂପେ ସମ୍ପାଦନ ନିମନ୍ତେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଜନ ସଚେତନତା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ କ୍ଲବ, ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ଏହି ବୈଠକରେ ଅନୁଗୁଳ, ଭଦ୍ରକ , ବାଲେଶ୍ୱର, ବୌଦ୍ଧ, କଟକ, ଗଞ୍ଜାମ, ଗଜପତି, ଜଗତସିଂପୁର, ଖୋର୍ଦ୍ଧା, ନୟାଗଡ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡା, ମୟୂରଭଞ୍ଜ, ଏବଂ ସୁନ୍ଦରଗଡ ଜିଲ୍ଲାର ଅଧିକାରୀମାନେ ଆଭାସୀ ମଧ୍ୟମରେ ଯୋଡି ହୋଇ ଥିଲେ ।

## ବେଆଇନ ବନ୍ଧୁକ ଚାଲାଣ କରୁଥିବା ମୁଖ୍ୟ ଅଭିଯୁକ୍ତ ଗିରଫ, ୧୦ ପିସ୍ତଲ ଜବତ



ରାଉରକେଲା (ଭାସ୍କର ନ୍ୟୁଜ): ବେଆଇନ ବନ୍ଧୁକ ଚୋରା ଚାଲାଣ କରୁଥିବା ମୁଖ୍ୟ ଅଭିଯୁକ୍ତ ରାଜେଶ ସାହୁ (ବିହାର ରାଜ୍ୟ ବାସିନ୍ଦା)ଙ୍କୁ ରାଉରକେଲା ପୋଲିସ ଗିରଫ କରିଛି। ପୋଲିସ ତାଙ୍କ ନିକଟରୁ ୧୦ଟି ପିସ୍ତଲ, ୭ଟି ମାଗାଜିନ୍ ଏବଂ ୬ଟି ଜୀବନ୍ତ ଗୁଳି ଜବତ କରିବା ସହ ମାମଲାର ତଦନ୍ତ ଜାରି ରଖିଛି। ଗତ ବର୍ଷ ଅକ୍ଟୋବର ମାସ ଠାରୁ ବେଆଇନ ବନ୍ଧୁକ ଚୋରା ଚାଲାଣ କରୁଥିବା ଅପରାଧୀଙ୍କ ବିରୁଦ୍ଧରେ ରାଉରକେଲା ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସିଛି। ରାଉରକେଲାର ବିଭିନ୍ନ ଥାନାରେ ଅଦ୍ୟାବଧି ମାମଲା ରୁଜୁ ହୋଇଥିବାବେଳେ ୫୨ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୨୭ଟି ବନ୍ଧୁକ ଜବତ କରାଯାଇଛି। ଆଜି ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ରାଉରକେଲା ଏସପି ନୀତିଶ ୱାଧୱାନୀ, ଅତିରିକ୍ତ ଏସପି ରବିନାରାୟଣ ମିଶ୍ରଙ୍କ ସମେତ ପ୍ଲା□ ସାଇଟ୍ ଥାନା ପୋଲିସ ଉପସ୍ଥିତ ଥିଲେ।

### ମହାନଦୀ ଜଳ ବିବାଦ ପ୍ରସଙ୍ଗ

## ରାଜ୍ୟ ସରକାର- କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କ ସହ ଆଲୋଚନା ନେଇ ସାର୍ବଜନୀନ ହେବା ଦରକାର: ଦେବୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାନଦୀ ଜଳ ବିବାଦ ସମାଧାନ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ଜଳ ଆୟୋଗ ମନ୍ତ୍ରୀଙ୍କୁ ଭେଟିଛନ୍ତି । ଏହା ଭଲ କଥା । ତେବେ ସମାଧାନ ପାଇଁ କଣ କରୁଛନ୍ତି । କେନ୍ଦ୍ର ମନ୍ତ୍ରୀଙ୍କ ସହ କଣ ଆଲୋଚନା କଲେ ତାହା ସାର୍ବଜନୀନ ହେବା ଦରକାର ବୋଲି ବରିଷ୍ଠ ବିଜେଡି ନେତା ଦେବୀ ମିଶ୍ର କହିଛନ୍ତି । ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆମେ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଆମେ ଯାଇଥିଲୁ । ହେଲେ ସମାଧାନ ହୋଇନଥିଲା । ବିଜେପି ସରକାର ଶାସନକୁ ଆସିବା ପରେ କହିଥିଲେ ଆମେ ମହାନଦୀ ଜଳ ବିବାଦର ସମାଧାନ କରିବୁ । ଏବେ ଟ୍ରିପଲ ଇଞ୍ଜିନ ସରକାର । ଆମେ ଆଶା କରୁଛୁ ସମାଧାନ କରିବା ପାଇଁ । ଆପୋଷ ସମାଧାନ କରନ୍ତୁ । ଓଡ଼ିଶାବାସୀ ଆଶା ରଖିଛନ୍ତି । ଅମେ ବି ଆଶା ରଖୁଛୁ । କିନ୍ତୁ ଓଡ଼ିଶା ମହାନଦୀରୁ ଯେତିକି ହକ ପାଇବା କଥା ତିନୋଟି ଋତୁରେ ତାହା ପାଇବା ଦରକାର । କିଛି ଦିନ ତଳେ ବିରୋଧୀ ଦଳ ନେତା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ ।

## କଲ୍ୟାଣସିଂହପୁରରେ ଲୋକଙ୍କୁ ଡେଙ୍ଗୁ ଭୟ ଘାରିଛି ପୁଣି ମ୍ୟାଲେରିଆରେ ଜଣେ ଛାତ୍ରୀଙ୍କ ମୃତ୍ୟୁ

ରାୟଗଡ଼ା(ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ଅଞ୍ଚଳରେ ଲୋକଙ୍କୁ ଡେଙ୍ଗୁ ଭୟ ଘାରିଛି। ଜିଲ୍ଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ୁ ଥିବାବେଳେ ଡେଙ୍ଗୁ ମଧ୍ୟ ବ୍ୟାପିବାରେ ଲାଗିଛି। କଲ୍ୟାଣସିଂହପୁର ବ୍ଲକରେ ଗତ ବର୍ଷ ଡେଙ୍ଗୁରେ ଅନେକଙ୍କ ଜୀବନ ଯାଇଥିବା ବେଳେ ଗତକାଲି ଜଣଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି ମାଝୀଗୁଡା ସଦର ମହାକୁମାରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିବାରୁ ମ୍ୟାଲେରିଆ ଓ ଡେଙ୍ଗୁ ବ୍ୟାପିବାର ଲାଗିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ହେଲେ ଗୁରୁବାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟରେ ପୁଣି ଜଣେ ଛାତ୍ରୀ ମ୍ୟାଲେରିଆ ଆକ୍ରାନ୍ତ ହୋଇ ମୃତ୍ୟବରଣ କରିଥିବା ଜଣାପଡ଼ିଛି । ମୃତ ଛାତ୍ରୀ ଜଣଙ୍କ ରାୟଗଡ଼ା ବ୍ଲକ ମାଟିକଣା ସେବଶ୍ରମର ଦଶମ ଶ୍ରେଣୀ ଛାତ୍ରୀ ପିଙ୍କି ନାଚିକା। ତାଙ୍କର ଘର ଜାମଦେଇପେଣ୍ଠ ପଞ୍ଚାୟତ ଅନ୍ତର୍ଗତ ଜାଙ୍ଗିଡ଼ି ଗ୍ରାମ ବୋଲି ଜଣାପଡିଛି । ପିଙ୍କିଙ୍କୁ ବିଦ୍ୟାଳୟରେ କିଛି ଦିନ ତଳେ ଜ୍ୱର ହୋଇଥିଲା । ବିଦ୍ୟାଳୟରେ ତାଙ୍କ ରକ୍ତ ପରୀକ୍ଷା ହୋଇଥିଲା ଏବଂ ସେ ମ୍ୟାଲେରିଆରେ ପୀଡିତ ଥିବା ଜଣାପଡ଼ିଥିଲା । ବିଦ୍ୟାଳୟ କର୍ତ୍ତୃପକ୍ଷ ଗତ ୫ ତାରିଖ ଦିନ ଫୋନ ମାଧ୍ୟମରେ ପରିବାରଙ୍କୁ ଅବଗତ କରିଥିଲେ । ଖବର ଶୁଣିବା ପରେ ପରିବାର ବର୍ଗ ବିଦ୍ୟାଳୟକୁ ଯାଇ ସେହିଦିନ ହିଁ ପିଙ୍କିଙ୍କୁ ଘରକୁ ନେଇଆସିଥିଲେ । ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଆବଶ୍ୟକୀୟ ଔଷଧ ଦେଇ ଘରକୁ ପଠାଇ ଦେଇଥିଲେ । ଆଜି ପିଙ୍କି ଘରେ ମୃତ୍ୟବରଣ କରିଥିବା ଜଣାପଡ଼ିଛି । ଏଠାରେ ସୂଚନାଯୋଗ୍ୟ ଯେ କିଛି ଦିନ ତଳେ କୁଲି ଗ୍ରାମରେ ଥିବା ହଷ୍ଟେଲରେ ଜଣେ ୪ର୍ଥ ଛାତ୍ରୀ ମ୍ୟାଲେରିଆରେ ମୃତ୍ୟୁବରଣ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ପରେ ଘଟଣାର ତଦନ୍ତ ଜିଲ୍ଲାପାଳ କରିଥିଲେ । ଗତ ଦଶ ଦିନ ମଧ୍ୟରେ ମଙ୍ଗଳ ବିଭାଗର ୨ ଜଣ ଛାତ୍ରୀ ମ୍ୟାଲେରିଆରେ ମୃତ୍ୟୁବରଣ କରିସାରିଲେଣି । ଖବର ପ୍ରଚାର ପରେ ପିଙ୍କିଙ୍କ ଗ୍ରାମକୁ ବିଭାଗୀୟ ଅଧିକାରୀମାନେ ଯାଇଥିବା ଜଣାପଡ଼ିଛି ।

## ମହାପ୍ରଭୁଙ୍କ ଆଶିଷ ଲାଭ କଲେ ମୁଖ୍ୟମନ୍ତ୍ରୀ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ମୁଖ୍ୟମନ୍ତ୍ରୀ ସପତ୍ନୀକ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଆଜି ସନ୍ଧ୍ୟାରେ ବର୍ଷା ସତ୍ତ୍ୱେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରାଜ୍ୟର ମଙ୍ଗଳ କାମନା କରି ପ୍ରାର୍ଥନା କରିଥିଲେ। ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ପହଁଚିବା ପରେ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପିନାକ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ। ଅପରାହ୍ନ ୪ ଟା ରେ ତାଙ୍କ ପୁରୀ ଗସ୍ତ ଥିଲେ ମଧ୍ୟ ବିଳମ୍ବରେ ପ୍ରଥମେ ସେ ସର୍କିଟ ହାଉସରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଦର୍ଶନ ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା।

## ରବୀନ୍ଦ୍ରନାଥ ଟାଗୋରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବୀନ୍ଦ୍ର ନାଥ ଟାଗୋରଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ଜାତୀୟ ସଂଗୀତ'ର ରଚୟିତା, ପ୍ରସିଦ୍ଧ କବି ଓ ନୋବେଲ୍ ପୁରସ୍କାର ବିଜେତା, ଏକ ଦୂରଦର୍ଶୀ ଶିକ୍ଷାବିଦ୍ ଗୁରୁଦେବ ରବୀନ୍ଦ୍ରନାଥ ଠାକୁରଙ୍କ ପୁଣ୍ୟତିଥିରେ ମୁଁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତର ସାଂସ୍କୃତିକ ଚେତନାକୁ ଏକ ନୂଆ ଦିଗ ଦେଇଥିବା ଗୁରୁଦେବ ଠାକୁର ସାହିତ୍ୟ, ସଙ୍ଗୀତ ଓ ଶିକ୍ଷାର କ୍ଷେତ୍ରରେ ଅଲିଭା ଅବଦାନ ରଖିଛନ୍ତି। ସେ ଶାନ୍ତି ନିକେତନ ପରି ଶିକ୍ଷାତ୍ମକ ପ୍ରତିଷ୍ଠାନ ମାଧ୍ୟମରେ ଭାରତୀୟ ଜ୍ଞାନ ପରମ୍ପରା ଓ ଆଧୁନିକତାର ଅଦ୍ଭୁତ ସମନ୍ୱୟ ପ୍ରସ୍ତୁତ କରିଥିଲେ।

AFFIDAVIT

By virtue of an affidavit No-86 sworn before the Executive Magistrate, Bhubaneswar on dated: 05.08.2025, I Birendra Pati Tiwari, S/o- Mahendra Pati Tiwari, resident of At-183, Near PG College, Budheswari, Bhubaneswar, Dist-Khordha, declares that I have changed my minor daughter's name from Saransh Tripathi (DOB.13.11.2010) to Saransh Tiwari (DOB - 13.11.2011). Henceforth She shall be known as Saransh Tiwari for all purposes.
Sd/- Birendrapati Tiwari

AFFIDAVIT

By virtue of an affidavit No-85 sworn before the Executive Magistrate, Bhubaneswar on dated: 05.08.2025, I Birendra Pati Tiwari, S/o- Mahendra Pati Tiwari, resident of At-183, Near PG College, Budheswari, Bhubaneswar, Dist-Khordha, declares that I have changed my minor daughter's name from Sadvi Tripathi (DOB.15.07.2012) to Sadhvi Tiwari (DOB - 17.06.2013). Henceforth She shall be known as Sadhvi Tiwari for all purposes.
Sd/- Birendrapati Tiwari

ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର/୨୦୨୫/୦୮/୧, ତାରିଖ: ୦୬.୦୮.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧, ନିର୍ଦ୍ଦିଷ୍ଟ ସମୟରେ ଉଲ୍ଲେଖ କରାଯାଇଥିବା ତାରିଖର ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ଏହା ୧୫.୩୦ ଘଣ୍ଟାରେ ଖୋଲାଯିବ। କ୍ରମିକ ନଂ.୧ । ଟେଣ୍ଡର ନମ୍ବର: ଇ-କେଜିପିଡବ୍ଲୁ-ଡେନ୍-୦୬-୨୦୨୫। କାର୍ଯ୍ୟର ବର୍ଣ୍ଣନା: ରୋଲିଂ ଷ୍ଟକ୍ ରକ୍ଷଣାବେକ୍ଷଣ ପାଇଁ ଖଡ଼ଗପୁର କର୍ମଶାଳାର ଉତ୍ପାଦନ ଦୋକାନଗୁଡ଼ିକର ଭିତ୍ତିଭୂମି ସୁବିଧାର ବୃଦ୍ଧି ଏବଂ ଉନ୍ନତିକରଣ। ଟେଣ୍ଡର ମୂଲ୍ୟ: ଟ.୬,୩୫,୧୨,୦୦୪.୦୪। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୪,୬୭,୬୦୦। କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ। କ୍ରମିକ.ନଂ.-୨। ଟେଣ୍ଡର ନମ୍ବର: ଇ-କେଜିପିଡବ୍ଲୁ-୦୭-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର କର୍ମଶାଳାର ୱାଗନ୍ ମରାମତି ଦୋକାନର ସିବିସି ଓଭରହଲିଂ ସେକ୍ସନ ଏବଂ କ୍ଷୟ ମରାମତି ଦୋକାନର ଉନ୍ନତିକରଣ। ଟେଣ୍ଡର ମୂଲ୍ୟ:ଟ.୯୭,୭୩,୧୩୬। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୧,୯୫,୫୦୦। କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ। ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ଟ.୦ (ପ୍ରତି କ୍ରମିକ ସଂଖ୍ୟା ୧ ଏବଂ ୨ ପାଇଁ)। ଖୋଲିବାର ତାରିଖ: ୨୮.୦୮.୨୦୨୫ (ପ୍ରତ୍ୟେକ ସଂଖ୍ୟା ୧ ଏବଂ ୨ ପାଇଁ)। ବିଡିଂ ଆରମ୍ଭ ତାରିଖ: ୧୪.୦୮.୨୦୨୫ରୁ ଏବଂ ୨୮.୦୮.୨୦୨୫ ଦିନ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ (ପ୍ରତ୍ୟେକ ସଂଖ୍ୟା ୧ ଏବଂ ୨ ପାଇଁ)। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ।

(PR-493)

ପୌରପରିଷଦ କାର୍ଯ୍ୟାଳୟ, ତାଳଚେର
ଜିଲ୍ଲା- ଅନୁଗୋଳ

ଫୋ. ନଂ. (୦୬୭୬୦)୨୪୦୨୫୯ ଇ-ମେଲ୍ ଆଇ.ଡି : e.o.talcher@gmail.com

ନଂ.୨୮୦୨ /ତା.୦୭.୦୮.୨୦୨୫

ଟେଣ୍ଡର ନୋଟିସ୍ C-827

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ତାଳଚେର ପୌରପରିଷଦ ଅନ୍ତର୍ଗତ ନିମ୍ନ ଗୁଡ଼ୁରି ହାଟ ଏକ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା.୦୮/୦୮/୨୦୨୫ ରିଖ ଠାରୁ ତା.୧୮/୦୮/୨୦୨୫ ରିଖ ଅପରାହ୍ନ ୪ ଘଟିକା ମଧ୍ୟରେ (ସରକାରୀ ଛୁଟି ଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ. ୨,୦୦୦/- ଙ୍କା (ଦୁଇ ହଜାର ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ । ଟେଣ୍ଡର ତା.୧୯/୦୮/୨୦୨୫ ରିଖ ଅପରାହ୍ନ ଘ.୧:୩୦ ମି. ପର୍ଯ୍ୟନ୍ତ ଗ୍ରହଣ କରାଯିବ ଏବଂ ସେହିଦିନ ଦିବା ଘ.୩:୩୦ ମି. ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର ପକାଇବା ସମୟରେ ପୌରପରିଷଦ ଦ୍ୱାରା ସର୍ତ୍ତାବଳି ପାଳନ କରିବା ସହିତ ନିୟମାନୁଯାୟୀ ସମ୍ପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ । ଯେକୌଣସି ଟେଣ୍ଡରକୁ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଟେଣ୍ଡର ରଦ୍ଦ କରିପାରିବେ ।

| ସାଇରାତ ନାମ | ବାର୍ଷିକ ସରକାରୀ ଡାକ | ଅମାନତ ଟଙ୍କା |
|---|---|---|
| ୧) ଗୁଡ଼ୁରି ହାଟ | ଟ. ୪,୫୯,୮୦୦ /- | ଟ.୪୫,୯୮୦ /- |

ସ୍ୱା/-ନିର୍ବାହୀ ଅଧିକାରୀ
ତାଳଚେର ପୌରପରିଷଦ

OIPR 13077/11/0055/2526

ROURKELA DEVELOPMENT AUTHORITY
UDITNAGAR: ROURKELA-769012 CAD-1412

No. 2209 /RDA., Dated: 02.08.2025

PROCLAMATION

It is hereby informed to the General public that **Saswati Panda W/o Suman Mishra** have applied for permission for transfer of allotment of **House No.-L/60, Phase-I, under Chhend Housing Project, , Rourkela-15** in favour of **Purna Chandra Sahoo S/o Late Bhagabat Sahoo.** If anybody has got objection to the proposed transfer, He/She may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd/- Secretary
Rourkela Development Authority

OIPR 13250/11/0091/2526

ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ IDFC FIRST Bank

(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
ସିଆଇଏନ: ଏଲ୬୫୧୧୦ଟିଏନ୨୦୧୪ପିଏଲସି୦୯୭୯୨
ପଞ୍ଜିକୃତ କାର୍ଯ୍ୟାଳୟ-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ

ନିମ୍ନଲିଖିତ ଋଣଗ୍ରହୀତା ଓ ସହ -ଋଣ ଗ୍ରହୀତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୧୦୯୨୯୪୧୭୮ | ଗୃହ ଋଣ | ୨୬.୦୭.୨୦୨୫ | ୮,୧୯,୯୪୦.୧୦/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ବିନୋଦ ମହାପାତ୍ର ୨. ସୁଜ୍ଞାନୀ ମହାପାତ୍ର

ସମ୍ପତ୍ତି ଠିକଣା: ସ୍ଥାବର ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, ପ୍ଲଟ ନଂ ୭୯/୨୩୮, ଜମି ଏରିଆ ୮୭୧ ବର୍ଗଫୁଟ ( ଯାହାକି ୬୨୦ ବର୍ଗଫୁଟରେ ଅବସ୍ଥିତି), ଖାତା ନଂ ୩୩/୬୫, ମୌଜା-କେଉଟକୁଡ଼ି, ତହସିଲ- ବ୍ରହ୍ମଗିରି, ପୁରୀ, ଓଡ଼ିଶା-୭୫୨୦୧୧ ଏବଂ ବାଉଣ୍ଡରୀ: ଉତ୍ତର-ତାପସୀ ବୈରାଗୀଙ୍କ ସମ୍ପତ୍ତି, ଦକ୍ଷିଣ- କମୁପାଣି ସାହୁଙ୍କ ସମ୍ପତ୍ତି, ପୂର୍ବ- ରାସ୍ତା, ପଶ୍ଚିମ- ପଦ୍ମଲୋଚନ ବରାଳଙ୍କ ସମ୍ପତ୍ତି।

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/- ଅଧିକୃତ ଅଧିକାରୀ
ତାରିଖ: ୦୮.୦୮.୨୦୨୫ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
ସ୍ଥାନ: ଓଡ଼ିଶା



ସରେ : କାନାଡାର ସରେରେ ଥିବା ପ୍ରସିଦ୍ଧ ହାସ୍ୟ ଅଭିନେତା କପିଲ ଶର୍ମାଙ୍କ କାଫେରେ ପୁଣି ଗୁଳିଚାଳନା ହୋଇଥିବା ଜଣାପଡ଼ିଛି। ଏହି ଗୁଳିକାଣ୍ଡ ଲାଗି ଗୋଲ୍ଡି ଢିଲୋନ୍ ନାମକ ଜଣେ ଗ୍ୟାଙ୍ଗଷ୍ଟର ନିଜକୁ ଦାୟୀ କରିଛି। ସ୍ଥାନୀୟ ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଏପର୍ଯ୍ୟନ୍ତ ଗୁଳିକାଣ୍ଡରେ କେହି ଆହତ ହେବାର କୌଣସି ଖବର ଆସିନାହିଁ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ଏକ କାରରେ ବସିଥିବା କିଛି ଲୋକ କାଫେ ଆଡ଼କୁ ଗୁଳି ଚଳାଇବା ଦେଖାଯାଉଛି। ଏହି ଭିଡିଓଟି ୯ ସେକେଣ୍ଡର, ଯେଉଁଥିରେ ୧୨ ରାଉଣ୍ଡରୁ ଅଧିକ ଗୁଳି ଚାଳନା କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହି ଗ୍ୟାଙ୍ଗ କହିଛି, 'ଜୟ ଶ୍ରୀ ରାମ, ସତ ଶ୍ରୀ ଅକାଳ। ସମସ୍ତ ଭାଇମାନଙ୍କୁ ରାମ ରାମ। କପିଲ ଶର୍ମାଙ୍କ କପ୍ସ କାଫେ, ସରେରେ ଆଜି ଘଟିଥିବା ଗୁଳିକାଣ୍ଡର ଦାୟିତ୍ୱ ଗୋଲ୍ଡି ଢିଲୋନ୍ ଏବଂ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନେଉଛି। ଆମେ ତାଙ୍କୁ (କପିଲ ଶର୍ମା) ଫୋନ୍ କରିଥିଲୁ, କିନ୍ତୁ ସେ ଉଠାଇ ନଥିଲେ, ଯାହା ଯୋଗୁଁ ଆମକୁ କାର୍ଯ୍ୟାନୁଷ୍ଠାନ ନେବାକୁ ପଡିଲା।

### ଏମ୍ ଏସ୍ ସ୍ୱାମୀନାଥନ୍ ଶତବାର୍ଷିକୀ ଅନ୍ତର୍ଜାତୀୟ ସମ୍ମିଳନୀ

## ଭାରତକୁ ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବି କରିବା ଆନ୍ଦୋଳନର ନେତୃତ୍ୱ ନେଇଥିଲେ ସ୍ୱାମୀନାଥନ୍



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ନୂଆଦିଲ୍ଲୀର ଆଇସିଏଆର ପୁସାରେ ଆୟୋଜିତ ଏମ୍. ଏସ୍. ସ୍ୱାମୀନାଥନ୍ ଜନ୍ମ ଶତବାର୍ଷିକୀ ଅନ୍ତର୍ଜାତୀୟ ସମ୍ମେଳନର ଉଦ୍ଘାଟନ କରି ଏହି ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପ୍ରଧାନମନ୍ତ୍ରୀ ତାଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଭାବରେ ବର୍ଣ୍ଣନା କରିଥିଲେ, ଯାହାଙ୍କ ଅବଦାନ ଯୁଗାନ୍ତକାରୀ। ସେ ଜାତୀୟ ହସ୍ତତନ୍ତ ଦିବସରେ ସମସ୍ତଙ୍କୁ, ବିଶେଷକରି ହସ୍ତତନ୍ତ କ୍ଷେତ୍ର ସହିତ ଜଡିତ ଲୋକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଡକ୍ଟର ଏମ୍.ଏସ୍. ସ୍ୱାମୀନାଥନଙ୍କ ସହିତ ବହୁ ବର୍ଷ ଧରି ତାଙ୍କର ସମ୍ପର୍କକୁ ଉଲ୍ଲେଖ କରି ଶ୍ରୀ ମୋଦୀ ଗୁଜରାଟର ପୂର୍ବ ପରିସ୍ଥିତିକୁ ମନେ ପକାଇଥିଲେ, ଯେଉଁଠାରେ ମରୁଡ଼ି ଏବଂ ବାତ୍ୟା ଯୋଗୁଁ କୃଷି କ୍ଷେତ୍ର କଠିନ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଶ୍ରୀ ମୋଦୀ ପ୍ରାୟ କୋଡ଼ିଏ ବର୍ଷ ପୂର୍ବେ ତାମିଲନାଡୁରେ ପ୍ରଫେସର ସ୍ୱାମୀନାଥନଙ୍କ ଗବେଷଣା ଫାଉଣ୍ଡେସନ କେନ୍ଦ୍ର ପରିଦର୍ଶନ କରିବା ବିଷୟରେ ବର୍ଣ୍ଣନା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଜୈବ ବିବିଧତା ବିଶ୍ୱସ୍ତରୀୟ ଆଲୋଚନାର ବିଷୟ ଏବଂ ସରକାର ଏହାକୁ ସଂରକ୍ଷଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ, ଡକ୍ଟର ଏମ୍.ଏସ୍. ସ୍ୱାମୀନାଥନ୍ ଜୈବ-ସୁଖର ଧାରଣାକୁ ପ୍ରବର୍ତ୍ତନ କରି ଆଉ ଗୋଟିଏ ପାଦ ଆଗକୁ ଯାଇଥିଲେ। ସେ ମନ୍ତବ୍ୟ ଦେଇଥିଲେ ଯେ, ଆଜିର ସମାବେଶ ସେହି ଚିନ୍ତାଧାରାର ଏକ ପ୍ରତିଫଳନ। ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନଙ୍କ ଉତ୍ସର୍ଗକୁ ସ୍ମରଣ କରି ସ୍ଥାପିତ "ଫୁଡ୍ ଏଣ୍ଡ ପିସ୍ ପାଇଁ ଏମ୍.ଏସ୍. ସ୍ୱାମୀନାଥନ ପୁରସ୍କାର" ଆରମ୍ଭ ହେବାରେ ସନ୍ତୋଷ ପ୍ରକାଶ କରି, ପ୍ରଧାନମନ୍ତ୍ରୀ କହିଲେ ଯେ, ଏହି ଅନ୍ତର୍ଜାତୀୟ ପୁରସ୍କାର ବିକାଶଶୀଳ ଦେଶର ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବ ଯେଉଁମାନେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଭାରତ ରେକର୍ଡ ଖାଦ୍ୟଶସ୍ୟ ଉତ୍ପାଦନ ହାସଲ କରିଛି । ସେ ଜୋର ଦେଇ କହିଥିଲେ ଯେ, ଭାରତ କ୍ଷୀର ଉତ୍ପାଦନରେ ପ୍ରଥମ ସ୍ଥାନରେ ରହିଛି। ସୋୟାବିନ, ସୋରିଷ ଏବଂ ଚିନାବାଦାମ ଉତ୍ପାଦନ ରେକର୍ଡ ସ୍ତରରେ ପହଞ୍ଚିଛି। ଶ୍ରୀ ମୋଦୀ କୃଷି ହେଉଛି ଲୋକଙ୍କ ଜୀବିକା ବୋଲି ଗୁରୁତ୍ୱ ଦେଇ କହିଥିଲେ , 'ଡକ୍ଟର ଏମ୍.ଏସ୍. ସ୍ୱାମୀନାଥନ୍ ଆମକୁ ଶିଖାଇଛନ୍ତି ଯେ, କୃଷି କେବଳ ଫସଲ ନୁହେଁ, ଏହା ହେଉଛି ଆମର ଜୀବନ' । ସେ ଆଲୋକପାତ କରିଥିଲେ ଯେ, ଏହି କ୍ଷେତ୍ର ସହିତ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ସମ୍ମାନ, ପ୍ରତ୍ୟେକ ସମ୍ପ୍ରଦାୟର ସମୃଦ୍ଧି ଏବଂ ପ୍ରକୃତିର ସୁରକ୍ଷା ସରକାରଙ୍କ କୃଷି ନୀତିର ପ୍ରାଥମିକତା। ବିଜ୍ଞାନ ଏବଂ ସମାଜକୁ ଏକ ସାଧାରଣ ସୂତ୍ର ମାଧ୍ୟମରେ ଯୋଡ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, କ୍ଷୁଦ୍ର ଚାଷୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଆବଶ୍ୟକ । ସେ କ୍ଷେତ୍ରରେ କାମ କରୁଥିବା ମହିଳାମାନଙ୍କୁ ସଶକ୍ତ କରିବା ଗୁରୁତ୍ୱ ଉପରେ ପ୍ରଧାନ ଦେଇଥିଲେ। ତାଙ୍କ ଅଭିଭାଷଣ ଶେଷ କରି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ, ଦେଶକୁ ଏହି ଦୃଷ୍ଟିକୋଣ ସହିତ ଆଗକୁ ବଢ଼ିବାକୁ ପଡିବ ଏବଂ ଡକ୍ଟର ସ୍ୱାମୀନାଥନଙ୍କ ପ୍ରେରଣା ସମସ୍ତଙ୍କର ମାର୍ଗଦର୍ଶନ କରିଚାଲିବ ବୋଲି ମତ ଦେଇଥିଲେ। କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ; ନୀତି ଆୟୋଗର ସଦସ୍ୟ ଡକ୍ଟର ରମେଶ ଚାନ୍ଦ; ଏମ୍.ଏସ୍ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷା ସୁଶ୍ରୀ ସୌମ୍ୟା ସ୍ୱାମୀନାଥନ୍ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜାତୀୟ ହସ୍ତତନ୍ତ ଦିବସର ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ମୋଦୀ କହିଛନ୍ତି ଯେ, ଆଜି ଆମର ସମୃଦ୍ଧ ବୟନ ପରମ୍ପରାକୁ ପାଳନ କରିବାର ଦିନ, ଯାହା ଆମ ଲୋକଙ୍କ ସୃଜନଶୀଳତାକୁ ପରିଦର୍ଶିତ କରେ। ଆମେ ଭାରତର ହସ୍ତତନ୍ତ ବିବିଧତା, ଜୀବିକା ଏବଂ ସମୃଦ୍ଧିକୁ ବଢ଼ାଇବାରେ ଏହାର ଭୂମିକା ପାଇଁ ଗର୍ବିତ ବୋଲି ସେ କହିଛନ୍ତି। ଏକ୍ସରେ ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି; ଜାତୀୟ ହସ୍ତତନ୍ତ ଦିବସର ଶୁଭେଚ୍ଛା। ଆଜି ଆମର ସମୃଦ୍ଧ ବୟନ ପରମ୍ପରାକୁ ପାଳନ କରିବାର ଦିନ, ଯାହା ଆମ ଲୋକଙ୍କ ସୃଜନଶୀଳତାକୁ ପ୍ରଦର୍ଶିତ କରେ । ଆମେ ଭାରତର ହସ୍ତତନ୍ତ ବିବିଧତା, ଜୀବିକା ଏବଂ ସମୃଦ୍ଧିକୁ ବଢ଼ାଇବାରେ ଏହାର ଭୂମିକା ପାଇଁ ଗର୍ବିତ

### ଜାତୀୟ ହସ୍ତତନ୍ତ ଦିବସ'ରେ ଓଡ଼ିଶାର ପାରମ୍ପରିକ ବସ୍ତ୍ର ପିନ୍ଧିଲେ କେନ୍ଦ୍ରମନ୍ତ୍ରୀ

## ଓଡ଼ିଶାର ହସ୍ତତନ୍ତ କାଳଜୟୀ ପରମ୍ପରାର ନିଚ୍ଛକ ନିଦର୍ଶନ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର 'ଜାତୀୟ ହସ୍ତତନ୍ତ ଦିବସ' ଅବସରରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ବସ୍ତ୍ର ପିନ୍ଧି ସଂସଦ କାର୍ଯ୍ୟରେ ସାମିଲ ହୋଇ ଖୁସି ପ୍ରକାଶ କରିଛନ୍ତି । ଏହି ଅବସରରେ ସେ ଓଡ଼ିଶାର ସାଂସଦମାନଙ୍କ ସହିତ ଗର୍ବର ସହ 'ଜାତୀୟ ହସ୍ତତନ୍ତ ଦିବସ' ପାଳନ କରିବା ସହ ଓଡ଼ିଶା ସମେତ ବିବିଧ ହସ୍ତତନ୍ତ ଐତିହ୍ୟ ଉପରେ ଗର୍ବ କରିବା ସହ ବୁଣାକାରମାନଙ୍କୁ ସଶକ୍ତ କରିବା ପାଇଁ ପରାମର୍ଶ ଦେଇଛନ୍ତି। 'ଜାତୀୟ ହସ୍ତତନ୍ତ ଦିବସ'ର ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ହସ୍ତତନ୍ତ କାଳଜୟୀ ସୌନ୍ଦର୍ଯ୍ୟ ଏବଂ ପରମ୍ପରାକୁ ପ୍ରତିପାଦିତ କରୁଛି । ଏଗୁଡ଼ିକ କେବଳ ପୋଷାକ ନୁହେଁ ବରଂ ଓଡ଼ିଶାର ଭାବାବେଗର ଏକ ଅଂଶବିଶେଷ । ଆଜି ଜାତୀୟ ହସ୍ତତନ୍ତ ଦିବସରେ ଓଡ଼ିଶାର ସହଯୋଗୀ ତଥା ଦଳୀୟ ସାଂସଦମାନଙ୍କ ସହ ଓଡ଼ିଶାର ସମୃଦ୍ଧ ବୟନ ପରମ୍ପରାକୁ ଗର୍ବର ସହିତ ପାଳନ କରି ଆନନ୍ଦିତ । ପ୍ରତ୍ୟେକ ବୟନ ପରମ୍ପରା ; ସାଂସ୍କୃତିକ ଐତିହ୍ୟ, କାରିଗରୀ ଏବଂ କଳାକୃତିର ସମାହାର । ଆମର ବୁଣାକାରମାନେ ଦେଶର ବୟନ ଐତିହ୍ୟକୁ ସଂରକ୍ଷଣ ଦେବା ସହ ସେମାନଙ୍କର ଦକ୍ଷତା ଏବଂ ନବସୃଜନ ଆଧାରରେ ବୟନ କ୍ଷେତ୍ରକୁ ପରିବର୍ତ୍ତନ କରୁଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଭାରତ ହେଉଛି ବିବିଧ ହସ୍ତତନ୍ତ ପରମ୍ପରାର ଗନ୍ତାଘର । କାଶ୍ମୀରରୁ କନ୍ୟାକୁମାରୀ ଏବଂ କଚ୍ଛରୁ କିବିଥୁ ପର୍ଯ୍ୟନ୍ତ ଆମର ପ୍ରତ୍ୟେକ ପୋଷାକ ଆମର ସାଂସ୍କୃତିକ ଐତିହ୍ୟ, ନୀତି ଏବଂ ବିବିଧତାର ଏକ ଜୀବନ୍ତ ପ୍ରମାଣ । ସମ୍ବଲପୁରୀରୁ ଇକତ ; ଓଡ଼ିଶାର ହସ୍ତତନ୍ତ ପରମ୍ପରା ଏବଂ କାରିଗରୀର ଏକ ଭଣ୍ଡାର। ଆମର ଗୌରବମୟ ହସ୍ତତନ୍ତ ପରମ୍ପରାକୁ ଜୀବିତ ରଖିବା ପାଇଁ କାମ କରୁଥିବା କାରିଗର, କଳାକାର ଏବଂ ବୁଣାକାରମାନଙ୍କୁ ଧନ୍ୟବାଦ । ଆମେ ଆଜି ଏବଂ ପ୍ରତିଦିନ ଗର୍ବର ସହିତ ସର୍ବଦା ହସ୍ତତନ୍ତ ପିନ୍ଧିବା ଏବଂ ପ୍ରତ୍ୟେକ ସୂତାରେ ଜୀବନ ଦେଉଥିବା କାରିଗରମାନଙ୍କୁ ସଶକ୍ତ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।




## ଅନୁମୋଦିତ କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରନ୍ତୁ: ବିଷ୍ଣୁଦେବ

ରାୟପୁର : ଗୁରୁବାର ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ଅଧ୍ୟକ୍ଷତାରେ ଜଞ୍ଜଗିର-ଚମ୍ପା ଜିଲ୍ଲାର ଜିଲ୍ଲା ପଞ୍ଚାୟତ ସଭାକକ୍ଷରେ ଅନୁଷ୍ଠିତ ଅନୁସୂଚିତ ଜାତି ଉନ୍ନୟନ ପ୍ରାଧିକରଣର ବୈଠକରେ ପ୍ରାଧିକରଣର ବଜେଟ୍ ୫୦ କୋଟି ଟଙ୍କାରୁ ୭୫ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଅନୁମୋଦନ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ନିର୍ଦ୍ଦେଶ ଦେଇଛନ୍ତି ଯେ ସମସ୍ତ ସଂଗ୍ରହକାରୀ ପ୍ରାଧିକରଣ ମୁଖ୍ୟଙ୍କଠାରୁ ଅନୁମୋଦିତ କାର୍ଯ୍ୟଗୁଡ଼ିକୁ ଗମ୍ଭୀରତାର ସହ ନିଅନ୍ତୁ ଏବଂ ସେଗୁଡ଼ିକୁ ଉଚ୍ଚ ଗୁଣବତ୍ତାର ସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବା ନିଶ୍ଚିତ କରନ୍ତୁ। ସେ କହିଛନ୍ତି ଯେ ଏବେ ପ୍ରାଧିକରଣର ବୈଠକ ପ୍ରତିବର୍ଷ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହେବ ଏବଂ କାର୍ଯ୍ୟଗୁଡ଼ିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯିବ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଧାରଣା ଅନୁଯାୟୀ ରାଜ୍ୟରେ ବିକାଶମୂଳକ କାର୍ଯ୍ୟ କରାଯାଇଛି। ଅନୁସୂଚିତ ଜାତି ସମାଜର ଉପଯୁକ୍ତ ବିକାଶ ପାଇଁ ପ୍ରାଧିକରଣ ଏକ ଶକ୍ତିଶାଳୀ ମାଧ୍ୟମ, ଯାହା ମାଧ୍ୟମରେ ସରକାର ଠୋସ୍ ପ୍ରୟାସ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଗିରୌଧପୁରୀ ଧାମର ବିକାଶ ପାଇଁ ୨ କୋଟି ଟଙ୍କା ମଞ୍ଜୁର, ଅନୁସୂଚିତ ଜାତି ବର୍ଗର ଛାତ୍ରଙ୍କ ପାଇଁ କୋଚିଂ ବ୍ୟବସ୍ଥା ପାଇଁ ୫୦ ଲକ୍ଷ ଟଙ୍କା, ପ୍ରତିବର୍ଷ ୫ ଜଣ ଅନୁସୂଚିତ ଜାତି ବର୍ଗର ଯୁବକଙ୍କୁ ପାଇଲଟ୍ ତାଲିମ ପାଇଁ ସହାୟତା ଏବଂ ଯୋଡା ଜୈତଖମ୍ବ ନିର୍ମାଣରେ ସିମେଣ୍ଟ ସହିତ କାଠ ବ୍ୟବହାର ପାଇଁ ପାଣ୍ଠି ମଞ୍ଜୁର ଘୋଷଣା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ବର୍ଷ ବର୍ଷ ଧରି ପ୍ରାଧିକରଣ ମୁଖ୍ୟଙ୍କଠାରୁ ମଞ୍ଜୁର ହୋଇଥିବା ପଡ଼ି ରହିଥିବା କାର୍ଯ୍ୟ ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ଅନୁସୂଚିତ ଜାତି ବିକାଶ ପ୍ରାଧିକରଣର ଉପାଧ୍ୟକ୍ଷ ଗୁରୁ ଖୁସୱନ୍ତ ସାହେବ ମୁଖ୍ୟମନ୍ତ୍ରୀ ଶ୍ରୀ ସାଇଙ୍କ ନେତୃତ୍ୱରେ ସମାଜର ବିକାଶ ପାଇଁ କରାଯାଉଥିବା କାର୍ଯ୍ୟ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ, ଉପମୁଖ୍ୟମନ୍ତ୍ରୀ ଅରୁଣ ସା, ଉପାଧ୍ୟକ୍ଷ ଗୁରୁ ଖୁସୱନ୍ତ ସାହେବ, ମନ୍ତ୍ରୀ ଦୟାଲ ଦାସ ବାଘେଲ, ଲଖନ ଲାଲ ଦେବାଙ୍ଗନ, ଲକ୍ଷ୍ମୀ ରାଜୱାଡେ, ଟଙ୍କରାମ ବର୍ମା, ସାଂସଦ କମଲେଶ ଜାଙ୍ଗଡେ, ବିଧାୟକ ପୁନୁଲାଲ ମୋହଲେ, ଡୋମନଲାଲ କୋରସେୱାଡା, ଦିଲୀପ ଲହାରିଆ, ଶେଷରାଜ ହରବଂଶ, ଉତ୍ତରୀ ଗଣପତ ଜାଙ୍ଗଡେ, କବିତା ପ୍ରାଣ ଲାହାରେ, କୃଷ୍ଣଚନ୍ଦ୍ର ହର୍ଷିତା ସ୍ୱାମୀ ବାଘେଲଙ୍କ ସହିତ ରାୟପୁର, ବିଳାସପୁର ଏବଂ ଦୁର୍ଗ ଡିଭିଜନର କମିଶନର, ଆଇଜି ଏବଂ ୧୭ଟି ଜିଲ୍ଲାର କଲେକ୍ଟରମାନେ ଉପସ୍ଥିତ ଥିଲେ।



## ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଏସ୍ଏଚଜି ସଦସ୍ୟଙ୍କ ସହ କେନ୍ଦ୍ର ମନ୍ତ୍ରୀଙ୍କ ଆଲୋଚନା



ନୂଆଦିଲ୍ଲୀ: ଜାତୀୟ ହସ୍ତତନ୍ତ ଦିବସ ଅବସରରେ କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ନୂଆଦିଲ୍ଲୀର କୃଷି ଭବନରୁ ଲକ୍ଷ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚଜି) ମହିଳା ସଦସ୍ୟଙ୍କ ସହ ଭର୍ଚୁଆଲ ମାଧ୍ୟମରେ ମତ ବିନିମୟ କରିଥିଲେ। ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଚନ୍ଦ୍ର ଶେଖର ପେମ୍ମାସାନୀ, ଗ୍ରାମୀଣ ବିକାଶ ସଚିବ ଶୈଳେଶ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସମୟରେ, ବିଭିନ୍ନ ରାଜ୍ୟର ଏସ୍ଏଚଜି ମହିଳାମାନେ ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନ୍.ଆର୍.ଏଲ୍.ଏମ୍.) ଯୋଗୁଁ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଉପରେ ଆଲୋକପାତ କରି ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ସେମାନେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ମିଶନ କେବଳ ଆର୍ଥିକ ସ୍ଥିରତା ପ୍ରଦାନ କରିନଥିଲା ବରଂ ସେମାନଙ୍କର ସାମାଜିକ ସ୍ଥିତିକୁ ମଧ୍ୟ ସୁଦୃଢ଼ କରିଥିଲା। ଶ୍ରୀ ଚୌହାନ କହିଥିଲେ ଯେ ମହିଳାମାନେ ଶକ୍ତି ଏବଂ ସୃଜନଶୀଳତାର ପ୍ରତୀକ ଏବଂ ଏକଦା ଭାରତର ସ୍ୱାଧୀନତା ଆନ୍ଦୋଳନରେ ଏକ ଉପକରଣ ଭାବେ କାର୍ଯ୍ୟ କରିଥିବା ହସ୍ତତନ୍ତ ଆତ୍ମନିର୍ଭରଶୀଳତାର ପ୍ରତୀକ। ସେ ଗ୍ରାମୀଣ କାରିଗରମାନଙ୍କ 'ଉଲ୍ଲେଖନୀୟ କଳାତ୍ମକତା' କୁ ପ୍ରଶଂସା କରିଥିଲେ, ଯାହା କେବଳ ଭାରତରେ ନୁହେଁ ବରଂ ସମଗ୍ର ବିଶ୍ୱରେ ସ୍ୱୀକୃତି ଅର୍ଜନ କରିଛି। ଶ୍ରୀ ଚୌହାନ 'ସ୍ୱଦେଶୀ ଉତ୍ପାଦକୁ ଆପଣେଇବା ଏବଂ ଆମର ଜାତୀୟ ଗୌରବ ବୃଦ୍ଧି କରିବା' ର ସଂକଳ୍ପକୁ ସ୍ୱୀକାର କରିବା ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ସେ ଏସ୍ଏଚଜି ମହିଳାମାନଙ୍କ କଠିନ ପରିଶ୍ରମ ଏବଂ ସମର୍ପଣଭାବକୁ ପ୍ରଶଂସା କରି ସେମାନଙ୍କ ଦ୍ୱାରା ସ୍ଥାପିତ ଉତ୍ପାଦ ଷ୍ଟଲଗୁଡ଼ିକୁ ମଧ୍ୟ ପରିଦର୍ଶନ କରିଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ, ସୋନାଲିକା ୨୦୨୫-୨୬ ଆର୍ଥିକ ବର୍ଷରେ ସଫଳତାର ସହ ମାତ୍ର ୪ ମାସରେ ୫୦,୦୦୦ ଟ୍ରାକ୍ଟର ବିକ୍ରି ମାଇଲଖୁଂଟ ଅତିକ୍ରମ କରିଛି। କମ୍ପାନୀ ଗତ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ମୋଟ ୫୩,୭୭୨ଟି ଟ୍ରାକ୍ଟର ବିକ୍ରି କରିଛି ଯାହା ଘରୋଇ ବଜାରରେ ବ୍ରାଣ୍ଡର ନିର'ର ଅଭିବୃଦ୍ଧିକୁ ପ୍ରତିଫଳନ କରୁଛି। ସୋନାଲିକା ଆଧୁନିକ କୃଷି ଯାନ୍ତ୍ରିକୀକରଣ ପ୍ରଦାନକରି ଭଲ ଫସଲ ଅମଳ କରିବା ପାଇଁ କୃଷି ସମୁଦାୟକୁ ସହଯୋଗ କରିବା ଲାଗି ପ୍ରତିବଦ୍ଧ ରହିଛି। ରୋବୋଟିକ ପରିଚାଳନା ସହ ସୋନାଲିକାର ବିଶ୍ୱର ଏକ ନମ୍ବର ଟ୍ରାକ୍ଟର ପ୍ଲାଂଟ କେବଳ ୨ ମିନିଟରେ ଗୋଟିଏ ହେଭି ଡ୍ୟୁଟି ଟ୍ରାକ୍ଟର ପ୍ରସ୍ତୁତ କରିବା ପାଇଁ ସୁସଜ୍ଜିତ ରହିଛି। ଏହି ଫ୍ୟାସିଲିଟି କୃଷକମାନଙ୍କ ଅଂଚଳ କେନ୍ଦ୍ରିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିରେ ସୁସଜ୍ଜିତ ରହିଛି। କମ୍ପାନୀର ନୂଆ ରେକର୍ଡ ପ୍ରଦର୍ଶନ ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ, ରମଣ ମିତଲ କହିଛନ୍ତି ଯେ, 'ଆମର ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକ ଉଦ୍ଦେଶ୍ୟ ପରିଚାଳିତ ଅଟେ ଏବଂ କୃଷକମାନଙ୍କୁ ଆତ୍ମବିଶ୍ୱାସର ସହ ଆଗକୁ ବଢିବା ପାଇଁ ସଶକ୍ତ କରିବା ଲାଗି ଦୃଢତାର ସହ ପ୍ରସ୍ତୁତ ରହିଛି।

## 'ଦ୍ୱି ଓମେନ୍ ଓ୍ୱାଣ୍ଟ କନ୍‌କ୍ଲେଭ୨୦୨୫': ଶୈଫାଳିକା ପଣ୍ଡାଙ୍କୁ ଶକ୍ତି ପୁରସ୍କାର



ନୂଆଦିଲ୍ଲୀ: ଇମ୍ଫାର କର୍ପୋରେଟ ସାମାଜିକ କଲ୍ୟାଣ ଶାଖା, ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା ଗୁରବୁାର ନୂଆଦିଲ୍ଲୀର ଦି ଇମ୍ପେରିଆଲ୍‌ରେ ନ୍ୟୁଜ୍ ଏକ୍ସ ଦ୍ୱାରା ଆୟୋଜିତ 'ଦ୍ୱି ଓମେନ ଓ୍ୱାଣ୍ଟ କନକ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ ୨୦୨୫' ରେ ପ୍ରତିଷ୍ଠିତ ଶକ୍ତି ପୁରସ୍କାର ସହ ସମ୍ମାନିତ ହୋଇଛନ୍ତି। ଏହା ବ୍ୟତୀତ, ଆଜିର ବିଶ୍ୱରେ ଆତ୍ମବିଶ୍ୱାସୀ ଝିଅମାନଙ୍କୁ ବୃଦ୍ଧି କରିବା ଉପରେ ଧ୍ୟାନ କେନ୍ଦ୍ରିତ ଏକ ପ୍ୟାନେଲରେ, ଶ୍ରୀମତୀ ପଣ୍ଡା ଆଲୋକପାତ କରିଥିଲେ ଯେ ଝିଅମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ପରିବର୍ତ୍ତନର ନେତୃତ୍ୱ ନେଉଥିବା ଆତ୍ମବିଶ୍ୱାସୀ ମହିଳାମାନଙ୍କୁ ଗଢ଼ି ତୋଳିବାରେ ବହୁତ ସାହାଯ୍ୟ କରେ। ଏହିବର୍ଷର 'ଦ୍ୱି ଓମେନ ଓ୍ୱାଣ୍ଟକ ନକ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ ୨୦୨୫' ସଂସ୍କରଣରେ ଡକ୍ଟର ଶଶିଥରୁର ଏବଂ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ଙ୍କ ମୁଖ୍ୟ ଭାଷଣ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ନେତୃତ୍ୱ, ଗଣମାଧ୍ୟମରେ ପ୍ରତିନିଧିତ୍ୱ, ସୁରକ୍ଷାଏବଂନ୍ୟାୟ ଏବଂ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଭାରତୀୟ ମହିଳାଙ୍କ ଦୈନନ୍ଦିନ ବାସ୍ତବତା ଭଳି ବିଷୟବସ୍ତୁ ଉପରେ ଚିନ୍ତ ।ପ୍ରବଣ ପ୍ୟାନେଲ ଆଲୋଚନା ଅନ୍ତର୍ଭୁକ୍ତ ହୋଇଥିଲା। ଏକତାକପୁର, ଦିୟାମିର୍ଜା, ଶବାନା ଆଜମୀ, ନମ୍ରତା କୌର ଏବଂ ଡିଜାଇନର ରିତୁ ବେରୀଙ୍କ ପରି ସାଂସ୍କୃତିକ ବ୍ୟକ୍ତିତ୍ୱ ସେମାନଙ୍କ ଯାତ୍ରାର ଅର୍ନ୍ତଦୃଷ୍ଟି ବାଣ୍ଟିଥିଲେ। ଅଧିବେଶନ ସମୟରେ ଭାଷଣ ଦେଇ, ଶ୍ରୀମତୀ ପଣ୍ଡା ଗଭୀର ଭାବରେ ମୂଳ ଲିଙ୍ଗଗତ ମାନଦଣ୍ଡ ଏବଂ ପଦ୍ଧତିଗତ ଅସମାନତାକୁ ସାମ୍ନା କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ବିଶେଷ କରି ଗ୍ରାମାଞ୍ଚଳ ପରିପ୍ରେକ୍ଷୀରେ ଯେଉଁଠାରେ ଝିଅମାନଙ୍କ ଆକାଂକ୍ଷା ପ୍ରାୟତଃ ପରିସ୍ଥିତି ଦ୍ୱାରା ହ୍ରାସ ପାଇଥାଏ। ସେଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ପରାମର୍ଶଦାତା କ୍ଷେତ୍ରରେ ନିରନ୍ତର ନିବେଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ରାଜକୋଷରେ ୨.୧୦ ଲକ୍ଷ କୋଟି ଟଙ୍କା ଜମା କରିଛି ରିଲାଏନ୍ସ

ମୁମ୍ବାଇ: ଦେଶର ପ୍ରମୁଖ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଟିକସ, ଲେଭି, ସ୍ପେକ୍ଟ୍ରମ୍ ଚାର୍ଜ ଏବଂ ଅନ୍ୟାନ୍ୟ ସାମଗ୍ରୀ ବାବଦରେ ସରକାରୀ ରାଜକୋଷରେ ୨,୧୦,୨୬୯ କୋଟି ଟଙ୍କା ଯୋଗଦାନ କରିଛି। ଏହା ପୂର୍ବ ଆର୍ଥିକ ବର୍ଷର ୧,୮୬,୪୪୦ କୋଟି ଟଙ୍କା ଅପେକ୍ଷା ୧୨.୮ ପ୍ରତିଶତ ଅଧିକ ରହିଛି। ଏହା ପ୍ରଥମ ଥର ଯେ ଜାତୀୟ ରାଜକୋଷରେ ରିଲାଏନ୍ସର ଅବଦାନ ୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହା ସହିତ, ୨୦୨୦ ଆର୍ଥିକ ବର୍ଷରୁ ୨୦୨୫ ଆର୍ଥିକ ବର୍ଷ ଯାଏଁ ଅର୍ଥାତ୍ ଗତ ଛଅ ବର୍ଷ ମଧ୍ୟରେ ରିଲାଏନ୍ସ ଜାତୀୟ ରାଜକୋଷରେ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଜମା କରିଛି। ସୂଚନାଯୋଗ୍ୟ ଯେ ରିଲାଏନ୍ସ ହେଉଛି ଦେଶର ଜାତୀୟ ରାଜକୋଷରେ ସର୍ବାଧିକ ଅବଦାନ ଦେଉଥିବା କମ୍ପାନୀ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବାର୍ଷିକ ରିପୋର୍ଟରେ, କମ୍ପାନୀ ପକ୍ଷରୁ ଗତ ୧୦ ବର୍ଷର ହିସାବ ମଧ୍ୟ ପ୍ରକାଶ କରାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ କମ୍ପାନୀ ଗତ ୧୦ ବର୍ଷ ମଧ୍ୟରେ ଏହାର ସେୟାରହୋଲ୍ଡରମାନଙ୍କୁ ସେମାନଙ୍କ ନିବେଶର ୫ ଗୁଣ ମୂଲ୍ୟ ଦେଇଛି। କମ୍ପାନୀର ବଜାର ପୁଞ୍ଜି ଗତ ୧୦ ବର୍ଷରେ ୫ ଗୁଣରୁ ଅଧିକ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକ ବର୍ଷରେ ୧୭,୨୫,୩୭୮ କୋଟି ଟଙ୍କା ହୋଇଛି ଯାହା ୧୦ ବର୍ଷ ପୂର୍ବରୁ ୩୩୮,୭୦୩ କୋଟି ଟଙ୍କା ଥିଲା। କମ୍ପାନୀର ସମନ୍ୱିତ ରାଜସ୍ୱରେ ମଧ୍ୟ ୩.୬୫ ଗୁଣ ବୃଦ୍ଧି ଦେଖାଯାଇଛି। ବାର୍ଷିକ ଶୁଦ୍ଧ ଲାଭ ୨୦୧୫-୧୬ ଆର୍ଥିକ ବର୍ଷରେ ୨୯,୮୬୧ କୋଟି ଟଙ୍କାରୁ ୨.୭୨ ଗୁଣ ବୃଦ୍ଧି ପାଇ ୨୦୨୪-୨୫ରେ ୮୧,୩୦୯ କୋଟି ଟଙ୍କା ହୋଇଛି।

## ନାଲ୍‌କୋର ତ୍ରୈମାସିକ ଫଳାଫଳ ଘୋଷଣା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ତଥା ଦେଶର ଅଗ୍ରଣୀ ଆଲୁମିନା ଏବଂ ଆଲୁମିନିୟମ ଉତ୍ପାଦକ ଏବଂ ରପ୍ତାନିକାରୀ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ପକ୍ଷରୁ ଆର୍ଥିକବର୍ଷ ୨୦୨୫-୨୬ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି। ପ୍ରଥମ ତ୍ରୈମାସିକରେ କମ୍ପାନୀ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା ବେଳେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ହାସଲ କରିଛି। ଗୁରୁବାର ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକମଣ୍ଡଳୀର ବୈଠକରେ ରେକର୍ଡରେ କରାଯାଇଥିବା ଫଳାଫଳ ଅନୁଯାୟୀ, ନାଲକୋ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଜୁନ ୩୦ତାରିଖରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ ୭୭% ଅଭିବୃଦ୍ଧି ସହ୧୦୬୪କୋଟି ଟଙ୍କାର ନିଟ୍ ଲାଭ ଅର୍ଜନ କରିଛି। ଯାହା ପୂର୍ବ ବର୍ଷର ସମାନ ତ୍ରୈମାସିକରେ ୬୦୧କୋଟି ଟଙ୍କା ଥିଲା। ଚଳିତ ତ୍ରୈମାସିକରେ କମ୍ପାନୀ ମଧ୍ୟ ୩୮୦୭କୋଟି ଟଙ୍କାର ବ୍ୟବସାୟ କରିଛି। ନାଲକୋ ବୋର୍ଡ ପକ୍ଷରୁ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ଟ୨.୫୦ଙ୍କା ହିସାବରେ ୪୫୯.୧୬କୋଟି ଟଙ୍କା ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହା ଆଗାମୀ ୪୪ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକ ମାନଙ୍କ ଅନୁମୋଦନ ନିମନ୍ତେଉ ପସ୍ଥାପନା କରାଯିବ। ଏଥିସହ, ୨୦୨୪-୨୫ଆର୍ଥିକ ବର୍ଷ ପାଇଁ ମୋଟ ଲାଭାଂଶ ପ୍ରଦାନ ପରିମାଣ ୧୯୨୮.୪୬ କୋଟି ଟଙ୍କା ହେବ। ନାଲକୋ ବୋର୍ଡର ସକ୍ଷମ ମାର୍ଗଦର୍ଶନ ତଥା କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଫଳରେ କମ୍ପାନୀ ପ୍ରଥମ ତ୍ରୈମାସିକର ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି ବୋଲି ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି। ଶ୍ରୀ ସିଂହ ଆହୁରି ମଧ୍ୟ କହିଛନ୍ତି ଯେ, କମ୍ପାନୀର ଦୃଢ଼ ଫଳାଫଳ ମୂଲ୍ୟ-ଦକ୍ଷ କାର୍ଯ୍ୟ, ଅନୁକୂଳ ଘରୋଇ ବ୍ୟବସାୟିକ ପରିବେଶ, ଏବଂ ସାମଗ୍ରିକ ଟେକ୍ନୋ-ଅର୍ଥନୈତିକ ପାରାମିଟରରେ ଉନ୍ନତିର ମିଶ୍ରଣ ଦ୍ୱାରା ସମ୍ଭବହୋଇଛି।

## ଇଣ୍ଡସ୍ ଆପଷ୍ଟୋର ପକ୍ଷରୁ ସହଯୋଗିତା ଘୋଷଣା

ନୂଆଦିଲ୍ଲୀ: ଇଣ୍ଡସ୍ ଆପଷ୍ଟୋର ପକ୍ଷରୁ ଆଲକାଟେଲ୍ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ଘୋଷଣା କରାଯାଇଛି। ଏହି ଦୀର୍ଘମିଆଦି ଭାଗିଦାରୀ ଅନ୍ତର୍ଗତ ଇଣ୍ଡସ୍ ଆପଷ୍ଟୋର ଭାରତର ସମସ୍ତ ଆଲକାଟେଲ୍ ସ୍ମାର୍ଟଫୋନରେ ଏକ ପ୍ରି-ଇନ୍‌ଷ୍ଟଲ୍ ଆପ୍ ଷ୍ଟୋର ଭାବେ ଉପଲବ୍ଧ ହେବ। ଫୋନପେ'ସ ଇଣ୍ଡସ୍ ଆପଷ୍ଟୋରରେ ୪୫ଟି ବିଭାଗରେ ଯାଂଚ ହୋଇଥିବା ମୋବାଇଲ୍ ଆପ୍ ଏବଂ ଗେମ୍ସର ଏକ ବିଶାଳ ସଂଗ୍ରହ ରହିଛି। ଏହା ୧୨ଟି ଭାରତୀୟ ଭାଷାକୁ ସମର୍ଥନ କରୁଛି ଏବଂ ୧୦ଟି ଆଂଚଳିକ ଭାଷାରେ ଭଏସ୍ ସର୍ଚ୍ଚ ସୁବିଧା ଦେଉଛି ଏବଂ ଏକ ଭିଡିଓ ଆଧାରିତ ଆପ୍ ଅନ୍ୱେଷଣ ଅନୁଭୂତି ପ୍ରଦାନ କରଛି ଯାହା ବ୍ୟବହାରକାରୀଙ୍କୁ ଡାଉନଲୋଡ୍ କରିବା ପୂର୍ବରୁ ଆପଗୁଡ଼ିକୁ ପ୍ରିଭ୍ୟୁ କରିବାର ସୁଯୋଗ ଦେଉଛି। ଇଣ୍ଡସ୍ ଆପଷ୍ଟୋରର ମୁଖ୍ୟ ବ୍ୟବସାୟିକ ଅଧିକାରୀ ପ୍ରିୟା ଏମ୍. ନରସିଂହନ କହିଛନ୍ତି ଯେ, 'ଆମେ ଆଲକାଟେଲ୍ ସହିତ ଭାରତରେ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଡ଼ି ହୋଇଥିବାରୁ ଖୁସି। ଏନ୍‌କ୍ୱଟିସେଲ୍ ଇଣ୍ଡିଆର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଆତୁଲ୍ ବିକେକ୍ କହିଛନ୍ତି ଯେ, 'ଯେତେବେଳେ ଆମେ ଆଲକାଟେଲ୍ ସ୍ମାର୍ଟଫୋନଗୁଡ଼ିକୁ ଭାରତୀୟ ବଜାରରେ ପୁନର୍ବାର ଆଣିବାକୁ ପ୍ରସ୍ତୁତ ହେଉଛୁ। ଆମର ଧ୍ୟାନ ସ୍ଥାନୀୟ ନବୀନତା ମାଧ୍ୟମରେ ଅର୍ଥପୂର୍ଣ୍ଣ ପାର୍ଥକ୍ୟ ସୃଷ୍ଟି କରିବା ଉପରେ ରହିଛି। ଫୋନପେର ଇଣ୍ଡସ୍ ଆପଷ୍ଟୋର ସହିତ ଭାଗିଦାରୀ ଆମକୁ ପ୍ରଥମ ବୁଟ୍‌ରୁ ଭାରତୀୟ ପସନ୍ଦକୁ ଅନୁକୂଳ ଏକ ଡିଜିଟାଲ୍ ଅନୁଭୂତି ପ୍ରଦାନ କରିବାର ସୁଯୋଗ ଦେଉଛୁ। ସେମାନେ ଆରମ୍ଭରୁ ଆମ ଯାତ୍ରାର ଏକ ଅଭିନ୍ନ ଅଂଶ ଥିଲେ ଏବଂ ଆମେ ଏକ ଦୀର୍ଘମିଆଦି ଭାଗିଦାରୀ ଆଶା କରୁଛୁ। ଏହି ସହଯୋଗ ଆମର ଉପଭୋକ୍ତାମାନଙ୍କ ପାଇଁ ନବୀନତା ଏବଂ ବିଶ୍ୱସନୀୟତା ସକ୍ଷମ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପୁନର୍ବାର ନିଶ୍ଚିତ କରୁଛି।'

## ଗ୍ରୁପ୍-ସଭାପତି ଫାଇନାନ୍ସ ଭାବେ ଆନନ୍ଦ ଅଗ୍ରୱାଲ୍‌ଙ୍କୁ ନିଯୁକ୍ତି



ନୂଆଦିଲ୍ଲୀ: ହିନ୍ଦୁଜା ଗ୍ରୁପ୍ ପକ୍ଷରୁ ଆନନ୍ଦ ଅଗ୍ରୱାଲ୍‌ଙ୍କୁ ଗ୍ରୁପ୍ ସଭାପତି-ଫାଇନାନ୍ସ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ପ୍ରାୟ ତିନି ଦଶନ୍ଧିର ଅଭିଜ୍ଞତା ସହିତ ଶ୍ରୀ ଅଗ୍ରୱାଲ୍ କୃଷି ଇନ୍‌ପୁଟ୍, ଭିତ୍ତିଭୂମି (ଶକ୍ତି), ଏଫଏମସିଜି, ଆର୍ଥିକ ସେବା, ସିମେଣ୍ଟ, ଧାତବ ଓ ବ୍ୟାଙ୍କିଂ ପେମେଂଟ୍ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। କର୍ପୋରେଟ୍ ଫାଇନାନ୍ସ, ଟ୍ରେଜେରି, ମିଶ୍ରଣ ଓ ଅଧିଗ୍ରହଣ, ପୁଂଜିକରଣନୀତି ଓ ନିବେଶକ ସମ୍ପର୍କରେ ତାଙ୍କର ଗଭୀର ଅଭିଜ୍ଞତା ରହିଛି। ଏହି ନିଯୁକ୍ତି ସମ୍ପର୍କରେ ହିନ୍ଦୁଜା ଗ୍ରୁପର ଗ୍ରୁପ୍ ସଭାପତି-ଏଚ୍‌ଆର୍ ଅମିତ ଚିଞ୍ଚୋଲିକର କହିଛନ୍ତି ଯେ, 'ଗ୍ରୁପ୍‌ର ବ୍ୟବସାୟ ସମ୍ପ୍ରସାରଣର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରିଥିବାରୁ ଦୃଢ଼ ଆର୍ଥିକ ନେତୃତ୍ୱ ଜରୁରୀ ହୋଇ ପଡ଼ିଛି। କର୍ପୋରେଟ୍ ଫାଇନାନ୍ସଏବଂ ଅଧିଗ୍ରହଣ ଓ ମିଶ୍ରଣରେ ଆନନ୍ଦଙ୍କ ବ୍ୟାପକ ଅଭିଜ୍ଞତା ଥିବାବେଳେ ବୃହତ୍ ଧରଣର ଆର୍ଥିକରଣ ନୀତି ପରିଚାଳନା କରିବାରେ ତାଙ୍କ ଅଭିଜ୍ଞତା ଗ୍ରୁପ୍‌ର ଅଭିବୃଦ୍ଧିକୁ ବଢ଼ାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ। ହିନ୍ଦୁଜା ଗ୍ରୁପ୍‌ର ଗ୍ରୁପ୍ ସଭାପତି-ଫାଇନାନ୍ସ ଆନନ୍ଦ ଅଗ୍ରୱାଲ୍ କହିଛନ୍ତି ଯେ, 'ଆର୍ଥିକ ଫ୍ରେମ୍ୱର୍କକୁ ସୁଦୃଢ଼ କରି ଏବଂ ସାରାବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକୁ ସମର୍ଥନ କରି ହିନ୍ଦୁଜା ଗ୍ରୁପ୍‌ର ଅଭିବୃଦ୍ଧିକୁ ବଜାୟ ରଖିବା ପ୍ରତିଯୋଗଦାନ ଦେବାକୁ ଆମେ ଚାହି ରହିଛୁ। ଶ୍ରୀ ଅଗ୍ରୱାଲ୍ ସଫଳତାର ସହ ଅନ୍ତର୍ଜାତୀୟ ପିଇ ଫଣ୍ଡ, ପେନସନ୍ ଫଣ୍ଡ ଓ ସୋଭରେନ୍ ଓ୍ୱେଲଥ ଫଣ୍ଡରୁ ଇକ୍ୱିଟି ପାଣ୍ଠି ସଂଗ୍ରହ କରିଛନ୍ତି। ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଧିଗ୍ରହଣ ଓ ମିଶ୍ରଣର ସେ ପରିଚାଳନା କରିଛନ୍ତି। ହିନ୍ଦୁଜାଗ୍ରୁପ୍‌ରେ ଯୋଗଦେବା ପୂର୍ବରୁ ସେ ଚମ୍ବଲ ଫର୍ଟିଲାଇଜର ଆଣ୍ଡ କେମିକାଲ୍ସରେ ମୁଖ୍ୟବିତ ଅଧିକାରୀଭାବେ କାର୍ଯ୍ୟ କରୁଥିଲେ। ସେଟାଟା ପାୱାର, ପିପଲ କ୍ୟାପିଟାଲ ପିଇ, ଏଜିଏସ ଟ୍ରାନ୍ସଟେକ୍ନୋଲୋଜିସ୍, ଆଦିତ୍ୟ ବିର୍ଲା ଗ୍ରୁପ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଆଇଟିସି ଲିମିଟେଡ୍‌ରେ ବରିଷ୍ଠ ପଦରେ କାମ କରିଥିଲେ।

## ଏଡବ୍ଲ୍ୟୁଏସର ନୂଆ ଏଆଇ ପଦ୍ଧତି ଉନ୍ମୋଚିତ

ନୂଆଦିଲ୍ଲୀ: ଏଡବ୍ଲ୍ୟୁଏସ ପକ୍ଷରୁ ବେଙ୍ଗାଲୁରୁରେ ଏହାର ଏଡବ୍ଲ୍ୟୁଏସ ଡେଭ୍‌ସ୍ୱିଅର ୨୦୨୫ ଇଭେଂଟରେ ଜେନେରେଟିଭ ଏଆଇର ବ୍ୟବହାର କରି ସଫ୍ଟୱେୟାର ବିକଶିତ କରିବା ପାଇଁ ଏକ ନୂତନ ପଦ୍ଧତିର ଉନ୍ମୋଚନ କରାଯାଇଛି। ଆଜେନ୍‌ଟିକ ଏଆଇର ଭିପି ସ୍ୱାମୀ ଶିବସୁବ୍ରମଣ୍ୟନ ଏହି ଇଭେଂଟରେ ଏଆଇ-ପରିଚାଳିତ ଡେଭ୍‌ଲପମେଂଟ ଲାଇଫସାଇକେଲ (ଏଆଇ-ଡିଏଲସି) ପଦ୍ଧତିର ଉନ୍ମୋଚନ କରିଥିଲେ । ଏହି ପଦ୍ଧତି ବ୍ୟତୀତ ସେ ଏଡବ୍ଲ୍ୟୁଏସ ଏଆଇ-ନାଟିଭ ବିଲ୍ଡର୍ସ କମ୍ୟୁନିଟିର ଲଂଚ ଘୋଷଣା କରିଛନ୍ତି । ଏଡବ୍ଲ୍ୟୁଏସ ଏକ ପହଂଚଯୋଗ୍ୟ ଏଆଇ-ନାଟିଭ ପଦ୍ଧତି- ଏଆଇ-ଚାଳିତ ଡେଭ୍‌ଲପମେଂଟ ଲାଇଫସାଇକେଲ (ଏଆଇ-ଡିଏଲ୍‌ସି)ର ଶୁଭାରମ୍ଭ କରିଛି । ପାରମ୍ପରିକ ସଫ୍ଟୱେୟାର ଡେଭ୍‌ଲପମେଂଟ ପଦ୍ଧତିଗୁଡିକ ବିପରୀତରେ ଏଆଇ-ଡିଏଲସି କାର୍ଯ୍ୟ ଆରମ୍ଭରୁ, ନିର୍ମାଣ ଓ ପରିଚାଳନା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପରେ ମାନବିକ ତଦାରଖ ସହିତ ସଫ୍ଟୱେୟାର ଡେଭ୍‌ଲପମେଂଟର ପ୍ରତ୍ୟେକ ପର୍ଯ୍ୟାୟରେ ଏଆଇକୁ ପ୍ରଭାବୀ ରୂପେ ପ୍ରୟୋଗ କରିବା ପାଇଁ ଏକ ବ୍ୟବହାରିକ ପଦ୍ଧତି ପ୍ରଦାନ କରିଥାଏ। ଏହି ପଦ୍ଧତି ଡେଭ୍‌ଲପମେଂଟ ଟିମକୁ ରଣନୈତିକ କାର୍ଯ୍ୟ ଉପରେ ଧ୍ୟାନ ଦେବାରେ ସାହାଯ୍ୟ କରିଥାଏ, ଅନ୍ୟପକ୍ଷରେ ଏଆଇ ୱର୍କଫ୍ଲୋ ଅର୍କେଷ୍ଟ୍ରେଶନ, ଟାସ୍କ ବ୍ରେକଡାଉନ, କୋଡିଂ, ଟେଷ୍ଟିଂ ଓ ଡିପ୍ଲୟମେଂଟ ଭଳି କାର୍ଯ୍ୟଗୁଡିକୁ ପରିଚାଳନା କରିଥାଏ। ଏ ସମ୍ପର୍କରେ ପର୍ସିଷ୍ଟେଂଟ ସିଷ୍ଟମ୍‌ସରେ ଜେନେରେଟିଭ ଏଆଇ ପାଇଁ ବରିଷ୍ଠ ଉପାଧ୍ୟକ୍ଷ ଏବଂ କମ୍ୟୁନିଟିର ଜଣେ ପ୍ରତିଷ୍ଠାତା ସଦସ୍ୟ ନିଲ ଫଙ୍କ୍ କହିଛନ୍ତି, 'ଏହି କାରଣରୁ ଆମେ ଲିଡର ଓ ଉଦ୍ଭାବକଙ୍କର ଏହି କମ୍ୟୁନିଟି ବା ସମୁଦାୟ ଗଠନ କରିଛୁ ଯେଉଁମାନେ ବିଭିନ୍ନ ଶିଳ୍ପରେ ଏଆଇ ସହିତ ସଫ୍ଟୱେୟାର୍ ଡେଲିଭରିର ନିର୍ମାଣ, ସ୍କେଲିଂ ଓ ଉନ୍ନତିକରଣ କ୍ଷେତ୍ରରେ ଆଗରେ ରହିଛନ୍ତି।' ଏଜେଂଟସ- ଅଟୋନୋମସ ସଫ୍ଟୱେୟାରଗୁଡିକ ସ୍ୱୟଂଚାଳିତ ଭାବେ ତର୍କ ଓ ଯୋଜନା କରିବା ଓ ଅନୁକୂଳ ହେବା ପାଇଁ ଏଆଇର ବ୍ୟବହାର କରି ସିଷ୍ଟମଗୁଡିକର କାର୍ଯ୍ୟ ଶୈଳୀକୁ ପରିବର୍ତ୍ତନ କରୁଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଫ୍ରାନ୍ସର ପ୍ୟାରିସ୍‌ଠାରେ ଚଳିତ ଅଗଷ୍ଟ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍ ଖେଳିବାକୁ ମନୋନୀତ ହୋଇଛନ୍ତି ରାଜ୍ୟର ସଫଳତମ ମହିଳା ବ୍ୟାଡମିଣ୍ଟନ୍ ଯୋଡ଼ି ତଥା ଦୁଇ ଭଉଣୀ ରତୀପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ପଣ୍ଡା। କିଟ୍ ବିଶ୍ୱବିଦ୍ୟାଳୟରେ ପାଠପଢ଼ୁଥିବା ରତୀପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ତଥା ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଏହି ବିଶ୍ୱବିଦ୍ୟାଳୟ ତଥା ରାଜ୍ୟ ସରକାର ଦେଇ ଆସୁଥିବା ସମର୍ଥନ ଓ ସହଯୋଗ ଲାଗି କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ଏହି ସହାୟତା ଯଦି ଆଉ ଟିକିଏ ସମୟୋପଯୋଗୀ ହୋଇପାରନ୍ତା, ତାହେଲେ ସେମାନେ ଅଧିକ ଉପକୃତ ହୋଇପାରନ୍ତେ ବୋଲି ମତ ରଖିଛନ୍ତି। ସେହିଭଳି ତାଙ୍କ ଭିତରେ ବିଶ୍ୱ ଚାମ୍ପିଅନସିପ୍ ଖେଳିବାକୁ ଯାଉଥିବାରୁ ଏବଂ ଜାତୀୟ ପ୍ରଶିକ୍ଷଣ ଶିବିରରୁ ବଞ୍ଚିତ ହୋଇ ନଥିବାରୁ ଭାରତ ସରକାର ସେମାନଙ୍କ ଗସ୍ତ ଖର୍ଚ୍ଚ ବହନ କରିବାର ସମ୍ଭାବନା କମ୍ ରହିଛି। ସେଥିପାଇଁ ନିଜ ଖର୍ଚ୍ଚରେ ଦୁଇ ଜଣ ଯାକ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଏକପ୍ରକାର ବାଧ ହୋଇଛନ୍ତି। ଏଣୁ ପ୍ୟାରିସ୍ ଯିବା ପାଇଁ ଉଭୟ ସହାୟତା ଲାଗି ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ରତୀପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ସଂପ୍ରତି ବିଶ୍ୱମାନ୍ୟତାରେ ୩୧ତମ ସ୍ଥାନରେ ରହିଛନ୍ତି। ସେମାନେ ମଧ୍ୟ ବିଶ୍ୱ ଚାମ୍ପିଅନସିପ୍ ଖେଳିବାରେ ଓଡ଼ିଶାର ପ୍ରଥମ ମହିଳା ବ୍ୟାଡମିଣ୍ଟନ୍ ଖେଳାଳି ହେବାକୁ ଯାଉଛନ୍ତି। ରତୀପର୍ଣ୍ଣାଙ୍କଠାରୁ ସାନ ଭଉଣୀ ଶ୍ୱେତାପର୍ଣ୍ଣା ବ୍ୟାଡମିଣ୍ଟନ୍‌ର ଅନେକ କଳାକୌଶଳ ଶିଖିଛନ୍ତି। ଶ୍ୱେତାପର୍ଣ୍ଣାଙ୍କ ଶାନ୍ତ ସ୍ୱଭାବ ଏବଂ ନିଜ ଉପରେ ଥିବା ନିୟନ୍ତ୍ରଣ ତାଙ୍କୁ କୋର୍ଟରେ ଆହୁରି ଭଲ କରିବାକୁ ଅନୁପ୍ରେରିତ କରିଥାଏ ବୋଲି ରତୀପର୍ଣ୍ଣା କହିଛନ୍ତି।

## ଅଷ୍ଟ୍ରେଲିଆ ଗସ୍ତରେ ଯିବେ ବିରାଟ ଓ ରୋହିତ



ନୂଆଦିଲ୍ଲୀ: ଭାରତୀୟ ଟିମ୍‌ର ଦୁଇ ପ୍ରମୁଖ ସଦସ୍ୟ ହେଉଛନ୍ତି ବିରାଟ କୋହଲି ଓ ରୋହିତ ଶର୍ମା। ଉଭୟ ନିକଟରେ ଟେଷ୍ଟ କ୍ରିକେଟ ଓ ଏହାପୂର୍ବରୁ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଉଭୟ କେବଳ ଭାରତ ପାଇଁ ଦିନିକିଆ ମ୍ୟାଚ୍ ଖେଳିବେ। ଏବେ ମିଳିଥିବା ଖବର ଅନୁସାରେ, ଆସନ୍ତା ଅକ୍ଟୋବରରେ ଉଭୟଙ୍କୁ ଭାରତ ପାଇଁ ଖେଳୁଥିବାର ଦେଖିବାକୁ ମିଳିପାରେ। କାରଣ ଆସନ୍ତା ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଦିନିକିଆ ସିରିଜ ଖେଳିବାକୁ ଯିବ ଭାରତ। ଏହି ସମୟରେ ଦୁଇ ତାରକା ନଜର ଆସିପାରନ୍ତି। ଚଳିତ ବର୍ଷ ବହୁତ କମ ସଂଖ୍ୟକ ଦିନିକିଆ ସିରିଜ ଖେଳା ଯିବାର ରହିଛି। ତେଣୁ ବିରାଟ ଓ ରୋହିତ ମଧ୍ୟ ଭାରତ ପାଇଁ ଖୁବ କମ ମ୍ୟାଚ ଖେଳିବେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦିନିକିଆ ସିରିଜ ଅକ୍ଟୋବର ୧୯ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ପର୍ଥରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଆଡିଲେଡରେ ଅକ୍ଟୋବର ୨୩ରେ ଅନୁଷ୍ଠିତ ହେବ। ସିରିଜର ଶେଷ ମ୍ୟାଚ୍ ଅକ୍ଟୋବର ୨୫ରେ ସିଡନୀରେ ଖେଳାଯିବ। ଦିନିକିଆ ସିରିଜ ଅକ୍ଟୋବରରୁ ଆରମ୍ଭ ହେଉଥିବା ବେଳେ ଏବେଠାରୁ ବିରାଟ ଓ ରୋହିତଙ୍କୁ ଦେଖିବା ପାଇଁ ଫ୍ୟାନ୍ସ ବେଶ ଉତ୍ସାହିତ ହୋଇ ପଡ଼ିଛନ୍ତି।

## ପୁରସ୍କାର ଗ୍ରହଣ କରିବାକୁ ମନା କରିଥିଲେ ସିରାଜ

ଓଭାଲ: ଓଭାଲ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଭାରତର ରୋମାଞ୍ଚକର ୬ ରନ ବିଜୟକୁ ସର୍ବକାଳିନ ପାଇଁ ଟେଷ୍ଟ କ୍ରିକେଟର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ମଧ୍ୟରେ ଗଣନା କରାଯିବ। ପଞ୍ଚମ ଦିନରେ, ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ପାଇଁ ଭାରତ ଇଂଲଣ୍ଡକୁ ୩୬୭ ରନରେ ଅଲଆଉଟ କରିଦେଇଥିଲା। ସିରାଜ ସେହି ମ୍ୟାଚରେ ମୋଟ ୯ ଉଇକେଟ ନେଇଥିଲେ, ଯାହା ପାଇଁ ତାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ମ୍ୟାଚ ପରେ, ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ଦେଇଥିଲା, କିନ୍ତୁ ସିରାଜ ସେହି ଉପହାର ଗ୍ରହଣ କରିବାକୁ ମନା କରିଦେଇଥିଲା। ଓଭାଲ ଟେଷ୍ଟ ପରେ, ମହମ୍ମଦ ସିରାଜଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ମନୋନୀତ କରାଯାଇଥିଲା। ଗୌତମ ଗମ୍ଭୀର ଏବଂ ବ୍ରେଣ୍ଡନ ମ୍ୟାକକୁଲମ ଯଥାକ୍ରମେ ହ୍ୟାରି ବ୍ରୁକ ଏବଂ ଶୁବମାନ ଗିଲଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ଭାବରେ ବାଛିଥିଲେ। ମ୍ୟାଚ ପରେ ଇସିବି ଏହି ପୁରସ୍କାର ବିଜେତାମାନଙ୍କୁ ଉପହାର ସ୍ୱରୂପ ସାମ୍ପେନର ଏକ ବୋତଲ ଦେଇଥିଲା, କିନ୍ତୁ ମହମ୍ମଦ ସିରାଜ ଏହାକୁ ଗ୍ରହଣ କରିବାକୁ ମନା କରିଥିଲେ, କିନ୍ତୁ ସେ ସିରାଜଙ୍କ ପ୍ରତି ସମ୍ମାନ ଜଣାଇ ବୋତଲ ଖୋଲି ନ ଥିଲେ। ମହମ୍ମଦ ସିରାଜ ସାମ୍ପେନର ବୋତଲ ଗ୍ରହଣ କରି ନ ଥିଲେ କାରଣ ଇସଲାମରେ ମଦ୍ୟପାନକୁ ହରାମ ବୋଲି ବିବେଚନା କରାଯାଏ। ସିରାଜ ଏହି ବର୍ଷ ଆଇପିଏଲ୍ ୨୦୨୫ ଆରମ୍ଭ ହେବା ପୂର୍ବରୁ ହଜ ତୀର୍ଥଯାତ୍ରାରେ ମଧ୍ୟ ଯାଇଥିଲେ। ମହମ୍ମଦ ସିରାଜ ଭାରତ ବନାମ ଇଂଲଣ୍ଡ ଟେଷ୍ଟ ସିରିଜରେ ସର୍ବାଧିକ ଓଭର ବୋଲିଂ କରିଥିବା ଏବଂ ସର୍ବାଧିକ ଉଇକେଟ ନେଇଥିବା ବୋଲର ଥିଲେ।

## ଏସିଆ କପ୍‌ରୁ ବାଦ୍ ପଡିବେ ଋଷଭ ପନ୍ତ !



ମୁମ୍ବାଇ: ଭାରତର ୱିକେଟ କିପର ବ୍ୟାଟ୍ସମ୍ୟାନ ଆସନ୍ତା ସେପ୍ଟେମ୍ବର ମାସରେ ହେବାକୁ ଥିବା ଏସିଆ କପ ଓ ଅକ୍ଟୋବରରେ ହେବାକୁ ଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରୁ ବାଦ ପଡ଼ିବାର ଆଶଙ୍କା ରହିଛି। ମାଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍ ପ୍ରଥମ ଦିନରେ ପନ୍ତ ଆହତ ହୋଇଥିଲେ। ଦ୍ରୁତ ବୋଲର କ୍ରିସ୍ ୱୋକ୍ସଙ୍କ ଏକ ବଲ୍ ତାଙ୍କ ଜୋତାରେ ବାଜିଥିଲା, ଯାହା ତାଙ୍କ ପାଦର ଆଙ୍ଗୁଠି ଭାଙ୍ଗି ଦେଇଥିଲା। ଏହା ପରେ ସେ ୬ ସପ୍ତାହ ପାଇଁ ଟିମ୍ ଇଣ୍ଡିଆରୁ ବାହାରେ ଥିଲେ। ଏବେ ଖବର ଆସୁଛି ଯେ ଋଷଭ ପନ୍ତ ସେପ୍ଟେମ୍ବର ୯ରୁ ଅନୁଷ୍ଠିତ ହେବାକୁ ଥିବା ଏସିଆ କପରୁ ବାହାର ହେବେ। ଏହା ବ୍ୟତୀତ ସେ ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ସିରିଜ୍‌ରୁ ମଧ୍ୟ ବାହାର ହୋଇପାରନ୍ତି। ଟିମ୍ ଇଣ୍ଡିଆ ଅକ୍ଟୋବର ୨ରୁ ଘରୋଇ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ପନ୍ତ ଇଂଲଣ୍ଡରେ ବ୍ୟାଟ୍ ସହିତ ବହୁତ ଭଲ ପ୍ରଦର୍ଶନ କରିଥିଲେ ଏବଂ ଦୁଇଟି ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ, କିନ୍ତୁ ଏବେ ଆହତ କାରଣରୁ ସେ କିଛି ଦିନ ପାଇଁ ପଡ଼ିଆରୁ ଦୂରରେ ରହିବେ।

## ଦି ହଣ୍ଡ୍ରେଡ୍ ୨୦୨୫ରୁ ବାଦ୍ ପଡିଲେ ବ୍ରାଇଡନ୍ କ୍ରାସ



ନୂଆଦିଲ୍ଲୀ: ଇଂଲଣ୍ଡର ଡାକ୍ତରୀ କର୍ମଚାରୀଙ୍କ ସହ ପରାମର୍ଶ ପରେ ଇଂଲଣ୍ଡର ଦ୍ରୁତ ବୋଲର ବ୍ରାଇଡନ୍ କାର୍ସେଙ୍କୁ ଦି ହଣ୍ଡ୍ରେଡ୍ ୨୦୨୫ ପାଇଁ ବିଶ୍ରାମ ଦିଆଯାଇଛି। ନର୍ଦର୍ଣ୍ଣ ସୁପରଚାର୍ଜର୍ସ ତାଙ୍କ ସ୍ଥାନରେ ଲ୍ୟାଙ୍କାଶାୟାର ଦ୍ରୁତ ମିଚେଲ ଷ୍ଟାନଲିଙ୍କୁ ନେବେ। 'ଭାରତ ବିପକ୍ଷରେ ଏକ ଲମ୍ବା ସିରିଜ ଶେଷରେ ଏବଂ ଡାକ୍ତରୀ କର୍ମଚାରୀଙ୍କ ସହ ପରାମର୍ଶ ପରେ, ମୁଁ ଦୁଃଖର ସହିତ ଏହି ବର୍ଷ ଦ ହଣ୍ଡ୍ରେଡ୍ ରେ ନର୍ଦର୍ଣ୍ଣ ସୁପରଚାର୍ଜର୍ସ ପାଇଁ ଖେଳିପାରିବି ନାହିଁ,' କ୍ରାସ କହିଛନ୍ତି। 'ମୁଁ ସାଇଡ୍ଲାଇନ୍‌ରୁ ଦେଖିବା ଏବଂ ଭବିଷ୍ୟତରେ ପୁଣି ଦଳକୁ ପ୍ରତିନିଧିତ୍ୱ କରିବାକୁ ଅପେକ୍ଷା କରିଛି।' ଡର୍ହାମ ପେସର ଭାରତ ବିପକ୍ଷରେ ସମ୍ପ୍ରତି ଶେଷ ହୋଇଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିରେ ଭାରୀ ବୋଲିଂ କାର୍ଯ୍ୟଭାର ବହନ କରିଥିଲେ, ଓଭାଲରେ ଶେଷ ଟେଷ୍ଟ ପାଇଁ ବିଶ୍ରାମ ନେବା ପୂର୍ବରୁ ଚାରୋଟି ଟେଷ୍ଟରେ ୧୫୫ ଓଭର ପକାଇଥିଲେ। ଇଂଲଣ୍ଡ ପାଇଁ ଏକ ବ୍ୟସ୍ତ କ୍ରିକେଟ କାର୍ଯ୍ୟସୂଚୀ - ସେପ୍ଟେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଧଳା ବଲ୍ ସିରିଜ୍ ଏବଂ ବଡ଼ ଆଶେସ୍ ସିରିଜ୍ ପୂର୍ବରୁ ଆଗାମୀ କିଛି ମାସ ମଧ୍ୟରେ ଆୟରଲ୍ୟାଣ୍ଡ ଏବଂ ନ୍ୟୁଜିଲାଣ୍ଡ ଗସ୍ତ ସହିତ ତାଙ୍କର କାର୍ଯ୍ୟଭାର ପରିଚାଳନା କରିବାର ଏକ ଉପାୟ ଭାବରେ ବାକି ପଡ଼ିଛି। ଇଂଲଣ୍ଡ ମଧ୍ୟ ଏହି ଦ୍ରୁତ ବୋଲରଙ୍କ ପ୍ରତି ସତର୍କ ରହିଛି ଯିଏ ୨୦୨୫ ଆରମ୍ଭରେ ଭାରତ ଧଳା ବଲ୍ ଗସ୍ତ ସମୟରେ ପାଦରେ ଆଘାତ ପାଇଥିଲେ ଏବଂ ପରବର୍ତ୍ତୀ ଚାମ୍ପିଅନ୍ସ ଟ୍ରଫିରୁ ବଞ୍ଚିତ ହୋଇଥିଲେ କାରଣ ସେ ତିନି ମାସ ପାଇଁ ବାସନ୍ଦ ହୋଇଥିଲେ।

## ଆର୍‌ଟିଆଇ ଅଧୀନକୁ ଆସିବନି ବିସିସିଆଇ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଇଁ ଏହା ବଡ଼ ଆଶ୍ୱସ୍ତି। ଜାତୀୟ କ୍ରୀଡ଼ା ପରିଚାଳନା ବିଧେୟକ-୨୦୨୫ରେ ସଂଶୋଧନ କରିଛି କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ। ଏହା ଅନୁସାରେ, ଯେଉଁ ଜାତୀୟ କ୍ରୀଡ଼ା ମହାସଂଘ କେନ୍ଦ୍ର ସରକାରଙ୍କଠାରୁ ବାର୍ଷିକ ଅନୁଦାନ ଓ ସହାୟତା ପାଇଥାଆନ୍ତି; କେବଳ ସେହିମାନେ ସୂଚନା ଅଧିକାର ଆଇନ୍ (ଆରଟିଆଇ) ପରିସରଭୁକ୍ତ ହେବେ। ପୂର୍ବରୁ ବିସିସିଆଇ ଯୁକ୍ତି ବାଢ଼ି ଆସିଥିଲା ଯେ ଏହା ଏକ ସ୍ୱୟଂଶାସିତ କ୍ରୀଡ଼ା ସଂଘ। ଏହା ଆଇସିସି ଅଧୀନରେ ରହିଛି। ବିସିସିଆଇର ନିଜସ୍ୱ ସମ୍ବିଧାନ ରହିଛି; ଯାହା ଆଇସିସି ଦ୍ୱାରା ଅନୁମୋଦିତ। ଅନ୍ୟ ଜାତୀୟ କ୍ରୀଡ଼ା ମହାସଂଘ ପରି ଏହା ସରକାରଙ୍କଠାରୁ ଅନୁଦାନ ନିଏନାହିଁ। ଏହା ନିଜେ ରାଜସ୍ୱ ଆୟ କରି ଦେଶରେ କ୍ରିକେଟ୍ ପରିଚାଳନା କରିଥାଏ। ସମସ୍ତ ରାଜ୍ୟ କ୍ରିକେଟ୍ ସଂଘ ମଧ୍ୟ ବିସିସିଆଇ ପ୍ରଦତ୍ତ ଅର୍ଥରେ କ୍ରିକେଟ୍ ଚଳାଇ ଥାଆନ୍ତି। ତେଣୁ ସୂଚନା ଅଧିକାର ଆଇନ୍ ପରିସରଭୁକ୍ତ ହେବନାହିଁ ବୋଲି ବିସିସିଆଇ ଦାବି କରି ଆସୁଥିଲା। କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ଜାତୀୟ କ୍ରୀଡ଼ା ପରିଚାଳନା ବିଧେୟକରେ ସଂଶୋଧନ କରିବା ପରେ ବିଶ୍ୱର ସବୁଠାରୁ ଧନଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇ ଆଶ୍ୱସ୍ତ ହୋଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡଭ୍ୟ ଜୁଲାଇ ୨୩ରେ ଲୋକସଭାରେ ଜାତୀୟ କ୍ରୀଡ଼ା ପରିଚାଳନା ବିଧେୟକ ଆଗତ କରିଥିଲେ। ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକରେ ସ୍ୱଚ୍ଛତା ଓ ସଂସ୍କାର ଆଣିବା, ଉତ୍ତର ଦାୟିତ୍ୱ ବୃଦ୍ଧି କରିବା, ବିବାଦକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଜାତୀୟ କ୍ରୀଡ଼ା ବିଧେୟକ ଆଗତ ହୋଇଛି। ସମସ୍ତ ଜାତୀୟ କ୍ରୀଡ଼ା ମହାସଂଘକୁ ସୂଚନା ଅଧିକାର ଆଇନ୍ ୨୦୦୫ ଅଧୀନକୁ ଆଣିବାର ବ୍ୟବସ୍ଥା ଏହି ବିଧେୟକରେ ରହିଛି। କ୍ରୀଡ଼ା ପରିଚାଳନା ବିଧେୟକ ସଂସଦରେ ପାରିତ ହେବା ପରେ ଏହା ଆଇନ୍‌ରେ ପରିଣତ ହେବ। ତେବେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ଜାତୀୟ କ୍ରୀଡ଼ା ବିଧେୟକରେ ଆଣିଥିବା ସଂଶୋଧନ ଅନୁସାରେ, ଯେଉଁ ଜାତୀୟ କ୍ରୀଡ଼ା ମହାସଂଘ ସରକାରଙ୍କଠାରୁ ଅନୁଦାନ ଓ ସହାୟତା ନେଉନାହାନ୍ତି; ସେମାନଙ୍କୁ ସାର୍ବଜନିନ କର୍ତ୍ତୃପକ୍ଷ/ସଂସ୍ଥା ଭାବେ ଗଣନା କରାଯିବ ନାହିଁ। ତେଣୁ ସେମାନଙ୍କୁ ସୂଚନା ଅଧିକାର ଆଇନ୍ ପରିସରଭୁକ୍ତ କରାଯିବ ନାହିଁ। ତେବେ ସରକାରଙ୍କଠାରୁ ବିସିସିଆଇ ଅନୁଦାନ ଓ ସହାୟତା ନେଉ ନଥିବାରୁ ଏହା ଆରଟିଆଇ ଅଧୀନକୁ ଆସିବ ନାହିଁ। ତେବେ ସରକାରଙ୍କ ପକ୍ଷରୁ ଏହା ମଧ୍ୟ କୁହାଯାଇଛି, ଯେଉଁ କ୍ରୀଡ଼ା ମହାସଂଘ ସରକାରୀ ଅନୁଦାନ ନେଉନାହିଁ; ଏହା ଯଦି ଏହା କୌଣସି ଇଭେଣ୍ଟ ଆୟୋଜନ ପାଇଁ ସରକାରୀ ସହାୟତା ନିଏ; ଏହାକୁ ସରକାର ପ୍ରଶ୍ନ କରିପାରିବେ। ପୂର୍ବରୁ ବିସିସିଆଇ କହିଥିଲା ଯେ ବିଧେୟକକୁ ଭଲଭାବେ ତର୍ଜମା କରିବା ପରେ ଏହା କୌଣସି ମନ୍ତବ୍ୟ ଦେବ; ଯାହା ଅଦ୍ୟାବଧି ଦେଇନାହିଁ। କ୍ରିକେଟ୍ ଏକ ଅଲିମ୍ପିକ୍ କ୍ରୀଡ଼ାର ମାନ୍ୟତା ପାଇ ୨୦୨୮ ଅଲିମ୍ପିକ୍ସରେ ସ୍ଥାନ ପାଇଛି। ତେଣୁ ଏହାକୁ ଜାତୀୟ କ୍ରୀଡ଼ା ମହାସଂଘ ଭାବେ ଗଣନା କରାଯିବା ଉଚିତ। ହେଲେ ଏପରି ହେବା ପୂର୍ବରୁ ବିଧେୟକରେ ସଂଶୋଧନ କରି ବିସିସିଆଇକୁ ଆଶ୍ୱସ୍ତ କରିଛି କେନ୍ଦ୍ର କୀଡ଼ା ମନ୍ତ୍ରାଳୟ।

## ବେଙ୍ଗାଲୁରୁରେ ମହିଳା ବିଶ୍ୱକପ୍ ମ୍ୟାଚ୍ ନେଇ ଅନିଶ୍ଚିତତା



ନୂଆଦିଲ୍ଲୀ: ଆଗାମୀ ମହିଳା ଏକଦିବସୀୟ ବିଶ୍ୱକପ୍ ପାଇଁ ବେଙ୍ଗାଲୁରୁ ଏକ ସ୍ଥାନ ଭାବରେ ଅନିଶ୍ଚିତତା ଦେଖାଦେଇଛି। ସ୍ଥାନୀୟ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସ୍‌ସିଏ) ଏପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କଠାରୁ ୫୦ ଓଭର ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ପାଇନଥିବାରୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏବଂ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କାର୍ଯ୍ୟସୂଚୀର ସମ୍ଭାବ୍ୟ ବ୍ୟାଘାତକୁ ନେଇ ଚିନ୍ତିତ। ପ୍ରକୃତରେ, ଏହି ସହର ସେପ୍ଟେମ୍ବର ୩୦ ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଆଠ ଦଳ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଖେଳ ଆୟୋଜନ କରିବାକୁ ଯାଉଛି। ସେପ୍ଟେମ୍ବର ୩୦ରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମିଳିତ ଆୟୋଜକ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଏକ ବ୍ଲକବଷ୍ଟର ମୁକାବିଲା ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। କିନ୍ତୁ ସେହି ଖେଳ ଏବେ ଅନିଶ୍ଚିତ, କାରଣ ସହରକୁ ଆବଣ୍ଟିତ ହୋଇଥିବା ଏକ ସେମିଫାଇନାଲ ସମେତ ଅନ୍ୟ ତିନୋଟି ଖେଳ ମଧ୍ୟ ଅନିଶ୍ଚିତ।

### ଦୁଲୀପ ଟ୍ରଫି ନିମନ୍ତେ ଦଳ ଘୋଷଣା

## ଧ୍ରୁବ ଜୁରେଲ ସେଣ୍ଟ୍ରାଲ ଜୋନ୍‌ର ଅଧିନାୟକ



ନୂଆଦିଲ୍ଲୀ: ଧ୍ରୁବ ଜୁରେଲଙ୍କୁ ଆଗାମୀ ଦୁଲୀପ ଟ୍ରଫି, ୨୦୨୫ ପାଇଁ ସେଣ୍ଟ୍ରାଲ ଜୋନର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୮ ରୁ ବେଙ୍ଗାଲୁରୁରେ ବିସିସିଆଇର ନୂତନ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଅନୁଷ୍ଠିତ ହେବାକୁ ଯାଉଛି। ଜୁରେଲ ଏକ ଶକ୍ତିଶାଳୀ ସେଣ୍ଟ୍ରାଲ ଜୋନ ଦଳ ନେତୃତ୍ୱ ନେବେ ଯେଉଁଥିରେ ଯଦି ତାଙ୍କୁ ଫିଟ୍ ଘୋଷଣା କରାଯାଏ ତେବେ ରଜତ ପାଟିଦାର ଜୁରେଲଙ୍କ ଡେପୁଟି ଭାବରେ ଅଛନ୍ତି। ଦଳ: ଧ୍ରୁବ ଜୁରେଲ (ଅଧିନାୟକ, ୱିକେଟ୍), ରଜତ ପାଟିଦାର (ଉପସିକ୍ଷକ - ଫିଟନେସ୍ କ୍ଲିୟରାନ୍ସ ଉପରେ ନିର୍ଭର କରେ), ଆର୍ଯ୍ୟାନ ଜୁୟାଲ, ଦାନେଶ ମାଲେୱାର, ସଞ୍ଚିତ ଦେଶାଇ, କୁଲଦୀପ ଯାଦବ, ଆଦିତ୍ୟ ଠାକରେ, ଦୀପକ ଚହର, ସରାଂଶ ଜୈନ, ଆୟୁଷ ପାଣ୍ଡେ, ଶୁଭମ ଶର୍ମା, ଯଶ ରାଠୋଡ, ହର୍ଷ ଦୁବେ, ମାନବ ସୁଥାର, ଖଲିଲ ଅହମ୍ମଦ। ଷ୍ଟାଣ୍ଡବାଇ: ମାଧବ କୌଶିକ ଯଶ ଠାକୁର ଯୁବରାଜ ଚୌଧୁରୀ ମହିପାଳ ଲୋମରର କୁଲଦୀପ ସେନ ଉପେନ୍ଦ୍ର ଯାଦବ। ଏହା ସହିତ, ଭାରତର ଟେଷ୍ଟ ଅଧିନାୟକ ଶୁଭମନ ଗିଲଙ୍କୁ ଉତ୍ତର ଜୋନର ଅଧିନାୟକ ଭାବରେ ମନୋନୀତ କରାଯାଇଛି। ଗିଲଙ୍କ ଦଳରେ ମଧ୍ୟ ସମ୍ଭାବ୍ୟ ଭାରତୀୟ ଖେଳାଳି ଅଛନ୍ତି କାରଣ ଏସିଆ କପ୍ ଦୁଲୀପ ଟ୍ରଫି ସହିତ ସମାନ ସମୟରେ ଅନୁଷ୍ଠିତ ହେବାକୁ ଯାଉଛି। ତଥାପି, ଚୟନ କମିଟି ସେହି ପରିସ୍ଥିତି ପାଇଁ ବ୍ୟବସ୍ଥା କରିଛି। 'ବୈଠକରେ ଆଲୋଚନା ଏବଂ ନିଷ୍ପତ୍ତି ନିଆଯାଇଥିଲା ଯେ, ଯଦି ଦୁଲୀପ ଟ୍ରଫି ଟୁର୍ଣ୍ଣାମେଣ୍ଟ ସହିତ ଆଗାମୀ ସିରିଜରେ ଶୁଭମନ ଗିଲ, ଅର୍ଶଦୀପ ସିଂହ, ହର୍ଷିତ ରାଣା କିମ୍ବା ସେମାନଙ୍କ ମଧ୍ୟରୁ ଜଣଙ୍କୁ ଭାରତୀୟ ଦଳ ପାଇଁ ଚୟନ କରାଯାଏ, ତେବେ ନିମ୍ନଲିଖିତ ବଦଳ କରାଯିବ: ଶୁଭମନ ରୋହିଲା (ସର୍ଭିସେସ୍) ଶୁଭମନ ଗିଲଙ୍କ ସ୍ଥାନ ନେବେ, ଗୁରନୂର ବ୍ରାର ଅର୍ଶଦୀପ ସିଂହଙ୍କ ସ୍ଥାନ ନେବେ ଥଏବଂଧ ଅନୁଜ ଥୁକରାଲ ହର୍ଷିତ ରାଣାଙ୍କ ସ୍ଥାନ ନେବେ।' ଦଳ: ଶୁଭମାନ ଗିଲ (କ୍ୟାପଟେନ, ପଞ୍ଜାବ), ଶୁଭମ ଖଜୁରିଆ (ଜେ ଆଣ୍ଡ କେ), ଅଙ୍କିତ କୁମାର (ଉପ-କ୍ୟାପଟେନ, ହରିୟାଣା), ଆୟୁଷ ବାଦୋନି (ଦିଲ୍ଲୀ), ଯଶ ଢଙ୍କୁଲ (ଦିଲ୍ଲୀ), ଅଙ୍କିତ କଲସି (ହିମାଚଳ ପ୍ରଦେଶ), ନିଶାନ୍ତ ସାନ୍ଧୁ (ହରିୟାଣା) ସିଂ ଚାରାକ (ଜେ ଆଣ୍ଡ କେ), ଅର୍ଶଦୀପ ସିଂ (ପଞ୍ଜାବ), ହର୍ଷିତ ରାଣା (ଦିଲ୍ଲୀ), ଅନସୁଲ କାମ୍ବୋଜ (ହରିୟାଣା), ଆକୁବ ନାବି (ଜେ ଆଣ୍ଡ କେ), କାନହୟା ୱାଡୱାନ (ଜେ ଆଣ୍ଡ କେ, ୱିକେଟ୍ କିପର)। ଷ୍ଟାଣ୍ଡବାଇସ୍: ଶୁଭମ୍ ଆରୋରା (ହିମାଚଳ ପ୍ରଦେଶ), ଜସକରନୀର ସିଂ ପାଲ୍ (ପଞ୍ଜାବ), ରବି ଚ ବ ହାନ (ସେବା), ଆବିଦ୍ ମୁଶତାକ୍ (ଜେ ଆଣ୍ଡ କେ), ନିଶଙ୍କ ବିର୍ଲା (ଚଣ୍ଡିଗଡ଼), ଉମର ନାଜିର (ଜେ ଆଣ୍ଡ କେ), ଦୀଭେଶ ଶର୍ମା (ହିମାଚଳ ପ୍ରଦେଶ)

## ଜିନ୍ଦଲ ଷ୍ଟିଲ୍‌ର ପ୍ରତିଷ୍ଠା ଦିବସ ଅବସରରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



କୋଇଡା (ଭାସ୍କର ନ୍ୟୁଜ) : ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଓମପ୍ରକାଶ ଜିନ୍ଦଲଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସ ପକ୍ଷରୁ ବିଭିନ୍ନ ଆଧ୍ୟାତ୍ମିକ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୟୁନିଟ ହେଡ୍ ଆର ଏସ ରଘୁବଂଶୀ, ଅନ୍ୟ କର୍ମଚାରୀ ଓ ସେମାନଙ୍କ ପରିବାର ଏଥିରେ ସାମିଲ ହୋଇଥିଲେ। ଟେନ୍ସା ସିଏସଆର ଟିମ ପକ୍ଷରୁ ଓପି ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳର ୧୯ଟି ଦଳ ଅଂଶଗ୍ରହଣ କରିଥିଲେ। ଟିମ ଶସ୍ୟକଳା ଓ ଟିମ ଜିରୋ ପଏଣ୍ଟ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ମାଧ୍ୟମରେ ଟିମ ଜିରୋ ପଏଣ୍ଟ ଟିମ ଶସ୍ୟକଳାକୁ ୪-୨ ଗୋଲରେ ହରାଇ ଚାମ୍ପିଅନ ହୋଇଥିଲା। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଓ ସମ୍ମାନିତ ଅତିଥି ଭାବେ ବିକେଟି କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର, ଟେନ୍ସା ୟୁନିଟ ହେଡ୍ ଆର ଏସ. ରଘୁବଂଶୀ ଓ ସିଏସଆର ହେଡ୍ ଭର୍ଜିଲ ଲାକ୍ରା ଉପସ୍ଥିତ ରହି ପୁରସ୍କାର ବିତରଣ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଷୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧକ୍ଷ ନବୀନ ଜିନ୍ଦଲ ମହାନ ଦୂରଦର୍ଶୀ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ଚିନ୍ତା, ମୂଲ୍ୟବୋଧ, ନୀତି ଆମକୁ ଆଜି ବି ମାର୍ଗଦର୍ଶନ କରାଉଛି। ଆଜି ତାଙ୍କ ଜନ୍ମବାର୍ଷିକୀରେ ଆମେ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଉଛୁ"। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ପ୍ରଶ୍ନୋତ୍ତରୀ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର ଓ ବଡ଼ବିଲ ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମଡି. ୧୮ଜଣ ଅନ୍ତର୍ଜାତୀୟ ଉଶୁ ଚାମ୍ପିଅନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ବିକେଟି ୟୁନିଟର ୟୁନିଟ ହେଡ୍, ଏଚଆର ମୁଖ୍ୟ ଓ ସିଏସଆର ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଇକୋଣ୍ଡରେ ସ୍ୱର୍ଣ୍ଣ ଓ କାଂସ୍ୟ ହାତେଇଲେ ଛାତ୍ରୀ



ସାରସକଣା, (ଭାସ୍କର ନ୍ୟୁଜ): ଭଦ୍ରକର ବାଘୁରାଇରେ ଥିବା ବିଜୁ ପଟ୍ଟନାୟକ ଇନ୍ ଡୋର୍ ହୋଲ୍ ଠାରେ ଖେଲୋ ଇଣ୍ଡିଆ ଅସ୍ମିତା ଟାଇକୋଣ୍ଡ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ସିଂ ଟାଇକୋଣ୍ଡ ଏକାଡେମୀରୁ ଚାରିଜଣ ଛାତ୍ରୀ ଭାଗ ନେଇଥିଲେ। ମୟୁରଭଞ୍ଜ ଜିଲ୍ଲାର କୋଚ୍ ଥିଲେ ବୁଧୁରାମ୍ ସିଂ। ଏହି ଖେଳରେ ରାଉତରାୟ ସିଂଙ୍କ ଝିଅ ଲକ୍ଷ୍ମୀପ୍ରିୟା ସିଂ, ସୁଶାନ୍ତ ମହୁଆଳଙ୍କ ଝିଅ ଦିବ୍ୟସ୍ମିତ। ମହୁଆଳ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଚିତ୍ତରଞ୍ଜନ ବାଗ୍‌ଙ୍କ ଝିଅ ବିଷ୍ଣୁପ୍ରିୟା ବାଗ୍ କାଂସ୍ୟ ପଦକ ହାସଲ କରିଛନ୍ତି। ସେମାନଙ୍କର ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଅନୁଶାସନ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ସେମାନେ ସାଜିଛନ୍ତି ଛାତ୍ରୀ ଓ ମହିଳା ମାନଙ୍କର ପ୍ରେରଣାର ଉତ୍ସ। ସେମାନେ କିପରି ଆଗକୁ ବଢ଼ିବେ ତଥା ମୟୂରଭଞ୍ଜ ର ନାମ ରଖିବେ , ତଥା ମୟୂରଭଞ୍ଜ ଜିଲ୍ଲାର ଗର୍ବ ଓ ଗୌରବ କୁ ସାରା ଦେଶରେ ବିକଶିତ କରିବେ ଏହାହିଁ ସମସ୍ତଙ୍କର ଆଶା । ଯଦି ସରକାର ସଦୟ ହୋଇ ପ୍ରୋତ୍ସାହନ ଦିଅନ୍ତି ତାହାହେଲେ ସେମାନେ ଆହୁରି ଆଗକୁ ବଢ଼ିପାରିବେ ବୋଲି ଚର୍ଚ୍ଚା ହେଉଛି।


छत्तीसगढ़ शासन
पर्यावरण वन एवं जलवायु परिवर्तन विभाग सामान्य वनमंडल, महासमुन्द (छत्तीसगढ़)
नीलाम का संक्षिप्त विज्ञापन

सर्व साधारण को सूचनार्थ प्रकाशित किया जाता है कि सामान्य वनमंडल महासमुन्द के पिथौरा काष्ठागार में ईमारती काष्ठ का निवर्तन ई-ऑक्शन द्वारा दिनांक 13.08.2025 को किया गया जावेगा। इच्छुक बोलीदारों से अनुरोध है कि वे नीलाम में भाग लेवें। ई-ऑक्शन की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय/पिथौरा काष्ठागार से प्राप्त की जा सकती है।

नीलाम स्थल का नाम – पिथौरा
नीलाम दिनांक – 13.08.025
नीलाम समय – 9:00 बजे प्रातः

नीलाम दिनांक 13.08.2025 को रखे जाने वाले वनोपज का अनुमानित मात्रा काष्ठागार पिथौरा

| क्र. | प्रजाति | नया वनोपज | | | अन्सोल्ड (पुराना) वनोपज | | | | कुल वनोपज | | | |
|---|---|---|---|---|---|---|---|---|---|---|---|---|
| | | घ.मी. | बल्ली | डेंगरी | घ.मी. | बल्ली | डेंगरी | फे.पोल | घ.मी. | बल्ली | डेंगरी | फे.पोल |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | सागौन | 454.466 | 1298 | 7318 | 2884.778 | 12591 | 58563 | 0 | 3339.244 | 13889 | 65881 | 0 |
| 2 | साल | 0.634 | 0 | 0 | 0.000 | 106 | 0 | 0 | 0.634 | 106 | 0 | 0 |
| 3 | शीशम | 0.000 | 0 | 0 | 3.700 | 0 | 0 | 0 | 3.700 | 0 | 0 | 0 |
| 4 | तिन्सा | 0.000 | 0 | 0 | 0.601 | 0 | 0 | 0 | 0.601 | 0 | 0 | 0 |
| 5 | बीजा | 3.914 | 0 | 0 | 22.741 | 0 | 0 | 0 | 26.655 | 0 | 0 | 0 |
| 6 | साजा | 17.790 | 0 | 0 | 45.475 | 46 | 0 | 0 | 63.265 | 46 | 0 | 0 |
| 7 | हल्दु मुडी | 3.690 | 0 | 0 | 40.839 | 0 | 0 | 0 | 44.529 | 0 | 0 | 0 |
| 8 | धावडा | 3.611 | 0 | 0 | 5.382 | 0 | 0 | 0 | 8.993 | 0 | 0 | 0 |
| 9 | सलिहा मोदे | 9.899 | 0 | 0 | 4.687 | 0 | 0 | 0 | 14.586 | 0 | 0 | 0 |
| 10 | पापडा | 0.000 | 0 | 0 | 2.335 | 0 | 0 | 0 | 2.335 | 0 | 0 | 0 |
| 11 | नीलगिरी | 0.000 | 0 | 0 | 0.000 | 0 | 0 | 0 | 0.000 | 0 | 0 | 0 |
| 12 | अन्य | 0.000 | 0 | 0 | 16.953 | 1170 | 0 | 912 | 16.953 | 1170 | 0 | 912 |
| योग :- | | 494.004 | 1298 | 7318 | 3027.491 | 13913 | 58563 | 912 | 3521.495 | 15211 | 65881 | 912 |

निस्तार एवं उपभोक्ता डिपो पिथौरा 91 चट्टा **नया जलाऊ**

काष्ठगार पिथौरा–भाग 2 (सराईटार) – 1845 नग व्यापारिक बांस पुराना डिपो बागबाहरा – 2249 नग व्यापारिक बांस पुराना

**बलौदाबाजार वनमण्डल अंतर्गत निस्तार/उपभोक्ता/अस्थाई पड़ाव डिपो में संग्रहित बांस की मात्रा**

अ.प. नवागांव– 950 **फेंसिंग पोल नया** , 128 चट्टा **नया जलाऊ** पुराना व्यापारिक बांस – 20655 नग तथा **नया औद्योगिक बांस** 11118 बंडल, पुराना औद्योगिक बांस 37086 बंडल एवं पलारी डिपो – 404 नग पुराना व्यापारिक बांस

| | |
|---|---|
| बरपाली – 51 चट्टा पुराना जलाऊ एवं 4649 नग पुराना व्यापारिक बांस | बलौदाबाजार– 800 फेंसिंग पोल्स पुराना एवं 1000 नग व्यापारिक बांस पुराना |
| थरगांव डिपो – 2690 नग पुराना व्यापारिक बांस | सिमगा – 28 चट्टा पुराना जलाऊ एवं भाटापारा – 25 चट्टा पुराना जलाऊ |
| निस्तार डिपो महराजी – 330 नग पुराना व्यापारिक बांस | अ. प. देवपुर 263 चट्टा पुराना जलाऊ एवं 2000 नग पुराना व्यापारिक बांस |
| सण्डी– 355 नग पुराना व्यापारिक बांस | अ. प. देवपुर– 4000 **फेंसिंग पोल नया** ठाकुरदिया 1823 नग फेंसिंग पोल्स पुराना |

टीप :– 1/ क्रेताओं को ई–ऑक्शन के पूर्व एम.एस.टी.सी. ईकॉमर्स में रजिस्ट्रेशन कराना अनिवार्य है।
2/ क्रेताओं को ई–ऑक्शन के पूर्व क्रय लाटों के अपसेट प्राईस मूल्य के 10 प्रतिशत की राशि अपने ई–वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ईएमडी की राशि जमा करना अनिवार्य है।
3/ लॉट की थप्पी सूची एवं फोटो एम.एस.टी.सी. ई–कॉमर्स पोर्टल में अपने आईडी से लॉग–इन करके देख सकते है।
4/ ई–ऑक्शन में लॉट क्रय करने हेतु प्रथम क्रेता को 40 सेकण्ड का समय प्राप्त होगा। उसी लॉट को क्रय करने के लिए अन्य क्रेताओं को 30 सेकण्ड का अतिरिक्त समय प्राप्त होगा। 20 सेकण्ड तक बोली नहीं लगने पर लॉट पर बोली बंद हो जावेगा।
दूरभाष क्रमांक 07723–222084 (कार्यालय)

वनमण्डलाधिकारी
सामान्य वनमण्डल महासमुंद (छ.ग.)

G-252602642/9



झारखंड सरकार,
उत्पाद एवं मद्य निषेध विभाग

अधिसूचना

राँची, दिनांक 07/08/2025

संख्या :– 04/बंदो0–45–02/2025–**1446**/ विभागीय अधिसूचना संख्या–903 दिनांक–21.05.2025 द्वारा अधिसूचित "झारखंड उत्पाद (मदिरा की खुदरा बिक्री हेतु दुकानों की बंदोबस्ती एवं संचालन) नियमावली, 2025" तथा बिक्री अधिसूचना की शर्त्तों के तहत दिनांक 01.09.2025 से 31.03.2030 तक की अवधि के लिए झारखंड राज्य के सभी जिलों में "देशी शराब की दुकान" तथा "कम्पोजिट दुकान" की बन्दोबस्ती ई–लॉटरी प्रणाली द्वारा निम्नलिखित कार्यक्रम के अनुसार संपादित की जाएगी:–

I- "देशी शराब की दुकान" और "कम्पोजिट दुकान" की ई लॉटरी से बन्दोबस्ती हेतु ऑनलाईन आवेदन दिनांक–08/08/2025 के पूर्वाह्न 11:00 बजे से दिनांक–20.08.2025 को 7:00 PM तक **https://exciselottery. jharkhand.gov.in** पोर्टल (वेबसाईट) पर प्राप्त किये जायेंगे।
ii- ई–लॉटरी में प्रतिभागिता के लिए संबंधित दुकान/दुकानों के समूह हेतु बिक्री अधिसूचना में निर्धारित धरोहर धनराशि तथा आवेदनशुल्क का भुगतान Credit Card/Debit Card/ NET BANKING/NEFT/ RTGS/IMPS इत्यादि ऑनलाईन विधि से उक्त पोर्टल (वेबसाईट) पर प्राप्त किया जायेगा। उक्त भुगतान की पुष्टि आवेदन पोर्टल/विभाग के खाते में दिनांक–20.08.2025 को 11:59 PM तक प्राप्त हो जानी चाहिए। दिनांक–20.08.2025 को 11:59 PM तक विहित राशि के भुगतान प्राप्ति की पुष्टि आवेदन पोर्टल अथवा विभागीय बैंक से अप्राप्त रहने की स्थिति में आवेदक ई–लॉटरी में प्रतिभाग नहीं कर सकेंगें।
iii. कम्प्यूटर से **Randomization** के द्वारा दिनांक 22/08/2025 के पूर्वाहन 11:00 बजे से ई–लॉटरी की प्रक्रिया की जायेगी। ई–लॉटरी के ऑनलाईन प्रसारण का लिंक विभागीय वेबसाईट **https://excise.jharkhand.gov.in** एवं जिला के वेबसाईट पर उपलब्ध रहेगा। ई–लॉटरी का ऑनलाईन टेलीकास्ट सभी जिला समाहरणालय में भी किया जायेगा।
iv. ई–लॉटरी की प्रक्रिया राज्य स्तर पर दुकान/दुकानों के समूह के लिये निर्धारित वार्षिक न्यूनतम प्रत्याभूत राजस्व (**MGR**) के आधार पर अवरोही क्रम (**descending order**) में सम्पन्न होगी ।
v. ई–लॉटरी का परिणाम **https://excise.jharkhand.gov.in** एवं जिला के **NIC** वेबसाईट पर उपलब्ध होगा।
vi. ई–लॉटरी में सफल विजेता को आवेदन तथा उसके साथ संलग्न किये जानेवाले सभी कागजातों की स्व–अभिप्रमाणित छायाप्रति संबंधित मूल प्रमाण–पत्र के साथ दिनांक 25.08.2025 तक संबंधित जिला उत्पाद कार्यालय में अवश्य जमा करना होगा।
vii. ई–लॉटरी में सफल विजेता को संबंधित दुकान/दुकानों के समूह के लिए प्रतिभूति राशि तथा निर्धारित एकमुश्त वार्षिक अनुज्ञप्ति शुल्क दिनांक 25.08.2025 तक संबंधित जिला उत्पाद कार्यालय में अवश्य जमा करना होगा।
viii. ई–लॉटरी में सफल विजेता को दिनांक 29.08.2025 तक प्रस्तावित दुकान परिसर के लिए आपत्ति रहित स्थल का पूर्ण विवरण संबंधित जिला उत्पाद कार्यालय में उपलब्ध कराना होगा।
ix. ई–लॉटरी में सफल विजेता को दिनांक 29.08.2025 तक अग्रिम उत्पाद परिवहन कर (**ETD**) की राशि जमा करनी होगी।
2. बिक्री अधिसूचना की शर्त्ते, जिलावार खुदरा उत्पाद दुकान/दुकानों के समूह की विवरणी, आवेदन प्रपत्र, ई–लॉटरी हेतु आवेदन समर्पित करने की प्रक्रिया, शपथ पत्र इत्यादि का विहित प्रारूप सभी जिला उत्पाद कार्यालय, विभागीय वेबसाइट **https://excise.jharkhand.gov.in** एवं **https://exciselottery.jharkhand.gov.in** पर प्राप्त की जा सकती है।
3. ई–लॉटरी हेतु आवेदन समर्पित करने में किसी प्रकार की कठिनाई के निराकरण हेतु विभागीय स्तर पर Helpdesk का गठन किया गया है, जिसका मोबाईल संख्या– 9430321831 (सामान्य कॉल), 9508065730 (Whatsapp मैसेज) एवं ई–मेल आईडी– **excise.jhr@gmail.com** है। उक्त मोबाइल संख्या प्रत्येक दिन के पूर्वाह्न 10:00 बजे से अपराह्न 06:00 बजे तक क्रियाशील रहेगी। सभी जिला उत्पाद कार्यालयों के स्तर पर भी एक Helpdesk का गठन किया जायेगा, जिसकी विवरणी संबंधित जिला के NIC वेबसाईट तथा उत्पाद कार्यालय में उपलब्ध रहेगी ।
4. खुदरा उत्पाद दुकानों के अनुज्ञप्तियों की बंदोबस्ती हेतु आवेदन प्राप्त करने की अंतिम तिथि एवं ई–लॉटरी की तिथि में परिवर्तन करने का एकाधिकार विभाग के पास सुरक्षित रहेगा।

झारखंड राज्यपाल के आदेश से,
ह0/–
आयुक्त उत्पाद,झारखंड, राँची

PR 359086 Excise(25-26).D

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ଯେତେବେଳେ ଆମେ ହାତରେ ଯନ୍ତ୍ରଣା, ଝିମ୍ ଝିମ୍ କିମ୍ବା ଝିମ୍ ଅନୁଭବ କରୁ, ଆମେ ଏହାକୁ କେବଳ ଥକ୍କା କିମ୍ବା ଏକ ସାଧାରଣ ସମସ୍ୟା ଭାବି ଅଣଦେଖା କରୁ । ବିଶେଷକରି ଯୁବପିଢ଼ି, ଯେଉଁମାନେ ଅଫିସ୍ କାମ କରନ୍ତି କିମ୍ବା ମୋବାଇଲ୍-ଲାପଟପ୍‌ରେ ଅଧିକ ସମୟ ବିତାଇଥାନ୍ତି, ସେମାନେ ଏହାକୁ ସାଧାରଣ ଯନ୍ତ୍ରଣା ବୋଲି ଭାବନ୍ତି । ବିଶେଷଜ୍ଞଙ୍କ ଅନୁସାରେ, ହାତରେ ଝିମ୍ ଝିମ୍ କିମ୍ବା ଯନ୍ତ୍ରଣା, ବାରମ୍ବାର ଝିମ୍ ଝିମ୍ କିମ୍ବା ଜଳାପୋଡ଼ା ଏକ ଚିକିତ୍ସା ଅବସ୍ଥାକୁ ସୂଚାଇପାରେ, ଯାହାକୁ ଡାକ୍ତରୀ ଭାଷାରେ ବ୍ରାକିଆଲଜିଆ କୁହାଯାଏ । ଏହା ଶରୀରରେ ଚାଲିଥିବା ଅନେକ ସମସ୍ୟାର ଏକ ଲକ୍ଷଣ ହୋଇପାରେ । ସର୍ଭାଇକାଲ୍ ସ୍ପଣ୍ଡିଲୋସିସ୍ – ଏହି ସମସ୍ୟା ହାତରେ ଝିମ୍‌ଝିମ୍ ଏବଂ ଯନ୍ତ୍ରଣା ମଧ୍ୟ ସୃଷ୍ଟି କରେ । ଏହି ଚିକିତ୍ସା ଅବସ୍ଥାରେ, ବୟସ ବୃଦ୍ଧି ସହିତ ମେରୁଦଣ୍ଡ ଝିମ୍‌ଝିମ୍ ହେବା ଆରମ୍ଭ କରେ ଏବଂ ବେକ ଏବଂ କାନ୍ଧରୁ ହାତ ପର୍ଯ୍ୟନ୍ତ ଯନ୍ତ୍ରଣା ହୁଏ । ପେରିଫେରାଲ୍ ନ୍ୟୁରୋପାଥି – ଏଥିରେ, ହାତ ଏବଂ ପାଦରେ ସ୍ନାୟୁ ଦୁର୍ବଳ ହୋଇଯାଏ । ଏହା ମଧୁମେହ, ମଦ୍ୟପାନ କିମ୍ବା ଭିଟାମିନ୍ ଅଭାବ ଥିବା ଲୋକଙ୍କ ସହିତ ହୁଏ । ଏହି କାରଣରୁ, ହାତରେ ଜଳାପୋଡ଼ା, ଝିମ୍‌ଝିମ୍ ଏବଂ ନିଷ୍କ୍ରିୟତା ଦେଖାଯାଏ । ବ୍ରାକିଆଲ୍ ପ୍ଲେକ୍ସସ୍ ଆଘାତ – ଏହି ଆଘାତ ବାଇକ୍‌ରୁ ପଡ଼ିଯିବା, ଦୁର୍ଘଟଣା କିମ୍ବା ଅତ୍ୟଧିକ ଷ୍ଟ୍ରେଚିଂ ଯୋଗୁଁ ହୁଏ, ଯାହା ଫଳରେ ହାତରେ ପ୍ରବଳ ଯନ୍ତ୍ରଣା, ଦୁର୍ବଳତା କିମ୍ବା ନିଷ୍କ୍ରିୟତା ଦେଖାଯାଏ ।

## ତୃପ୍ତିଙ୍କ ଧଡକ-୨ ଫ୍ଲପ୍

ତୃପ୍ତି ଡିମରି ଏବଂ ସିଦ୍ଧାନ୍ତ ଚତୁର୍ବେଦୀ ଅଭିନୀତ ଫିଲ୍ମ 'ଧଡକ ୨' ବହୁତ ଆଶା କରିଥିଲେ ବି ଏହା ଦର୍ଶକଙ୍କୁ ପ୍ରଭାବିତ କରିପାରି ନାହିଁ । ଯଦିଓ ଏହାର କାହାଣୀ ଏବଂ ଷ୍ଟାରକାଷ୍ଟଙ୍କ ଅଭିନୟକୁ ବହୁତ ପ୍ରଶଂସା କରାଯାଉଛି, କିନ୍ତୁ ଏହାର ବକ୍ସ ଅଫିସ ପ୍ରଦର୍ଶନ ନିରାଶାଜନକ । 'ଧଡକ ୨' ଏପରି ସମୟରେ ଥିଏଟରକୁ ଆସିଲା ଯେତେବେଳେ ରୋମାଣ୍ଟିକ ଡ୍ରାମା 'ସୈୟାର'ର କ୍ରେଜ୍ ଦର୍ଶକଙ୍କ ମଧ୍ୟରେ ଅଛି । ଆହାନ ପାଣ୍ଡେ ଏବଂ ଅନୀତ ପଡ୍ଡାଙ୍କ ରୋମାଣ୍ଟିକ କେମେଷ୍ଟ୍ରି ଆଗରେ ତୃପ୍ତି ଡିମରି ଏବଂ ସିଦ୍ଧାନ୍ତ ଚତୁର୍ବେଦୀଙ୍କ ଯୋଡ଼ି ଫିକା ପ୍ରମାଣିତ ହୋଇଛି । ଏହା ସହିତ ସନ୍ ଅଫ୍ ସର୍ଦ୍ଦାର ୨ ଏବଂ ମହାବତାର ନରସିଂହ ଭଳି ଫିଲ୍ମ ଧଡକ-୨ର ଆୟ କମିବା ପଛରେ ବଡ ଭୂମିକା ଗ୍ରହଣ କରିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ରିଲିଜ ହେବ ଦିନ ଠାରୁ ଏହି ଫିଲ୍ମ 'ଧଡକ ୨'ର ଆୟ ଜମା ବି ଆଖିଦୃଶିଆ ହୋଇପାରିନାହିଁ । ଫିଲ୍ମର କଲେକ୍ସନ ବିଷୟରେ କହିବାକୁ ଗଲେ, 'ଧଡକ ୨' ରିଲିଜର ପ୍ରଥମ ଦିନରେ ୩.୫ କୋଟି, ଦ୍ୱିତୀୟ ଦିନରେ ୩.୭୫ କୋଟି, ତୃତୀୟ ଦିନରେ ୪.୧୫ କୋଟି ଏବଂ ଚତୁର୍ଥ ଦିନରେ ୧.୩୫ କୋଟି ବ୍ୟବସାୟ କରିଛି । ବାସ୍ତବରେ ସିଦ୍ଧାନ୍ତ ଚତୁର୍ବେଦୀ ଏବଂ ତୃପ୍ତି ଡିମରି ଅଭିନୀତ ଫିଲ୍ମ 'ଧଡକ ୨'ର ଆନୁମାନିକ ବଜେଟ୍ ୪୫ କୋଟି ଟଙ୍କା, ଯେଉଁଥିରେ ପ୍ରାୟ ୩୫ କୋଟି ଟଙ୍କା ଫିଲ୍ମ ନିର୍ମାଣରେ ଖର୍ଚ୍ଚ ହୋଇଥିବାବେଳେ ମାର୍କେଟିଂ ଏବଂ ପ୍ରମୋସନରେ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।








## ନାଗାର୍ଜୁନଙ୍କ ଠାରୁ ୧୪ ଥର ଚାପୁଡ଼ା ଖାଇଥିଲେ ଈଶା

ଅଭିନେତ୍ରୀ ଈଶା କୋପିକର ନିଜ ଅଭିନୟ ପାଇଁ ବଲିଉଡର ଜଣ ପରିଚିତ ଚେହେରା ପାଲଟିଛନ୍ତି । ସେ ନିଜ ନିଖୁଣ ଅଭିନୟ ଓ ବୋଲ୍ଡ ଅନ୍ଦାଜରେ ବଲିଉଡରେ ଏକ ସ୍ୱତନ୍ତ୍ରସ୍ଥାନ ତିଆରି କରିବାରେ ସକ୍ଷମ ହୋଇ ପାରିଛନ୍ତି । ସେ ଉଭୟ ବଲିଉଡ ଓ ସାଉଥ ଫିଲ୍ମରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି । ତେବେ ନିକଟରେ ଏକ ସୁଟିଂ ବିଷୟରେ ଈଶା ମନଖୋଲି କଥା ହୋଇଛନ୍ତି । ସୂଚନା ଅନୁସାରେ ସାଉଥ ସୁପରଷ୍ଟାର ନାଗାର୍ଜୁନଙ୍କ ସହିତ ଅଭିନୟ କରିବା ସମୟରେ ଈଶାଙ୍କୁ ୧୪ ଥର ଚାପୁଡା ଖାଇବାକୁ ପଡିଥିଲା । ୧୯୯୮ରେ ସେ ନାଗାର୍ଜୁନଙ୍କ ସହିତ ଚନ୍ଦ୍ରଲେଖା ଫିଲ୍ମର ସୁଟିଂ କରୁଥିଲେ ଯାହାର ସୁଟିଂ ସମୟରେ ସେ ନାଗାର୍ଜୁନଙ୍କ ପାଖରୁ ୧୪ ଥର ଚାପୁଡା ଖାଇଥିଲେ । ତେବେ ନାଗାର୍ଜୁନ ତାଙ୍କୁ ଖୁବ ଧୀରେ ଚାପୁଡା ମାରୁଥିରୁ ତାଙ୍କୁ କିଛି ଅନୁଭବ ହେଉନଥିଲା ତେଣୁ ସେ ତାଙ୍କୁ ବାରମ୍ବାର ଚାପୁଡା ମାରିବାକୁ କହୁଥିଲେ । ସିନ୍ ପରଫେକ୍ଟ ହେବାଭିତରେ ସେ ୧୪ ଥର ଚାପୁଡା ଖାଇସାରିଥିଲେ ।



## ଆଲିଆଙ୍କ ୨୫୦ କୋଟିର ଘର

ସେଲିବ୍ରିଟିମାନେ ସବୁବେଳେ ନିଜ ଘରକୁ ନେଇ ଖୁବ ଚର୍ଚ୍ଚାରେ ରହିଥାଆନ୍ତି । ଏମାନଙ୍କ ଘର ଅନେକ ସମୟରେ ଖବରର ଶୀର୍ଷକ ପାଲଟିଥାଏ । ଅମିତାଭଙ୍କ ପ୍ରତୀକ୍ଷା ହେଉ କିମ୍ବା କିଙ୍ଗଖାନ୍ତି, ମନର ସବୁକୁ ନେଇ ଖୁବ ଚର୍ଚ୍ଚା ଦେଖିବାକୁ ମିଳିଥାଏ । ତେବେ ଏହି ଧାଡିରେ ବର୍ତ୍ତମାନ ସାମିଲ ହୋଇଛନ୍ତି ଆଲିଆ ଭଟ୍ଟ ଓ ରଣବୀର କପୁର । ଉଭୟ ନିକଟରେ ଏକ ନୂଆ ଘର ନିର୍ମାଣ କରିଛନ୍ତି ଯାହାକୁ ନିର୍ମାଣ କରିବାରେ ହୋଇଛି ୨୫୦ କୋଟି । ଏହି ଘର ନିର୍ମାଣ ସରିବା ପରେ କପଲଙ୍କ ଅନେକ ବର୍ଷର ସ୍ୱପ୍ନ ପୂରଣ ହୋଇଥିବା ନେଇ ସୂଚନା ମିଳିଛି । ଉଭୟ ଘରକୁ ନେଇ ଖୁବ ଉତ୍ସାହିତ ଅଛନ୍ତି । ଏହା ଆଗକୁ ଫ୍ୟାନମାନଙ୍କର ନୂଆ ଫେଭାରାଇଟ୍ ସ୍ପଟ ଭାବେ ପରିଗଣିତ ହେବ ବୋଲି ଆଲୋଚନା ଆରମ୍ଭ ହୋଇଛି । ବିଲ୍ଡିଂର ରଙ୍ଗ ଗ୍ରେ ଥିବାବେଳେ ଏହା ଖୁବ କ୍ଲାସିକ୍ ଭାଇବ୍ ଦେଉଛି । ଏବେଠାରୁ ଫ୍ୟାନମାନେ ସୋସିଆଲ ମିଡିଆରେ ବିଲ୍ଡିଂକୁ ନେଇ ଚର୍ଚ୍ଚା ଆରମ୍ଭ କରିସାରିଲେଣି ।



## ଖାଲିପେଟରେ ଖଟା ଫଳରସ ପିଇବା ଉଚିତ୍!



*ସୁସ୍ଥ ଏବଂ ଫିଟ୍ ରହିବା ପାଇଁ ଲୋକମାନେ ସକାଳେ ଉଠିବା ପରେ ବ୍ୟାୟାମ କରନ୍ତି । କେତେକ ସକାଳୁ ସୁସ୍ଥ ଏବଂ ସତେଜ ଖାଦ୍ୟ ଖାଇବା କିମ୍ବା ପିଇବାକୁ ପସନ୍ଦ କରନ୍ତି । ଏପରି ପରିସ୍ଥିତିରେ, ଅନେକ ଲୋକ ଖାଲି ପେଟରେ ସୁସ୍ଥ ଖାଦ୍ୟ ଏବଂ ଜୁସ୍ ସହିତ ଦିନ ଆରମ୍ଭ କରନ୍ତି । ଜୁସ୍ ପିଇବା ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ । ତେଣୁ, ଅଧିକାଂଶ ଲୋକ ପ୍ରତିଦିନ ଫଳ କିମ୍ବା ପନିପରିବା ଜୁସ୍ ସେବନ କରନ୍ତି । ଏତିକି ନୁହେଁ ବରଂ ଚିଆ ସିଡ୍ସ, ଆଲମଣ୍ଡ ଏବଂ କାଜୁ ଖାଇବା ସହ ବିଭିନ୍ନ ସେକ୍, ଜୁସ୍ ବନାଇ ପିଇ ଦିନର ଆରମ୍ଭ କରିଥାନ୍ତି । ଅଧିକାଂଶ ସମୟରେ ଅନେକ ଲୋକଙ୍କ ମନରେ ଏହି ପ୍ରଶ୍ନ ଆସେ ଯେ, ଖାଲି ପେଟରେ ସକାଳେ ଖଟା ଫଳରସ ପିଇବା ଉଚିତ୍ କି ଅନୁଚିତ୍ । ତେବେ ଆସନ୍ତୁ କେଉଁ ପ୍ରକାର କ୍ଷତି ହୋଇଥାଏ ସେ ସମ୍ପର୍କରେ ଜାଣିବା...*

ଲେମ୍ବୁ, କମଳା ଏବଂ ଅଙ୍ଗୁର ପରି ସାଇଟ୍ରସ୍ ଫଳ ଏସିଡିକ୍ ହୋଇଥାଏ । ଯଦି ଏହାକୁ ଖାଲିପେଟରେ ପିଉଛନ୍ତି ତେବେ ଏସିଡିଟି ଭଳି ସମସ୍ୟାର ସମ୍ମୁଖୀନ କରିବାକୁ ପଡିଥାଏ । ଯାହା ପରବର୍ତ୍ତୀ ସମୟରେ ହାର୍ଟବର୍ଣ୍ଣ ସୃଷ୍ଟି କରିପାରେ ।

♦ ସେହିଭଳି ଏଥିରେ ଥିବା ଏସିଡିକ୍ ଯୋଗୁଁ ଏହାକୁ ପିଇବା ଦ୍ୱାରା ପେଟରେ ଜ୍ୱଳନ ହୋଇଥାଏ । ପେଟ ଜନିତ ସମସ୍ୟାରେ ଥିବା ଲୋକଙ୍କ ପାଇଁ ଏହା ବେଶୀ କ୍ଷତିକାରକ ହୋଇଥାଏ ।

♦ ଜୁସରେ ପ୍ରାକୃତିକ ଚିନି ଥାଏ । ଯାହାକୁ ଖାଲି ପେଟରେ ପିଇବା ଦ୍ୱାରା ରକ୍ତ ଶର୍କରା ସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ । ଯାହା ଦୁର୍ବଳତା ଏବଂ ଥକ୍କାପଣର କାଣ ପାଲଟିଥାଏ ।

♦ ଏହା ଦାନ୍ତ ପାଇଁ ମଧ୍ୟ ଖରାପ ହୋଇଥାଏ ବୋଲି ସାବ୍ୟସ୍ତ ହେଉଛି । ଏହି ଫଳରେ ଥିବା ଏସିଡ୍ ଦାନ୍ତର ବାହ୍ୟସ୍ତରକୁ କ୍ଷତି ପହଞ୍ଚାଇଥାଏ । ଯାହାକୁ ଏନାମେଲ୍ କୁହାଯାଇଥାଏ । ଏହି ଫଳରସକୁ ବାରମ୍ବାର ପିଇବା ଫଳରେ ଦାନ୍ତ ନଷ୍ଟ ହୋଇଯାଇଥାଏ ।

### ଜାଣନ୍ତୁ କେମିତି ପିଇବେ....

ଯଦି ଆପଣ ସାଇଟ୍ରସ୍ ରସ ପିଇବାକୁ ଚାହାଁନ୍ତି ତେବେ ଏହାକୁ ଖାଦ୍ୟ ସହିତ ପିଇପାରିବେ । ନଚେତ୍ ଏହାକୁ ଖାଇବା ପରେ ପିଇପାରିବେ । ଯାହା ଆପଣଙ୍କ ସୁସ୍ଥ ଶରୀର ଗଠନ କରିବାର ଯାତ୍ରାକୁ ସହଜ କରିବ । ଏହା ପେଟରେ ଏସିଡିଟି ସ୍ତର ହ୍ରାସ କରେ ଏବଂ ହାର୍ଟବର୍ଣ୍ଣର ଆଶଙ୍କାକୁ ମଧ୍ୟ କମ୍ କରିଥାଏ । ଖାଲି ପେଟରେ ଉଷୁମ ପାଣି କିମ୍ବା ଲେମ୍ବୁ ପାଣି ପିଇବା ଦ୍ୱାରା ଶରୀରକୁ ହାଇଡ୍ରେଟ୍ ଏବଂ ସଫା କରିବାର ଏକ ଉତ୍ତମ ଉପାୟ ବୋଲି ମନାଯାଇଥାଏ । ଯେଉଁମାନଙ୍କର ପେଟ ସମସ୍ୟା ଯେପରିକି ଗ୍ୟାଷ୍ଟ୍ରିକ୍ କିମ୍ବା ଏସିଡ୍ ରିଫ୍ଲକ୍ସ ଅଛି ସେମାନେ ସକାଳେ ଖାଲି ପେଟରେ ସାଇଟ୍ରସ୍ ଫଳ କିମ୍ବା ଏହାର ରସକୁ ସମ୍ପୂର୍ଣ୍ଣ ଭାବରେ ଏଡାଇବା ଉଚିତ ।

## କୁକୁର ବୁଲାଇ ମାସକୁ ସାଢ଼େ ୪ ଲକ୍ଷ ରୋଜଗାର

ମହାରାଷ୍ଟ୍ରର କୁକୁରକୁ ବୁଲାଉଥିବା ଜଣେ ବ୍ୟକ୍ତି ଆଜିକାଲି ଖବରରେ ଅଛନ୍ତି । ଏହାର କାରଣ ହେଉଛି ତାଙ୍କର ରୋଜଗାର, ଯାହା ବଡ଼ ବଡ଼ ବୃତ୍ତିଗତଙ୍କୁ ପଛରେ ପକାଇ ଦେଉଛି । ବ୍ୟକ୍ତି ଜଣକ ପ୍ରତି ମାସରେ ପ୍ରାୟ ୪.୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି, ତାହା ମଧ୍ୟ କେବଳ କୁକୁର ବୁଲାଇ । ଏମବିବିଏସ ଏବଂ ଏମବିଏ ଡିଗ୍ରୀଧାରୀମାନେ ପ୍ରାୟତଃ ଏହାଠାରୁ କମ୍ ରୋଜଗାର କରିଥାନ୍ତି । ଏହି ଦେଶୀ ଯାଦୁକର ପ୍ରମାଣ କରିଛନ୍ତି ଯେ, କଠିନ ପରିଶ୍ରମ ଏବଂ ଆଗ୍ରହ କୌଣସି ଡିଗ୍ରୀ ଠାରୁ କମ୍ ନୁହେଁ । ଏହି ବ୍ୟକ୍ତିଙ୍କ କାହାଣୀ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ସମସ୍ତେ ତାଙ୍କ ବିଷୟରେ କଥାବାର୍ତ୍ତା କରୁଛନ୍ତି । ଟେଲିଚକ୍କରର ଏକ ରିପୋର୍ଟ ଅନୁଯାୟୀ, ମହାରାଷ୍ଟ୍ରର କୁକୁରକୁ ବୁଲାଉଥିବା ଜଣେ ବ୍ୟକ୍ତି ତାଙ୍କ କାମକୁ ଏକ ନୂତନ ସ୍ତରକୁ ନେଇଯାଇଛନ୍ତି । ଏହି ବ୍ୟକ୍ତି ପ୍ରତ୍ୟେକ କୁକୁରକୁ ଦିନକୁ ଦୁଇଥର ବୁଲାଇବା ପାଇଁ ୧୦ ରୁ ୧୫ହଜାର ଟଙ୍କା ନିଅନ୍ତି । ଏହା ଶୁଣି ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହା ସତ୍ୟ ! ବର୍ତ୍ତମାନ, ସେ ୩୮ଟି କୁକୁରଙ୍କ ଯତ୍ନ ନେଉଛନ୍ତି, ଯାହା ସହରର ପଶ ଅଞ୍ଚଳରେ ରହୁଥିବା ପୋଷା ପ୍ରାଣୀ ପ୍ରେମୀଙ୍କର । ସକାଳ ଏବଂ ସନ୍ଧ୍ୟାରେ କୁକୁରଙ୍କୁ ବୁଲାଇବା ସହିତ, ସେ କୁକୁରମାନଙ୍କର ଫିଟନେସ୍ ଏବଂ ସୁସ୍ଥତାର ମଧ୍ୟ ଯତ୍ନ ନିଅନ୍ତି । କୁକୁର ପୋଷୁଥିବା ଲୋକେ ତାଙ୍କ କାମରେ ବେଶ୍ ଖୁସି । ଫଳରେ ତାଙ୍କର ଚାହିଦା ବଢ଼ିବାରେ ଲାଗିଛି । ସବୁଠାରୁ ମଜାଦାର କଥା ହେଉଛି କୁକୁର ବୁଲାଉଥିବା ଏହି ବ୍ୟକ୍ତିଙ୍କ ଭାଇ ଜଣେ ଏମବିଏ ସ୍ନାତକ । ସେ ମାସକୁ ମାତ୍ର ୭୦,୦୦୦ ଟଙ୍କା ରୋଜଗାର କରନ୍ତି କିନ୍ତୁ ଏହି ବ୍ୟକ୍ତି ତାଙ୍କ ଭାଇଙ୍କ ଅପେକ୍ଷା ୬ ଗୁଣା ଅଧିକ ରୋଜଗାର କରୁଛନ୍ତି । ଲୋକମାନେ ଡିଗ୍ରୀ ପଛରେ ଦୌଡୁଥିବା ବେଳେ, ସେ ପ୍ରମାଣ କରିଛନ୍ତି ଯେ, ଯଦି ହୃଦୟରେ ଆଗ୍ରହ ଏବଂ କାମରେ ସମର୍ପଣ ମନୋଭାବ ଥାଏ, ତେବେ ଜଣେ ଆକାଶକୁ ମଧ୍ୟ ଛୁଇଁ ପାରିବ । ତାଙ୍କର କାହାଣୀ ଶୁଣି ଲୋକମାନେ ଆଶ୍ଚର୍ଯ୍ୟ ହେଉଛନ୍ତି ଯେ, ଏକ ସାଧାରଣ କାମ କିପରି ଏତେ ବଡ଼ ସଫଳତାର ପଥ ହୋଇପାରେ । କୁକୁର ବୁଲାଉଥିବା ଏହି ବ୍ୟକ୍ତିଙ୍କ କାହାଣୀ ସୋସିଆଲ ମିଡିଆରେ ନିଆଁ ପରି ବ୍ୟାପିବାରେ ଲାଗିଛି । ଲୋକମାନେ ଏହାକୁ ସେୟାର କରୁଛନ୍ତି ଏବଂ ମିମ୍ ତିଆରି କରୁଛନ୍ତି । ଅନେକ ସୋସିଆଲ ମିଡିଆ ୟୁଜର ଲେଖିଛନ୍ତି, ଡିଗ୍ରୀ ଅପେକ୍ଷା ଦକ୍ଷତା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି କାହାଣୀ ସେହି ସମସ୍ତ ଲୋକଙ୍କ ପାଇଁ ଏକ ଉଦାହରଣ ଯେଉଁମାନେ ଭାବନ୍ତି ଯେ, କେବଳ ଏକ ପାରମ୍ପରିକ କ୍ୟାରିଅର ସଫଳତାର ଗ୍ୟାରେଣ୍ଟି । ଏହି ବ୍ୟକ୍ତି ଦେଖାଇଛନ୍ତି ଯେ, ଅନନ୍ୟ ପଥ ମଧ୍ୟ ଜଣଙ୍କୁ ତାଙ୍କର ଆଶା କରିଥିବା ଲକ୍ଷ୍ୟସ୍ଥଳକୁ ନେଇଯାଇପାରେ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik




କଣାସ, (ଭାସ୍କର ନ୍ୟୁଜ): ବଳଙ୍ଗା ପିଡିତାର ମୃତ୍ୟୁ ହେବାପରେ ନ୍ୟାର୍ଯ୍ୟ ଦାବି କରି ବିଜୁ ଜନତା ଦଳ ପୁରୀ ଜିଲ୍ଲା ସଭାପତି ସତ୍ୟାବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଆହ୍ୱାନରେ ଆଜି ଜିଲ୍ଲାର ସମସ୍ତ ବ୍ଲକରେ ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରହିଥିଲା। କଣାସ ବ୍ଲକରେ ମଧ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ସଫଳ ହୋଇଥିଲା। କଣାସ ବ୍ଲକ ବିଜୁ ଜନତା ଦଳ ବରିଷ୍ଠ କର୍ମୀ ରାଜେଶ ହରିଚନ୍ଦନ, ଦୋକନ୍ଦା ସରପଞ୍ଚ ଈର୍ଶ୍ୱର ହରିଚନ୍ଦନ, ବଡାସ ପୂର୍ବତନ ସରପଞ୍ଚ ବଳରାମ ପଲାଇ, କାହ୍ନୁ ଜୟସିଂହ ପ୍ରଭୃତି ଶାତାଧିକ ବିଜେଡି କର୍ମୀ ହାତରେ ବିଜେଡି ପତାକା ଧରି ସକାଳ ସକାଳୁ କଣାସ ଗୋଲାବଜାରରୁ ଏକ ଶୋଭାଯାତ୍ରାରେ ବାହାରି ବଳଙ୍ଗା ପିଡିତାର ମୃତ୍ୟୁର ନାୟ ଦାବୀକରି ସ୍ଲୋଗାନ୍ ଦେଇ କଣାସ ଗୋଲାବଜାରରୁ ବାହାରି କଣାସ ବସଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, ବାଲିଘାଇଛକ, ବ୍ଲକ ବଜାର, ଜଙ୍କିଆ ବଜାର, ବିଜିପୁର ବଜାର ପରିକ୍ରମା କରି ଦୋକନା ବଜାର ବନ୍ଦ ରଖିବା ପାଇଁ ଦୋକାନିମାନଙ୍କୁ ନିବେଦନ କରିଥିଲେ। କଣାସରୁ କୌଣସି ଯାତ୍ରୀବାହୀ ବସପୁରୀ, ଭୁବନେଶ୍ୱର, କଟକ ଯାଇନଥିଲା।

# କଲେଜ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): କଲେଜ ଛାତ୍ରୀଙ୍କୁ ବୟସ୍କ ବ୍ୟକ୍ତିଜଣକ ଅସଦାଚରଣ ଅଭିଯୋଗ। ଘଟଣାକୁ ୯ଦିନରୁ ଅଧିକ ବିତିଥିଲେ ମଧ ଅଭିଯୁକ୍ତକୁ ପୋଲିସ ଧରିନଥିବାରୁ ପୋଲିସ ତଦନ୍ତ ଉପରେ ସନ୍ଦେହ କରି ବିଜୁ ଜନତା ଦଳ ତରଫରୁ ଅସ୍ତରଙ୍ଗ ଥାନା ସାମ୍ନାରେ ଦୀର୍ଘ ସମୟ ଧାରଣା ପରେ ଉପଖଣ୍ଡ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ଅବ୍ୟହାତ ହୋଇଥିଲା। ଖବର ମୁତାବକ ଗତ ଜୁଲାଇ ୨୮ତାରିଖ ଅପରାହ୍ନ ୩ଘ ୩୦ମିନିଟ ସମୟରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଓସିଆଁ ଗ୍ରାମର ୧୯ବର୍ଷୀୟ କଲେଜ ଛାତ୍ରୀ ନଦୀ ପଠାରେ ଥିବା ଲଙ୍କା କିଆରୀକୁ ଯାଇଥିଲେ। ସେଠାରେ କଲେଜ ଛାତ୍ରୀ ପହଞ୍ଚି କିଆରୀରୁ ଲଙ୍କା ତୋଳୁଥିବା ସମୟରେ ଖରୀବୁଦା ପାଖରେ ଲୁଚି ରହିଥିବା ଜୈନିକ ବ୍ୟକ୍ତି ହଠାତ କଲେଜ ଛାତ୍ରୀ ଜଣକର ନାମ ଧରି ଡାକିବା ସହ ପଛପଟୁ କଲେଜ ଛାତ୍ରୀଙ୍କୁ ୫୫ବର୍ଷୀୟ ଜୈନିକ ବ୍ୟକ୍ତି ଧରି ପକାଇବା ସହ ଛାତ୍ରୀଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇଥିଲା। ଏହା ପରେ କଲେଜ ଛାତ୍ରୀ ଜଣକ ବଡ଼ ପାଟିରେ ପାଟି କରି ଛାଟିଦେଇ ଦୌଡ଼ି ଆସିଥିଲା। ଏହା ପରେ ଜୈନିକ ବ୍ୟକ୍ତି ପଛରେ ଗୋଡାଉଥିବା ବେଳେ ସେହି ଗ୍ରାମର ଈଶ୍ୱର ଦାସ ଗାଈ ବାନ୍ଧିବାକୁ ଆସୁଥିଲେ ଯାହା ଫଳରେ ଜୈନିକ ବ୍ୟକ୍ତି ସେ ସ୍ଥାନରୁ ଦୌଡ଼ି ପଳାଇଗଲା। ଏହା ପରେ କଲେଜ ଛାତ୍ରୀ ଜଣକ ଗାଁ'ର ମୁରବି ମାନଙ୍କୁ ଜଣାଇଥିଲେ। ଘଟଣା ସମ୍ପର୍କରେ ଗ୍ରାମର ମୁରବିମାନେ ବସି ଜୁଲାଇ ୨୯ତାରିଖରେ ଉଭୟପକ୍ଷରୁ ଡାକି ପଚାରିଥିଲେ, ଏହି ସମୟରେ ଜୈନିକ ବ୍ୟକ୍ତି ଜାତିଆଣା ଆକ୍ଷେପ କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଯାହା ଫଳରେ କଲେଜ ଛାତ୍ରୀ ଜଣକ ଅସ୍ତରଙ୍ଗ ଥାନାର ଦ୍ୱାରସ୍ତ ହୋଇଥିଲେ। ଥାନା ଅଧିକାରୀ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ବୁଝିବା ସହ ଜୈନିକ ବ୍ୟକ୍ତିକୁ ଥାନାକୁ ଡକାଇ ଘଟଣା ସମ୍ପର୍କରେ ବୁଝିଥିଲେ ମଧ। କିନ୍ତୁ ଅସ୍ତରଙ୍ଗ ଥାନା କେଶ ନମ୍ବର ୧୫୯/୨୫ରେ ମାମଲା ରୁଜୁ କରି ପୋଲିସ ଚୁପ ରହିଗଲେ। ଅଭିଯୁକ୍ତ ନାମରେ ସଙ୍ଗିନୀ ଦଫା ଲାଗିଥିବା ବେଳେ ସେ କିପରି ଖୁଲମଖୁଲ୍ଲା ବୁଲୁଛି ତାହା ପୀଡିତାଙ୍କୁ ବହୁ ବ୍ୟଥିତ କରୁଥିବା ପୀଡ଼ିତାଙ୍କ ବାପା ପ୍ରକାଶ କରିଛନ୍ତି। ଦୀର୍ଘ ୯ଦିନରୁ ଅଧିକ ଦିନ ବିତିଥିଲେ ମଧ ଅଭିଯୁକ୍ତକୁ ଗିରଫ ପ୍ରତିବାଦରେ ବିଜୁ ଜନତା ଦଳ ତରଫରୁ ଏକ ଶୋଭାଯାତ୍ରା ବ୍ଲକ ବିଜେଡି ସଭାପତି ପଞ୍ଚାନନ ସ୍ୱାଇଁଙ୍କ ନେତୃତ୍ୱରେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସମିତି ସଭ୍ୟ ରାମଚନ୍ଦ୍ର ନାୟକ ବରିଷ୍ଠ ନେତା ଗଦାଧର ବିଶ୍ୱାଳ, ପ୍ରଫୁଲ୍ଲ ବେହେରା, ଭୀମସେନ ସ୍ୱାଇଁଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମୀ ଓ ନେତା ଅସ୍ତରଙ୍ଗ ଥାନା ସାମ୍ନାରେ ଧାରଣାରେ ବସିଥିଲେ। ଧାରଣା ସ୍ଥଳକୁ କିଛି ସମୟ ପରେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା ପହଞ୍ଚି ଧାରଣାରେ ସାମିଲ ହୋଇଥିଲେ। ଧାରଣା ସ୍ଥଳରେ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ପହଞ୍ଚିବା ପରେ ବିଜୁ ଜନତା ଦଳ ତରଫରୁ ଏକ ଦାବୀ ପତ୍ର ଦିଆଯାଇଥିଲା, ଏହା ସହ ବିଜୁ ଜନତା ଦଳର ନେତାଙ୍କ ସହ ଉପଖଣ୍ଡ ଅଧିକାରୀ ଆଲୋଚନା କରିବା ସହ ଅଭିଯୁକ୍ତକୁ ଗିରଫ କରିବା ଓ ଆଇନ ଅନୁଯାୟୀ ସମସ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ଅବ୍ୟାହାତ ହୋଇଥିଲା। ଏହା ପରେ ଥାନା ପରିସରରେ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଓ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ପୀଡିତାଙ୍କ ବାପା ଓ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ। ଯଦିଆଗାମୀ ଦିନରେ ପୀଡିତାକୁ ଉପଯୁକ୍ତ ନ୍ୟାୟ ନ ମିଳେ ଆଗାମୀ ଦିନରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ସ୍ୱାଧିନତା ଦିବସ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା



ମାଲକାନଗିରି, (ଭାସ୍କର ନ୍ୟୁଜ): ସ୍ଥାନୀୟ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସ୍ୱାଧୀନତା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ମାଲକାନଗିରି ସଦରର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଛନ୍ତି। ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଓ ଦେଶାତ୍ମ ବୋଧକ ସଙ୍ଗୀତ ପ୍ରତିଯୋଗିତା ରହିଛି। ଯେଉଁମାନେ କୃତିତ୍ୱ ହାସଲ କରିବେ ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଏହି ପ୍ରତିଯୋଗିତାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଉପସ୍ଥିତ ଥିଲେ। ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ ପ୍ରତିଯୋଗିତା ପରିଚାଳନା କରିଥିଲେ। ସିଆରସିସି ମାନସ ରଞ୍ଜନ ମହାପାତ୍ର, ସରୋଜ କୁମାର ସାହୁ, ସୂର୍ଯ୍ୟକାନ୍ତ ଘଡ଼େଇ, ଜିତେନ୍ଦ୍ର କୁମାର ତ୍ରିପାଠୀ, ଉମାକାନ୍ତ ଡଙ୍ଗରୀ, ବିଭୁତି ଭୁଷଣ ପାତ୍ର, ପଡିଆ ମାଢ଼ି, କନକ ବାଳା ରାଉତ, ଅଭିପ୍ସା ତରାଇ, ରାମ ପ୍ରସାଦ ପାଢ଼ୀ, ଝୁମ୍ପାରାଣୀ ସରକାର, ସଞ୍ଚିତା ରାଣୀ ମଣ୍ଡଳ ଓ ସିପ୍ରା ବିଶ୍ୱାସଙ୍କୁ ସହଯୋଗ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଗୋରୁ ଚାଲାଣ ପିକଅପ୍ ଭ୍ୟାନ୍ ଜବତ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ସାମ୍ନାରୁ ବୁଧବାର ରାତି ୪ଟା ବେଳେ ତିହିଡ଼ି ପୋଲିସ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଜବତ କରିଛି। ଏସମ୍ପର୍କରେ ପୋଲିସ ୨୭୩/ ୨୫ ମକଦ୍ଦମା ରୁଜୁକରି ଭ୍ୟାନ ଚାଳକ ବାଂଶଡା ଥାନା ଅଧିନ ପରମାନନ୍ଦପୁର ଗ୍ରାମର ସେକ ସବିରଙ୍କୁ ଗିରଫକରିଥିବା ବେଳେ ପିକପ ଭ୍ୟାନରୁ ୧୬ଟି ଗୋରୁ ପୋଲିସ ଉଦ୍ଧାର କରିଥିବା ଜଣାପଡିଛି। ଚାନ୍ଦବାଲିରୁ ଏକ ପିକଅପ ଭ୍ୟାନରେ ଗୋରୁ ବୋଝେଇ ହୋଇ ଭଦ୍ରକ ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଭ୍ୟାନକୁ ଧରିବାକୁ ସକ୍ଷମ ହୋଇଥିଲା। ଉଦ୍ଧାର ହୋଇଥିବା ଗୋରୁମାନଙ୍କୁ ଭଦ୍ରକ ମଇତାପୁର ସ୍ଥିତ ଗୋଶାଳାରେ ଛଡ଼ାଯାଇଥିବ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ରାଇରଙ୍ଗପୁର ନୂତନ ଅତିରିକ୍ତ ଜିଲ୍ଲାପାଳ ସୂଚାରୁ କୁମାର ବଳ

ବାରିପଦା, (ଭାସ୍କର ନ୍ୟୁଜ): ଗୁରୁବାର ରାଇରଙ୍ଗପୁରର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସୂଚାରୁ କୁମାର ବଳ, ଓ.ପ୍ର.ସେ. (ଏସଏଜି)। ଏଥି ପୂର୍ବରୁ ବଳ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ଗୁରୁବାର ଜିଲ୍ଲାପାଳଙ୍କ ଠାରେ କାର୍ଯ୍ୟରେ ଯୋଗଦାନ ଅବସରରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ପଦାଧିକାରୀ ଓ କର୍ମଚାରୀମାନେ ନୂତନ ଅତିରିକ୍ତ ଜିଲ୍ଲାପାଳ ସୂଚାରୁ କୁମାର ବଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଶୁଭକାମନା ଜଣାଇଥିଲେ।


# ହିମାଳୟ ବେବିକେୟାର 'ହରକଦମ ହର ମା' କେ ସାଥ୍' ଅଭିଯାନ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଦେଶିତ ଭାରତର ୧ ନମ୍ବର ବେବି କେୟାର ବ୍ରାଣ୍ଡ ହିମାଳୟ ବେବିକେୟାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରିବାକୁ ଯାଇ ହୃଦୟକୁ ଛୁଇଁଲା ଭଳି ଏକ ଡିଭିସି ଫିଲ୍ମ ଉନ୍ମୋଚନ କରିଛି। 'ହର କଦମ ହର ମା' କେ ସାଥ୍' ଶୀର୍ଷକ ଏହି ଅଭିଯାନ ମା'ମାନେ ସର୍ବସାଧାରଣ ସ୍ଥଳଗୁଡିକରେ ଗୋପନୀୟତା ଏବଂ ସମର୍ଥନକାରୀ ପରିବେଶ ଅଭାବରୁ ସ୍ତନ୍ୟପାନ କରାଇବା ସମୟରେ ଅନେକ ସମୟରେ ଅଣଦେଖା କରାଯାଉଥିବା ଯେଉଁସବୁ ଚାଲେଞ୍ଜର ସମ୍ମୁଖୀନ ହୁଅନ୍ତି, ସେ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରୁଛି। ଜଣେ ମା'ଙ୍କର ସ୍ୱାଚ୍ଛନ୍ଦ୍ୟ ଏବଂ ଆତ୍ମବିଶ୍ୱାସ ତାଙ୍କ ନିଜ ଘର ଦ୍ୱାର ଦେଶରେ ଶେଷ ହୋଇଯିବା ଅନୁଚିତ ବୋଲି ଚିନ୍ତାଧାରା ଦ୍ୱାରା ଅନୁପ୍ରେରିତ ହୋଇ ହିମାଳୟ ବେବିକେୟାର ସମଗ୍ର ଭାରତରେ ନିୟୁତ ନିୟୁତ ମା'ମାନଙ୍କ ନିମନ୍ତେ ଏହି ଅନୁଭୂତିରେ ରୂପାନ୍ତରଣ ଆଣିବାକୁ ଲକ୍ଷ୍ୟ ରଖିଛି। ବିଗତ ୧୩ ବର୍ଷ ଧରି ହିମାଳୟ ବେବିକେୟାର ସମଗ୍ର ଭାରତରେ ବିମାନ ବନ୍ଦର, ରେଳଷ୍ଟେସନ, ହସ୍ପିଟାଲ ଏବଂ ଅନ୍ୟ ସର୍ବସାଧାରଣ ସ୍ଥଳ ଆଦିରେ ୫୦୦ରୁ ଅଧିକ ଚିନ୍ତନଶୀଳ ଭାବରେ ଡିଜାଇନ କରାଯାଇଥିବା ସ୍ତନ୍ୟପାନ ପ୍ରକୋଷ୍ଠ ସ୍ଥାପନ କରିସାରିଛି, ଯେଉଁଗୁଡିକ ମା'ମାନଙ୍କୁ ସେମାନଙ୍କ ଶିଶୁମାନଙ୍କୁ ସ୍ତନ୍ୟପାନ କରାଇବା ନିମନ୍ତେ ଗୋପନୀୟ, ପରିଷ୍କୃତ ଏବଂ ନିରାପଦ ସ୍ଥଳ ଯୋଗାଇ ଦେଉଛି। ଏହି ପ୍ରଚାର ଅଭିଯାନ ସମ୍ପର୍କରେ ପ୍ରକାଶ କରି ଚକ୍ରବର୍ତ୍ତୀ ଏନ୍.ଭି, ଡାଇରେକ୍ଟର- ବେବିକେୟାର, ହିମାଳୟ ୱେଲନେସ୍ କମ୍ପାନୀ କହିଥିଲେ, "ହିମାଳୟ ବେବିକେୟାରରେ ଆମର ପ୍ରତିବଦ୍ଧତା ଉତ୍ପାଦ ସମ୍ପର୍କିତ ଯତ୍ନରୁ ଯଥେଷ୍ଟ ଊର୍ଦ୍ଧ୍ୱରେ। ଏହା ମା'ମାନଙ୍କୁ ଶାରୀରିକ ଏବଂ ସାମାଜିକ ସ୍ତରରେ ଭାବପ୍ରବଣତାର ସହିତ ସମର୍ଥନ କରିବା ଉପରେ ଆଧାରିତ। ଆମର ୫୦୦ରୁ ଅଧିକ ହାପି ଫିଡିଂ ରୁମ୍ ଜରିଆରେ ଆମେ ମା'ମାନେ ଯେଉଁଠାରେ ଥିଲେ ମଧ ସେମାନଙ୍କୁ ସେହି ଶାନ୍ତିର ନିକଟତର କରାଇବା ଲକ୍ଷ୍ୟ ରଖିଛୁ।' ଏହି ପ୍ରୟାସର ଅଂଶସ୍ୱରୂପ ପ୍ରତ୍ୟେକ ହିମାଳୟ ବେବି ସୋପ୍, ଲୋସନ ଏବଂ କ୍ରିମ୍ ବିକ୍ରିରୁ ୫ ଟଙ୍କା ମା'ମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟକର ସ୍ତନ୍ୟପାନ ପ୍ରକୋଷ୍ଠ ନିର୍ମାଣ ନିମନ୍ତେ ଅବଦାନ ରଖାଯାଉଛି। ପ୍ରତିବର୍ଷ ୫.୫ନିୟୁତରୁ ଅଧିକ ମା' ଏହି ସୁବିଧାଗୁଡିକ ବ୍ୟବହାର କରୁଥିବା ବେଳେ ସମଗ୍ର ଭାରତରେ ଅଧିକରୁ ଅଧିକ ମା'ମାନଙ୍କୁ ସ୍ତନ୍ୟପାନ କରାଇବା ଯେଭଳି ସହଜ ଓ ସୁବିଧାଜନକ ହୋଇପାରିବ, ତାହା ବ୍ରାଣ୍ଡର ଲକ୍ଷ୍ୟ। 'ହର କଦମ ହର ମା' କେ ସାଥ୍' ଅଭିଯାନ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ହିମାଳୟ ବେବି କେୟାରର ସମସ୍ତ ଡିଜିଟାଲ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡିକରେ ଶୁଭାରମ୍ଭ କରାଯାଇଛି।

# କେନାଲରେ ବୁଡି ଯୁବକ ମୃତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୟାବନାପୁର ଗ୍ରାମର ଯୁବକ ପିତାମ୍ବର ସେନାପତି(୨୩) ହାଇଲେବୁଲ କେନାଲରେ ବୁଡି ଗୁରୁବାର ମୃତ୍ୟୁବରଣ କରିଥିବା ଜଣାଯାଇଛି। କୃଷିକାର୍ଯ୍ୟରୁ ଫେରି ଅପରାହ୍ନ ୩ଟା ସମୟରେ ପିତାମ୍ବର ଶୌଚ ପାଇଁ କେନାଲକୁ ଯାଇଥିଲେ। ସେଠାରେ ଗୋଡ ଖସିଯିବାରୁ ଗଭୀର ଜଳସ୍ରୋତରେ ବୁଡିଯାଇଥିଲେ। ଖବରପାଇ ସ୍ଥାନୀୟ ଦମକଳ କେନ୍ଦ୍ର କର୍ମଚାରୀ କେନାଲ ଜଳରୁ ପିତାମ୍ବରଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମ୍ପର୍କୀୟ ଭାଇ



ନିରଞ୍ଜନଙ୍କ ଅଭିଯୋଗ କ୍ରମେ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ବ୍ୟବଚ୍ଛେଦ ପାଇଁ ଶବ ଭଦ୍ରକ ପଠାଯାଇଥିବା ଜଣାଯାଇଛି।

# ନିମାପଡ଼ାରେ ବିଜେଡ଼ିର ୬ ଘଣ୍ଟିଆ ପୁରୀ ବନ୍ଦର ଆଂଶିକ ପ୍ରଭାବ



ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା-ବଳଙ୍ଗା ପୀଡ଼ିତା ମୃତ୍ୟୁବରଣ କରି ସାରିଥିବା ବେଳେ ପୀଡ଼ିତାଙ୍କୁ ନେଇ ଏବେ ରାଜନୀତି ଜୋର ଧରିଛି। ପୀଡ଼ିତାଙ୍କୁ ନ୍ୟାୟ ଦେବା ନା ଦଳୀୟ ପ୍ରଚାର, ପ୍ରସାର ପାଇଁ ଏପରି କରାଯାଉଛି ତାହାକୁ ନେଇ ଜନସାଧାରଣ ପ୍ରଶ୍ନ କରିଛନ୍ତି। ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବସିଛନ୍ତି ବିଜେଡ଼ି ଦଳର ନେତା ଓ କର୍ମୀ। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯିବା ଏହି ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତି ମାନଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି। ପୋଲିସ ୧୬୨/ ୨୫ରେ ମାମଲା ରୁଜୁ କରି ନୀରବ ସାଜିଥିବା ବେଳେ ବୟାନ୍ ରେକର୍ଡ଼ ଠାରୁ ଆରମ୍ଭ କରି ବିଭିନ୍ନ ଦିଗରୁ କ୍ରାଇମବ୍ରାଞ୍ଚ ପୋଲିସର ସ୍ପେଶାଲ୍ ଟିମ୍ ତଦନ୍ତ କରିଥିଲେ ମଧ ଏହି ଘଟଣାକୁ ଚପାଇ ଦେବା ପାଇଁ ରୀତିମତ ଯୋଜନା ଚାଲିଥିବା ବିଜେଡ଼ି ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ଥାନରେ ଟାୟାର ଜାଳି କର୍ମୀମାନେ ବିକ୍ଷୋଭ କରିଛନ୍ତି। ପୁରୀ ଜିଲ୍ଲା ନିମାପଡ଼ାରେ ଏହାର ଆଂଶିକ ପ୍ରଭାବ ପଡ଼ିଥିବା ବେଳେ ଗାଡ଼ି ମୋଟର ଚଳାଚଳ ସକାଳ ୬ରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ନୂଆ ଗୋପାଳପୁର ଗ୍ରାମରେ ପୀଡ଼ିତା ପୋଡ଼ି ଘଟଣାକୁ ନେଇ ଏବେ ରାଜନୀତି ବୟାନ୍ ବାଜି ଜୋରଧରିଛି। ଗୁରୁବାର ବିଜେଡ଼ି ନେତା ଦିଲ୍ଲୀପ ନାୟକଙ୍କ ନେତୃତ୍ୱରେ ମାନସ ପ୍ରଧାନ, ଦିଲ୍ଲୀପ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ମଲ୍ଲିକ, ନିରଞ୍ଜନ ମହାପାତ୍ର, ବିଜୟ ପଟ୍ଟନାୟକ, ଧନୁର୍ଦ୍ଧର ଦାସ, କୁଞ୍ଜଲତା ସାମଲ, ଗଙ୍ଗାଧର ବେହେରା, ପବିତ୍ର ମହାପାତ୍ର, ଚିନ୍ତାମଣୀ ବରାଳ, ଗଙ୍ଗାଧର ଖଟୋଇ, ରଶ୍ମି ରଞ୍ଜନ ପଣ୍ଡା, ତପନ ପ୍ରଧାନ, ଫକୀର ପରିଡ଼ା, ଗୁଡୁ ନାୟକଙ୍କ ସମେତ ଶତାଧିକ କର୍ମୀ ନିମାପଡ଼ା ଦୋଳବେଦୀ ଛକ ଠାରେ ଟାୟାର ଜାଳି ବିକ୍ଷୋଭ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଜୟଶ୍ରୀ ଛକଠାରେ ମଧ କର୍ମୀମାନେ ଟାୟାର ଜାଳି ବିକ୍ଷୋଭ କରିଛନ୍ତି। ଚାରିଛକ, ତୁଳସୀପୁର, ଅମରେଶ୍ୱର, ଖେଲାର, ରେଞ୍ଚ ଆଦି ବିଭିନ୍ନ ସ୍ଥାନରେ କର୍ମୀମାନେ ବିକ୍ଷୋଭ କରିବା ସହ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ପରେ ଏକ ବାଇକ୍ ରାଲି ଗୋପ ଅଭିମୁଖେ ବାହାରି ଥିଲା। ବିଜେଡ଼ିର ୬ ଘଣ୍ଟିଆ ବନ୍ଦ ଆଂଶିକ ପ୍ରଭାବ ପଡ଼ିଥିବା ବେଳେ ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ ଖୋଲାଥିଲା। ରାଜ୍ୟ ସରକାର ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ସମସ୍ତ ସୁବିଧା ଯୋଗାଇ ଦେଇଥିବା କୁହାଯାଉଛି।

# ତାତିଲା ଶ୍ରାବଣ, ଶୁଖିଲା ଚାଷ ଜମି

କନ୍ଧମାଳ,(ଭାସ୍କର ନ୍ୟୁଜ): ମୌସୁମୀ ବର୍ଷା ପୂର୍ବରୁ ଚାଷୀ ନିଜ ଚାଷଜମି ପ୍ରସ୍ତୁତ କରି ଧାନ ବିହନ ଆଣି ତଳି ପକାଇ ଧାନ ବୁଣା କରିଥିଲା। ଆଷାଢ଼ରେ ମେଘ ବର୍ଷିଲା ଚାଷୀ ଧାନ ବୁଣା ସହ ରୁଆ ପାଇଁ ସବୁ ପ୍ରସ୍ତୁତିରେ ଲାଗିପଡ଼ିଲେ। ହେଲେ ଶ୍ରାବଣ ଆସିବା ବେଳକୁ ଧୋକା ଦେଲା ମୌସୁମୀ। ଶ୍ରାବଣରେ ବୈଶାଖ ମାସର ଖରା ଅନୁଭୂତ ହୋଇ ଖରାକୁ ଦେଖି ଚାଷୀକୁଳ ହତାଶ ହୋଇ ପଡ଼ିଛନ୍ତି। ଫଳରେ ଅଧାରେ ରହିଛି ଚାଷୀଙ୍କ ରୁଆ ବେଉଷଣ। ଏମିତି କିଛି ଚିତ୍ର କନ୍ଧମାଳ ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକର ୨୪ ଟି ପଞ୍ଚାୟତର ଶତ ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ, ଖରିଫ ଧାନ ଚାଷ ପାଇଁ ଚାଷି ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଫାଇନାନ୍ସ କମ୍ପାନୀ ମହାଜନି ଋଣ କରି ଚାଷ ସୁଦ୍ଧା କନ୍ଧମାଳ ବ୍ଲକରେ ୪୦ ପ୍ରତିଶତ ଚାଷୀଙ୍କ ରୁଆ ବେଉଷଣ ସରି ନାହିଁ। ଆଷାଢ଼ ଯାଇ ଶ୍ରାବଣ ସରିବାକୁ ବସିଲାଣି ତଥାପି ଚାଷୀଙ୍କ ଚାଷଜମି ଶୁଖୁଲା ପଡ଼ିଛି। ପଞ୍ଚାୟତ ପାଇଁ ଜଳ ସେଚନର ବ୍ୟବସ୍ଥା ନଥିବା ବେଳେ ଇନ୍ଦ୍ର ଭରସାରେ ଚାଷୀର ଚାଷ କାର୍ଯ୍ୟ କରନ୍ତି। ପୂର୍ବରୁ ଯେଉଁ ଚାଷୀ ରୁଆ କରିଛନ୍ତି ତାହାବି ବର୍ଷା ଅଭାବରୁ ସ୍ଥାନେସ୍ଥାନେ ଚାଷଜମି ଫାଟି ରୁଆ ହୋଇଥିବା ତଳି ଶୁଖିଗଲାଣି। ବର୍ଷାର ଲୁଚକାଳି ଖେଳରେ ଚାଷୀ ନିରୁପାୟ ହୋଇପଡ଼ିଛି। ଆଉ କିଛିଦିନ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପହଞ୍ଚିବ। ହେଲେ ଚାଷକାର୍ଯ୍ୟ ବିଳମ୍ବିତ କାରଣରୁ ନୂଆଁଖାଇ ସଜବାଜ ପାଇଁ ଚାଷୀ ମନରେ ଉତ୍ସାହ ଦେଖିବାକୁ ମିଳୁନାହିଁ।

# ଓଡ଼ିଆ ବିଭାଗ ତରଫରୁ ଅନ୍ତର୍ଜାତୀୟ ଆଲୋଚନାଚକ୍ର




କେନ୍ଦୁଝର, (ଭାସ୍କର ନ୍ୟୁଜ): ବୁଧବାର ଧରଣୀଧର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୁଲ୍ୟରେ 'ଆଧୁନିକତା ପରିପ୍ରେକ୍ଷୀରେ ଭାଷା ଓ ସାହିତ୍ୟ' ବିଷୟବସ୍ତୁକୁ ଆଧାର କରି ଦ୍ୱିଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ବିଭାଗର ଅଧାପିକା ଡ଼ ଶୁଭସ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଧରଣୀଧର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ. ସୁମନ୍ତ ନାୟକ ଆନ୍ତର୍ଜାତୀୟ ଆଲୋଚନା ଚକ୍ରର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ ଯେ ସମାଜରେ ଆଧୁନିକତାର ପ୍ରଭାବ ବିଷୟରେ ଆଲୋଚନା କରିବା ହେଉଛି ଏହି ଆଲୋଚନା ଚକ୍ରର ଉଦ୍ଦେଶ୍ୟ। ତ୍ରିଭୁବନ ବିଶ୍ୱବିଦ୍ୟାଳୟ, ନେପାଳର ପ୍ରଫେସର ଉତ୍ତମ ଭତରାଇ ଭାରତୀୟ ଭାଷା ପରିବାର ଏବଂ ଭାଷାର ଭୂମିକା ସମ୍ପର୍କରେ ତାଙ୍କର ମତ ଉପସ୍ଥାପନ କରିଥିଲେ। ପରେ ଆଲୋଚନା ଚକ୍ରରେ ସଭାପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଭାଷା ଓ ସାହିତ୍ୟକୁ ଆଧୁନିକତାର ପ୍ରଭାବରେ ସଙ୍କୁଚିତ ହେବାରୁ ରକ୍ଷାକରିବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ତାଙ୍କ ପରେ ଧରଣୀଧର ବିଶ୍ୱବିଦ୍ୟାଳୟର ଅଧାପକ ଡ଼. ଅଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରି ଉଦ୍ଘାଟନୀ ସଭାକୁ ଶେଷ କରିଥିଲେ। ଏହାପରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ଯେଉଁଥିରେ ପ୍ରଫେସର ନାରାୟଣ ସାହୁ ଭାଷା, ସାହିତ୍ୟ ଓ ସଂସ୍କୃତି ସବୁଥିରେ ଆଧୁନିକତାର ପ୍ରବେଶ କିପରି ଘଟୁଛି ସେ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ପ୍ରଫେସର ମହେଶ୍ୱର ପାଢ଼ୀ ତାଙ୍କ ଭାଷଣରେ ସାହିତ୍ୟର କାର୍ଯ୍ୟ ସମ୍ପର୍କରେ କହିବା ସହିତ ଏହା କିପରି ଜୀବନ ଓ ଜଗତ ସହିତ ଜଡିତ ରହି ପରବର୍ତ୍ତୀ ପିଢ଼ିଙ୍କ ପାଇଁ ସାଇତି ରଖିବା ସେ ସମ୍ପର୍କରେ ମତ ଦେଇଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ଡ. ସଂଘମିତ୍ରା ଭଞ୍ଜ ନିଜ ଭାଷଣରେ କହିଥିଲେ ଯେ ଆଧୁନିକତା ହେଉଛି ମନ ଓ ଆତ୍ମାର ନବୀକରଣ। ଏହା ମୂଳ ଓ ଜଡ଼ିଭୂତ ଚେତନାକୁ ଛାଡ଼ି ନଥାଏ। ଏହାପରେ ଧରଣୀଧର ବିଶ୍ୱବିଦ୍ୟାଳୟର ଅଧାପକ ଡ. ଜ୍ୟୋତି କିଶୋର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶ୍ୱଭାରତୀ ଶାନ୍ତି ନିକେତନର ଓଡ଼ିଆ ବିଭାଗର ଅବସର ପ୍ରାପ୍ତ ପ୍ରଫେସର ମନୋରଞ୍ଜନ ପ୍ରଧାନ ସଭାପତି ଦାୟିତ୍ୱ ଗ୍ରହଣ କରି ନିଜର ବକ୍ତବ୍ୟ ରଖିଥିଲେ। ତାଙ୍କ ପରେ ଶୀତଳ ପାଲବାବୁ, ମିଆଁମାର ସେ ନିଜର ଅଭିଭାଷଣରେ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ନିଜ ମତ ରଖିଥିଲେ। ତାଙ୍କ ପରେ ଲକ୍ଷ୍ମୀପ୍ରିୟା ବେହେରା ନିଜ ବକ୍ତବ୍ୟରେ ଆଧୁନିକତା ସମୟ ସହ ବଦଳିଥାଏ। ଏହା ଏକ ଚେତନା। ପ୍ରାଚୀନରୁ ବର୍ତ୍ତମାନ ଯାଏ ଘଟୁଥିବା ଭାଷାର ପରିବର୍ତ୍ତନ ସମ୍ପର୍କରେ ନିଜେ ମତବ୍ୟକ୍ତ କରିଥିଲେ। ତାଙ୍କ ପରେ ଅକାଲୁ ପୃଷ୍ଟି ଧନ୍ୟବାଦ ପ୍ରଦାନ କରି ସଭା ଶେଷ କରିଥିଲେ। ଏହା ପରେ ସନ୍ଧ୍ୟା ସମୟରେ ଡ଼. ସୁମନ୍ତ ନାଏକଙ୍କ ରଚିତ, ଡ଼. ତରୁଣ ଗାଙ୍ଗୁଲି ଓ ଡ଼. ଜ୍ୟୋତି କିଶୋର ମହାନ୍ତଙ୍କ ଦ୍ୱାରା ନିର୍ଦ୍ଦେଶନାରେ 'ଉଡା ଡାହାଣୀ' ନାମକ ନାଟକ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା।

# ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଦୁଇ ଦେକାନ ଭସ୍ମିଭୁତ



ରଣପୁର, (ଭାସ୍କର ନ୍ୟୁଜ): ରାଜ୍ୟରେ ବିଦ୍ୟୁତ ବିଭାଗ ସୁରକ୍ଷା ପାଇଁ ଯେତେ ପଦକ୍ଷେପ ନେଲେ ମଧ କର୍ମଚାରୀ ମାନଙ୍କ ଦାୟିତ୍ୱହିନତା ବେଖାତିର ମନୋଭାବ ପାଇଁ ଦୁର୍ଘଟଣା ଘଟି ଅନେକ ଧନ ଜୀବନ ହାନି ହେଉଛି। ବିଦ୍ୟୁତ କର୍ମଚାରୀ ମାନେ ବିଭିନ୍ନ ଦୋକାନ ଓ ଗୃହମାନଙ୍କରେ ବ୍ୟବହୃତ ତାର ଓ ସରଞ୍ଜାମ ବହୁ ପୁରୁଣା ହୋଇ ଅସୁରକ୍ଷିତ ଥିଲେ ମଧ ସ୍ଥାନୀୟ ଲାଇନମ୍ୟାନ କି ସହଯୋଗୀ ଦିଅନ୍ତି ନାହିଁ। ଯାହା ଫଳରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଥିବା ଅଭିଯୋଗ ହେଉଛି। ସେଭଳି ଏକ ଦୁର୍ଘଟଣା ଘଟି ନୟାଗଡ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ହାଟସାହି ମାଛ ବଜାର ପାଖରେ ମାର୍ଗି ବେହେରାଙ୍କ ଚିକେନ ଦୋକାନ କ୍ୟାବିନ ଓ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ତେଜରାତ, ପାନ ଦୋକାନ ପୋଡି ପାଉଁଶ ହୋଇଯାଇଛି। ଦୁଇ ବେହେରା ଭାଇଙ୍କ କହିବା ଅନୁଯାୟୀ ଦୋକାନରେ ଥିବା ସାଗଗ୍ରୀ ଓ ନଗଦ ଅର୍ଥ ପାଖାପାଖି ତିନି ଲକ୍ଷ ଟଙ୍କା ହେବ। ବିଳମ୍ବିତ ରାତି ତିନିଟା ରେ ଅଗ୍ନୀକାଣ୍ଡ ଘଟିଥିଲା। ରଣପୁର ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ ଅମରେନ୍ଦ୍ର ତ୍ରିପାଠୀ ଫୋନ ପାଇ ସଦଳବଳେ ଅଗ୍ନୀକାଣ୍ଡ ସ୍ଥଳରେ ପହଂଚିଥିଲେ। କିନ୍ତୁ ବିଦ୍ୟୁତ କାର୍ଯ୍ୟାଳୟକୁ ବିଦ୍ୟୁତ ସଯୋଗ କାଟିବାକୁ ଫୋନ୍ କରା ଯାଇଥିଲେ ମଧ ବିଦ୍ୟୁତ ବିଛିନ୍ନ ପାଇଁ ବହୁ ବିଳମ୍ବ ହୋଇଥିଲା। ଫଳରେ ବିଳମ୍ବରେ ଅଗ୍ନୀ ଆୟତ୍ତ ହୋଇଥିଲା। ବିଦ୍ୟୁତ ପରିଚାଳକ ଯନ୍ତ୍ରୀ ସୁଦର୍ଶନ କଦମ ସିଂ ବିଦ୍ୟୁତ ବିଭାଗର ଅବହେଳାକୁ ଅସ୍ୱୀକାର କରିଥିଲେ। ଅପରପକ୍ଷେ ବିଦ୍ୟୁତ୍ ବିଭାଗର ଜରୁରୀ ସେବା ରଣପୁରରେ ଅବହେଳା ଅଭିଯୋଗ।

# ଧାମନଗର ଅଙ୍ଗନବାଡ଼ି ସଂଘ ପକ୍ଷରୁ ୯ ଦଫା ଦାବି ପ୍ରଦାନ




ଧାମନଗର, (ଭାସ୍କର ନ୍ୟୁଜ): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏସନ ରାଜ୍ୟସଂଘ ନିଷ୍ପତ୍ତି ଅନୁଯାୟୀ ସମସ୍ତ ଜିଲ୍ଲାର ସମସ୍ତ ବ୍ଲକର ଶିଶୁ ବିକାଶ ଅଧୁକାରିଣୀଙ୍କ ମାଧମରେ ପୁନଃର୍ବାର ରାଜ୍ୟ ସରକାରଙ୍କୁ ୯ ଦଫା ଦାବି ପ୍ରଦାନ କରାଯାଇଛି। ଧାମନଗର ଅଙ୍ଗନବାଡ଼ି ସଂଘ ପକ୍ଷରୁ ଗୁରୁବାର ଦିନ ୩ ଟା ସମୟରେ କର୍ମୀଙ୍କ ବିଭିନ୍ନ ସମସ୍ୟାର ରାଜ୍ୟ ସଂଘ ନିଷ୍ପତ୍ତିକ୍ରମେ ଧାମନଗର ଶିଶୁ ବିକାଶ ଅଧିକାରିଣୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଥିଲା। ସମସ୍ୟାର ସମାଧାନ ନ ହେଲେ ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାଇ ଜିଲ୍ଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ କରାଯିବ ବୋଲି କର୍ମୀ ମାନେ କହିଥିଲେ। ଏହି ଅବସରରେ ରାଜ୍ୟ ସଭାନେତ୍ରୀ ସୁମତି ମହାପାତ୍ର,ବ୍ଲକ ସଭାନେତ୍ରୀ ସୁଷମା ମହାପାତ୍ର,ସମ୍ପାଦିକା ନକ୍ଷତ୍ର ମାଳିନୀ ଧଳି, ପୂର୍ବତନ ସମ୍ପାଦିକା ଜୟନ୍ତି ଜେନା ସମେତ ବିଭିନ୍ନ ପଞ୍ଚାୟତ ଓ ଏନଏସିର ଅଙ୍ଗନବାଡ଼ି କର୍ମୀମାନେ ସାମିଲ ହୋଇଥିଲେ।



ଶୁଳିଆପଦା, (ଭାସ୍କର ନ୍ୟୁଜ): ଶୁଳିଆପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳାଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ଭାଗ ନେଇଥିବା ବେଳେ ଏଥିରେ ମୋଟ୍ ୧୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ସପ୍ତମ ଶ୍ରେଣୀର ଛାତ୍ର ଲଳିତ ବାରିକ୍ ଓ ଛାତ୍ରୀ ପ୍ରିୟଦର୍ଶନୀ ବାରିକ୍ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜୁନିୟର ବର୍ଗରେ ଚତୁର୍ଥ ଶ୍ରେଣୀର ଛାତ୍ର ମନିତ୍ କୁମାର ମହାନ୍ତ ଓ ଛାତ୍ରୀ ସାତ୍ୱିକା ସାଧବୀ ଗିରି କୃତକାର୍ଯ୍ୟ ହୋଇ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛନ୍ତି। ଶୁଳିଆପଦା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନରେନ୍ଦ୍ର କୁମାର ବେହେରା ଓ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଛୋଟରାୟ ମହାନ୍ତ ମୂଲ୍ୟାୟନ କରି ଛାତ୍ରଛାତ୍ରୀମାନଙ୍କୁ ବହୁ ଉପଦେଶ ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ନୀଳକଣ୍ଠ ମହାନ୍ତ, ପ୍ରଧାନ ଆଚାର୍ଯ୍ୟ ରଶ୍ମିତା ଜେନା ଓ ସମସ୍ତ ଗୁରୁଜୀ, ଗୁରୁମା'ଙ୍କ ସହଯୋଗରେ ବିଜ୍ଞାନମେଳା ସୁଚାରୁ ରୂପେ ସମାପନ ହୋଇଥିଲା।

# ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ସ୍କୁଲ ବସ୍ ସେବାର ଶୁଭାରମ୍ଭ




କେନ୍ଦୁଝର, (ଭାସ୍କର ନ୍ୟୁଜ): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର ପ୍ରମୁଖ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) ପଦକ୍ଷେପ 'ପଢ଼େଗା ଭାରତ' ପ୍ରକଳ୍ପ ଅନ୍ତର୍ଗତ ଠାକୁରାଣୀ ଖଣି ଅଞ୍ଚଳ ନିକଟସ୍ଥ ଡାଲକି, ସେଡିଂ ଏବଂ ଠାକୁରାଣୀ ଗ୍ରାମର ୧୦୦ରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଏବଂ ବିଶ୍ୱସନୀୟ ପରିବହନ ସେବା ଯୋଗାଇବା ନିମନ୍ତେ କେନ୍ଦୁଝରର ବଡ଼ବିଲକୁ ଏକ ନୂତନ ସ୍କୁଲ ବସ୍ ସେବା ଆରମ୍ଭ କରିଛି। ଦିନସାରା ଏକାଧିକ ଥର ଏହି ବସ ଯାତ୍ରା କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ବର୍ତ୍ତମାନ ନିଜ ଗାଁ ଓ ବଡ଼ବିଲରେ ଅବସ୍ଥିତ ବିଦ୍ୟାଳୟ ଯଥା, ସେଣ୍ଟ ମେରି ଓଡ଼ିଆ ବିଦ୍ୟାଳୟ, ଗୁରୁ ନାନକ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ବଡ଼ବିଲ ବିଶ୍ୱବିଦ୍ୟାଳୟ ମଧ୍ୟରେ ସହଜରେ ଓ ଆରାମରେ ଯାତ୍ରା କରିପାରିବେ। ଏହି ବସ୍ ସେବାର ଶୁଭାରମ୍ଭ ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଖଣି ବିଭାଗ ମୁଖ୍ୟ ଶରଣପ୍ପା କାମ୍ବାଲି ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆର ଠାକୁରାଣୀ ଲୁହାପଥର ଖଣିର ଖଣି ପ୍ରବନ୍ଧକ ଇନ୍ଦ୍ରକାନ୍ତ ସାହାଙ୍କ ସମେତ କମ୍ପାନୀର ଅନ୍ୟ କର୍ମଚାରୀ ଓ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ। ବଡ଼ବିଲ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଏଏମ୍/ ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଏହା ଦ୍ୱିତୀୟ ଉତ୍ସର୍ଗୀକୃତ ସ୍କୁଲ ବସ୍ ସେବା। ୨୦୨୨ ମସିହାରୁ କାରା, ବେଲକୁଣ୍ଡି ଓ ବଡ଼ବିଲ ମଧ୍ୟରେ ସମାନ ବସ୍ ସେବା ସଫଳତାର ସହ ଚଳାଚଳ କରୁଛି, ଯାହା ଦ୍ୱାରା ଦୈନିକ ପ୍ରାୟ ୯୦ ଜଣ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି। ଏହି ସମ୍ପ୍ରସାରିତ ପଦକ୍ଷେପ ମାଧ୍ୟମରେ ଏଏମ୍/ ଏନ୍ଏସ୍ ଇଣ୍ଡିଆ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାକୁ ଅଧିକ ସୁଗମ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି, ଯାହା ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଗୋଷ୍ଠୀ ଏବଂ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସହାୟତା କରୁଛି।

# ସିଏଚ୍ଓମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକ୍ଷକଙ୍କ ମାନସିକ ନିର୍ଯାତନା ଅଭିଯୋଗ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବହୁ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନେ ଗୁରୁତର ଅଭିଯୋଗ ଆଣି ଜିଲ୍ଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନଙ୍କୁ ମାନସିକ ନିର୍ଯ୍ୟାତନା, ବ୍ୟକ୍ତିଗତ ମର୍ଯ୍ୟାଦା ହାନୀ ଟୀକା ଟିପ୍ପଣୀ ପ୍ରଦାନ, କାର୍ଯ୍ୟାଳୟରେ ମନ୍ଦ ଉଦ୍ଦେଶ୍ୟ ସୂଚକ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ, ଧାର୍ମିକ ଆକ୍ଷେପ, ଲିଙ୍ଗଗତ ଭେଦଭାବପୂର୍ଣ୍ଣ ପ୍ରଶ୍ନ ପଚାରିବା ଭଳି ଗୁରୁତର ଅଭିଯୋଗ ଅଧିକ୍ଷକଙ୍କ ବିରୋଧରେ ଆଣିଛନ୍ତି। ମାସିକ ଋତୁସ୍ରାବ ଛୁଟି ଦରଖାସ୍ତ ମଞ୍ଜୁର ପାଇଁ ମେଡିକାଲ ପରୀକ୍ଷା ଜରୁରୀ ବୋଲି ଅଧିକ୍ଷକ ଆରୋପ କରୁଛନ୍ତି। ଏହାର ପ୍ରତିବାଦ କରୁଥିବା ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ଦରମା ବନ୍ଦ କରାଯାଉଛି। ସେମାନଙ୍କ ଚାକିରି ସମାପ୍ତ କରିବା ଧମକ ଦିଆଯାଉଛି। ଦୈନିକ କାର୍ଯ୍ୟାଳୟ ସମୟ ନିର୍ଘଣ୍ଟ ଅତିକ୍ରାନ୍ତ ହେବା ପରେ ବେଆଇନ ଭାବେ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ କାର୍ଯ୍ୟ ଯାଞ୍ଚ ପାଇଁ ପଠାଯାଉଛି। ଏ ସମ୍ପର୍କରେ ଜିଲ୍ଲା ଅଭ୍ୟନ୍ତରୀଣ କମିଟି ନିକଟରେ ଲିଖିତ ଅଭିଯୋଗ କରି ଡା. ସ୍ୱାଇଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଧିକ୍ଷକଙ୍କ ଉଭୟ କାର୍ଯ୍ୟାଳୟ ଓ ଅଣକାର୍ଯ୍ୟାଳୟ ଗତ ଆଚରଣ ଓ ଉଚ୍ଚାରଣ ଯୋଗୁଁ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ମାନେ କାର୍ଯ୍ୟକ୍ଷେତ୍ରରେ ଅସୁରକ୍ଷିତ ହୋଇ ପଡିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ହସ୍ତଗତ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅଭିଯୋଗର ତଦନ୍ତ ଗୁରୁବାର ଆରମ୍ଭ କରିଥିବା ଜଣାଯାଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଡା. ସ୍ୱାଇଁ ଗତ ୨୦୧୩ ମସିହାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ ଭାବେ ଅବସ୍ଥାପିତ ହୋଇଥିଲେ। ୨୦୧୮ ମସିହା ଅକ୍ଟୋବର ୧୫ ତାରିଖରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଭାବେ କାର୍ଯ୍ୟକରିଆସୁଛନ୍ତି। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୨ବର୍ଷ କାର୍ଯ୍ୟକାଳ ମଧ୍ୟରେ ୩ଟି ପଦୋନ୍ନତି ହାସଲ କରି ସାରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ନାମରେ ମାଳମାଳ ଅଭିଯୋଗ ବିଭିନ୍ନ ସ୍ତରରେ ହୋଇଆସୁଛି। ସବୁକିଛି ଅଭିଯୋଗକୁ ସଫଳତା ସହ ଅତିକ୍ରମ କରି ଆସୁଥିବା ଡା. ସ୍ୱାଇଁଙ୍କୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକରିବା ପାଇଁ ଗତ ୬ ମାସ ପୂର୍ବେ ଆଦେଶ ଦେଇଥିଲେ। ତାହାକୁ ମଧ ସେ ବିଫଳ କରି ଦେଇଥିଲେ। ଏବେ ସଦ୍ୟ ଅଭିଯୋଗ ଡା.ସ୍ୱାଇଁଙ୍କୁ ଅଡୁଆ ପରିସ୍ଥିତିରେ ପକାଇଥିବା ଜଣାଯାଇଛି। ଅଭିଯୋଗ ସମ୍ପର୍କରେ ଅବଗତ ଅଛନ୍ତି, ତଦନ୍ତ ହେଲେ ଜଣାପଡିବ ବୋଲି ଡା.ସ୍ୱାଇଁ ପ୍ରତିକ୍ରିୟା ରଖିଛନ୍ତି।

## ଯୁବ ଛାତ୍ର ବିଜେଡ଼ିର ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବୋଲଗଡ, (ଭାସ୍କର ନ୍ୟୁଜ୍): ବେଗୁନିଆ ବୋଲଗଡ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଆବାହକତ୍ୱରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମହିଳାଙ୍କ କ୍ଷେତ୍ରରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଥିବାରୁ ପୁଲିସ ଡ଼ିଜିଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ରକୁ ବେଗୁନିଆ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ବିଜେପି କ୍ଷମତାସୀନ ରହିଥିବାରୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରରେ ଥିବା ବେଳାଭୂମି ସହ କଲେଜ କ୍ୟାମ୍ପସ ସବୁଠାରେ ଛାତ୍ରୀ ଓ ମହିଳା ମାନେ ଅସୁରକ୍ଷିତ ହୋଇ ବାହାରକୁ ଗୋଡ



କାଢ଼ିବାକୁ ଭୟ କରୁଛନ୍ତି। ତେବେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟୟ ହୋଇ ପଡ଼ିଥିବାରୁ ସରକାର ନୀରବଦ୍ରଷ୍ଟା ସାଜି ଥିବାରୁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଶୋଭା ଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭା ଯାତ୍ରାଟି ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ର ବେଗୁନିଆ ମହାବିଦ୍ୟାଳୟରୁ ବାହାରି ପୋଷ୍ଟ ଅଫିସ ଛକ ଦେଇ ବେଗୁନିଆ ଥାନା ପରିସରରେ ପହଂଚି ଥିଲା।

# ମହିଳା ଓ ଛାତ୍ରୀ ନିର୍ଯାତନା ରୋକିବାକୁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଗତ ୧୩ ମାସ ମଧ୍ୟରେ ମହିଳା ଏବଂ ଛାତ୍ରୀ ନିର୍ଯାତନା ଘଟଣା ବୃଦ୍ଧି ପାଇଥିବା ଦର୍ଶାଇ ତଥା ମହିଳାଙ୍କ ସୁରକ୍ଷା ଦାବିରେ କରଞ୍ଜିଆ ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ଶରତ କୁମାର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଗୋପାଳପୁର ବିଚ୍ ଘଟଣା ପରେ ଏଫ୍ଏମ କଲେଜ ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀ ବିଶି ନେତା ଅଧିକାରୀଙ୍କୁ ଗୁହାରି କରି କରି ଶେଷରେ ଆତ୍ମହୁତି ଦେବା ଘଟଣା ପାଇଁ ଓଡ଼ିଶା ସମଗ୍ର ବିଶ୍ୱରେ ନିନ୍ଦିତ ହେଇଛି ବୋଲି ଛାତ୍ର ନେତା ମାନେ କ୍ଷୋଭର ସହିତ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୧୭, ୨୦୨୪ରେ ନବରଙ୍ଗପୁର ତେନ୍ତୁଳିଖୁଣ୍ଟିରେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା, ୨୨ ସେପ୍ଟେମ୍ବର ୨୦୨୪ରେ ଭୁବନେଶ୍ୱର, ଭରତପୁର ପୋଲିସ୍ ଷ୍ଟେସନରେ ମହିଳାଙ୍କୁ ଦୁର୍ବ୍ୟବହାର, ଅକ୍ଟୋବର ୨୩, ୨୦୨୪ ରେ କୁଚିଣ୍ଡାରେ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ, ୩ ମଇ ୨୦୨୫ରେ କୋରାପୁଟରେ ଅନୁସୂଚିତ ଜାତି ଓ ଜନଜାତି ସ୍କୁଲରେ ନାବାଳିକାକୁ ଦୁଷ୍କର୍ମ, ଜୁନ ୧୭, ୨୦୨୫ରେ କେନ୍ଦୁଝର ତେନ୍ତଳାପଶିରେ ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ଓ ହତ୍ୟା, ୨୪ ଜୁନ୍ ୨୦୨୫ରେ ବ୍ରହ୍ମପୁରରେ ବିଜେପିର ଜଣେ ସକ୍ରିୟ ସଦସ୍ୟ ତଥା ହୋମିଓପାଥି ଡାକ୍ତରଙ୍କ ଦ୍ୱାରା ନାବାଳିକା ଦୁଷ୍କର୍ମର ଶିକାର, ଜୁଲାଇ ୨୨, ୨୦୨୫ରେ ମାଲକାନଗିରିରେ ଗୋଟିଏ ଦିନରେ ଦଳିତ ନାବାଳିକାକୁ ପ୍ରଥମେ ୩ ଜଣ ଗଣଦୁଷ୍କର୍ମ କରିବା ପରେ ଦ୍ୱିତୀୟ ଥର ଟ୍ରକ ଡ୍ରାଇଭର ଦ୍ୱାରା ଦୁଷ୍କର୍ମର ଶିକାର, ଜୁଲାଇ ୧୮, ୨୦୨୫ରେ ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅଞ୍ଚଳର ଡୁକୁମ ଗ୍ରାମରେ ଥିବା ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ଛାତ୍ରୀ ନିବାସରେ ଛାତ୍ରୀ ଗର୍ଭବତୀ ଆଦି ଘଟଣା କେବଳ ନାରୀଙ୍କ ସୁରକ୍ଷା ଉପରେ ନୁହେଁ ବରଂ ସାମୁଦାୟିକ ବିଶ୍ୱାସ, ଶିକ୍ଷା ସ୍ଥଳରେ ସୁରକ୍ଷା, ଆଇନ ଏବଂ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିବା ଦର୍ଶାଇ ଏହାର ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ କରଞ୍ଜିଆ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପୂର୍ବତନ ଜିଲ୍ଲା ଛାତ୍ର ସଭାପତି ଅନିସ୍ ମାନ୍ନାଙ୍କ ନେତୃତ୍ୱରେ ବିଭୁ କଲ୍ୟାଣ ମହାନ୍ତ, କିଶୋର କୁମାର୍ ଜେନା, ଏମଡି ମାସୁମ୍, ପୀୟୂଷ କୁମାର୍ ଦାସ, ଆଦିତ୍ୟ ଦାସ,ବିଷ୍ଣୁ ସାହା, ଆରବ ପଟ୍ଟନାୟକ, ସୌମ୍ୟରଞ୍ଜନ ନନ୍ଦଙ୍କ ସମେତ ଶତାଧିକ କଲେଜ ବିଦ୍ୟାର୍ଥୀ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ଏନଏସି ଅଧକ୍ଷା ପପି ପୃଷ୍ଟି, ୧୫ ନମ୍ବର ୱାର୍ଡ କାଉନସିଲର ନମିତା ଘଣ୍ଟିଆଳିଙ୍କ ଭଳି ନାରୀଶକ୍ତି ମାନେ ଯୋଗ ଦେଇ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପ୍ରସଙ୍ଗରେ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଥିଲେ। ପରିସରରେ ଶିକ୍ଷା ସ୍ଥଳଗୁଡ଼ିକରେ ଛାତ୍ରୀମାନଙ୍କ ପାଇଁ ସୁରକ୍ଷା ବୃଦ୍ଧି କରିବାକୁ ଦୃଢ଼ ପଦକ୍ଷେପ ନେବାଲାଗି ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ପୋଲିସ ଡ଼ିଜିଙ୍କ ଉଦ୍ଦେଶ୍ୟରେ କରଞ୍ଜିଆ ଥାନା ଭାରାପ୍ରାପ୍ତ ଅଧିକାରୀ ମଲ୍ଲିକଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

# ବଦଳି ଆଦେଶକୁ ରଦ୍ଦ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଗତ ୪ ତାରିଖ ଦିନ ବଦଳି ଆଦେଶକୁ ରଦ୍ଦ କଲେ ନୂତନ ଜିଲ୍ଲାପାଳ ଶିରୋନାମ ଭାସ୍କର ନ୍ୟୁଜ୍‌ରେ ପ୍ରକାଶ ପାଇଥିଲା। ଏଥିରେ ମାଲକାନଗିରି ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପତ୍ର ସଂଖ୍ୟା ୩୭୭୭/୩୭୮୧/ ୩୭୭୫/୧୩.୬.୨୫ ପ୍ରକାରେ ୪୧ ଜଣ ରାଜସ୍ୱ ସହାୟକ, ୨୮ଜଣ ରାଜସ୍ୱ ନିରିକ୍ଷକ ଏବଂ ୧୨ ଜଣ ଅତିରିକ୍ତ ରାଜସ୍ୱ ନିରିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିଥିଲେ। ଏହାର କିଛିଦିନ ପରେ ଜିଲ୍ଲାପାଳ ମାଲକାନଗିରିରୁ ଅନ୍ୟତ୍ର ବଦଳି ହୋଇ ଚାଲିଯାଇଥିଲେ। ତାଙ୍କ ସ୍ଥାନରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ କିଛିଦିନ ପାଇଁ ଦାୟିତ୍ୱ ତୁଲାଇଥିଲେ। ସେହି ସମୟରେ ଜିଲ୍ଲାପାଳ ବଦଳି କରିଥିବା ମୋଟ ୮୧ଜଣ କର୍ମଚାରୀଙ୍କ ମଧ୍ୟରୁ ୨୧ଜଣଙ୍କୁ ପତ୍ର ସଂଖ୍ୟା ୫୨୬୪/୫୨୬୬/୫୬୬୨/ ୨୯.୭.୨୫ ଏବଂ ୫୨୮୬/୩୦.୭.୨୫ ପ୍ରକାରେ ଅତିରିକ୍ତ ଜିଲ୍ଲାପାଳ ବା ଭାରପ୍ରାପ୍ତ ଜିଲ୍ଲା ପାଳ ବଦଳି କରିଥିଲେ। ପରେ ନୂତନ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ପତ୍ର ସଂଖ୍ୟା ୧୫୩/୨.୮.୨୫ ପ୍ରକାରେ ଅତିରିକ୍ତ ଜିଲ୍ଲାପାଳ କରିଥିବା ବଦଳିକୁ ରଦ୍ଦ କରିଥିଲେ। ଏଥିରେ ଅର୍ଥ କାରବାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ବୋଲି ପ୍ରକାଶ ପାଇଥିଲା। ଏହି ବଦଳି ଆଦେଶ ବେଳେ କୌଣସି ଅର୍ଥ କାରବାର ହୋଇନାହିଁ ବୋଲି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ବର୍ଷା, ପବନରେ ଭାଙ୍ଗିଲା ଗଛ, ବିଦ୍ୟୁତ୍ ଖୁଣ୍ଟ

ଗୋପ, (ଭାସ୍କର ନ୍ୟୁଜ୍): ଗୁରୁବାର ପ୍ରବଳ ବର୍ଷା ପବନରେ ବେହାଲ ହୋଇଛି ଗୋପ ଅଞ୍ଚଳ। ପ୍ରାୟ ୨ଘଣ୍ଟା ଧରି ପବନ ବର୍ଷା ଲଗିରହିବା ଫଳରେ ବିଭିନ୍ନ ସ୍ଥାନରେ ବଡ ବଡ ଗଛ ଭାଗିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି। ରାସ୍ତାରେ ପଡ଼ିଥିବା ଗଛ ବିଦ୍ୟୁତ୍ ଖୁଣ୍ଟକୁ ଗୋପ ଅଗ୍ନିଶମ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ସଫା କରିଥିଲେ। ସେହିପରି ରାସ୍ତା କଡ଼ରେ ଥିବା ଡ୍ରେନ୍‌ଗୁଡିକ ପୋତି ହୋଇଯାଇ ଥିବାରୁ ଗୋପ ମୁଖ୍ୟ ବଜାରରେ ପ୍ରାୟ ୩ ଫୁଟ୍‌ର ପାଣି ଜମି ରହିଥିଲା। ଫଳରେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖିନ ହୋଇଥିଲେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଯାଉଥିବା ପର୍ଯ୍ୟଟକ, ଯାତ୍ରୀ ଓ ସ୍ଥାନୀୟ ଲୋକେ।

# ମହପ୍ରଭାବ: ଖବର ପ୍ରସାରଣ ପରେ ମୁଖ୍ୟ ରାସ୍ତା ହମ୍ପକୁ ସଜାଡ଼ିଲା ପ୍ରଶାସନ



ପୂର୍ବରୁ ବର୍ତ୍ତମାନ

କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ପ୍ରମୁଖ ଛକ ମଧ୍ୟରେ ଯାଉଥିବା ତିନିମୁହାଣି ନିକଟ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଫାଟକ ସମ୍ମୁଖ ରେ ପ୍ରାୟ ୪ ମାସ ହେବ ରାତି ଅଧିଆ ପୂର୍ତ୍ତ ବିଭାଗ ପକ୍ଷରୁ ୬ ଚିକିଆ ହମ୍ପ ଗୁଡିକ ପାଖା ପାଖି ୫୦ ମିଟର ଦୂରରେ ୨ଟି ନିର୍ମାଣ କରାଯାଇଥିଲା। ହମ୍ପ ଗୁଡିକ ଉଚ୍ଚ ଓ ପାଖା ହୋଇଥିବା କାରଣରୁ ଦୁଇ ଚକିଆ ଯାନ ସହ ଚାରି ଚକିଆ ଯାନର ଗତି ହଠାତ୍ ସ୍ଥିର ହୋଇ ଦୈନ ଦିନ ଦୁର୍ଘଟଣା ଘଟୁଥିଲା। ରାତି ଦିନ ଏହି ତ୍ରୁଟିପୂର୍ଣ୍ଣ ହମ୍ପଗୁଡିକ କାରଣରୁ ସଧାରଣ ଲୋକମାନେ ଦୈନନ୍ଦିନ କଷ୍ଟରେ ଯାତାୟାତ କରୁଥିଲେ। ଯାହାର ଖବର ଆମ୍ଭେ ୩୧ ଜୁଲାଇରେ ପ୍ରକାଶ କରିବା ପରେ ଜିଲ୍ଲାପ୍ରଶାସନ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟି ରୁ ହମ୍ପ ଗୁଡିକ ମଧ୍ୟରେ ଥିବା ଫାଙ୍କା ସ୍ଥାନରେ ପିଚୁ ଭର୍ତ୍ତି କରାଇ ହମ୍ପରେ ଥିବା ତ୍ରୁଟିକୁ ସୁଧାରିବା ପାଇଁ ପୂର୍ତ୍ତ ବିଭାଗକୁ ସେହି ୩୧ ଜୁଲାଇରେ ନିର୍ଦ୍ଦେଶ ଦେଇଥିଲେ। ବର୍ଷା କାରଣରୁ ଗତକାଲି ବିଳମ୍ବିତ ରାତିରେ ହମ୍ପ ଗୁଡ଼ିକର ମରାମତି କାର୍ଯ୍ୟ କରଯାଇଛି। କଟକ ଚାନ୍ଦବାଲିର ମୁଖ୍ୟ ରାସ୍ତାରେ ସାଧାରଣତଃ ଅନେକ ଲୋକ ନିର୍ଭରଶୀଳ। ହମ୍ପ ଯୋଗୁଁ ଆମ୍ବୁଲାନ୍ସ ପାଖରୁ ଆରମ୍ଭ କରି ବିଭିନ୍ନ ଜରୁରୀ କାଳୀନ ଗାଡି କାର୍ଯ୍ୟ ସ୍ଥଳରେ ପହଞ୍ଚି ବା ବିଳମ୍ବ ହେଉଥିଲା। ହମ୍ପ ମରାମତି ହେବାରୁ ଯାତାୟାତ କରିବାରେ ସୁବିଧା ହେବା ସହ ଦୁର୍ଘଟଣା ନିୟନ୍ତ୍ରଣ ହୋଇ ପାରିଛି। ଯାହାକୁ ନେଇ ସ୍ଥାନୀୟ ଜନ ସାଧାରଣ ଓ ବୁଦ୍ଧିଜୀବୀ ମାନେ ଖୁସିବ୍ୟକ୍ତ କରିଛନ୍ତି।

# ତ୍ରୁଟିପୂର୍ଣ୍ଣ ଡ୍ରେନେଜ ବ୍ୟବସ୍ଥା ଯୋଗୁ ବର୍ଷାରେ ବୁଡ଼ିଲା ବିଭିନ୍ନ ୱାର୍ଡ଼



ଆସିକା, (ଭାସ୍କର ନ୍ୟୁଜ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଲକ୍ଷଲକ୍ଷ ଟଙ୍କା ବିନିଯୋଗରେ ବିଭିନ୍ନ ୱାର୍ଡ଼ ରେ ଡ୍ରେନେଜ ନିର୍ମାଣ କରାଯାଇଥିଲା। ଗୁରୁବାର ଅପରାହ୍ନ ୩ ଘଣ୍ଟା ଠାରୁ ୪ପର୍ଯ୍ୟନ୍ତ ବର୍ଷା ହୋଇଥିଲା। ଏହି ବର୍ଷର ପ୍ରଥମ ବର୍ଷାରେ ଆସିକା ଅଞ୍ଚଳର ଲକ୍ଷ୍ମୀ ବଜାର, ବିନାୟକ ବଜାର, ହରିହର ନଗର, ଅଶୋକ ସିନେମାହଲ, ସୁବର୍ଣ୍ଣପେଟା ସାହି, ହାଟପଦା, ତାଲୁକା ରୋଡ଼, ପାଡ୍ରୀ କଲୋନୀ ଆଦି ଅଞ୍ଚଳ ଦୀର୍ଘ ଘଣ୍ଟା ହେଲା ଜଳମଗ୍ନ ହୋଇ ରହିଥିଲା। ଆସିକା ସହରର ବିଭିନ୍ନ ୱାର୍ଡ଼ରେ ପୂର୍ବରୁ ଥିବା ବଡ଼ ବଡ଼ ଡ୍ରେନେଜକୁ ଭାଙ୍ଗି ସଂକୁଚିତ ଡ୍ରେନ ନିର୍ମାଣ କରାଯାଇଥିଲା। ତ୍ରୁଟିପୂର୍ଣ୍ଣ ଭାବେ ଡ୍ରେନ ନିର୍ମାଣ ସମ୍ପର୍କରେ ଜିଲ୍ଲାପାଳଙ୍କୁ ନିର୍ମାଣ ସମୟରେ ଅଭିଯୋଗ କରାଯାଇଥିଲା। ତ୍ରୁଟିପୂର୍ଣ୍ଣ ଡ୍ରେନେଜ ନିର୍ମାଣ ହେବା ଫଳରେ ବର୍ଷା ଜଳ ନିଷ୍କାସନ ନହୋଇ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଡ୍ରେନ ପାଣି ରାସ୍ତା ଉପରେ ଜମା ହୋଇ ରହିଥିଲା। ଯାହାଫଳରେ ଏହି ସବୁ ଅଞ୍ଚଳର ଜନସାଧାରଣ ଜଳ ବନ୍ଦୀ ଭାବେ କିଛି ସମୟ ରହିଥିଲେ। ଆସିକା ଅଞ୍ଚଳରେ ତ୍ରୁଟିପୂର୍ଣ୍ଣ ଡ୍ରେନେଜ ସାଙ୍ଗକୁ ଗତ ବର୍ଷ ଫେବର ରୋଡ଼ ନିର୍ମାଣ ହୋଇଥିଲା। ସହରରେ ଅଧିକାଂଶ ଫେବର ରୋଡ଼ ଦବିଯିବା ସହ କେତେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଦୁର୍ଘଟଣା ରୀତିମତ ହେଉଛି। ସରକାର କା ମାଲ୍ ଦରିଆ ମେ ଡାଲ୍ ନୀତି ଯୋଗୁଁ ଆଜି ସାଧାରଣ ଲୋକେ କୃତ୍ରିମ ବନ୍ୟାର ସମ୍ମୁଖୀନ ହେଉଛନ୍ତି।

## ବିଶେଷ ସଘନ ସଂଶୋଧନ ତାଲିମ କାର୍ଯ୍ୟକ୍ରମ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବିଶେଷ ସଘନ ସଂଶୋଧନ ୨୦୨୫ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜାତୀୟ ସ୍ତର ମାଷ୍ଟର ଟ୍ରେନର ଦୁର୍ଯୋଧନ ଭୋଇ ଉପସ୍ଥିତ ରହି ତାଲିମ୍ ପ୍ରଦାନ କରିଥିଲେ। ରାଜ୍ୟ ସ୍ତର ମାଷ୍ଟର ଟ୍ରେନର ତଥା ସହାୟକ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ ଜିଲ୍ଲାର ୧୭ ଜଣ ଜିଲ୍ଲାସ୍ତର ମାଷ୍ଟର ଟ୍ରେନର ଓ ୧୦ ଜଣ ଏଏଲଏମଟିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ସମସ୍ତ ଟ୍ରେନର ଆଗମୀ ଦିନରେ ବ୍ଲକ ଲେବଲ୍ ଟ୍ରେନରଙ୍କୁ ତାଲିମ୍ ପ୍ରଦାନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଇଲେକ୍ସନ ଅଶୋକ ଚକ୍ରବର୍ତ୍ତୀ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ।

# ଆଳି କଂଗ୍ରେସର କର୍ମୀ ସମ୍ମିଳନୀ




ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ସୁବୁଦ୍ଧି ମଣ୍ଡପ ଠାରେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଆଳି ବିଧାନସଭା କ୍ଷେତ୍ର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜକନିକା କଂଗ୍ରେସ ବ୍ଲକ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଆଜିର ଏହି କର୍ମୀ ସମ୍ମିଳନୀରେ କଂଗ୍ରେସ ପିସିସି ଉପସଭାପତି ତଥା ଆଳି ପ୍ରଭାରୀ ସସ୍ମିତା ବେହେରା, କଂଗ୍ରେସ ପିସିସି ସମ୍ପାଦିକା ଡା ଦେବସ୍ମିତା ଶର୍ମା, ଆଳି ବ୍ଲକ କଂଗ୍ରେସ ସଭାପତି ରବି ନାରାୟଣ ବେହେରା, ପୂର୍ବତନ ଯୁବ କଂଗ୍ରେସ ସଭାପତି ରାଜମୋହନ ସ୍ୱାଇଁ, ବରୁଣଡ଼ିଆ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ଦୁର୍ଯ୍ୟୋଧନ ମହାନ୍ତି, ପିସିସି ସଭ୍ୟ ବାବୁରାମ ଜେନାଙ୍କ ସହ ସର୍ବେଶ୍ୱର ସାମଲ, ଅଜୟ ଦାସ, ରଙ୍ଗଲାଲ ମଲ୍ଲିକ, ମାନଗୋବିନ୍ଦ ଦାସ, ସତ୍ୟବ୍ରତ ପରିଡା, ଦର୍ପ ନାରାୟଣ ସାହୁ, ନକୁଳ ଚରଣ ପରିଡା ଜୋନ ସଭାପତି ମାନେ ମଞ୍ଚାସିନ ରହିଥିଲେ। ରାଜ୍ୟ ପିସିସି ସଭାପତି ଭକ୍ତଦାସଙ୍କ ଆହ୍ୱାନ କ୍ରମେ କଂଗ୍ରେସ ଦଳର ତୃଣମୂଳ ସ୍ତରରେ ସୁଦୃଢ଼ କରିବା ସହ ଦଳ ସଂଗଠନର ପୁନଃଗଠନ ପାଇଁ ରଣକୌଶଳ ପ୍ରସ୍ତୁତ ହୋଇଥିଲା। ଏଥି ସହିତ ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଏକ ନିନ୍ଦା ପ୍ରସ୍ତାବ ପାରିତ ହୋଇଛି। ଗତକାଲି ପଟ୍ଟାମୁଣ୍ଡାଇ ଅଞ୍ଚଳ କାଠିଆପଡା ଏବଂ ପୂର୍ବରୁ ହୋଇଥିବା ବାଲେଶ୍ୱର ଓ ପୁରୀ ବଳଙ୍ଗା ଘଟଣାରେ ମୃତ୍ୟୁବରଣ କରିଥିବା ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ ନିରବ ପାର୍ଥନା କରାଯିବା ସହ ଶୋକ ପାଳନ କରାଯାଇ ଥିଲା। ଏହି ସଭାରେ ଆଳି ଓ ରାଜକନିକାର କଂଗ୍ରେସ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟାଙ୍କ ସହ ବରିଷ୍ଠ କର୍ମୀ ଓ ନେତାମାନେ ଉପସ୍ଥିତ ଥିଲେ।

## ବର୍ଷାଜଳ ନିଷ୍କାସନ ପାଇଁ ତାଡି ଦେଲେ ରାସ୍ତା

ଶୁଳିଆପଦା, (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ୍ କଣ୍ଟିସାହି ପଞ୍ଚାୟତର ବାରି ଗ୍ରାମରେ ବର୍ଷାଜଳ ନିଷ୍କାସନ ପାଇଁ ଗ୍ରାମବାସୀ ଶୁଳିଆପଦା-ବାରିପଦା ରାସ୍ତାକୁ ତାଡିଦେଲେ। ପ୍ରବଳ ବର୍ଷା କାରଣରୁ ଘରେ ପାଣି ପଶିଯିବା ଆଶଙ୍କା କରି ସୁରକ୍ଷା ଦୃଷ୍ଟିରୁ ଗ୍ରାମବାସୀ ଏହି ପଦକ୍ଷେପ ନେଇଥିବା ସୂଚନା ମିଳିଛି। ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରହିଛି। ତେବେ ରାସ୍ତା ତଡା ଯିବାର ଆଜକୁ ମାସେରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପରାମତି ହୋଇ ପାରୁନି। ଉକ୍ତ ରାସ୍ତାଟି ବ୍ଲକ୍ ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ ହୋଇଥିବାରୁ ପ୍ରତିଦିନ ଏହି ରାସ୍ତାରେ ଅସଂଖ୍ୟ ଗାଡି ମଟର ଓ ସ୍କୁଲ କଲେଜକୁ ଛାତ୍ରଛାତ୍ରୀ ଯିବା ଆସିବା ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାଟି ତୁରନ୍ତ ମରାମତି କରିବାକୁ ଦାବି ହେଉଛି। ଏବାବଦରେ ବିଭାଗୀୟ ଯନ୍ତ୍ରୀ ସୂର୍ଯ୍ୟ ସାହୁଙ୍କୁ ପଚାରିବାରୁ ଏହାର ପ୍ରପଜାଲ୍ ପଠାସରିଛି, ଅଳ୍ପ ଦିନ ଭିତରେ ମରାମତି ହେବା ସହିତ ପ୍ରପଜାଲ୍ ପାସ୍ ହୋଇ ଆସିଲେ ଉକ୍ତ ସ୍ଥାନରେ ପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ପୂଜାରୀପୁଟ ଡକାୟତି ମାମଲାରେ ୪ ଗିରଫ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଡକାୟତି ମାମଲାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଲକ୍ଷ୍ମୀପୁର ପୋଲିସ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଲକ୍ଷ୍ମୀପୁର ଏସଡ଼ିପିଓ ମନୋଜ ବେହେରା ସୂଚନା ପ୍ରଦାନ କରିଛନ୍ତି। କୋରାପୁଟ ପୂଜାରୀପୁଟ ଅଞ୍ଚଳର ଜଣେ ଯୁବକ ଲିଙ୍ଗରାଜ ବେହେରା ନିଜ ପୁଅକୁ ଧରି ଦୁଇ ଦିନ ତଳେ ଲକ୍ଷ୍ମୀପୁର ଦେଇ ଜାଉଥିବା ବେଳେ ଲକ୍ଷ୍ମୀପୁର ଥାନା ଅଧିନସ୍ଥ ପାଣ୍ଡକାପଦର ଛକ ନିକଟ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ୧୩ ଜଣ ଯୁବକ ତାଙ୍କ ଗାଡିକୁ ଅଟକାଇ ତାଙ୍କଠାରୁ ସୁନା ଚେନ ସହିତ ଲକ୍ଷାଧିକ ଟଙ୍କା ଛଡାଇ ନେଇଥିଲେ। ପରେ ଖବର ପାଇ ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ ବେହେରାଙ୍କ ନେତୃତ୍ୱରେ ଭାର ପ୍ରାପ୍ତ ଥାନା ଅଧିକାରୀ ଡମ୍ବରୁ ଧର ବର୍ତ୍ତିଆଙ୍କ ସମେତ ଏକ ପୋଲିସ ଟିମ ବିଭିନ୍ନ ଜାଗାରେ ଚଢ଼ାଉ କରି ଚାରି ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ବାକି ୯ ଜଣ ଫେରାର ଥିବା ଜଣା ପଡିଛି। ଏନେଇ ସେମାନଙ୍କୁ ଅତି ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଥିବା ବେଳେ ସମସ୍ତେ ବନ୍ଧୁଗାଁ, ନାରାୟଣ ପାଟଣା ଓ ଲକ୍ଷ୍ମୀପୁର ବ୍ଲକ ସିଙ୍ଗାରାମ ଅଞ୍ଚଳର ବୋଲି ଜଣା ପଡିଛି। ସେମାନେ ହେଲେ ଲକ୍ଷ୍ମୀପୁର ବ୍ଲକ ସୀଙ୍ଗାରାମର ପଦ୍ମନ ମାଣ୍ଡିଙ୍ଗା, ନାରାୟଣପାଟଣା ବ୍ଲକ ବିରିପୁର ଗ୍ରାମର ମୁନା ଖସ୍ଲା, ବୈପାରିଗୁଡ଼ା ବ୍ଲକ ଦଣ୍ଡାବାଡ଼ି ଗ୍ରାମର ଗୋବିନ୍ଦ ଖରା ଓ ବନ୍ଧୁଗାଁ ବ୍ଲକ୍ ପିପଲ୍ ପଦର୍ ଗ୍ରାମର ସଦାନନ୍ଦ ମହାନନ୍ଦିଆ। ସେମାନଙ୍କ ଠାରୁ ୭୬ ହଜାର ଟଙ୍କା ସହ ଦୁଇଟି ବାଇକ୍, ଦୁଇଟି ମୋବାଇଲ ଫୋନ୍ ଓ ଗୋଟିଏ ଇନୋଭା ଗାଡ଼ି ଜବତ ହୋଇଥିବା ପୋଲିସ ତରଫରୁ ସୂଚନା ମିଳିଛି।



# ଆମ କଳାହାଣ୍ଡି







## ଦେଖାଦେଲାଣି ୟୁରିଆ ସାରର ଅଭାବ

# ଚୋରା ଚାଲାଣ ଯୋଗୁଁ ଉପୁଜିଛି ସମସ୍ୟା

ଧର୍ମଗଡ଼( ଭାସ୍କର ନ୍ୟୁଜ୍): ଚାଷ କାମ ପୂର୍ବରୁ ୟୁରିଆ ସାର କଳା ବଜାରୀ ଖୁଲମ ଖୁଲା ଭାବେ ଛତିଶଗଡ଼, ନବରଙ୍ଗପୁର ଆଦି ସ୍ଥାନକୁ ଚୋରା ଚାଲାଣ ହେବା ନଜିର ରହିଛି। ବିଭିନ୍ନ ଗଣ ମାଧମରେ ବାରମ୍ବାର ୟୁରିଆ ଚୋରାଚାଲାଣ ଖବର ପ୍ରସାରଣ ବି ହେଲା। ହେଲେ ସେତେବେଳେ କୃଷି ବିଭାଗ ଏକଦମ ନିରବ ସାଜିଥିଲା। ଏପରିକି ଡିଲର ଲାଇସେନ୍ସ ପ୍ରାପ୍ତ ଦୋକାନୀଙ୍କ ଉପରେ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ସଲାସୁତୁରା ରଖି ଚୋରା କାରବାର ପ୍ରତି ପ୍ରୋତ୍ସାହନ ଯୋଗାଇ ଦେଉଥିବା ଚର୍ଚ୍ଚା ଉଠିଲା। ଏବେ ଧର୍ମଗଡ଼ ଅଞ୍ଚଳ ଚାଷୀ ୟୁରିଆ ସାର ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖା ଦେଇଛି। ବର୍ତ୍ତମାନ ଧାନ ରୁଆ ବେଉସା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ୟୁରିଆ ସାର ଧାନ ଗଛରେ ଦେବା ସମୟ ଉପନିତ। ଏତିକି ବେଳକୁ ଅଞ୍ଚଳରେ ୟୁରିଆ ସାରର ଅଭାବ ଦେଖା ଦେଇଛି। ବିଶେଷ ଭାବେ ଦଣ୍ଡପାଟ ଅଞ୍ଚଳରେ ୟୁରିଆ ସଙ୍କଟ ଦେଖା ଦେଇଥିବା ବେଳେ ପୂର୍ବରୁ ଏହି ଅଞ୍ଚଳରୁ ହିଁ ଚୋରାଚାଲାଣ ଅତ୍ୟଧିକ ହୋଇଥିବା ସ୍ପଷ୍ଟ ନଜିର ରହିଛି। ଅଞ୍ଚଳ ବେହେରା ତରାପୁର ଆଦି ସ୍ଥାନରୁ ଇତି ପୂର୍ବରୁ ୟୁରିଆ ସାର ଚୋରାଚାଲାଣ ଅଭିଯୋଗ ଉଠିଥିଲେ ବି ବିଭାଗ ନିରବ ରହିଛି। ଯାହାର ପରିମାଣ ଏବେ ଚାଷୀ ୟୁରିଆ ସାର ପାଇଁ ହଇରାଣ ହରକତ ହେଉଥିବା ଦେଖା ଦେଇଛି। ଚାଷୀଙ୍କ କହିବା ଅନୁଯାୟୀ ଜଣେ ଚାଷୀଙ୍କ ଆଧାର କାର୍ଡରେ କେବଳ ଗୋଟାଏ ବସ୍ତା ୟୁରିଆ ସାଙ୍ଗକୁ ପୁଣି ଭିଟାମିନ ନେବାକୁ ଡିଲର ମାନେ ବାଧ କରୁଥିବା ପ୍ରକାଶ କରନ୍ତି। ଅନ୍ୟପଟେ ଧର୍ମଗଡ ବ୍ଲକର ମୁଖ୍ୟତଃ ଗ୍ରାମାଞ୍ଚଳରେ ଗଢି ଉଠିଥିବା ବେସରକାରୀ ଖୁଚୁରା ସାର ଦୋକାନ ସରକାରୀ ଧାର୍ଯ୍ୟ ମୂଲ୍ୟରୁ ଅଧିକ ମୂଲ୍ୟରେ ସାରବିକ୍ରି ହେଉଥିବା ଚର୍ଚ୍ଚା ହେଉଛି। ଫଳରେ ନିରୀହ ଚାଷୀ କ୍ଷତି ସହିବାକୁ ପଡୁଛି। ସ୍ଥାନେ ସ୍ଥାନେ ଧାର୍ଯ୍ୟ ମୂଲ୍ୟ ଠାରୁ ୨୦୦ ରୁ ୩୦୦ ଶହ ଲାଭରେ ବିକ୍ରି ହେଉଥିବା ସୂଚନା ମିଳିଛି। ସରକାରୀ ନିୟମ ଅନୁସାରେ ଦର ତାଲିକା ବାଧ୍ୟତା ମୂଳକ ରହିଥିଲେ ହିଁ ଡିଲର କିମ୍ବା ବେପାରୀ ମାନେ ବ୍ୟତିକ୍ରମ କରୁଥିବା ଜଣାପଡୁଛି। ଫଳରେ ଚାଷୀମାନେ ସାରର ଉଚିତ୍ ମୂଲ୍ୟ ଜାଣିପାରୁ ନାହାନ୍ତି ଓ ଶୋଷଣର ଶିକାର ସାଜୁଥିବା ଆଲୋଚନା ହୋଉଛି। ତୁରନ୍ତ ଏଥିପ୍ରତି କୃଷି ବିଭାଗ ଦୃଷ୍ଟି ଦେଇ ୟୁରିଆ ସାର ଯୋଗାଣ କରିବାକୁ ଚାଷୀମାନେ ଦାବି ରଖିଛନ୍ତି।

# ସ୍କୁଲ ନାଁରେ ସାଙ୍ଘାତିକ ଅଭିଯୋଗ: ଅସୁସ୍ଥ ଛାତ୍ରକୁ ଉପାସ ରଖିଥିଲେ ଶିକ୍ଷକ

କୋକସରା, (ଭାସ୍କର ନ୍ୟୁଜ୍) : ବିଭିନ୍ନ ସମୟରେ ଚର୍ଚ୍ଚାର ପରିସରରେ ଥିବା କୋକସରା ବ୍ଲକ ଆମପାଣି ସ୍ଥିତ ଆବାସିକ ବିଦ୍ୟାଳୟ ନାଁରେ ପୁଣି ଏକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଜଣେ ଛାତ୍ରର ଅଭିଭାବକ। ଏଥର କିନ୍ତୁ ଏମିତି ସେମିତି ଅଭିଯୋଗ ନୁହେଁ, ଜଣେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ଗତକାଲି ରାତିରୁ ଅସୁସ୍ଥତା ଅନୁଭବ କରିବା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହେଲେ ଛାତ୍ରଙ୍କ ଘର ଲୋକଙ୍କୁ ଜଣାଇବା ସହ ମେଡିକାଲ ନେବା ବଦଳରେ ଦାୟିତ୍ୱରେ ଥିବା ଶିକ୍ଷକ ଧମକ ଦେଇ ଉପାସରେ ରଖିଥିବା ଅଭିଯୋଗ ହୋଇଛି। ଏନେଇ ଆଜି



ଛାତ୍ରଙ୍କ ଅଭିଭାବକ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମତେ, ଛାତ୍ର ଅରୁଣ ବିଷି ଆମପାଣି ଆଶ୍ରମ ସ୍କୁଲର ଅନ୍ତେବାସୀ ଛାତ୍ର ଅଟନ୍ତି। ସେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରି ଆସୁଛନ୍ତି। ହେଲେ ଗତକାଲି ସନ୍ଧ୍ୟାରେ ତାଙ୍କୁ ଜ୍ୱର ହେବା ଓ ସ୍ୱାସ୍ଥ୍ୟ ଭଲ ନଥିବା କଥା ଦାୟିତ୍ୱରେ ଥିବା ଶିକ୍ଷକ ପ୍ରହଲ୍ଲାଦ ସାହୁଙ୍କୁ ଛାତ୍ର ଜଣକ ଜଣେଇ ଥିଲେ। କିନ୍ତୁ ଶିକ୍ଷକ ଜଣକ ମେଡିକାଲ ନେବା ପରିବର୍ତ୍ତେ ରାତିରେ ହିଁ ବାହାରି ଯିବାକୁ ଛାତ୍ରକୁ ଧମକ ଦେବା ସହିତ ଖାଇବାକୁ ଦେଇନଥିବା ଅଭିଯୋଗ ହୋଇଛି। ଏଣେ ସକାଳୁ ଛାତ୍ର ଜଣକ ଜଣେ ସେବକଙ୍କ ଫୋନ୍ ମାଗି ଘରକୁ ଯୋଗାଯୋଗ କରି ଉକ୍ତ ବିଷୟରେ ଅବଗତ କରିଥିଲେ। ଏହାପରେ ଛାତ୍ରଙ୍କ ବିଧବା ମା' ଭବାନୀ ବିଶି ତାଙ୍କୁ ଆଣିବାକୁ ଯାଇ ପୁଅର ସ୍ୱାସ୍ଥ୍ୟବସ୍ଥା ଓ ଉପାସରେ ରହିବା କଥା ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁଙ୍କୁ ଜଣେଇଥିଲେ। ହେଲେ ପ୍ରଧାନଶିକ୍ଷକ ଜଣକ ରାଗ ତମ ତମ୍ ହୋଇ ଅଭିଭାବିକା ଜଣକୁ ଅସଭ୍ୟ ବ୍ୟବହାର କରି ଘଉଡ଼ାଇ ଦେଇଥିବା ଅଭିଭାବିକା ଜଣକ ଅଭିଯୋଗ କରିଛନ୍ତି। ଏନେଇ ଅଭିଭାବିକା ଜଣକ କୋକସରା ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏହାପରେ ବିଡ଼ିଓ ସିମାଞ୍ଚଳ ମାଝୀ ବିଭାଗୀୟ ଅଧିକାରୀଙ୍କୁ ଜଣେଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିବା ଜଣାପଡିଛି। ଏ ବିଷୟରେ କୋକସରା ବିଇଓଙ୍କୁ ଅବଗତ କରିବାରୁ ଡବ୍ଲୁଇଓ ଏବଂ ଡିଡବ୍ଲୁଙ୍କୁ ଅବଗତ କରାଇବା ସହ ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବାରମ୍ବାର ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ ଫୋନ୍ ରିସିଭ୍ ନକରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ନୂତନ ଉପଜିଲ୍ଲାପାଳ ଭାବେ ପ୍ରେକ୍ଷା ଅଗ୍ରୱାଲଙ୍କ ଯୋଗଦାନ

ଧର୍ମଗଡ (ଭାସ୍କର ନ୍ୟୁଜ୍) : ଆଇଏଏସ୍ ପ୍ରେକ୍ଷା ଅଗ୍ରୱାଲ କଳାହାଣ୍ଡି ଜିଲ୍ଲାର ନୂତନ ଉପ ଜିଲ୍ଲାପାଳ ଭାବରେ ଯୋଗ ଦେଇଛନ୍ତି। ବୁଧବାର ଦିନ ସେ ତାଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିବା ପରେ ସେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସାକ୍ଷାତ କରିବା ସମୟରେ ସୁଶାସନ ସହିତ ସରକାରଙ୍କ ଜନହିତକର, ଲୋକାଭିମୁଖୀ ଯୋଜନା ଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ସହିତ ସ୍ଥାନୀୟ ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିବି ବୋଲି ପ୍ରକାଶ କରିବା ସହିତ ଧର୍ମଗଡ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ପ୍ରେକ୍ଷା ଅଗ୍ରୱାଲ ଆଇଏଏସ୍ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ସମାପ୍ତ କରିବା ପରେ ସେ ସମ୍ପ୍ରତି ଉପଜିଲ୍ଲାପାଳ ଭାବରେ ନିଯୁକ୍ତି ପାଇଥିଲେ। ୨୦୨୨ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଭୂଗୋଳକୁ ଇଚ୍ଛାଧୀନ ବିଷୟ ରଖି ସେ ତାଙ୍କର ଚତୁର୍ଥ ପ୍ରୟାସରେ ସର୍ବଭାରତୀୟ ସ୍ତରରେ ୩୦ତମ ସ୍ଥାନ ହାସଲ କରିଥିଲେ ସେ ୨୦୧୮ ମସିହାରେ ଭୋପାଳର ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ୍ ଇଞ୍ଜିନିୟରିଂରେ ବି.ଟେକ୍ ପାସ୍ କରିଛନ୍ତି।




## ଗଡ଼ିଲା ମ୍ୟାଲେରିଆ ସଚେତନା ରଥ

ଧର୍ମଗଡ (ଭାସ୍କର ନ୍ୟୁଜ୍) : ଧର୍ମଗଡ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ମ୍ୟାଲେରିଆ ସଚେତନା ରଥର ଶୁଭାରମ୍ଭ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ ଦେବଦତ୍ତ ପଣ୍ଡା ଗ୍ରୀନ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନ ପ୍ରତ୍ୟେକ ଅଞ୍ଚଳକୁ ଯାଇ ସାଧାରଣ ଜନତାଙ୍କୁ ମ୍ୟାଲେରିଆ ସଚେତନତା ପ୍ରଦାନ କରିବ। ଡାକବାଜୀ ଯନ୍ତ୍ର ମାଧ୍ୟମ ଓ ଲିଫ୍‌ଲେଟ୍ ବଣ୍ଟନ କରି ଲୋକଙ୍କୁ ମ୍ୟାଲେରିଆ ଉପରେ ସଚେତନତା ଘରେ ଘରେ ପହଞ୍ଚିବା ବ୍ୟବସ୍ଥା କରାଯାଇଛି। ସାଧାରଣ ଭାବେ ବର୍ଷା ଦିନରେ ମଶା ମାଛିର ପ୍ରାଦୁର୍ଭାବ ବଢି ରହିଥାଏ। ନାଳ ନର୍ଦ୍ଦମା ସଫା ରଖିବା ସମେତ ପରିଷ୍କାର ପରିଚ୍ଛନ୍ନତା ରଖିବା ଓ ମଶାରୀ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଏପରିକି ମଶା ମାଛି ମୂଳ ନିପାତ ପାଇଁ ଔଷଧ ସିଞ୍ଚନ ଆଦି ସରକାରୀ ସ୍ତରରେ ବ୍ୟବସ୍ଥା କରାଯାଇଛି। ଏହି ଶୁଭାରମ୍ଭ ବେଳେ ମ୍ୟାଲେରିଆ କ୍ଷେତ୍ର ଅଧିକାରୀ ନିଳାଞ୍ଚଳ ପ୍ରଧାନ, ପିଏଚ୍‌ଇଓ-ଚିଦାନନ୍ଦ ପଣ୍ଡା, ବିପିଏମ-ଦୀପକ ବେହେରା, ବିପିଏମ୍-ଆରତୀ ଡୋଙ୍ଗରି, ନମୁନା ପରିକ୍ଷକ-କୈଳାସ ଚନ୍ଦ୍ର ମହାକୁଡ଼ୁ ଓ କାର୍ଯ୍ୟାଳୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।




## ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାରେ ଶିକ୍ଷାର ମାନକୁ ଅଧିକରୁ ଅଧିକ ବିକାଶ ଅଭିମୁଖୀ କରିବା ପାଇଁ ଶିକ୍ଷା ବିଭାଗର ଯେଉଁ ଗୁରୁ ଦାୟିତ୍ୱ ରହିଛି ତାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରି ଶିକ୍ଷାର୍ଥୀର ସାମଗ୍ରିକ ଉନ୍ନତି ପାଇଁ ତୃଣମୂଳସ୍ତରରୁ ଉଦ୍ୟମ ହେବା ଆବଶ୍ୟକ ବୋଲି ଜିଲ୍ଲାର ବିଇଓ, ବିଆର୍‌ସିସି ଏବଂ ସିଆର୍‌ସିସି ମାନଙ୍କର ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗ ଦେଇଥିବା ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ ଜିଲ୍ଲାରେ ଶିକ୍ଷାର ବିକାଶକୁ ଆଖି ଆଗରେ ରଖି ସମସ୍ତ ବିଇଓ, ବିଆର୍ ସିସି ଓ ସିଆର୍‌ସିସି ମାନେ ଏକାନ୍ତ ନିଷ୍ଠାପର ଭାବେ କରନ୍ତୁ। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବ୍ରଜମୋହନ ହାଇସ୍କୁଲ ଶତବାର୍ଷିକୀ ସଭାଗୃହ ଠାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ, ନର୍ଲା ବିଇଓ ତପିମଣି ଜାନୀ, ବ୍ରଜ ମୋହନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସମଗ୍ର ଶିକ୍ଷା ଆର୍ଥିକ ପରାମର୍ଶଦାତା ସାଧୁ ଚରଣ ପ୍ରସାଦଙ୍କ ଦ୍ୱାରା କି ଭଳି ଆର୍ଥିକ ସମୀକ୍ଷା କରାଯିବ ତାହାର ପ୍ରଶିକ୍ଷଣ ସହ ସମଗ୍ର ଶିକ୍ଷାର ଅର୍ଥ, ଏମ୍‌ଆଇଏସ୍, ଅନ୍ତର୍ନିବେଶୀ ଓ ବାଳିକା ଶିକ୍ଷା, ଶୈକ୍ଷିକ କୌଶଳ ଆଦି ବିଭିନ୍ନ ଉପବିଭାଗ ସମ୍ପର୍କରେ ଆଲୋଚନା ହେବା ସହିତ ପଞ୍ଚସଖା ଶିକ୍ଷାସେତୁ, ବିଜ୍ଞାନ ଶିକ୍ଷା ଆଦି ବିଷୟରେ ମଧ ଆଲୋଚନା ହୋଇଥିଲା। ଅନୁରୂପ ଭାବେ ଜାତୀୟ ଶିକ୍ଷାନୀତି, ଡ୍ରପ୍ ଆଉଟ୍ ନିଦାନ ପାଇଁ ଆସ ସ୍କୁଲ ଯିବା, ଏକ୍ ପେଡ୍ ମାଆକେ ନାମ ଭଳି ସରକାରଙ୍କ ବହୁ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଦ୍ୱାରା ଉପସ୍ଥାପିତ ସିଆର୍ ସିସିଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କିତ ଆଲୋଚନା ସମସ୍ତଙ୍କୁ ଉତ୍ସାହିତ କରିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରୋଗ୍ରାମର ସୌମେନ୍ଦ୍ର ପଟ୍ଟନାୟକ, ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜିକା ଲିପିକା ଅପରାଜିତା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢୀ, ପଞ୍ଚସଖା ଶିକ୍ଷାସେତୁ ସଂଯୋଜକ ପ୍ରଶାନ୍ତି ନନ୍ଦ ପ୍ରମୁଖ ଉପସ୍ଥିତ ରହି ସମଗ୍ର ଶିକ୍ଷା ଓ ଜିଲ୍ଲା ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ବିଷୟରେ ଉପସ୍ଥିତ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ ଶିବିରର ସମସ୍ତ କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷାର ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ପରିଚାଳନା କରିଥିଲେ ଓ ଜିଲ୍ଲା କ୍ରୀଡା ଶାରୀରିକ ଶିକ୍ଷା ଅଧିକାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ବିଏସ୍‌ଏସଓ ସୁନ୍ଦର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିଥି ଭାବେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀ, ବିଧାୟକଙ୍କ ପ୍ରତିନିଧି ଭାବେ ତ୍ରିନାଥ ଶବର ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ମାନଙ୍କ ସୁରକ୍ଷା, ନିରାପତ୍ତା ପାଇଁ ସରକାର ବହୁ ଯୋଜନା କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଶିବିରରେ ବ୍ଲକର ୨୨ ଗୋଟି ପଞ୍ଚାୟତରୁ ମୋଟ ୩୬୫ ଜଣ ଭିନ୍ନକ୍ଷମ ଯୋଗଦେଇ ପଞ୍ଜିକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୧୪୨ ଜଣକୁ ନୂତନ ସାର୍ଟିଫିକେଟ ପ୍ରଦାନ, ୨ ଜଣକୁ ଟ୍ରାଇ ସାଇକେଲ, ୪ ଜଣକୁ ହୁଇଲ ଚେୟାର, ୧୭ଟି ଡ୍ରାଇ ଲୋନ ପ୍ରଦାନ କରାଯାଇଥିବା ବେଳେ ୧୯ ଜଣ ଭତ୍ତା ଆବେଦନ କରିଥିଲେ। ଶିବିରରେ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ଗିରି, ମାନସିକ ବିଶେଷଜ୍ଞ ଡାକ୍ତର ଅନନ୍ତ ଚରଣ ମେହେର, ଚକ୍ଷୁ ବିଶେଷଜ୍ଞ ଡାକ୍ତର ନିବେଦିତା ମହାରଣା, କର୍ଣ୍ଣ, ଗଳା ଓ ନାଶା ବିଶେଷଜ୍ଞ ଡାକ୍ତର ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ଚଳନି ପ୍ରଶିକ୍ଷକ ଶ୍ରୀନିବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମାନସ ରଞ୍ଜନ ବାରିକ ମଞ୍ଚ ସଂଯୋଜନା କରିଥିଲାବେଳେ ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପାନୀୟ ଜଳ ପ୍ରକଳ୍ପ ସେବା ଉଦ୍‌ଘାଟିତ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ସ୍ଥିତ ଖଲିଆବନ୍ଧ ଛକ ଠାରେ ଜଳ ସେବା ପ୍ରକଳ୍ପ ମଙ୍ଗଳବାର ଉଦ୍‌ଘାଟିତ ବ୍ଲକ ପକ୍ଷରୁ ନୂତନ ଭାବରେ ନିର୍ମିତ ହୋଇଥିବା ଦୁଇଟି ଜଳ ସେବା ପ୍ରକଳ୍ପ ଖଲିଆବନ୍ଧ ଛକ ଓ ସରକାରୀ ଉଚ୍ଚବିଦ୍ୟାଳୟ ଭାଲୁପିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଅଧକ୍ଷା ପଞ୍ଚାୟତ ସମିତି କର୍ଲାମୁଣ୍ଡା କୁନି ସାହୁ ଯୋଗଦେଇ ଜଳ ସେବା ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ବିଡ଼ିଓ ଦେବେନ୍ଦ୍ର କୁମାର ସାମଲ, ସରପଞ୍ଚ ଅରବିନ୍ଦ ଗହିର ସମେତ ଜନସାଧାରଣ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭିତ୍ତିଭୂମି ଅଭାବ ପାଇଁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

କଳମପୁର, (ଭାସ୍କର ନ୍ୟୁଜ୍) : ଅସଜଡା ଭିତ୍ତିଭୂମି ଯୋଗୁଁ କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଫଳରେ କେଉଁଠି ବିପଦପୂର୍ଣ୍ଣ ପ୍ରକୋଷ୍ଠରେ ଜୀବନକୁ ବାଜି ଲଗାଇ ପାଠପଢ଼ା ଚାଲିଛି ତ ଆଉ କେଉଁଠି ଗେଞ୍ଜାଗେଞ୍ଜି ହୋଇ ବସି ପାଠପଢା ଚାଲିଛି। ଯେଉଁଠି ବସିବାକୁ ସ୍ଥାନ ନାହିଁ ସେଠାରେ ପାଠପଢ଼ା କେମିତି ହେଉଥିବ ତାହା ବଡପ୍ରଶ୍ନ। ହାରାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସେଠାରେ ୧୭୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ମାତ୍ର ରହିଛି ୨ଟି ଶ୍ରେଣୀ ଗୃହ। ତାହା ପୁଣି ବିପଦ ସଂକୁଳ ଅବସ୍ଥାରେ, ଛାତ୍ରଛାତ୍ରୀ ମାନଙ୍କ ମୁଣ୍ଡ ଉପରେ ସର୍ବଦା ବିପଦ ଅନାଇ ରହିଛି। ବୋଦେଲବନ୍ଧ ପ୍ରାଥମିକ ବିଦ୍ୟାଳୟରେ ମଧ ଶ୍ରେଣୀ ଗୃହର ଅଭାବ ହାରାମାଲ ବିଦ୍ୟାଳୟରେ ବାରଣ୍ଡାରେ ବସି ଛାତ୍ରଛାତ୍ରୀ ମାନେ ପାଠ ପଢୁଥିବା ବେଳେ ବୋଦେଲବନ୍ଧ ପ୍ରାଥମିକ ବିଦ୍ୟାଳୟରେ ବାରଣ୍ଡା ଓ ପ୍ରଧାନ




ଶିକ୍ଷକଙ୍କ ପ୍ରକୋଷ୍ଠରେ ବସି ପାଠ ପଢୁଛନ୍ତି,ମଣ୍ଡଳ କଲୋନୀ ପଡା , ଧନପୁର ଓ କଳମପୁର କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଇଳା ଆବର୍ଜନା ପାଣି ନିଷ୍କାସନ ହୋଇ ନ ପାରିବାରୁ ଛାତ୍ରଛାତ୍ରୀ ମାନେ ଅତିଷ୍ଠ ହୋଇ ପଡିଛନ୍ତି। ବାଲିଛଡା ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ଅଧାପନ୍ତରିଆ ଭାବେ ପଡି ରହିଛି। ଫଳରେ ଛାତ୍ରଛାତ୍ରୀମାନେ ବନ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟାଳୟ ଖୋଲି ପାଠ ପଢୁଛନ୍ତି,ଖଙ୍ଗାରଗୁଡା ଅନୁରୂପ ଘଟଣା ଦେଖିବାକୁ ମିଳିଛି, ଏଠାରେ ମଧ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି, ଏଠାରେ ମଧ ଦୁଇଟି ପ୍ରକୋଷ୍ଠରେ ପାଠପଢ଼ା ଚାଲିଥିବା ବେଳେ କିଛି କୁନୀକୁନୀ ଛାତ୍ରଛାତ୍ରୀ ବାରଣ୍ଡାରେ ବସି ପାଠ ପଢୁଛନ୍ତି, ଗୋଟିଏ ପ୍ରକୋଷ୍ଠରେ ଏକାଧିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପୁରାଇ କି ପରିବେଶରେ ପାଠପଢା ଯାଉଥିବ ତାହା କଳନା କରି ହେବ ନାହିଁ, କେତେକ ବିଦ୍ୟାଳୟ ରୟତି ଯାଗାରେ ରହିଥିବା ବେଳେ କେତେକ ବିଦ୍ୟାଳୟ ଧାର୍ଯ୍ୟ ଉପସ୍ଥାପନ ନହେବାରୁ ବନ୍ଦ କରି ଦିଆଯାଇଛି, କେତେକ ଉଳଥିବା ବିଦ୍ୟାଳୟ ଲୋକଙ୍କ କବ୍ଜାକୁ ଚାଲିଗଲାଣି ତ କେତେକ ବିଦ୍ୟାଳୟ ଭୂତକୋଠି ପାଲଟିଲାଣି, ଏବେ ବି ଏକାଧିକ ବିଦ୍ୟାଳୟ ବିବାଦୀୟ ହୋଇ ପଡ଼ିଛି,ଏ ନେଇ କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକ ଅଞ୍ଚଳରେ ପାଖାପାଖି ୩୦ଟି ବିଦ୍ୟାଳୟ ଜମି ବିବାଦରେ ଫସି ରହିଛି, ଫଳରେ ଭିତ୍ତିଭୂମି ନିର୍ମାଣରେ ଅନ୍ତରାୟ ସୃଷ୍ଟି ହୋଇଛି ବୋଲି କହିଛନ୍ତି, ସେତେବେଳେ ବଦାନ୍ୟ ବ୍ୟକ୍ତି ମାନେ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଜମି ଦାନ କରି ଯାଇଛନ୍ତି, ଏବେ ସେମାନଙ୍କ ଉତ୍ତରାଧିକାରୀ ମାନେ ବିଦ୍ୟାଳୟ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି, ଫଳରେ କିଛି ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ବେଳେ ଜମି ଓ ବିଦ୍ୟାଳୟ ଗୃହ ଛଡାଇ ନିଆଗଲାଣି, ପୁରାତନ ବିଦ୍ୟାଳୟ ଗୁଡିକ ପ୍ରାୟତଃ ଲୋକଙ୍କ ଜମିରେ ରହିଛି, ଯଦି ଏଭଳି ଲାଗିରହେ ତେବେ ଏକାଧିକ ବିଦ୍ୟାଳୟ ଲୋକଙ୍କ କବ୍ଜାକୁ ଚାଲିଯିବ,ସୁନ୍ଦର ପରିବେଶରେ ଗୁଣାତ୍ମକ ଶିକ୍ଷା ଆଜି ଏହି ଅଞ୍ଚଳର କେତକ ସ୍ଥାନରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସପନ ପାଲଟି ଯାଇଛି,ଜନ ପ୍ରତିନିଧି ମାନଙ୍କ ସହଯୋଗ ଓ ପ୍ରଶାସନର ବଳିଷ୍ଠ ପଦକ୍ଷେପ ହିଁ ଏଭଳି ସମସ୍ୟାର ସମାଧାନ କରି ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

# ୧୨୨ ପଞ୍ଜିକୃତ ଅଭିଯୋଗରୁ ୨୭ ସମାଧାନ


ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୨୨ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୯୯ ଗୋଟି ଓ ସାମୂହିକ ୧୭ ଗୋଟି ରହିଥିବା ବେଳେ ୨୭ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜଙ୍ଗଲ ଓ ପରିବେଶ, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି



ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେଶ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଧର୍ମଗଡ଼ ଅଜୟ ପ୍ରକାଶ ତିର୍କୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା.ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମଳୟ କୁମାର ପରିଡା, ମୁଖ୍ୟ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଜୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ନିର୍ବାହୀ ଅଧିକାରୀ ପୌରପାଳିକା ଭବାନୀପାଟଣା, ଚିନ୍ମୟ କୁମାର ନାଏକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ରାଶିଫଳ

ଶୁକ୍ରବାର, ୦୮ ଅଗଷ୍ଟ ୨୦୨୫



**ମେଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକ୍କାପଣ ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ।




**ବୃଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।




**ମିଥୁନ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ।



**କର୍କଟ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ।



**ତୁଳା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ।




**କନ୍ୟା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ।



**ବିଛା:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ।



**ସିଂହ:** ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ। ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ।




**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।



**କୁମ୍ଭ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ।



ଛୁଉ୍ଟମ୍ବଳ ଭ୍ରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯